R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୪୦
ତିଥି: ପଞ୍ଚମୀ
୧୫ ସେପ୍ଟେମ୍ବର ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 340
15 September 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ବିରାଜିଲେ ଗଜାନନ, ପାର୍ବଣ ଋତୁ ଆରମ୍ଭ



ଭୁବନେଶ୍ୱର, ୧୪।୯ (ସବ୍ୟୁ) : ଅଗ୍ରପୂଜ୍ୟଙ୍କୁ ଆରାଧନା କରାଯାଇ ସମଗ୍ର ରାଜ୍ୟରେ ଆଜି ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଏହାଛଡା ଗଣେଶ ଚତୁର୍ଥୀରୁ ପାର୍ବଣ ଋତୁ ଆରମ୍ଭ ହୋଇଛି। ଗଣେଶ ପୂଜାକୁ ନିଆରା ଢ଼ଙ୍ଗରେ ଭିନ୍ନ ଭିନ୍ନ ଅନୁଷ୍ଠାନ ପାଳନ କରୁଛନ୍ତି। ଗଣେଶ ପୂଜା ପରେ ବିଶ୍ୱକର୍ମା ପୂଜା, ଦଶହରା, କାଳୀପୂଜା, ଲକ୍ଷ୍ମୀ ପୂଜା ଓ ଶେଷରେ କାର୍ତ୍ତିକେଶ୍ୱର ପୂଜା ପରେ ପାର୍ବଣ ଋତୁ ଶେଷ ହେବ। ଏଥିଲାଗି ପ୍ରାୟ ଲଗାତର ୨ ମାସ ଧରି ସମଗ୍ର ରାଜ୍ୟ ଉତ୍ସବମୁଖର ରହିବ।

ସହର, ବଜାର, ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ ଅନୁଷ୍ଠାନ ଓ ଅଧିକାଂଶ ଘରେ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। କିଛି ସ୍ଥାନରେ ନିଆରା ମୂର୍ତ୍ତି ଦେଖିବାକୁ ମିଳିଥିବାବେଳେ ସାଜସଜ୍ଜା ଶ୍ରଦ୍ଧାଳୁଙ୍କ ଦୃଷ୍ଟି ଆକର୍ଷଣ କରିଛି। ସୁଉଚ୍ଚ ପ୍ରତିମା ପାଇଁ ପ୍ରତିଯୋଗିତା ଲାଗିଛି। କେଉଁଠି ସୁନାରେ ସଜ୍ଜିତ ଗଣେଶ ତ ଆଉ କେଉଁଠି ଚାନ୍ଦି, କେଉଁଠି ଲଡୁ ଗଣେଶ, ବୁଢ଼ା ଗଣେଶ ଓ ଗଛରେ ଗଣେଶ ଭଳି ଅନେକ ପ୍ରତିମା ଦେଖିବାକୁ ମିଳିଛି। ସମଗ୍ର ପୁରପଲ୍ଲୀ ଏବେ ଗଣେଶଙ୍କ ଆରାଧନାରେ ନିମଗ୍ନ ହୋଇଛି। ସଦୃଶ ତୋରଣ ଓ ମଣ୍ଡପରେ ସଜେଇ ହୋଇଛି ଭୁବନେଶ୍ୱର। ସିଜୁଆ ଠାରେ ଏକ ବିଶାଳ ଆୟୋଜନ କରାଯାଇଛି।

ଗଣେଶ ପୂଜା ପାଇଁ ପ୍ରସିଦ୍ଧ ଖୋର୍ଦ୍ଧାର ଜଟଣୀ, ତାଳଚେର ସମେତ ବହୁ ସହର ରହିଛି। ସକାଳ ବିଧି ଓ ଆରତୀ ପରେ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଛି। ଧୂପ, ଦୀପ, ଫୁଲ, ଫଳ, ଭୋଗ ନୈବେଦ୍ୟ ସହ ପ୍ରଭୁ ଗଣପତିଙ୍କ ପୂଜାର୍ଚ୍ଚନା କରାଯାଉଛି। ବିଶେଷକରି ବିଦ୍ୟାର୍ଥୀମାନେ ଏଥିରେ ଅଧିକ ଭାବେ ଅଂଶଗ୍ରହଣ ( ୯ ପୃଷ୍ଠାରେ)

## ୧୯ରୁ ମୌସୁମୀର ଲେଉଟାଣି ପ୍ରକ୍ରିୟା

ଭୁବନେଶ୍ୱର, ୧୪।୯ (ସବ୍ୟୁ) : ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଲେଉଟାଣି ଆରମ୍ଭ ହୋଇଛି। ୧୯ ତାରିଖ ବେଳକୁ ଏହା ପଶ୍ଚିମ ରାଜସ୍ଥାନର କିଛି ଅଞ୍ଚଳରୁ ଅପସାରଣ ହେବ। ପାଣିପାଗ ପରିସ୍ଥିତି ଏଥିଲାଗି ଅନୁକୂଳ ରହିଛି। ଓଡ଼ିଶାରୁ ଅକ୍ଟୋବରରେ ମୌସୁମୀ ଫେରିଯିବ ବୋଲି ସୂଚନା ମିଳିଛି। ଏଥର ମୌସୁମୀ ବିଳମ୍ବରେ ଆସିଥିଲେ ବି ଭଲ ବର୍ଷିଛି। ଉତ୍ତର ଓ ଉପକୂଳ ଓଡ଼ିଶାରେ ଏଥର ପ୍ରବଳ ବର୍ଷା ହୋଇଛି। ସ୍ୱାଭାବିକ ଠାରୁ ମଧ୍ୟ ଅଧିକ ବର୍ଷା ହୋଇଛି। ତେବେ ଦକ୍ଷିଣ ଓଡ଼ିଶାରେ ବର୍ଷାର ପରିମାଣ କମ୍ ରହିଛି। ସେଠାରେ କେତେକ ସ୍ଥାନରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ ଚାଷ କାର୍ଯ୍ୟ ପାଇଁ ବର୍ଷା ଯଦିଓ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି ତେବେ ଆଗକୁ ଆବଶ୍ୟକ ପଡୁଥିବା ସମୟରେ ଯଦି ବର୍ଷା ନ ହେଲା ତେବେ ଚାଷକାର୍ଯ୍ୟ ପ୍ରଭାବିତ ହେବାର ସମ୍ଭାବନା ରହିଛି।

### ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

## "ସମ୍‌କୁ ମୋର ନୂଆଁଖାଇ ଜୁହାର୍"



ଭୁବନେଶ୍ୱର, ୧୪।୯ (ସବ୍ୟୁ) : ପବିତ୍ର ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ ମିଡ଼ିଆରେ ସେ ସମ୍ବଲପୁରୀ ଭାଷାରେ ତାଙ୍କ ବାର୍ତ୍ତା ପୋଷ୍ଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ମହାନ୍ କୃଷିଭିତ୍ତିକ ଗଣ ପର୍ବ ନୂଆଁଖାଇର ଶୁଭ ଅବସରରେ, ସବୁ ରାଜ୍ୟବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣଉଛେଁ। ନୂଆଁଖାଇ, ଖାଲି ଗୁଟେ ପରବ୍ ନାଇଁସେ, ଇଟା ଆମର୍ ମାଟି, ସଂସ୍କୃତି, ଚାଲିଚଲନ୍ ଆର୍ ସାମାଜିକ ଏକତାର୍ ପ୍ରାଣସ୍ପନ୍ଦନ୍ ଆଏ।

ଇ ଆନନ୍ଦମୟ ପରବ୍‌ନେ, ମନର୍ ସବୁ ଭେଦଭାବ, ତିକ୍ତତା ଆର୍ ଅହଂକାରକେ ପଛେ ପକେଇ କରି, ଆମେ ବଡ୍ ଗୁରୁ-ଗୁରୁଜନ୍ ମାନକର୍ ପାହାତଲେ "ଜୁହାର୍- ମୁଁଡିଆ" ଜନେଇଥିସୁଁ, ଆର୍ ସାନ ମାନଙ୍କୁ ଭଲପାଏବାର୍ ଆର୍ ଆଶୀର୍ବାଦ୍ ଦେଇଥିସୁଁ। ଇ ସୁନ୍ଦର୍ (୯ ପୃଷ୍ଠାରେ)

## ଟିଏମ୍‌ସିର ୧୭ ସାଂସଦ ବିଜେପି ଯିବେ !

ନୂଆଦିଲ୍ଲୀ, ୧୪।୯ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ତୃଣମୂଳ କଂଗ୍ରେସ ସବୁଠୁ ବେଶି କ୍ଷତିଗ୍ରସ୍ତ ହୋଇଛି। ଦଳ କ୍ଷମତାରୁ ଯିବାସହ ବିଭାଜନ ମଧ୍ୟ ହୋଇଛି। ଦଳର ୨୭ ସାଂସଦ ମଧ୍ୟରୁ ୨୦ ସାଂସଦ ଦଳ ଛାଡ଼ି ଏନ୍‌ସିପିଆଇରେ ଯୋଗଦେଇ ଏକ ପୃଥକ୍ ଗୋଷ୍ଠୀ ଗଠନ କରିଛନ୍ତି। ତେବେ ବିଦ୍ରୋହୀ ସାଂସଦ ଜଗଦୀଶ ଚନ୍ଦ୍ର ବର୍ମା ବାସୁନିଆ କହିଛନ୍ତି ଯେ ଏନ୍‌ସିପିଆଇରେ ଥିବା ୨୦ ଲୋକସଭା ସାଂସଦଙ୍କ ମଧ୍ୟରୁ ୧୭ ସାଂସଦ ଦୁର୍ଗାପୂଜା ପୂର୍ବରୁ କିମ୍ବା ପରେ ବିଜେପିରେ ଯୋଗଦେବେ। ମାତ୍ର ତାଙ୍କର ଦାବିକୁ ଅନ୍ୟ ବିଦ୍ରୋହୀ ସାଂସଦମାନେ ଖଣ୍ଡନ କରିବା ସହ ଏଭଳି କୌଣସି ସାମୁହିକ ନିଷ୍ପତ୍ତି ହୋଇନାହିଁ ବୋଲି ମତ ରଖିଛନ୍ତି।

ଟିଏମ୍‌ସିରୁ ପୃଥକ୍ ( ୯ ପୃଷ୍ଠାରେ)

### ଏମ୍‌ସିସିଡି ରିପୋର୍ଟ

## ୧୦୦ରୁ ୮୦ ମୃତ୍ୟୁର ଡାକ୍ତରୀ କାରଣ ନାହିଁ

ଭୁବନେଶ୍ୱର, ୧୪।୯ (ସବ୍ୟୁ) : କେନ୍ଦ୍ର ଗୃହ ମନ୍ତ୍ରଣାଳୟର ସଦ୍ୟତମ ରିପୋର୍ଟ ଓଡ଼ିଶାରେ ମୃତ୍ୟୁର କାରଣ ଚିହ୍ନଟ କରିବାରେ ପ୍ରଶାସନିକ ବିଫଳତାର ଏକ ଚିତ୍ରକୁ ପ୍ରକାଶ କରିଛି। ଓଡ଼ିଶାର ପ୍ରତି ୧୦୦ ମୃତ୍ୟୁ ମଧ୍ୟରୁ ୮୦ ମୃତ୍ୟୁର ଡାକ୍ତରୀ କାରଣ ଅସ୍ପଷ୍ଟ। ୮୦% ମୃତ୍ୟୁରେ କୌଣସି ଡାକ୍ତରୀ ପ୍ରମାଣପତ୍ର ମିଳିପାରୁନଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ପଞ୍ଜିକୃତ ହେଉଛି କିନ୍ତୁ ସେମାନଙ୍କ ଜୀବନ କେଉଁ ରୋଗରୁ ଯାଇଛି ତାହା ନିର୍ଦ୍ଧାରଣ କରିବା ପାଇଁ ଡାକ୍ତରୀ ସାର୍ଟିଫିକେଟ ମିଳିପାରୁନାହିଁ। ଜାତୀୟ ସ୍ତରରେ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ହାର ତୁଳନାରେ ଓଡ଼ିଶା ପଛରେ ରହିଛି। ଏହି ତାଲିକାରେ ଓଡ଼ିଶା ୨୧ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଡାକ୍ତରୀ ପ୍ରମାଣପତ୍ର ହାସଲ କରୁଥିବା ମୃତକଙ୍କ ମଧ୍ୟରେ ସର୍ବାଧିକ (୯ ପୃଷ୍ଠାରେ)

## ୮୧ ଲକ୍ଷରୁ ଊର୍ଦ୍ଧ୍ୱ ସାଇବର ଠକେଇ, ୨ ଗିରଫ

ଭୁବନେଶ୍ୱର, ୧୪।୯ (ସବ୍ୟୁ) : ୮୦ଲକ୍ଷରୁ ଊର୍ଦ୍ଧ୍ୱ ସାଇବର ଠକେଇ କରିଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ସାଇବର ଥାନା ପୋଲିସ। ସେ ଦୁଇଜଣ ହେଲେ ବିମଳକାଳିନ୍ଦି (୩୭) ଓ ପାର୍ଥ ହାଲଦାର (୩୯)। ଉଭୟଙ୍କ ଘର ପଶ୍ଚିମବଙ୍ଗରେ ବୋଲି ପୋଲିସ୍ କହିଛି।

ଏତଲାକାରୀ ନିରଞ୍ଜନ ବୋଇତାଇଙ୍କୁ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ଯୋଡି ନିଜକୁ ସେୟାର ମାର୍କେଟ ବିଶେଷଜ୍ଞ ବୋଲି ପରିଚୟ ଦେଇଥିଲେ ଅଭିଯୁକ୍ତ। ସେୟାର ମାର୍କେଟରେ ନିବେଶ କଲେ ଅଧିକ ଲାଭ ମିଳିବ ବୋଲି ଏତଲାକାରୀଙ୍କୁ ବିଭିନ୍ନ ଉପାୟରେ ବୁଝାଇଥିଲେ ଅଭିଯୁକ୍ତ। ମାଭେରିକ୍ କ୍ୟାପ୍ ନାମକ ଏକ ଆପ୍ ଡାଉନଲୋଡ କରାଇ ବିପୁଳ ଲାଭର ପ୍ରତିଶ୍ରୁତି ଦେଇଥିଲେ ଅଭିଯୁକ୍ତମାନେ।

ସେମାନଙ୍କ କଥାକୁ ବିଶ୍ୱାସ କରି ବିଭିନ୍ନ ପର୍ଯ୍ୟାୟରେ ( ୯ ପୃଷ୍ଠାରେ)

### ରାଜସ୍ଥାନ ପୌର ନିର୍ବାଚନ ଫଳାଫଳ ଆଶ୍ଚର୍ଯ୍ୟଜନକ

## ଦୁଇ ପ୍ରାର୍ଥୀଙ୍କୁ ଗୋଟିଏ ଭୋଟ୍, ଜଣଙ୍କୁ ଶୂନ



ନୂଆଦିଲ୍ଲୀ, ୧୪।୯ : ରାଜସ୍ଥାନ ପୌର ନିର୍ବାଚନରେ ଆଶ୍ଚର୍ଯ୍ୟଜନକ ଫଳାଫଳ ଦେଖିବାକୁ ମିଳିଛି। ସମଗ୍ର ରାଜସ୍ଥାନରେ ୩୦୯ ପୌରସଂସ୍ଥା ଲାଗି ନିର୍ବାଚନ ହେଉଥିଲା ଓ ଏଥିରେ ୧୦ ହଜାରରୁ ଊର୍ଦ୍ଧ୍ୱ କାଉନ୍‌ସିଲର ପଦବୀ ଥିଲା। ତେବେ ଗୋଟିଏ ୱାର୍ଡରେ ବିଜେପି ପ୍ରାର୍ଥୀ ଗୋଟିଏ ଭୋଟ୍ ପାଇଥିବାବେଳେ ଆଉ ଏକ ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ମାତ୍ର ଗୋଟିଏ ଭୋଟ୍ ପାଇଛନ୍ତି। ସେହିଭଳି ଅନ୍ୟ ଏକ ୱାର୍ଡରେ ଆର୍‌ଏଲ୍‌ପିର ପ୍ରାର୍ଥୀ ଗୋଟିଏ ଭୋଟ୍ ପାଇନାହାନ୍ତି। ଏଭଳି ଫଳାଫଳ ଆଶ୍ଚର୍ଯ୍ୟ ଚକିତ କରିଛି।

ପର୍ବତସର୍ ମୁନିସିପାଲଟିର ୱାର୍ଡ ନଂ-୧୩ରେ ବିଜେପି ପ୍ରାର୍ଥୀ କୈଳାଶ ଚନ୍ଦ୍ର ମାତ୍ର ଗୋଟିଏ ଭୋଟ୍ ପାଇଛନ୍ତି। ଯେଉଁଠି କଂଗ୍ରେସ ପ୍ରାର୍ଥୀ ହିନା ଖନାମ ୩୭୬ ଭୋଟ୍ ପାଇଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ରସିଦ୍ ଖାନ୍ ୧୯୫ ଭୋଟ୍ ପାଇଛନ୍ତି। କୈଳାସଚନ୍ଦ୍ର କହିଛନ୍ତି ଯେ ସେ ୧୨ନଂ ୱାର୍ଡର ଭୋଟର ମାତ୍ର ଦଳ ତାଙ୍କୁ ୧୩ ନଂ ୱାର୍ଡରେ ପ୍ରାର୍ଥୀ କରିଥିଲା। ତେଣୁ କେହିଜଣେ ତାଙ୍କୁ ଭୋଟ୍ ଦେଇଛି। ତେବେ ଏହି ପର୍ବତସର୍ ମୁନିସିପାଲଟିରେ ୨୫ ୱାର୍ଡ ମଧ୍ୟରୁ କଂଗ୍ରେସ ୧୩ କାଉନ୍‌ସିଲର ପଦବୀ ଜିତିଥିବାବେଳେ ବିଜେପି ୧୨ ୱାର୍ଡରେ ବିଜୟୀ ହୋଇଛି। ନାଗୁର ଜିଲ୍ଲାର ରିୟାନବରି ମୁନିସିପାଲଟିର ୧୫ନଂ ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ମଜିଦ୍ ମହମ୍ମଦ ଗୋଟିଏ ଭୋଟ୍ ପାଇଛନ୍ତି। ଏହି ୱାର୍ଡରୁ ବିଜେପି ପ୍ରାର୍ଥୀ ସୁନୀଲ କୁମାର ଚୌହାନ ବିଜୟୀ ହୋଇଛନ୍ତି। ସେହିଭଳି ସିନ୍ଦ୍ରି ମୁନିସିପାଲଟିର ୩ନଂ ୱାର୍ଡରୁ ଆର୍‌ଏଲ୍‌ପି ପ୍ରାର୍ଥୀ ଓମ୍ ପ୍ରକାଶଙ୍କୁ ଖଣ୍ଡେ ବି ଭୋଟ୍ ମିଳିନାହିଁ। ଏହି ୱାର୍ଡରୁ କଂଗ୍ରେସ ପ୍ରାର୍ଥୀ ୧୩୩ ଭୋଟ୍ ପାଇଥିବାବେଳେ ବିଜେପି ପ୍ରାର୍ଥୀ ୯୩ ଭୋଟ୍ ପାଇଛନ୍ତି। ଓମ୍ ପ୍ରକାଶ ଗଣତିରେ ଅନିୟମିତତା (୯ ପୃଷ୍ଠାରେ)

## ହର୍‌ମୁଜ୍‌ରେ ଦୈନିକ ଯାଉଛି ଗୋଟିଏ ଜାହାଜ

ନୂଆଦିଲ୍ଲୀ, ୧୪।୯ : ଆମେରିକା-ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱକୁ ସର୍ବାଧିକ ଅଶୋଧିତ ତୈଳ ପରିବହନ ହେଉଥିବା ହର୍‌ମୁଜ୍ ପ୍ରଣାଳୀରେ ଉତ୍ତେଜନା ଯୋଗୁ ଏହି ବାଟରେ ଜାହାଜ ଚଳାଚଳ ହ୍ରାସ ପାଇଛି। ୧୦ ଦିନରେ ମାତ୍ର ୧୪ଟି ଜାହାଜ ଏହି ପ୍ରଣାଳୀ ଅତିକ୍ରମ କରିଥିବା ସୂଚନା ମିଳିଛି। ସପ୍ତାହ ମଧ୍ୟରେ ୪ ତୈଳବାହୀ ଜାହାଜ ଗଲ୍ଫ ରାଷ୍ଟ୍ରରୁ ଆସିଥିଲା ସେମାନେ ଅତିକ୍ରମ କରିଥିଲେ। ସେଥିରେ ଅଧିକାଂଶ ଜାହାଜରେ ତୈଳ ବ୍ୟତିତ ଅନ୍ୟାନ୍ୟ ସାମଗ୍ରୀ ରହିଥିଲା।

ସେହିଭଳି ହର୍‌ମୁଜ୍ ପ୍ରଣାଳୀରେ ଅଜଣା ସୂତ୍ରରୁ ଏକ ଜାହାଜ ଉପରେ ଗତକାଲି ଆକ୍ରମଣ ହୋଇଥିଲା। ଏହି ଆକ୍ରମଣ ଯୋଗୁ ପରିବେଶ ଉପରେ ପ୍ରଭାବ ପଡୁଛି। ଇତିମଧ୍ୟରେ ସାଉଦିଆରବର ପୂର୍ବ-ପଶ୍ଚିମ ତୈଳ ପାଇପ୍‌ଲାଇନ୍‌କୁ ହର୍‌ମୁଜ୍ ପ୍ରଣାଳୀରେ ବନ୍ଦ କରିଦିଆଯାଇଥିବା ବିଶ୍ୱାସ କରାଯାଉଛି। ଇରାକ୍ ମଧ୍ୟ ଅସ୍ଥାୟୀ ଭାବେ ତା'ର ଡ୍ରୋନ୍ ଆକ୍ରମଣ ବନ୍ଦ କରିଥିବା ସାଉଦୀ ଆରବର ଅଧିକାରୀମାନେ କହିଛନ୍ତି। ଫେବୃଆରୀ ୨୮ରୁ ଇରାନ ହରମୁଜ୍ ପ୍ରଣାଳୀ ବନ୍ଦ କରିଛି। ପୂର୍ବରୁ ଏହି ପ୍ରଣାଳୀରେ ଦୈନନ୍ଦିନ ୧୨୫ଟି ବୃହତ୍ତ ଓ ବାଣିଜ୍ୟିକ ଜାହାଜ ଅତିକ୍ରମ କରୁଥିଲା। ଯେଉଁଥିରେ ତୈଳ ଟ୍ୟାଙ୍କର, ଗ୍ୟାସ୍ କ୍ୟାରିୟର, କଣ୍ଟେନର ଭେସିଲ ପ୍ରମୁଖ ରହୁଥିଲା। ସେହିଭଳି ବାବ୍ ଏଲ୍-ମନ୍‌ଦେବ୍ ଷ୍ଟ୍ରେଟ୍‌ରେ ଶନିବାର ଓ ରବିବାର ୨୪ ଏବଂ ୨୭ ବାଣିଜ୍ୟିକ ଜାହାଜ ଅତିକ୍ରମ କରୁଛି।

15001/97/2627



ନୂଆଁଖାଇ-୨୦୨୬ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଏହା ଏକ କୃଷିଭିତ୍ତିକ ପର୍ବ। ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀ ତଥା ରାଜ୍ୟବାସୀଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)



ନୂଆଁଖାଇ ତିହାର୍ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ଜୁହାର୍!

ପବିତ୍ର ନୂଆଁଖାଇ ତିହାର୍‌ର ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍।

ନୂଆଁ ଧାନ୍ ଘରକେ ଆନିକରି ନିଜର ଇଷ୍ଟ ଦେବାଦେବୀଙ୍କୁ ପୂଜା କରି, ସଭେ ମିଶିକରି ନୂଆଁ ଖାଏବାର୍ ଇ ମହାନ୍ ପରମ୍ପରା- ଆମର୍ ସଂସ୍କୃତି, ଭାଇଚାରା ଆର୍ ଏକତାର୍ ସବୁନୁ ବଡ଼ ପ୍ରତୀକ୍ ଆଏ। ନୂଆଁ ଆଶା, ନୂଆଁ ସପନ୍ ଆର୍ ବହୁତ୍ ଖୁସି ନେଇକରି ଆସିଥିବାର୍ ଇ ମହାନ ତିହାର୍ ସମକର୍ ଜୀବନ୍ କେ ସୁଖ, ଶାନ୍ତି ଆର୍ ସମୃଦ୍ଧିଥି ଭରି ଦଉ- ମାଁ ସମଲେଇଙ୍କର ପାହାତଲେ ଇଟା ହିଁ ଗୁହାରି କରୁଛେଁ।

ସମକର ନୂଆଁଖାଇ ଭଲ୍ ସେ କଟୁ, ମାଁ ସମଲେଇ ସମକୁ ଭଲ୍ ସେ ରଖୁନ୍!

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0097




# ବିଲେଇର ସମ୍ପତ୍ତି ୮୩୯ କୋଟି

ଆମେରିକାରେ 'ନାଲା' ନାମ୍ନୀ ଏକ ବିଲେଇ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ବିଲେଇଟି ନିଜର ସମ୍ପତ୍ତି ପାଇଁ ହିଁ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁସାରେ ବିଲେଇର ଆନୁମାନିକ ସମ୍ପତ୍ତିର ମୂଲ୍ୟ ପ୍ରାୟ ୮୩୯ କୋଟି ଟଙ୍କାରେ ପହଞ୍ଚିଛି । ୨୦୧୦ ମସିହାରେ କାଲିଫର୍ଣ୍ଣିଆର ଏକ ପୋଷା ପ୍ରାଣୀ ଆଶ୍ରୟସ୍ଥଳୀରୁ ଅଣାଯାଇଥିବା ଏହି ବିଲେଇ ପାଇଁ କିଛି ବର୍ଷ ତଳେ ତା'ର ମାଲିକ ଏକ ଇନଷ୍ଟାଗ୍ରାମ ଆକାଉଣ୍ଟ ଖୋଲିଥିଲେ । ଅଳ୍ପ କିଛି ବର୍ଷ ମଧ୍ୟରେ ଏହି ଆକାଉଣ୍ଟ ଲକ୍ଷ ଲକ୍ଷ ଫଲୋଅର୍ସଙ୍କୁ ଆକୃଷ୍ଟ କରିଥିଲା ଏବଂ ୨୦୨୦ ମସିହାରେ ଗିନିଜ ୱାର୍ଲ୍ଡ ରେକର୍ଡସ ନାଲାକୁ ଇନଷ୍ଟାଗ୍ରାମରେ ସବୁଠାରୁ ଅଧିକ ଫଲୋଅର୍ସ ଥିବା ବିଲେଇ ଭାବେ ମାନ୍ୟତା ଦେଇଥିଲା । ବର୍ତ୍ତମାନ ଇନଷ୍ଟାଗ୍ରାମରେ ତା'ର ୪୨ ଲକ୍ଷରୁ ଅଧିକ ଫଲୋଅର୍ସ ଅଛନ୍ତି `ନାଲାର ଲୋକପ୍ରିୟତା ଯୋଗୁଁ ତା'ର ଫଟୋ ଥିବା ପୋଷାକ, ମଗ୍ ଏବଂ ତା' ନାମରେ ବିରାଡ଼ି ଖାଦ୍ୟ ବିକ୍ରି ହେଉଥିବା ବେଳେ 'ଲଭ୍, ନାଲା' ନାମକ ତା'ର ନିଜସ୍ୱ ବ୍ରାଣ୍ଡ ମଧ୍ୟ ରହିଛି ।



# ନୂଆଁଖାଇ

ନୂଆଁଖାଇ ଓଡ଼ିଶାର ପଶ୍ଚିମାଞ୍ଚଳର ଏକ ପାରମ୍ପରିକ ପର୍ବ। ନୂଆଁଖାଇ ପର୍ବ ଧାନ ଅମଳର ଖୁସିର ପାଳନ କରିବା ନିମନ୍ତେ କରାଯାଇଥାଏ । ପାଞ୍ଜି ଅନୁସାରେ ଏହା ଭାଦ୍ରବ ମାସର ଶୁକ୍ଳ ପଞ୍ଚମୀ ତିଥିରେ (ଗଣେଶ ଚତୁର୍ଥୀର ପରଦିନ) ପାଳିତ ହୋଇଥାଏ। ଏହି ଦିନ ପ୍ରତି ଗ୍ରାମର ପରିବାର ମାନେ ନିଜ ନିଜ ଘରେ ନୂଆଁ ଧାନ ଗଛ ରୁ ସଗ୍ରଁହ କରି ଢ଼ିଙ୍କି ରେ କୁଟି ତାକୁ ଭାଜି ଗୁଡ଼ ମିଶାଇ ଚୁରା କୁଣା ବନେଇ କରି ପ୍ରସାଦ ପ୍ରସ୍ତୁତ କରିଥାଆନ୍ତି । ଯାହାକୁ ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କଠାରେ ଅର୍ପଣ କରାଯାଇଥାଏ । ସେହିଭଳି ଏହି ଦିନ କ୍ଷୀରି ରାନ୍ଧିବାର ପ୍ରଥା ରହିଛି । ଏହାସହ ଯୁଗ୍ମ ପରିବାରରେ ତଥା ସମଗ୍ର ଗ୍ରାମରେ ସାମୁହିକ ଭାବେ ମଧ୍ୟ କ୍ଷୀରି ରାନ୍ଧିଥାନ୍ତି । ଏହି କ୍ଷୀରି "ନବାନ୍ନ" ନାମରେ ଜଣା । ଗ୍ରାମର ଦେହୁରୀ ସେହି ନବାନ୍ନକୁ ପୂର୍ବଜମାନଙ୍କୁ ଅର୍ପଣ କରିଥାନ୍ତି ଆଉ ଭୋଗ ରୂପେ ସମସ୍ତଙ୍କୁ ବାଣ୍ଟିଥାନ୍ତି । ନୂଆଖାଇ ପାଳନ ପରଦିନ "ନୂଆଖାଇ ବାସି" ପାଳନ ହୁଏ ଓ ଏହିଦିନ ବଳକା ନୂଆନ୍ନ, କ୍ଷୀରି-ପିଠା ଖିଆହେବା ସହ ମାଂସ ରନ୍ଧାଯାଇଥାଏ । ବାସି ପରଦିନ "ତିଆସି" ପାଳନ ହୁଏ ଓ ଏହିଦିନ ଗ୍ରାମବାସୀମାନେ ମାଂସ ସମେତ ବିଭିନ୍ନ ଖାଦ୍ୟ ଖାଇବା ସହ ପାରମ୍ପାରିକ



ଖେଳ (ଯଥା ଡୁଡୁ, ଖୋଖୋ, ବାଡ଼ି-ଖିଚା, କୁସ୍ତି) ଖେଳି ସମୟ ଅତିବାହିତ କରିଥାନ୍ତି । ଏହା ସମଗ୍ର ଓଡ଼ିଶାରେ ବିଶେଷ କରି ଓଡ଼ିଶାର ପଶ୍ଚିମାଞ୍ଚଳ ଜିଲ୍ଲାସମୂହରେ ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ । ଦେଶର ବିଭିନ୍ନ ଅଞ୍ଚଳରେ ତଥା ବିଦେଶରେ ରହୁଥିବା ପଶ୍ଚିମ ଓଡ଼ିଶାର ଲୋକ ନୂଆଁଖାଇ ଦିନ ଘରେ ଉପସ୍ଥିତ ହେବାକୁ ଚେଷ୍ଟା କରିଥାନ୍ତି, ଯେଉଁମାନେ ନିଜ ଭିଟାମାଟିକୁ ଆସି ନ ପାରନ୍ତି, ସେମାନେ ନିଜେ ରହୁଥିବା ଜାଗାରେ ନୂଆଁଖାଇ ପାଳନ କରିଥାନ୍ତି ।

## ପାଳନ

ଧାନ ଅମଳର ଖୁସିରେ ଚାଷୀମାନେ ଏହାକୁ ପାଳନ କରିଥାନ୍ତି । ବର୍ଷା ଶେଷ ହେବାପରେ ଶରତ ଋତୁ ଧରା ପୃଷ୍ଠରେ ଅବତରଣ କରେ । ଏହି ସମୟରେ ଚାଷୀ ଜମିରେ ବେଉଷଣ କାର୍ଯ୍ୟ ଆରମ୍ଭ କରିଥାଏ ପରେ ସହଳ ଅମଳକ୍ଷମ ଧାନ ଗର୍ଭଧାରଣ କରି କେଣ୍ଡା ପକେଇବାର କାର୍ଯ୍ୟ କରିଥାଏ । ଚାଷୀ ପ୍ରଥମକରି ଅମଳକ୍ଷମ ଧାନକୁ ଇଷ୍ଟଦେବୀଙ୍କଠାରେ ସମର୍ପଣ କରିବା ହିଁ ନୂଆଁଖାଇ । ଏହାକୁ ପଶ୍ଚିମ ଓଡ଼ିଶାର ଆଞ୍ଚଳିକ ଭାଷାରେ ନୂଆଁଖାଇ କୁହାଯାଏ । ନୂଆଁଖାଇ ପାଳନ ନିମନ୍ତେ ଆଗରୁ "ଲଗନ" ବା "ତିଥି" ନିର୍ଣ୍ଣୟ କରି ପୂଜା ପାଠ କରାଯାଇଥାଏ ।

# ସୋସିଆଲ କୋଟ୍ସ



ମୋ ପରିବାର ପକ୍ଷରୁ ମୋ ବିବାହକୁ ନେଇ ବିରୋଧ ହୋଇ ନାହିଁ । ମୋ ଘରେ ଧର୍ମକୁ ନେଇ କେତେବେଳେ କୌଣସି ସମସ୍ୟା ନଥିଲା କି ନାହିଁ ।

ମନୋଜ ବାଜପେୟୀ, ଅଭିନେତା



କ୍ୟାରିୟରରେ ଅନେକ ଷ୍ଟ୍ରଗଲ ଦେଖିଛି । ଆର୍ଥିକ ସମସ୍ୟାର ମଧ୍ୟ ସାମନା କରିଛି । ନିଜର ଇଏମ୍ଆଇ ଦେବାକୁ ବିନା ଇଚ୍ଛାରେ ବି ଅନେକ ଫିଲ୍ମ କରିଛି କେବଳ ଅର୍ଥ ପାଇଁ ।

ବିବେକ ଓବରୟ, ଅଭିନେତା



ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫିଲ୍ମ ସାବରମତି ରିପୋର୍ଟ ଦେଖିଥିଲେ ତାଙ୍କୁ ଏହା ପସନ୍ଦ ଆସିଥିଲା । ସେ ଏହି ଫିଲ୍ମ ଦେଖି ଭାବବିହ୍ୱଳ ହୋଇଯାଇଥିଲେ ।

ବିକ୍ରାନ୍ତ ମେସି, ଅଭିନେତା

ନିଖୋଜ ଶିଶୁଙ୍କୁ ଖୋଜିବାକୁ କାରରେ ପୋଷ୍ଟର

ଚୀନ୍‌ର କୁନ୍‌ମିଙ୍ଗ୍ ସହରର ୨୭ ବର୍ଷୀୟ ଯୁବକ ଡୁ ଲିନ୍ ନିଜର ପ୍ରାୟ ୬୦ ଲକ୍ଷ ଟଙ୍କାର ପୋର୍ସେ ୭୧୮ ବିଳାସପୂର୍ଣ୍ଣ କାର୍‌ରେ ୯୦ ଜଣ ନିଖୋଜ ଶିଶୁଙ୍କ ପୋଷ୍ଟର ଲଗାଇ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି । 'ବେବି କମ୍ ହୋମ୍' ନାମକ ୱେବସାଇଟ୍‌ରୁ ଏହି ନିଖୋଜ ଶିଶୁମାନଙ୍କ ତଥ୍ୟ ସଂଗ୍ରହ କରି ସେ ନିଜେ କାର୍‌କୁ ଡିଜାଇନ୍ କରିବା ସହ ସ୍ଥାନୀୟ ପୁଲିସ ନିକଟରେ ଏହାକୁ ପଞ୍ଜୀକୃତ ମଧ୍ୟ କରିଛନ୍ତି । ରାସ୍ତାରେ ଫ୍ଲାୟର ବାଣ୍ଟିବା ଅପେକ୍ଷା ଏହି ନିଆରା ଉପାୟ ଦ୍ୱାରା ଅଧିକରୁ ଅଧିକ ଲୋକଙ୍କ ଧ୍ୟାନ ଆକୃଷ୍ଟ ହୋଇପାରିବ ବୋଲି ସେ ବିଶ୍ୱାସ କରନ୍ତି । ଗାଡ଼ିଟି ଯୁଆଡ଼େ ଯାଉଛି, ଲୋକେ କାର୍‌ର ମୂଲ୍ୟ ଅପେକ୍ଷା ସେଥିରେ ଲାଗିଥିବା ପିଲାମାନଙ୍କ ଫଟୋ ଓ ବିବରଣୀ ଦେଖିବାକୁ ଅଟକି ଯାଉଛନ୍ତି । ଏହି ପ୍ରୟାସ ଯୋଗୁଁ ଗାଡ଼ିରେ ଫଟୋ ଥିବା ୯୦ ଜଣ ଶିଶୁଙ୍କ ମଧ୍ୟରୁ ଜଣେ ଶିଶୁ ନିଜ ପରିବାରକୁ ପାଖକୁ ଫେରି ପାରିଛି । ଉଲ୍ଲେଖଯୋଗ୍ୟ ଯେ, ୪ ଲକ୍ଷରୁ ଅଧିକ ସ୍ୱେଚ୍ଛାସେବୀଙ୍କ ସହାୟତାରେ 'ବେବି କମ୍ ହୋମ୍' ପ୍ଲାଟଫର୍ମ ବର୍ତ୍ତମାନ ସୁଦ୍ଧା ୧୫,୦୦୦ରୁ ଅଧିକ ନିଖୋଜ ପିଲାଙ୍କୁ ସେମାନଙ୍କ ପରିବାର ସହ ମିଶାଇବାରେ ସଫଳ ହୋଇଛି ।

# ନିଖୋଜ ଶିଶୁଙ୍କୁ ଖୋଜିବାକୁ କାରରେ ପୋଷ୍ଟର





# ସିନେମାରେ ମାନ୍ଦ୍ରାଜ ଦୁର୍ଭିକ୍ଷର କାହାଣୀ



ବ୍ରିଟିଶ ଶାସନ ସମୟର ପୃଷ୍ଠଭୂମିରେ ନିର୍ମିତ ପିରିୟଡ୍ ଆକ୍ସନ୍ ଡ୍ରାମା 'ରଣବାଲୀ'ରେ ସୁପରଷ୍ଟାର୍ ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକା ମନ୍ଦାନା ପୁଣି ଥରେ ଏକାଠି ନଜର ଆସିବାକୁ ଯାଉଛନ୍ତି । ଯାହାର ନିର୍ଦ୍ଦେଶନା ରାହୁଲ ସାଂକୃତ୍ୟାୟନ ଦେଉଛନ୍ତି। ଏହି ଚଳଚ୍ଚିତ୍ରରେ ବିଜୟ 'ରଣବାଲୀ' ଭୂମିକାରେ ଅଭିନୟ କରୁଥିବା ବେଳେ ରଶ୍ମିକା ତାଙ୍କ ପତ୍ନୀ 'ଜୟାମ୍ମା' ଭୂମିକାରେ ଅଭିନୟ କରୁଛନ୍ତି । ଏହି ଫିଲ୍ମର କାହାଣୀ ୧୮୭୬ - ୧୮୭୮ର ଭୟଙ୍କର ଦୁର୍ଭିକ୍ଷ (ମାନ୍ଦ୍ରାଜ ଦୁର୍ଭିକ୍ଷ) ଉପରେ ଆଧାରିତ । ଯାହା ବ୍ରିଟିଶ ଶାସନ କାଳରେ ଦକ୍ଷିଣ ଓ ପଶ୍ଚିମ ଭାରତରେ କୋଟି କୋଟି ଲୋକଙ୍କ ଜୀବନ ନେଇଥିଲା। ଯଦିଓ ରଣବାଲୀ କୌଣସି ଐତିହାସିକ ବ୍ୟକ୍ତିଙ୍କର ପ୍ରତ୍ୟେକ୍ଷ ବାୟୋପିକ୍ ନୁହେଁ ଏବଂ ଏହାର ମୁଖ୍ୟ ଚରିତ୍ର କାଳ୍ପନିକ । ହେଲେ ଏହା ଦୁର୍ଭିକ୍ଷ, ଦୁଃଖକଷ୍ଟ ଓ ସାମାଜିକ ଅଶାନ୍ତି ମଧ୍ୟରେ ସାଧାରଣ ଲୋକଙ୍କ ବଞ୍ଚିବାର ସଂଗ୍ରାମ ଏବଂ ବ୍ରିଟିଶ ଶୋଷଣ ବିରୋଧରେ ସାହସିକ ପ୍ରତିରୋଧର କାହାଣୀକୁ ଦର୍ଶାଉଛି । ଫିଲ୍ମର ଟିଜରରେ ବିଜୟଙ୍କୁ ବ୍ରିଟିଶ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ଜଣେ ସାହସୀ ଯୋଦ୍ଧା ଭାବେ ଉପସ୍ଥାପିତ କରାଯାଇଛି, ଯାହା ଦର୍ଶକଙ୍କ ମଧ୍ୟରେ ଅତ୍ୟନ୍ତ ଉତ୍ସୁକତା ସୃଷ୍ଟି କରିଛି ।

# ମହାକାଶରେ ସ୍ୱାସ୍ଥ୍ୟ ପରୀକ୍ଷା

ମହାକାଶଚାରୀ ଅନିଲ ମେନନ୍ ଆନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ବୈଜ୍ଞାନିକ କାର୍ଯ୍ୟ କିପରି ସମ୍ପାଦିତ ହୁଏ, ସେ ନେଇ ଏକ ଅଲ୍ଟ୍ରାସାଉଣ୍ଡ ପ୍ରଦର୍ଶନର ଭିଡିଓ ସୋସିଆଲ ମିଡିଆରେ ସେୟାର କରିଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ ଏହି ପ୍ରକ୍ରିୟାରେ ଜଣେ ବ୍ୟକ୍ତି ଅଲ୍ଟ୍ରାସାଉଣ୍ଡ ପରିଚାଳନା କରୁଥିବା ବେଳେ ଅନ୍ୟ ଜଣେ ଏହାର ନିୟନ୍ତ୍ରଣ ବୋର୍ଡ ସମ୍ଭାଳିଥାନ୍ତି । ଏଥିସହ



ଜଣେ ରିମୋଟ୍ ଗାଇଡର୍ ଏବଂ ଡାକ୍ତରୀ ଦଳ ସଠିକ୍ ଚିତ୍ର ଆସୁଛି କି ନାହିଁ ତାହା ସୁନିଶ୍ଚିତ କରିବା ସହ ଆବଶ୍ୟକ ସ୍ଥଳେ ତୁରନ୍ତ ତାହାର ଆକଳନ କରନ୍ତି । ବୈଜ୍ଞାନିକ ଓ ଡାକ୍ତରମାନଙ୍କ ମତରେ, ମହାକାଶର ଶୂନ୍ୟ ମାଧ୍ୟାକର୍ଷଣ ରକ୍ତସଞ୍ଚାଳନକୁ ପ୍ରଭାବିତ କରି ମହାକାଶଚାରୀଙ୍କ ଶରୀରରେ ରକ୍ତ ଜମାଟ ବାନ୍ଧିବାର ବିପଦ ସୃଷ୍ଟି କରିପାରେ । ମେନନ୍‌ଙ୍କ ଏହି ପୋଷ୍ଟରେ ମହାକାଶରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆବଶ୍ୟକ ମିଳିତ ପ୍ରଚେଷ୍ଟା, ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଡାକ୍ତରମାନଙ୍କର ସହଯୋଗ ଦେଖିବାକୁ ମିଳିଛି । ତେବେ ଏହା ଦୀର୍ଘକାଳୀନ ମହାକାଶ ଅଭିଯାନ ସମୟରେ ମହାକାଶଚାରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

## ଇତିହାସ

୧୮୭୬- ବଙ୍ଗଳା ଔପନ୍ୟାସିକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଜନ୍ମ ।

୧୯୦୯- ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ସି.ଏନ୍.ଆନ୍ନାଦୂରାଇଙ୍କ ଜନ୍ମ ।

୧୯୧୫- ପରମବୀର ଚକ୍ର ସମ୍ମାନିତ ପୂର୍ବତନ ଭାରତୀୟ ସୈନିକ ଲାନ୍ସ ନାୟକ କରମ ସିଂହଙ୍କ ଜନ୍ମ ।

୧୯୨୭- ପ୍ରସିଦ୍ଧ କବି ତଥା ସାହିତ୍ୟିକ ସର୍ବେଶ୍ୱର ଦୟାଲ ସକ୍ସେନାଙ୍କ ଜନ୍ମ ।

୧୯୫୯- ଭାରତର ରାଷ୍ଟ୍ରୀୟ ପ୍ରସାରଣ ସେବା ଦୂରଦର୍ଶନର ଶୁଭାରମ୍ଭ ।

୧୯୭୧- ବିଶ୍ୱକୁ ସବୁଜ ସୁନ୍ଦର ତଥା ଶାନ୍ତିପୂର୍ଣ୍ଣ କରିବା ପାଇଁ ଗ୍ରୀନ୍ ପିସ୍‌ର ସ୍ଥାପନା ।

୨୦୦୦- ସିଡ୍‌ନୀରେ ୨୭ତମ ଅଲିମ୍ପିକ୍ ଖେଳର ଶୁଭାରମ୍ଭ ।

୧୮୬୧- ଭାରତରତ୍ନ ପୁରସ୍କାରପ୍ରାପ୍ତ ଦେଶର ପ୍ରଥମ ଇଞ୍ଜିନିଅର୍ ତଥା ବୈଜ୍ଞାନିକ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟଙ୍କ ଜନ୍ମ । ଏହି ମହାନ ବ୍ୟକ୍ତିତ୍ୱଙ୍କ ଜନ୍ମଦିବସ ଅବସରରେ ପ୍ରତିବର୍ଷ ଆଜିର ଦିନକୁ ଇଞ୍ଜିନିଅର୍ ଦିବସ ରୂପେ ପାଳନ କରାଯାଇଥାଏ ।



**ମେଷ:** ପ୍ରୀତିଲାଭ, ସଙ୍ଗଠନମୂଳକ କାର୍ଯ୍ୟରେ ବିଜୟ, ପୁରାତନ ବିବାଦ ସମାଧାନ, ଅର୍ଥଲାଭ, ମାନସିକ ଶାନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ। ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୯, ଆରାଧନା- ମା' ସନ୍ତୋଷୀ ।

**ବୃଷ:** ସମ୍ପର୍କରେ ଉନ୍ନତି, ଆର୍ଥିକଚିନ୍ତା, ଅନୁଷ୍ଠାନରେ ଯୋଗଦାନ, ପାରିବାରିକ ସମସ୍ୟା ଦୂର, ସମ୍ପତ୍ତି ସମସ୍ୟା, ଗଠନମୂଳକ କାର୍ଯ୍ୟରେ ଶାନ୍ତି, ଶରୀର ସୁସ୍ଥ। ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**ମିଥୁନ:** କର୍ମକ୍ଷେତ୍ରେ ଖୁସି, ଦୂରଯାତ୍ରା ସଫଳ, ବିବାଦ ସମାଧାନ, ଶୁଭ ଆଲୋଚନା, ବନ୍ଧୁଲାଭ, ଅର୍ଥଲାଭ, ନୂତନ ନିଯୁକ୍ତି, ଦେବକାର୍ଯ୍ୟରେ ସନ୍ତୁଷ୍ଟ। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଇସତ୍ ଲାଲ, ସଂଖ୍ୟା-୯, ଆରାଧନା- ମା' ମହାଲକ୍ଷ୍ମୀ।

**କର୍କଟ:** ଶୁଭକାର୍ଯ୍ୟରେ ଧନବ୍ୟୟ, ଅଯଥା ଅଶାନ୍ତି, ବନ୍ଧୁସହଯୋଗ, ନୂତନ ନିଯୁକ୍ତି, ଦୁରଯାତ୍ରାରେ ଖୁସି, ପୁରାତନ ବନ୍ଧୁମିଳନ, ପୈତୃକ ସମ୍ପତ୍ତିରେ ବିବାଦ। ଅଶ୍ଳେଷା- ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୫, ଆରାଧନା- ମା' ବଗଳାମୁଖୀ।

**ସିଂହ:** ନୂତନ କର୍ମପାଇଁ ଖୁସି, ସମ୍ମାନଲାଭ, ପୁରାତନ ରୋଗରୁ ମୁକ୍ତି, ସମସ୍ୟା ସମାଧାନ, ଗୃହେ ସହଯୋଗ, ଅର୍ଥଲାଭ, ଦ୍ରବ୍ୟପ୍ରାପ୍ତି, ବନ୍ଧୁ ସହଯୋଗ। ପୂର୍ବାପାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା-ବାବା ଲୋକନାଥ।

**କନ୍ୟା:** ଯାତ୍ରାରେ ଲାଭ, ହେବାକାର୍ଯ୍ୟ ବିଳମ୍ବ, ବନ୍ଧୁସାହାଯ୍ୟ, ଶରୀର ସୁସ୍ଥ, ଅନୁଷ୍ଠାନରୁ ଲାଭ, ସମ୍ପତ୍ତିଲାଭ, ଶତ୍ରୁ ପରାଜିତ, ନୂତନ ନିଯୁକ୍ତି। ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ଜଗନ୍ନାଥ।

**ତୁଳା:** ଆର୍ଥିକ ଲାଭ, ଦାମ୍ପତ୍ୟଖୁସି, ମାନସମ୍ମାନ ପ୍ରାପ୍ତି, ଶରୀର ସୁସ୍ଥ, ଦୂରଯାତ୍ରା ସଫଳ, ଶୁଭ ଆଲୋଚନା, ପୁରାତନ ବନ୍ଧୁମିଳନ, ଦ୍ରବ୍ୟଲାଭ, ସନ୍ତାନଲାଭ। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା-ଗାଇକୁ ଖାଇବାକୁ ଦିଅନ୍ତୁ।

**ବିଛା:** ଭାବିଥିବା କାର୍ଯ୍ୟରେ ବିଘ୍ନ, ସମ୍ପତ୍ତିସମସ୍ୟା, ଶତ୍ରୁ ସମସ୍ୟା, ସ୍ୱଜନ ବିରୋଧୀ, ଅନୁଷ୍ଠାନରୁ ଲାଭ, ଅଳ୍ପ ବିବାଦ ସମାଧାନ, ଅର୍ଥ ସମସ୍ୟା ଆସିପାରେ । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୭, ଆରାଧନା-ପ୍ରଭୁ ନୃସିଂହ।

**ଧନୁ:** କର୍ମକ୍ଷେତ୍ରେ ଶାନ୍ତି, ଶାରୀରିକ ପରିଶ୍ରମ, ହଠାତ୍ ଅସୁସ୍ଥତା ଆସିପାରେ, ଶୁଭଖବର, ସମସ୍ତ କାର୍ଯ୍ୟ ପାଇଁ ଶାନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦାମ୍ପତ୍ୟ ଖୁସି, ବିବାଦ ସମାଧାନ, ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଇସତ୍ ଲାଲ, ସଂଖ୍ୟା-୧୦, ଆରାଧନା- ମା' ଭଗବତୀ।

**ମକର:** ପୈତୃକ ସମ୍ପତ୍ତିଲାଭ, ଶୁଭଖବର, ଅର୍ଥପ୍ରାପ୍ତି, ବିଭିନ୍ନ କାର୍ଯ୍ୟରେ ସନ୍ତୋଷ, ଅଯଥା କଷ୍ଟ, ପୁରାତନ ଦ୍ରବ୍ୟଲାଭ, ଶରୀର ସୁସ୍ଥ। ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୧୦, ଆରାଧନା- ମା' କନ୍ୟାକୁମାରୀ।

**କୁମ୍ଭ:** ମାନସିକ ଶାନ୍ତି, ପରିବାରରେ ଲାଭ ଓ ହସଖୁସି, ଦୂରଯାତ୍ରା, ଦାମ୍ପତ୍ୟଖୁସି, ଅନୁଷ୍ଠାନରୁ ଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ସନ୍ତାନପ୍ରାପ୍ତି। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗେଣି, ସଂଖ୍ୟା-୮, ଆରାଧନା- ମା' ଦୁର୍ଗା।

**ମୀନ:** ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଲାଗି ଚିନ୍ତା, ବନ୍ଧୁଦର୍ଶନ, ବିବାଦ ସମାଧାନ, କର୍ମକ୍ଷେତ୍ରେ ସଫଳତା, ଲୋକସମ୍ପର୍କ ବୃଦ୍ଧି, ସୁମିଷ୍ଟ ଭୋଜନ, ଦୂରଯାତ୍ରା ସଫଳ, ଶତ୍ରୁସମସ୍ୟା। ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୬, ଆରାଧନା- ପ୍ରଭୁ ଜଗନ୍ନାଥ।

ଭାଦ୍ରବ ଶୁକ୍ଳ ପକ୍ଷ ପଞ୍ଚମୀ
୧୫.୯.୨୦୨୬, ମଙ୍ଗଳବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ଆରମ୍ଭ ହେଲା ପାର୍ବଣ ଋତୁ : ଧରାପୃଷ୍ଠକୁ ଆସିଲେ ଅଗ୍ରପୂଜ୍ୟ ଗଜାନନ

ଖୋର୍ଦ୍ଧା, (ସବ୍ୟୁ): ଗଣେଷ ଚତୁର୍ଥୀ ଠାରୁ ରାଜ୍ୟରେ ପାର୍ବଣଋତୁ ଆରମ୍ଭ ହୋଇଥିବା କୁହାଯାଏ। ଉକ୍ତ ଦିନ ଧରାପୃଷ୍ଠକୁ ପ୍ରଭୁ ଶ୍ରୀ ଗଣେଷ ତଥା ଗଜାନନ ଅବର୍ତୀର୍ଣ୍ଣ କରିଥିବା ବିଶ୍ୱାସ ରହିଛି। ବିଶ୍ୱାସ ଓ ଶ୍ରଦ୍ଧାର ପ୍ରତୀକ ଗଜାନନ ଦେବତାଙ୍କ ଆବାହନ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଜ୍ଞାନ ଅଧିଷ୍ଠାତା ତଥା ସିଦ୍ଧିଦାୟକ, ବିଘ୍ନ ବିନାଶକ ଗଣପତିଙ୍କ ପୂଜା ଆଜି ଧୂମଧାମରେ ବିଭିନ୍ନ ବିଦ୍ୟାଳୟ ଗୁଡିକ ରେ ପାଳିତ ହୋଇଯାଇଛି। ଓଁ ନମଃଗଣେୟାୟ ନମଃ ମନ୍ତ୍ରପାଠ, ଧୂପ, ଦୀପ ରେ ଦିନ ତମାମ ସମସ୍ତ ପୂଜାସ୍ଥାନ ଗୁଡ଼ିକରୁ ଶୁଭାଯାଉଛି। ସକାଳୁ ନୂତନ ପୋଷାକ ପରିଧାନ କରି ଛାତ୍ରଛାତ୍ରୀମାନେ ହାତରେ ଭୋଗଥାଳି ନେଇ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରଭୁ ଗଜାନନଙ୍କୁ ପୂଜା କରିବା ସମେତ ଶିକ୍ଷାନୁଷ୍ଠାନରେ ସାମାଜିକ ଦୂରତ୍ୱ ରକ୍ଷାକରି ପୁଷ୍ପାଞ୍ଜଳୀ ଦେଇଥିବା ଦେଖାଯାଇଛି। ଚଳିତବର୍ଷ ଖୋର୍ଦ୍ଧା ସହରର ବିଭିନ୍ନ ମଣ୍ଡପ ଓ କ୍ଲବରେ ଗଜାନନଙ୍କ ଏକ ଫୁଟ ଠାରୁ ଆରମ୍ଭ କରି ୧୮ ଫୁଟ ଯାଏଁ ଗଣପତିଙ୍କ ମୂର୍ତ୍ତି ପୂଜାପାଇଥିବାବେଳେ ତୋରଣ ସାଙ୍ଗକୁ ଆକର୍ଷଣୀୟ ମେଢ, ଆଲୋକ ସଜ୍ଜାରେ ସହରରେ ପାଖାପାଖି ୨୫/୩୦ଟି ପୂଜାମଣ୍ଡପ ଗୁଡିକର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଛି। ଖୋର୍ଦ୍ଧା ସହରର ସାମନ୍ତରାପୁର, ଠେଙ୍ଗାହାଟ, ମୁକୁନ୍ଦପ୍ରସାଦ, ଗୁରୁଜଙ୍ଗ, ମଙ୍ଗଳାନଗର, ଶ୍ରୀରାମନଗର, ଭାଲିଆବାଡି, ଜେମାଦେଇ ସମେତ ଖୋର୍ଦ୍ଧା ଉପକଣ୍ଠ ପଲ୍ଲୀ ତାରିଣୀକ୍ଲବ୍, ବରୁଣେଇ କ୍ଲବ, ଜରିପୁଟ ନୂଆସାହି, ପୁରୁଣାସାହି, ଜାମୁସାହି, ଦେଉଳଟାଙ୍ଗୀ, ପୁରୁସାହି, ମଲ୍ଲିପୁର, ବାଜପୁର, ନନ୍ଦପୁର ଯୁବକସଂଘ ପକ୍ଷରୁ ମଧ୍ୟ ଗଜାନନଙ୍କ ଛୋଟ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି। ଅନୁରୂପଭାବେ ବି.ଜେ.ବି ହାଇସ୍କୁଲ, ମହିଳା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ସିଗ୍ମା ପବ୍ଲିକ ସ୍କୁଲ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବୀଣାପାଣି ଶିଶୁ ମନ୍ଦିର, ପ୍ରାଣନାଥ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ସମେତ ପୁରୁସାହି ବିଦ୍ୟାଳୟ ଆଦି ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀମାନେ ଗଣପତିଙ୍କ ପୂଜାର୍ଚ୍ଚନା କରିଛନ୍ତି। ଖୋର୍ଦ୍ଧା ସାମ୍ବାଦିକ ଭବନ ପରିସରରେ ଡିଷ୍ଟ୍ରିକ୍ଟ ପ୍ରେସ କ୍ଲବ ପକ୍ଷରୁ ଗଣନାଥଙ୍କ ଆରାଧନା କରାଯାଇଛି। ଏଥିସହିତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକରେ ମଧ୍ୟ ପ୍ରଭୁ ଗଜାନନଙ୍କ ପୂଜା ଅବସରରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିବା ଦେଖାଯାଇଛି।

## ବିଦ୍ୟୁତ ଆଘାତରେ ବୃଦ୍ଧ ମୃତ

ସୋର,(ସବ୍ୟୁ): ଖଇରା ଥାନା ଡାଲଙ୍ଗ ଗ୍ରାମରେ ଗାଈ ଚରାଇବାକୁ ଯାଇ ବିଦ୍ୟୁତ ଆଘାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମାଖନପୁର ପଞ୍ଚାୟତ ଡାଲଙ୍ଗ ଗ୍ରାମର ଶଙ୍କର୍ଷଣ ସେଠୀ(୭୨) ସୋମବାର ସକାଳେ ଗାଈ ଚରାଇବାକୁ ଯାଇଥିବା ବେଳେ ମଧ୍ୟାହ୍ନ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ ।ଫଳରେ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହିତ ବିଲରେ ତାଙ୍କୁ ଅଚେତ ଅବସ୍ଥାରେ ଦେଖି ତୁରନ୍ତ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଧାନ ଚାଷ ପାଇଁ ଚାଷୀମାନେ ଷ଼,ଙ୍କ ଦାଉରୁ ରକ୍ଷା ପାଇବାକୁ ବିଲରେ କରେଣ୍ଟ ବ୍ୟବହାର କରୁଛନ୍ତି ।

# ୬ଲକ୍ଷ ମୂଲ୍ୟର ବ୍ରାଉନ୍‌ସୁଗର ଜବତ; ୨ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ପୁଲିସ ବରୁଣେଇ ମନ୍ଦିର ନିକଟସ୍ଥ ପାର୍କରେ ଚଢଉ କରି ୬୧ଗ୍ରାମ ବ୍ରାଉନ୍‌ସୁଗର ଜବତ କରିଛି। ଯାହାର ମୂଲ୍ୟ ୬ଲକ୍ଷ ୧୦ହଜାର ହେବ ବୋଲି ପୁଲିସ ଆକଳନ କରିଛି। ଏଥିସହିତ ସେମାନଙ୍କ ନିକଟରୁ ଏଥିସହ ଦୁଇଟି ମୋବାଇଲ ଫୋନ୍, ଗୋଟିଏ ବୁଲେଟ୍ ସମେତ ଦୁଇଟି ବାଇକ୍ ଓ ନଗଦ ୫,୧୦୦ ଟଙ୍କା ଜବତ ହୋଇଛି। ଏହି ଘଟଣାରେ ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ନୂଆବସ୍ତ୍ରାଣ୍ଡ ଡମସାହି ଅଂଚଳର ଶୁଭମ ସାମନ୍ତରାୟ (୧୯) ଏବଂ ଠେଙ୍ଗାହାଟ ସ୍ୱପ୍ନେଶ୍ୱର ସାହି ଅଂଚଳ ର ରାକେଶ କୁମାର ବେହେରା (୧୯)। ରବିବାର ଅପରାହ୍ନ ସମୟରେ ବରୁଣେଇ ମନ୍ଦିର ତଳ ପାର୍କ ଠାରେ ବ୍ରାଉନସୁଗର କାରବାର ହେଉଥିବା ନେଇ ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା। ସେମାନଙ୍କୁ ଧରିବା ପାଇଁ ଏସ୍‌ପି ପରମାର ସ୍ମିତ ପର୍ଶୋତମ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପଙ୍କଜ କୁମାର ମାଝୀ ଓ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ତତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଏସ୍‌ଆଇ




ଅଶୋକ କୁମାର ମହାନ୍ତିଙ୍କ ନେତୃତ୍ୱରେ ଘଟଣାସ୍ଥଳରେ ଚଢଉ କରି ସେଠାରୁ ଶୁଭମ ଓ ରାକେଶ କୁ କାବୁ କରିଥିଲେ। ସେମାନଙ୍କ ନିକଟରୁ ବ୍ରାଉନସୁଗର ସମେତ ୨ବାଇକ୍ , ମୋବାଇଲ ଓ ଟଙ୍କା କୁ ଜବତ୍ କରିଥିଲେ। ଏନେଇ ୨୯୨/୨୬ରେ ଏନ୍‌ଡିପିଏସ୍ ଆଇନର ଧାରା ୨୧(ବି)/୨୯ ଅନୁଯାୟୀ ମାମଲା ରୁଜୁ କରି ପୁଲିସ ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି।

ଅନ୍ୟପକ୍ଷରେ ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ଯୁବପିଢ଼ିକୁ ନେଇ ନୂଆ ଚିନ୍ତା ସୃଷ୍ଟି ହୋଇଛି। ତେବେ ଉଭୟ ଯୁବକ ନିଶାଦ୍ରବ୍ୟର ମୁଖ୍ୟ ଯୋଗାଣ ର ଅଂଶ ଥିଲେ କି, ନା କେବଳ ପରିବହନ କିମ୍ବା ବିତରଣରେ ସମ୍ପୃକ୍ତ ଥିଲେ, ତାହା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ଘଟଣାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଜବତ ହୋଇଥିବା ମୋବାଇଲ ଫୋନ୍। ଅଭିଯୁକ୍ତମାନଙ୍କ ମୋବାଇଲରୁ କାହା ସହ ଯୋଗାଯୋଗ ହୋଇଥିଲା, ଘଟଣା ପୂର୍ବରୁ ଓ ପରେ କେଉଁ ନମ୍ବରକୁ ଫୋନ ଯାଇଥିଲା, ସେମାନଙ୍କ ଯୋଗାଯୋଗରେ କୌଣସି ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ସ୍ଥାନର ଉଲ୍ଲେଖ ରହିଛି କି ନାହିଁ ତାହା ତଦନ୍ତରେ ଖୋଜାଯିବା ସମ୍ଭାବନା ରହିଛି। ୬୧ ଗ୍ରାମ ବ୍ରାଉନ ସୁଗାର ଜବତ ହେବା ପରେ ଏହାର ମୂଳ ଉତ୍ସ ଖୋଜିବା ପୁଲିସ ପାଇଁ ପ୍ରମୁଖ ଚ୍ୟାଲେଞ୍ଜ ହୋଇଛି। ନିଶାଦ୍ରବ୍ୟ କେଉଁ ଅଂଚଳ ରୁ ଖୋର୍ଦ୍ଧାକୁ ଆସିଥିଲା, ଏହା କେଉଁ ବ୍ୟକ୍ତି କିମ୍ବା ଗୋଷ୍ଠୀ ମାଧ୍ୟମରେ ଆସିଥିଲା ଏବଂ ବରୁଣେଇ ଅଂଚଳରୁ ଏହାକୁ କେଉଁଠାକୁ ନେବାର ଯୋଜନା ଥିଲା ଏସବୁ ଦିଗରେ ତଦନ୍ତ ଆଗକୁ ବଢ଼ିବ। ବରୁଣେଇ ମନ୍ଦିର ଅଂଚଳ ଖୋର୍ଦ୍ଧାର ଏକ ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀ।ଏଭଳି ଏକ ସାର୍ବଜନୀନ ସ୍ଥାନ ନିକଟରେ ନିଶାଦ୍ରବ୍ୟ କାରବାର ନେଇ ପୁଲିସ ଚଢ଼ଉ ହେବା ଘଟଣାକୁ ଗୁରୁତ୍ୱ ଦିଆଯାଉଛି।

# ୪୩ ମୋବାଇଲର ଡିସ୍‌ପ୍ଲେ, ମଦରବୋର୍ଡ ସହ ୨୬ ମୋବାଇଲ ଜବତ, ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଇନ୍‌ଫୋସିଟି ଥାନା ପୋଲିସ ୪୩ ମୋବାଇଲର ମଦର ବୋର୍ଡ, ଡିସ୍‌ପ୍ଲେ ସହ ୨୬ ମୋବାଇଲ ଫୋନ୍ ଜବତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ୩ ଅଭିଯୁକ୍ତ ହେଲେ ଦୁଷ୍ମନ୍ତ ସୁବୁଦ୍ଧି (୩୫), ରାକେଶ କୁମାର ସାହୁ (୨୮) ଓ ମାନସ ବେହେରା (୩୦) । ଏହି ତିନିଜଣ ମୋବାଇଲ ଫୋନ୍ ଚୋରି କରି ତା'ର ଡିସ୍‌ପ୍ଲେ ଓ ମଦରବୋର୍ଡକୁ ବିକ୍ରି କରିଥାନ୍ତି ବୋଲି ପୋଲିସ ଜାଣିବାକୁ ପାଇଛି । ଡା. ଶୁଭମୟ ବେରାଙ୍କ ଏତଲା ଆଧାରରେ ମାମଲା ରୁଜୁ କରାଯାଇ ଇନ୍‌ଫୋସିଟି ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଅଗଷ୍ଟ ୩୦ ତାରିଖରେ ଅଭିଯୋଗକାରୀ ନିଟ୍ ପରୀକ୍ଷା ଦେବା ପାଇଁ ପଟିଆସ୍ଥିତ ଆୟନ ଡିଜିଟାଲ ଜୋନ୍‌କୁ ଯାଇଥିଲେ । ପ୍ରବଳ ବର୍ଷା ଯୋଗୁ ସେ ନିଜ ହୋଣ୍ଡା ଆକଫିଭା ସ୍କୁଟର ଡିକି ଭିତରେ ମୋବାଇଲ ଫୋନ୍ ରଖିଥିଲେ । ବାହାରେ ଅଭିଭାବକ ଭଳି ଠିଆ ହୋଇଥିବା ଜଣେ ଅଜଣା ବ୍ୟକ୍ତି ଅଭିଯୁକ୍ତ ଦୁଷ୍ମନ୍ତ



ସୁବୁଦ୍ଧିକୁ ସ୍କୁଟର ଚାବି ଧରାଇ ପରୀକ୍ଷା ହଲ୍‌କୁ ଯାଇଥିଲେ । ପରୀକ୍ଷା ସରିବା ପରେ ବାହାରକୁ ଆସି ଦେଖିବା ବେଳକୁ ଅଭିଯୁକ୍ତ ଜଣକ ସ୍କୁଟର ନେଇ ଫେରାର ହୋଇଯାଇଛି । ଯାହା ଫଳରେ ସେ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ମୁଖ୍ୟ ଅଭିଯୁକ୍ତ ତଥା ପେସାଦାର ଚୋର ଦୁଷ୍ମନ୍ତ ସୁବୁଦ୍ଧି ଅନ୍ୟ ଏକ ପରୀକ୍ଷା କେନ୍ଦ୍ର ନିକଟରୁ ସମାନ ଢଙ୍ଗରେ ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ଚୋରା ସ୍କୁଟର ସହ ତାକୁ କାବୁ କରାଯାଇଥିଲା । ପଚରାଉଚରା ବେଳେ ସେ ପରୀକ୍ଷା ଦେବାକୁ ଆସୁଥିବା ପିଲାମାନଙ୍କୁ ଟାର୍ଗେଟ କରି ଗାଡି ଡିକିରୁ ମୋବାଇଲ ଚୋରି କରି ବାପୁଜୀନଗରର ଏକ ମୋବାଇଲ ଦୋକାନୀ ରାକେଶ ଓ ସାଙ୍ଗ ମାନସକୁ ବିକ୍ରି କରୁଥିବା ସ୍ୱୀକାର କରିଥିଲା । ଏହା ଶୁଣିବା ପରେ ପୋଲିସ ବାପୁଜୀନଗରସ୍ଥିତ ମାଷ୍ଟର ମୋବାଇଲ ଦୋକାନ ଉପରେ ଚଢାଉ କରି ଚୋରା ମୋବାଇଲ କିଣୁଥିବା ଅଭିଯୁକ୍ତ ରାକେଶ ସାହୁକୁ ଗିରଫ କରିଥିଲା । ସେ ଚୋରା ମୋବାଇଲର ମଦର ବୋର୍ଡ, ଡିସ୍‌ପ୍ଲେ ଆଦି ପାର୍ଟ୍ସ ଖୋଲି ବିକ୍ରି କରୁଥିବା ଜଣାପଡିବାରୁ ପୋଲିସ ବିପୁଳ ପରିମାଣର ଚୋରା ସାମଗ୍ରୀ ଜବତ କରିଛି । ସେହିପରି ଅନ୍ୟ ଏକ ଚଢାଉରେ ପଟିଆ ଷ୍ଟେସନରୁ ଅନ୍ୟତମ ମୋବାଇଲ କିଣାଳି ମାନସ ବେହେରାକୁ ଗିରଫ କରାଯାଇଥିଲା । ମୁଖ୍ୟ ଅଭିଯୁକ୍ତ ସମେତ ତିନିଜଣଙ୍କୁ ସାମବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତିନିଜଣଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ବିଭିନ୍ନ ସ୍ଥାନରେ ପୂଜା ପାଇଲେ ଗଣପତି ବାବା

ନୀଳଗିରି ,(ସବ୍ୟୁ) :ଗଣେଶ ଚତୁର୍ଥୀରେ ନିଳଗିରିରେ ବିଭିନ୍ନ ସ୍ଥାନରେ ପୂଜା ପାଇଲେ ଗଣପତି ବାବା । ନୀଳଗିରି ସହରରେ ବିଭିନ୍ନ କ୍ଲବ ପକ୍ଷରୁ ଜୋରଦାର ମୂର୍ତ୍ତି ସଙ୍ଗକୁ ଆଲୋକମାଳା, ସୁସଜ୍ଜିତ ତୋରଣ ବେଶ୍ ଚିତାକର୍ଷକ ହୋଇଛି । ପାଖା ପାଖି ୧୦ରୁ ଉର୍ଦ୍ଧ୍ୱ ମେଢ଼ରେ ଗଣପତି ବାବା ପୂଜା ପାଇଛନ୍ତି । ସନ୍ଧ୍ୟାରେ ବିଭିନ୍ନ ପୂଜା ମଣ୍ଡପ ନିକଟରେ ଭଜନ ସନ୍ଧ୍ୟା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ କରାଯାଉଛି । ଲୋକଙ୍କ ସମାଗମ ପରିଲଖିତ ହୋଇଥିଲା । ନିଳଁଗିରି ବାଇପାସ୍ ନିକଟରେ ଫ୍ରେଣ୍ଡ ସ୍ ଫୋର୍ ଏଭର୍ କ୍ଲବ, ହନୁମାନ ଛକ ନିକଟରେ ମୋଇୟା ବୟେଜ କ୍ଲବ, କୃଷ୍ଣା କ୍ଲବ, ରାଜାବଗିଚାର ମହାରାଜ୍ କ୍ଲବ, ଘାଟଘରସାହି ର କୁମାର ଯୁବକ ସଂଘ , କେ ସି, ହାଇସ୍କୁଲ ନିକଟରେ ସଂଘର୍ଷ କ୍ଲବ ପକ୍ଷରୁ ଧୁମ୍ ଧାମରେ ଗଣେଶ ପୂଜା ପାଳନ କରୁଛନ୍ତି ।

ଭାରତୀୟ କଣ୍ଟେନର ନିଗମ ଲିମିଟେଡ
CONTAINER CORPORATION OF INDIA LTD.
ଭାରତ ସରକାରଙ୍କ ନବରତ୍ନ ଉଦ୍ୟୋଗ (A Navratna Undertaking of Govt. of India)
CONCOR

ଇ-ଅକ୍ସନ ନୋଟିସ୍

| | |
|---|---|
| ଟେଣ୍ଡର ନଂ. | CON/AREA-IV/WH/COMBINED/୨୦୨୫-୨୬/୦୧ |
| କାର୍ଯ୍ୟର ନାମ: | ଅନ୍ଲାଇନ ଇ-ନିଲାମ ମାଧ୍ୟମରେ ୧+୧+୧ ବର୍ଷ ପାଇଁ ମାସିକ ଭଡା ଆଧାରରେ ଗୋଦାମ ଘର ସ୍ଥାନ ଭଡା ଦେବା ପାଇଁ ଅନଲାଇନ୍ ଇ-ଅକ୍ସନ ... ୧. ଝାରସୁଗୁଡା (୧୦୦୦ ବର୍ଗ ମିଟର), ... ଓଡ଼ିଶା । ୨. ଫତୁହା (୯୨୯ ବର୍ଗ ମିଟର), ପାଟନା, ବିହାର । ୩. ଅମିନଗାଁ (୨୫୦୦ ବର୍ଗ ମିଟର), ଗୌହାଟୀ, ଆସାମ । |
| ଆରକ୍ଷ ମୂଲ୍ୟ : | ଝାରସୁଗୁଡା: ୧+୧+୧ ବର୍ଷ ଅବଧି ପାଇଁ ଜିଏସଟି ସମେତ ଟ. [illegible]/- ଫତୁହା: ୧+୧+୧ ବର୍ଷ ଅବଧି ପାଇଁ ଜିଏସଟି ମିଶାଇ ଟ. [illegible]/ । ଅମିନଗାଁ: ୧+୧+୧ ବର୍ଷ ଅବଧି ପାଇଁ ଜିଏସଟି ମିଶାଇ ଟ. [illegible]/ |
| ଚୁକ୍ତିନାମା ଅବଧି : | ଏହି ତିନୋଟି ସ୍ଥାନ ପାଇଁ ୧+୧+୧ ବର୍ଷ |
| ଅଗ୍ରୀମ ଅର୍ଥ ଜମା (ଇଏମଡି) (ଇ-ପେମେଣ୍ଟ ମାଧ୍ୟମରେ) | ଝାରସୁଗୁଡା: ଟ. [illegible]/- ଫତୁହା: ଟ. [illegible]/- ଅମିନଗାଁ: ଟ. [illegible]/- |
| ଇ-ଅକ୍ସନ ଡକ୍ୟୁମେଣ୍ଟ ମୂଲ୍ୟ :(ଅଫେରସ୍ତ) | ପ୍ରତ୍ୟେକ ସ୍ଥାନ ପାଇଁ ୧୦୦୦/- ଟଙ୍କା (ଇ-ପେମେଣ୍ଟ ମାଧ୍ୟମରେ) |
| ଇ-ଅକ୍ସନ ପ୍ରୋସେସିଂ ଫି (ଅଫେରସ୍ତ) | ଇ-ପେମେଣ୍ଟ (ଅଫେରସ୍ତ) ମାଧ୍ୟମରେ ସମସ୍ତ ଟିକସକୁ ମିଶାଇ ଝାରସୁଗୁଡା ପାଇଁ ଟ. [illegible]/-, ଫତୁହା ପାଇଁ ଟ. [illegible]/- ଏବଂ ଅମିନଗାଁ ପାଇଁ ଟ. [illegible]/- |
| ଇ-ଅକ୍ସନ ଡକ୍ୟୁମେଣ୍ଟ ବିକ୍ରୟ ତାରିଖ (ଅନଲାଇନ) | ସମସ୍ତ ତିନୋଟି ସ୍ଥାନ ପାଇଁ ୧୫.୦୯.୨୦୨୬ରିଖ ୧୫:୦୦ ଘଣ୍ଟାରୁ ୦୬.୧୦.୨୦୨୬ (୪:୦୦ ଘଣ୍ଟା ପର୍ଯ୍ୟନ୍ତ) |
| ଇ-ଅକ୍ସନ ଦାଖଲ କରିବାର ଶେଷ ତାରିଖ ଏବଂ ସମୟ: | ୦୮.୧୦.୨୦୨୬ ରିଖ ପୂର୍ବରୁ ସମସ୍ତ ତିନୋଟି ସ୍ଥାନ ପାଇଁ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ |
| ଇ-ଅକ୍ସନ ଖୋଲିବାର ତାରିଖ ଏବଂ ସମୟ : | ସମସ୍ତ ତିନୋଟି ସ୍ଥାନ ପାଇଁ ୦୯.୧୦.୨୦୨୬ ଅପରାହ୍ନ ୧୫:୩୦ ଘଣ୍ଟା ପର୍ଯ୍ୟନ୍ତ |
| ଯୋଗ୍ୟତା ମାନଦଣ୍ଡ: | [illegible] |

ବିଜ୍ଞପ୍ତି : [illegible] ... (www.concorindia.co.in) ... www.tenderwizard.com/ccil ରେ ଲଗ୍ ଇନ୍ କରନ୍ତୁ ।
ସ୍ୱା/ଗ୍ରୁପ ମୁଖ୍ୟ (କ୍ଷେତ୍ର -୪)

MCL ମହାନଦୀ କୋଲ୍‌ଫିଲଡସ୍ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"
R-5312

# ଦୁବାଇରେ ଓଡ଼ିଆ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ : ୬ ଦିନ ପରେ ଫେରିଲା ଶବ

ବାଲୁଗାଁ ,(ସବ୍ୟୁ): ଦୁବାଇରେ ଗତ ମଙ୍ଗଳବାର ଜଣେ ପ୍ରତିଷ୍ଠିତ ଓଡ଼ିଆ ଯୁବ ବ୍ୟବସାୟୀଙ୍କ ହୃଦଘାତରେ ମୃତ୍ୟୁ ଘଟିଛି । ସେ ହେଲେ ସ୍ଥାନୀୟ ବିଷ୍ଣୁଡିହ ଗ୍ରାମର ପ୍ରଶାନ୍ତ ସାହୁ ( ୪୬) । ଛଅ ଦିନ ପରେ ରବିବାର ସନ୍ଧ୍ୟାରେ ତାଙ୍କ ମୃତ ଶରୀର ଆସି ପହଞ୍ଚିବା ପରେ ପରିବାର, ସାଙ୍ଗସାଥି ଏବଂ ବନ୍ଧୁପରିଜନଙ୍କ କାନ୍ଦ ବୋବାଳିରେ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ବିଷ୍ଣୁଡିହ ଗ୍ରାମର ଅନନ୍ତ ସାହୁଙ୍କ ତିନି ପୁତ୍ର ଅଶୋକ, ପ୍ରକାଶ ଏବଂ ପ୍ରଶାନ୍ତ ଦୁବାଇରେ ଦୀର୍ଘ ବର୍ଷ ଧରି ପ୍ରତିଷ୍ଠିତ ବ୍ୟବସାୟୀ ଅଟନ୍ତି । ଗତ ମଙ୍ଗଳବାର ଭୋରରୁ ପ୍ରଶାନ୍ତ ଶୋଇଥିବା ଅବସ୍ଥାରେ ହଠାତ ହୃଦଘାତଜନିତ ତାଙ୍କର ମୃତ୍ୟୁ ଘଟିଥିଲା । ସେଠାକାର ନିୟମ ଅନୁଯାୟୀ ଭାରତ ଆଣିବା ପାଇଁ କାଗଜାତ ସଂଗ୍ରହ କରିବାରେ ଛଅ ଦିନ ଲାଗିଥିଲା ।ରବିବାର ଦୁବାଇରୁ ବିମାନ ଯୋଗେ କଲିକତା ଏବଂ ସେଠାରୁ ଆମ୍ବୁଲାନ୍ସ ଯୋଗେ ପ୍ରଶାନ୍ତଙ୍କ ମୃତ ଶରୀର ଆସି ଗ୍ରାମରେ ପହଞ୍ଚିଥିଲ ।। ବିଳମ୍ବିତ ରାତ୍ରିରେ ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ।

# ଚାକିରି ବାହାନାରେ ୩୪ଲକ୍ଷରୁ ଉର୍ଦ୍ଧ୍ୱ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଚାକିରି ବାହାନାରେ ୩୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକିନେଇଥିବା ଠକ ଲିଟୁ ଓରଫ ସୂର୍ଯ୍ୟନାରାୟଣ ପାଢୀକୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ଅଭିଯୋଗକାରୀ ରଞ୍ଜନ ଖୁଣ୍ଟିଆ ଏକ ପେଟ୍ରୋଲ ପମ୍ପରେ ମ୍ୟାନେଜର ଭାବେ କାମ କରୁଥିଲେ । ସେହି ସମୟରେ ଅଭିଯୁକ୍ତ ସୂର୍ଯ୍ୟନାରାୟଣ ସହ ପରିଚୟ ହୋଇଥିଲା । ଅଭିଯୁକ୍ତ ନିଜକୁ ଭୁବନେଶ୍ୱରସ୍ଥିତ ଉତ୍କଳ ହସ୍ପିଟାଲର ଫାଇନାନ୍‌ସିଆଲ ହେଡ୍ ବୋଲି ପରିଚୟଦେଇଥିଲା । ସେ ଅଭିଯୋଗକାରୀକୁ ମାସିକ ୬୦ ହଜାର ଟଙ୍କା ଦରମାରେ ଜୁନିଅର ଆକାଉଣ୍ଟାଣ୍ଟ ଚାକିରି କରାଇଦେବ ବୋଲି କହିଥିଲା । ବିଶ୍ୱାସ ଜନ୍ମାଇବା ପାଇଁ ଅଭିଯୁକ୍ତ ପ୍ରଥମେ ଅଭିଯୋଗକାରୀଙ୍କ ଠାରୁ ଟଙ୍କା ଧାର୍ ନେଇ ଠିକ୍ ସମୟରେ ଫେରାଇ ଦେଇଥିଲା । ଅଭିଯୋଗକାରୀଙ୍କୁ ବାରମ୍ବାର ବିଭିନ୍ନ ହସ୍ପିଟାଲ ଓ ନିଜ ସମ୍ପର୍କୀୟଙ୍କ ଘରକୁ ବୁଲାଇ ନେଉଥିଲା । ଚାକିରି ଆଶାରେ ଅଭିଯୋଗକାରୀ ବିଭିନ୍ନ ସ୍ଥାନରୁ ଧାର୍ କରଜ କରି ୨୦୨୫ ମସିହା ଜାନୁଆରୀ ୨ ତାରିଖରୁ ଏପ୍ରିଲ୍ ୩୦ ତାରିଖ ମଧ୍ୟରେ ଅଭିଯୁକ୍ତ ଏବଂ ତା' ପରିବାର ଲୋକଙ୍କ ବ୍ୟାଙ୍କ ଖାତାକୁ ମୋଟ୍ ୩୪ ଲକ୍ଷ ୬୧ ହଜାର ୩୭୦ଟଙ୍କା ପଠାଇଥିଲେ । ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୋଗକାରୀଙ୍କୁ ଚାକିରି ମିଳିଲା ନାହିଁ କିମ୍ବା ଟଙ୍କା ଫେରିପାଇଲେ ନାହିଁ । କିସ୍ତି ଆକାରରେ କେବଳ ୪ଲକ୍ଷ ୫୦ ହଜାର ଟଙ୍କା ଫେରାଇଥିବା ବେଳେ ବାକି ଟଙ୍କା ଆତ୍ମସାତ୍ କରିଥିଲା । ଏହି ଠକେଇ କାମରେ ତା'ର ପରିବାର ଲୋକ ମଧ୍ୟ ସମ୍ପୃକ୍ତ ଥିବା ପୋଲିସ କହିଛି । ଅଭିଯୁକ୍ତ ଲିଟୁକୁ ନାଲ୍‌କୋ ଛକ ନିକଟରୁ ରବିବାର ୧୦ଟା ବେଳେ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଅଧିକ ତଦନ୍ତ ପାଇଁ ତାକୁ ରିମାଣ୍ଡ ଆଣିବା ପାଇଁ ପୋଲିସ କୋର୍ଟରେ ଆବେଦନ କରିଛି ।


### ଗଣେଶ ପୂଜା ପାଇଁ ଚଳଚଞ୍ଚଳ ଜଟଣୀ ସହର

# ରଙ୍ଗୀନ ଆଲୋକମାଳାରେ ଝଲସୁଛି ରାସ୍ତାଘାଟ

ଜଟଣୀ, (ସବ୍ୟୁ) :ପବିତ୍ର ଗଣେଶ ପୂଜା ଉତ୍ସବ ଜଟଣୀର ଅନ୍ୟତମ ସାଂସ୍କୃତିକ ଓ ଭାଇଚାରାର ଉତ୍ସବ, ପୂଜା ପାଖେଇ ଆସିଲେ ଚଳ ଚଞ୍ଚଳ ହୋଇଉଠେ ସମଗ୍ର ସହର । ଚତୁର୍ଥୀ ଠାରୁ ଆରମ୍ଭ ହୋଇ ଇନ୍ଦ୍ର ପୂର୍ଣ୍ଣିମା ଦିନ ବିଭିନ୍ନ ଥାନରେ ପୂଜା ପାଉଥିବା ଠାକୁର ମାନେ ବିସର୍ଜନ ହୁଅନ୍ତି କ୍ଷ ଜଟଣୀ ଗଣେଶ ପୂଜାର ଅନ୍ୟତମ ବିଶେଷତଃ ହେଲା ଏଠାରେ ଗଣେଶଙ୍କ ସହ ମା ଲକ୍ଷ୍ମୀ ଓ ସରସ୍ୱତୀ ଏକତ୍ର ପୂଜା ପାଆନ୍ତି କ୍ଷ ସହରର ମୁଖ୍ୟ ପୂଜା ପେଣ୍ଡାଲ ଗୁଡିକ ହେଲା ଯଥାକ୍ରମେ କୁଦିଆରୀ ବଜାର, ନୀଳଚକ୍ର ମାର୍କେଟ, ମାଛ ଓ ପରିବା ମାର୍କେଟ, ଗୋଲେଇ ମାର୍କେଟ, ଗୋପବନ୍ଧୁ ବଜାର, ରାଜାବଜାର, ପୋଷ୍ଟ ଅଫିସ ଛକ, ସୀତାରାମ ଛକ, ବଡ଼ ବଜାର, ହାଟ ବଜାର, ଥାନା ଛକ, ମହୁଲ ଗୁଡ଼ିଆ ଛକ, ହରି ଭାଇନା ଛକ, ଖୁଦୁପୁର ଛକ ଆଦି ସ୍ଥାନରେ ସୁଉଚ୍ଚ ତୋରଣ




ସାଙ୍ଗକୁ ଆକର୍ଷଣୀୟ ବିଦ୍ୟୁତ ସାଜସଜା ବେଶ ଆକର୍ଷଣୀୟ ହୋଇଥିବା ଦେଖିବାକୁ ମିଳିଛି । ଏଥି ସହ ଭିନ୍ନଭିନ୍ନ ମଣ୍ଡପରେ ପ୍ରତ୍ୟେକ ଦିନ ବିଭିନ୍ନ ପ୍ରକାର ଭୋଗ ଲାଗି ହୁଏ କ୍ଷ ସବୁ ପୂଜା ମଣ୍ଡପ ନିକଟରେ ପରିଷ୍କାର ପରିଚ୍ଛନ୍ନତା ପାଇଁ ନଗର ପାଳିକା ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରକ୍ଷଯାଇଥାଏ କ୍ଷ ଦୀର୍ଘ ଦଶ ଦିନ ଧରି ଛୋଟ ବଡ଼ ହୋଇ ୧୦୦ ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପରେ ପ୍ରଭୁ ଗଜାନନ ପୂଜା ପାଉଥିଲେହେଁ ସ୍ୱୀକୃତି ପ୍ରାପ୍ତ ୧୮ ଟି ବଜାର କମିଟିର ମଣ୍ଡପ ଗୁଡିକୁ ପ୍ରାଧାନ୍ୟ ଦିଆଯାଇଥାଏ । ଏହି ପରିପ୍ରେକ୍ଷୀରେ କଳିଙ୍ଗ ଯୁବ ପରିଷଦ ଆନୁକୂଲ୍ୟରେ ଓଡ଼ିଶାର ଲୋକକଳା, ସଂସ୍କୃତି ଓ ପରମ୍ପରାକୁ ପ୍ରାଧାନ୍ୟ ଦେଇ ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ଶରତ ପାଇକରାୟ ଷ୍ଟାଡିଅମରେ ଗଣେଶ ମହୋତ୍ସବ ସୋମବାର ସନ୍ଧ୍ୟା ସମୟରୁ ଉଦଘାଟିତ ହୋଇଯାଇଛି କ୍ଷ ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମିତ୍ତ ଅତିରିକ୍ତ ଡିସିପିଙ୍କ ତତ୍ୱାବଧାନରେ ୩୪ ପ୍ଲାଟୁନ ପୁଲିସ ଫୋର୍ସଙ୍କୁ ସମସ୍ତ ଛକ ଓ ପୂଜା ମଣ୍ଡପ ନିକଟରେ ମୁତୟନ କରାଯାଇଛି ବୋଲି ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି କ୍ଷ ପାଗ ଭଲ ଥିବାରୁ ପ୍ରଥମ ଦିନରୁ ଖଚାଖଚ ଭିଡ ପରିଲକ୍ଷିତ ହୋଇଛି ।




ମା’ ଖଣ୍ଡେଶ୍ୱରୀ କ୍ଲବ ପଳାଶୁଣୀ


ସ୍ମାର୍ଟ ୟୁଥ୍ ଫୋର୍ସ ଅର୍ଗାନାଇଜେସନ, ବରମୁଣ୍ଡା


ବରଗଡ ଯୁବ ପରିଷଦ


ନୟାପଲ୍ଲୀ ନୂଆସାହି

ରାଜଧାନୀରେ ପ୍ରଭୁ ଗଜାନନଙ୍କର ଆକର୍ଷଣୀୟ ମୂର୍ତ୍ତି

# ନୂଆପାଟଣା ପୂଜା କମିଟିର ନୂତନ କର୍ମକର୍ତ୍ତା

କଟକ, (ସ୍ୱପ୍ର) : ଶ୍ରୀଶ୍ରୀ ରାଧାମୋହନ ମନ୍ଦିର, ନୂଆପାଟଣା ପୂଜା କମିଟିର ନୂତନ ଭାବେ ମନୋନନୀତ ହୋଇଥିବା କର୍ମକର୍ତ୍ତାଙ୍କ ଶପଥ ପାଠ ହୋଇଛି । ଏହି ଶପଥପାଠ ଉତ୍ସବରେ ଗ୍ରାମର ଅଧିକାରୀ ପ୍ରଦୀପ କୁମାର ସାହୁ, ମହନ୍ତ ସୁବାଷ ଦାସ, ଓ କଟୁଆଳ କାଶୀନାଥ ସାହୁ ଉପସ୍ଥିତ ରହି ଶପଥପାଠ କରାଇଥିଲେ । ପୁନର୍ବାର ସଭାପତି ଭାବେ ରମାକାନ୍ତ ଦାସ, ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ଓ କୋଷାଧ୍ୟକ୍ଷ ଭାବେ ଅମ୍ରିତ କୁମାର ସାହୁ, ଶ୍ରୀଶ୍ରୀ ରାଧାମୋହନ ମନ୍ଦିର ପ୍ରାଙ୍ଗଣରେ ଶପଥପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମର ପୂଜକ ଗଗନ ବିହାରୀ ମିଶ୍ର, ଶ୍ରୀ ଶ୍ରୀ ରାଧାମୋହନ ଠାକୁରଙ୍କର ପ୍ରଥମେ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଗ୍ରାମର ବରିଷ୍ଠ ମୁରବୀ କାର୍ତ୍ତିକ ଚନ୍ଦ୍ର ସାହୁ ଏହି ସଭାକୁ ପରିଚାଳନା କରିଥିଲେ । ଏହି ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇଥିଲା । ଉପଦେଷ୍ଟା ମଣ୍ଡଳୀ ପଂଚାୟତ କମିଟି, କାର୍ଯ୍ୟକାରୀ ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ, କାର୍ଯ୍ୟକାରୀ କମିଟି ଓ ମନ୍ଦିର ପରିଚାଳନା କମିଟି ଗଠନ କରି ଆଗାମୀ ଦିନରେ ଶ୍ରୀଶ୍ରୀ ରାଧମୋହନ ମନ୍ଦିର ଓ ନୂଆପାଟଣା ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କୁ ନେଇ କାର୍ଯ୍ୟ କରିବେ ବୋଲି ସାଧାରଣ ସମ୍ପାଦକ ପ୍ରତିଶୃତି ଦେଇଥିଲେ ।



# ଔଷଧ ଗୋଦାମରେ ନିଆଁ

ଭୁବନେଶ୍ୱର, (ସବ୍ୟ) : ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀରେ ଥିବା ଏକ ଔଷଧ ଗୋଦାମରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଔଷଧ ପୋଡି ପାଉଁଶ ହୋଇଯାଇଛି । ଜିଜିପି କଲୋନୀସ୍ଥିତ ଔଷଧ ଗୋଦାମରେ ନିଆଁ ଲାଗିଥିବା ସୋମବାର ଭୋର୍ ସମୟରେ ଅଗ୍ନିଶମ ବାହିନୀ ଖବର ପାଇଥିଲା । ଖବର ପାଇବା କ୍ଷଣି ଦୁଇଟି ଗାଡି ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଦୁଇଘଣ୍ଟା ସମୟ ଲାଗିଲା । ଘଟଣାସ୍ଥଳକୁ ଯାଇଥିବା ଦୁଇଟି ଫାୟାର ଗାଡି ପାଇଁ ୧୨ ଜଣ ଫାୟାର କମାଣ୍ଡୋ ଓ ଦୁଇଜଣ ଅଫିସର ସେଠାକୁ ଯାଇଥିଲେ । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ଗୋଦାମ ଭିତରୁ ବୋମା ଫୁଟିଲା ଭଳି ଶବ୍ଦ ହେଉଥାଏ । ଔଷଧ ପ୍ୟାକେଟ୍ ପାଇଁ ପ୍ରବଳ ଧୂଆଁ ନିର୍ଗତ ହେଉଥାଏ । ଧୂଆଁକୁ ପ୍ରଶମନ କରିବା ପାଇଁ ଦୁଇଟି ଉପାୟ ଅବଲମ୍ବନ କରିଥିଲେ ଫାୟାର କମାଣ୍ଡୋ । ଗୋଦାମ ଭିତରୁ ନିଆଁ କମିବା କ୍ଷଣି ସେମାନେ ଦୁଇଟି ଟ୍ୟାଙ୍କରରେ ନେଇଥିବା ପାଣିକୁ ସେଠାରେ ବ୍ୟବହାର କରିବା ପରେ ନିଆଁ ଆୟତ୍ତକୁ ଆସିଥିଲା । ଦୁଇଘଣ୍ଟା ପର୍ଯ୍ୟନ୍ତ ଫାୟାର କମାଣ୍ଡୋଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼ିଥିଲା । ଘର ଭିତରୁ ବୋମା ଫୁଟିବା ଭଳି ଯେଉଁ ଶବ୍ଦ ଶୁଣା ଯାଉଥିଲା, ତାହା ଔଷଧ ବୋତଲ ଫାଟିବାରୁ ହେଉଥିଲା ବୋଲି ଜଣେ ଫାୟାର କମାଣ୍ଡୋ କହିଛନ୍ତି । ସର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ହୋଇଥିବା କୁହାଯାଉଥିବା ବେଳେ ବାସ୍ତବରେ ନିଆଁ କିପରି ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ ।

# ଗଣପତି ବାବାଙ୍କୁ ଶହ ଶହ ଦୁବ ଅର୍ପଣ କରି ପୂଜା କଲେ ଛାତ୍ରଛାତ୍ରୀ

ଖୋର୍ଦ୍ଧା, (ସବ୍ୟ): ଆଜି ପବିତ୍ର ଗଣେଷ ଚତୁର୍ଥୀ। ଆଜି ମଧ ସୋମବାର। ବିଶ୍ୱାସ ରହିଛି ସୋମବାର ଦିନ ପ୍ରଭୁ ଗଜାନନ ଙ୍କୁ ଦୁବ ଏବଂ ମୋଦକ ଅର୍ପଣ କରି ପୂଜା କଲେ ସିଦ୍ଧି ଲାଭ ହୁଏ। ଏହି ବିଶ୍ୱାସ ଏବଂ ପରମ୍ପରାକୁ ଆଧାର କରି ଖୋର୍ଦ୍ଧାରେ ବିଭିନ୍ନ ସ୍କୁଲ ର ଛାତ୍ରଛାତ୍ରୀମାନେ ଉପବାସ ରହି ଗଜାନନଙ୍କୁ ଭକ୍ତି ଅର୍ଘ୍ୟ ସହକାରେ ଦୁବ ଅର୍ପଣ କରି ପୂଜା କରିଥିଲେ। ଏହିକ୍ରମରେ ସିଗମା ପବ୍ଲିକ ସ୍କୁଲ ର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀଙ୍କ ସମେତ ସମସ୍ତ ଶ୍ରଦ୍ଧାଳୁ ଗଜାନନ ଙ୍କ ମନ୍ତ୍ର ପାଠ କରି ନଡ଼ିଆ ଭାଙ୍ଗି, ପୁଷ୍ପାଞ୍ଜଳି ପ୍ରଦାନ କରି ଆଶିଷ ଭିକ୍ଷା କରିଥିଲେ। ସ୍କୁଲ ରେ ଶିକ୍ଷୟତ୍ରୀ ସୁମିତା ତ୍ରିପାଠୀ ଙ୍କ ତତ୍ୱାବଧାନ ରେ ଛାତ୍ର ଛାତ୍ରୀ ମାନେ ଦୁବ ଅର୍ପଣ କରି ଗଜାନନଙ୍କୁ ପୂଜା କରିଥିଲେ। ୨୧ଟି ଦୁବ କୁ ଏକାଠି କରି ଗୋଟିଏ ଗୋଟିଏ ବିଡ଼ା କରି ପ୍ରାୟ ୪୦୦ରୁ ଉର୍ଦ୍ଧ ଦୁବଫୁଲ ବିଡ଼ା ଅର୍ପଣ କରାଯାଇଥିଲା। ପବିତ୍ର ଗଣେଷ ପୂଜା ରେ ଶିଶୁମାନେ ବିଦ୍ୟାରମ୍ଭ ଅନୁକୂଳ କରି ପାଠ ଆରମ୍ଭ କରିଥିଲେ। ଅନୁଷ୍ଠାନ ର ପ୍ରତିଷ୍ଠାତା ତଥା ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ରଂଜନ ସାମନ୍ତରାୟ ଏବଂ ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ ବିଘ୍ନେଶ୍ୱରଙ୍କ ପୂଜା କରିବା ସହ ସମସ୍ତଙ୍କ ଆର୍ଶୀବାଦ କାମନା କରିଥିଲେ। ଅନ୍ୟମାନଙ୍କ ମଧ ରେ ଉପାଧକ୍ଷ ତୁଷାର ରଂଜନ ମହାନ୍ତି, ମାନସ ରଞ୍ଜନ ମହାପାତ୍ର, ବିରଂଚି ନାରାୟଣ ପଣ୍ଡା, ଦୀପ୍ତି ରଞ୍ଜନ ରଣା, ବସନ୍ତ କୁମାର ପଟ୍ଟନାୟକ, ବର୍ଣ୍ଣାଳୀ ମାଜୀ, ଶୁଭ ଦର୍ଶିନି ଦାସ, ସ୍ୱର୍ଣ୍ଣ ମହାପାତ୍ର ପ୍ରମୁଖ ଗଣେଶ ପୂଜା ପରିଚାଳନା କରିଥିଲେ।

# ଦୁର୍ଘଟଣାରେ ପୌର କର୍ମଚାରୀଙ୍କ ମୃତ୍ୟୁ

ପଟ୍ଟାମୁଣ୍ଡାଇ ,( ସବ୍ୟ ): ଆଜି ସନ୍ଧ୍ୟା ପ୍ରାୟ୬ଟା ୫୦ ମିନିଟ ସମୟରେ ବିଜୁ ପଟ୍ଟନାୟକ ଛକ ନିକଟ କେନାଲ ବନ୍ଧ ପରିବା ମାର୍କେଟ ରାସ୍ତାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟି ପଟ୍ଟାମୁଣ୍ଡାଇ ପୌର ପରିଷଦର ଜନୈକ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି। ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଗୋବିନ୍ଦ ପୁର ଗ୍ରାମର ଅକ୍ଷୟ ମଲ୍ଲିକ (୫୯) ପଟ୍ଟାମୁଣ୍ଡାଇ ପୌର ପରିଷଦରେ ଟିକସ ଆଦାୟକାରୀ ଭାବେ ଚାକିରୀ କରନ୍ତି ଔ ଆଜି ସନ୍ଧ୍ୟାରେ ଶ୍ରୀ ମଲ୍ଲିକ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ପଟ୍ଟାମୁଣ୍ଡାଇ ବାଇପାସ ନିକଟ ପରିବା ମାର୍କେଟ ରାସ୍ତାରେ ଏକ ଅଟୋ ତାଙ୍କୁ ଜୋରରେ ଧକ୍କା ଦେବା ଫଳରେ ଦୂରକୁ ଛିଟିକି ପଡିବା ସହିତ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗି ସେ ଗୁରୁତର ଆହତ ହୋଇଥିଲେ। ଅତ୍ୟନ୍ତ ମୁମୂର୍ଷୁ ଓ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ହସ୍ପିଟାଲ ନିଆଯାଇଥିଲା।

# ବାବାଜୀ ବିପିନ ଦାସଙ୍କ ଦେହାନ୍ତ



ଭୁବନେଶ୍ୱର, (ସବ୍ୟ) ଶ୍ରୀମଦ ବାୟାବାବାଙ୍କ ପରମ ଶିଷ୍ୟ ଓ କଟକ ପାରେଶ୍ୱର ସାହି ଅନ୍ତର୍ଗତ ବାୟା ବାବା ମଠର ମୁଖ୍ୟ ପରାମର୍ଶଦାତା ବାବାଜୀ ବିପିନ ବିହାରୀ ଦାସଙ୍କ ରବିବାର ବିଳମ୍ବିତ ରାତିରେ ଦେହବସାନ ହୋଇଛି । ତାଙ୍କୁ ୮୬ ବର୍ଷ ହୋଇଥିଲା । ପୁରୀରେ ତାଙ୍କର ଅନ୍ତିମ ସଂସ୍କାର ବୈଷ୍ଣବ ରୀତିରେ କରାଯାଇଛି। ଓଡିଶା ଓ ଓଡିଶା ବାହାରେ ସେ ପ୍ରବଚନ କରିବା ସହିତ ବାୟାବାବାଙ୍କ ନାମ ସଂକୀର୍ତ୍ତନ ଓ ଦର୍ଶନ ଉପରେ ଆଲୋଚନା କରି ପ୍ରସିଦ୍ଧ ଥିଲେ। ତାଙ୍କ ବିୟୋଗରେ ବୈଷ୍ଣବ ଭକ୍ତ ଓ ଅନ୍ୟାନ୍ୟ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ସେ ଆଧ୍ୟାତ୍ମିକ ମାସିକ ପତ୍ରିକା ନୀଳାଚଳ ମାଧୁରୀ ର ସମ୍ପାଦକ ଓ ଜଣେ ବିଶିଷ୍ଟ ଲେଖକ ଥିଲେ।

## ବ୍ରିକ୍ସ ସମ୍ମିଳନୀର ସଫଳ ଆୟୋଜନ

# ବିଶ୍ୱକୁ ଶାନ୍ତି ଓ ପ୍ରଗତିର ଏକ ନୂତନ ମାର୍ଗ ଦେଖାଇଛି : ମନମୋହନ

ଭୁବନେଶ୍ୱର, (ସବ୍ୟ): ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ ୧୮ତମ ବ୍ରିକ୍ସ ସମ୍ମିଳନୀର ସଫଳ ଓ ଐତିହାସିକ ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜ୍ୟବାସୀଙ୍କ ତରଫରୁ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ ଏବଂ ବସୁଧୈବ କୁଟୁମ୍ବକମ୍ ତଥା ହ୍ୟୁମାନିଟି ଫାଷ୍ଟ (ମାନବିକତା ପ୍ରଥମ) ନୀତି ଯୋଗୁଁ ଆଜି ବିଶ୍ୱ ଦରବାରରେ ଭାରତବର୍ଷର ସମ୍ମାନ ଓ ପ୍ରତିଷ୍ଠା ଶିର୍ଷରେ ପହଂଚିଛି। ଚଳିତ ବର୍ଷ ଭାରତର ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ନୂଆଦିଲ୍ଲୀ ଘୋଷଣାନାମାର ସର୍ବସମ୍ମତ ଗ୍ରହଣ, ବିଶ୍ୱ ଅର୍ଥନୀତି, ଜଳବାୟୁ ପରିବର୍ତ୍ତନ ଏବଂ ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ଆଭିମୁଖ୍ୟକୁ ସମଗ୍ର ବିଶ୍ୱ ସ୍ୱୀକାର କରିଛି। ଏହି ସମ୍ମିଳନୀରେ ସଫଳତା



ପ୍ରମାଣିତ କରିଛି ଯେ, ଭାରତ କେବଳ ଗ୍ଲୋବାଲ ସାଉଥ୍‌ର ସ୍ୱର ସାଜିନାହିଁ, ବରଂ ବିଶ୍ୱକୁ ଶାନ୍ତି ଓ ପ୍ରଗତିର ଏକ ନୂତନ ମାର୍ଗ ଦେଖାଇଛି। ବ୍ରିକ୍ସ ସମ୍ମିଳନୀର ସଫଳତା ୧୪୦ କୋଟି ଦେଶବାସୀଙ୍କ ପାଇଁ ଏକ ଗୌରବର ବିଷୟ ବୋଲି ଶ୍ରୀ ସାମଲ ଖୁସି ବ୍ୟକ୍ତ କରି କହିଛନ୍ତି। ଏହି ବୈଶ୍ୱିକ ସମ୍ମିଳନୀକୁ ଆସିଥିବା ସମସ୍ତ ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଓଡିଶାର ପ୍ରସିଦ୍ଧ କୋରାପୁଟ କଫି ପ୍ରଦାନ କରାଯାଇଥିଲା, ଯାହାକି ପ୍ରତ୍ୟେକ ଓଡିଆଙ୍କୁ ଗୌରବ ଆଣିଦେଇଛି। ଓଡିଶାକୁ ଆନ୍ତରିକ ଭାବେ ଭଲ ପାଉଥିବା କାରଣରୁ ଓଡିଶାର ସ୍ଥାନୀୟ ଉତ୍ପାଦକୁ ପ୍ରଦର୍ଶିତ କରିବା ପାଇଁ ପୁଣି ଥରେ ବୈଶ୍ୱିକ ମଂଚ ଯୋଗାଇ ଦେଇଥିବାରୁ ରାଜ୍ୟ ସଭାପତି ଶ୍ରୀ ସାମଲ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଶେଷ ଭାବେ ଓଡିଶାର କୃଷକ ଭାଇ ଓ ଭଉଣୀଙ୍କ ତରଫରୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଏକ୍ସଆଇଏମ୍‌ବି ବିଜିନେସ୍ କନ୍‌କ୍ଲେଭ୍ ଅଶ୍ୱମେଧ-୨୦୨୬

ଭୁବନେଶ୍ୱର (ସବ୍ୟ) : ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର (ଏକ୍ସଆଇଏମ୍‌ବି) ର ଅପରସେସନ୍ସ ଏକ୍ସ-ଓପିଏସ୍ ପକ୍ଷରୁ ବାର୍ଷିକ ବିଜିନେସ୍ କନ୍‌କ୍ଲେଭ୍ ଅଶ୍ୱମେଧ-୨୦୨୬ ଆୟୋଜିତ ହୋଇଯାଇଛି । ବିୟଣ୍ଡ ବର୍ଡସ୍ : ବିଲଡିଂ ଅପରେସନ୍ସ ଫର ଏ ଜିଓ ପଲିଟିକାଲି ଫ୍ରାଗମେଣ୍ଟେଡ୍ ୱାର୍ଲ୍ଡ ବିଷୟ ବସ୍ତୁକୁ ଆଧାର କରି ଆୟୋଜିତ ଏହି କନ୍‌କ୍ଲେଭ୍‌ରେ ଶିଳ୍ପ ଜଗତର ବିଶିଷ୍ଟ ବ୍ୟକ୍ତି, ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଆଲୋଚନାରେ ଭାଗ ନେଇଥିଲେ। ଅଧିବେଶନକୁ ପ୍ରଫେସର ଅରିଜିତ୍ ମିତ୍ର ସଂଚାଳନ କରିଥିଲେ। ଷ୍ଟାଟପସ ଇଣ୍ଡିଆର ସେଲ୍ସ ଲିଡ୍ ସୁମନ ଏ ମିଗ୍ରାସନ୍ ୪ଟି ପର୍ଯ୍ୟାଳୟରେ ଆଲୋଚନା କରିଥିଲେ। ଡାଟୋମ୍ବର ଚିଫ୍ ଇନ୍‌ଭେଷ୍ଟମେଣ୍ଟ ଅଫିସର ମନୋ ରଞ୍ଜନ ମହାପାତ୍ର ୫ଟି ପ୍ରମୁଖ



ରଣନୀତିକ ଦୁର୍ବଳତା ଏବଂ ବିଖଣ୍ଡନ ବନାମ ସ୍ଥିତିସ୍ଥାପକତାର ଖର୍ଚ୍ଚ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଦାନ୍ତର ଡାଇରେକ୍ଟର ପ୍ରୋଜେକ୍ଟ ଅପରେସନସ୍ ଆଣ୍ଡ ଟେକ୍ନିକାଲ ଜ୍ଞାନେନ୍ଦ୍ର ନାଥ ଓ ସୌଭିକ୍ ବିଶ୍ୱାଳ ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରଫେସର ଅରିଜିତ୍ ମିତ୍ର ସମ୍ପାପନି ବକ୍ତବ୍ୟ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଡ. ବଂଶୀଧର ପଣ୍ଡା ଗୋଲ୍ଡ ମେଡାଲ୍’ ୨୦୨୬ ମାନସ ନାୟକଙ୍କୁ ପ୍ରଦାନ

ଭୁବନେଶ୍ୱର, (ସବ୍ୟ): ୨୦୨୬ ମସିହା ପାଇଁ ‘ଡ. ବଂଶୀଧର ପଣ୍ଡା ଗୋଲ୍ଡ ମେଡାଲ୍’ ଏନ୍‌ଆଇଟି




ରାଉରକେଲାର ମେଟାଲର୍ଜିକାଲ୍ ଆଣ୍ଡ ମ୍ୟାଟେରିଆଲ୍ସ ଇଞ୍ଜିନିୟରିଂ ବିଭାଗର ଛାତ୍ର ମାନସ ନାୟକ ଙ୍କୁ ପ୍ରଦାନ କରାଯାଇଛି। ସେପ୍ଟେମ୍ବର ୧୨ ତାରିଖରେ ଅନୁଷ୍ଠିତ ଅନୁଷ୍ଠାନର ୨୪ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସମାବର୍ତ୍ତନ ଉତ୍ସବରେ ନୀତି ଆୟୋଗର ସଦସ୍ୟ ପ୍ରଫେସର ଅଭୟ କରନ୍ଦୀକର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଇମ୍ଫା ର ପ୍ରତିଷ୍ଠାତା ଡ. ବଂଶୀଧର ପଣ୍ଡାଙ୍କ ସ୍ମୃତିରେ ୨୦୧୯ ମସିହାରେ ଏହି ଗୋଲ୍ଡ ମେଡାଲ୍ ପ୍ରତିଷ୍ଠା କରାଯାଇଥିଲା। ପ୍ରତିବର୍ଷ ଏନ୍‌ଆଇଟି ରାଉରକେଲାର ମେଟାଲର୍ଜିକାଲ୍ ଆଣ୍ଡ ମ୍ୟାଟେରିଆଲ୍ସ ଇଞ୍ଜିନିୟରିଂ କ୍ଷେତ୍ରରେ ବି.ଟେକ୍ ପାଠ୍ୟକ୍ରମରେ ବ୍ୟାଚ୍‌ର ଶୀର୍ଷସ୍ଥାନ ହାସଲ କରୁଥିବା ଛାତ୍ରଙ୍କୁ ଏହି ପଦକ ପ୍ରଦାନ କରାଯାଇଥାଏ।

ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଏବଂ ମିଶିଗାନ୍ ଟେକ୍ନୋଲୋଜିକାଲ୍ ୟୁନିଭର୍ସିଟିରେ ଶିକ୍ଷାଲାଭ କରିଥିବା ଡ. ପଣ୍ଡା ଜୀବନବ୍ୟାପୀ ବୈଷୟିକ ଶିକ୍ଷା ଓ ଅନୁଷ୍ଠାନ ଗଠନ ପ୍ରତି ପ୍ରତିବଦ୍ଧ ଥିଲେ। ସେ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ଏନ୍‌ଆଇଟି ରାଉରକେଲାର ବୋର୍ଡ ଅଫ୍ ଗଭର୍ନର୍ସର ଅଧକ୍ଷ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ଶିଳ୍ପ କ୍ଷେତ୍ର ଓ ଓଡ଼ିଶାର ଧାତୁବିଜ୍ଞାନ କ୍ଷେତ୍ରକୁ ତାଙ୍କର ଅବଦାନକୁ ସ୍ୱୀକୃତି ଦେଇ ଏନ୍‌ଆଇଟି ରାଉରକେଲା ୨୦୧୫ ମସିହାରେ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲା। ଧାତୁବିଜ୍ଞାନ କ୍ଷେତ୍ରରେ ଉତ୍କର୍ଷତାକୁ ସ୍ୱୀକୃତି ଦେବା ଏବଂ ଭବିଷ୍ୟତ ପିଢ଼ିର ଇଞ୍ଜିନିୟରମାନଙ୍କୁ ପ୍ରେରଣା ଯୋଗାଇବା ଦିଗରେ ଡ. ପଣ୍ଡାଙ୍କ ପ୍ରତିବଦ୍ଧତାକୁ ଆଗେଇ ନେବା ଉଦ୍ଦେଶ୍ୟରେ ଇମ୍ଫାର ଏହି ସ୍ଥାୟୀ ପାଣ୍ଠି ଗଠନ କରିଥିଲା।

## ଦ୍ରୁତଗତି ହେଲା ମହାବିପତ୍ତି, ଦୁର୍ଘଟଣାରେ ଦୁଇ ମୋଟରସାଇକେଲ ଆରୋହୀଙ୍କ ମୃତ୍ୟୁ

ଜଟଣୀ, (ସବ୍ୟ): ରାତି ପାହିଥିଲେ ଦୁଇ ସାଙ୍ଗ ପାଳିଥାନ୍ତେ ଗଣେଶ ପୂଜା, ହେଲେ ଦ୍ରୁତ ଗାଡିଚାଳନା ଯୋଗୁଁ ଦୁର୍ଘଟଣା ଘଟି ଅକାଳରେ ଚାଲିଗଲା ଦୁଇଟି ନବ ଯୁବକଙ୍କ ପ୍ରାଣ ବାୟୁ କ୍ଷ ମିଳିଥିବା ସୂଚନା ମୁତାବକ ରବିବାର ବିଳମ୍ବିତ ରାତି ପ୍ରାୟ ୨ ଟା ସମୟରେ ଜଟଣୀର ମୁଖ୍ୟରାସ୍ତା ପେଟ୍ରୋଲ ପମ୍ପ ନିକଟରେ ଓଡି୦୨ଡିଟି୪୫୨୦ ପଲସର ଗାଡ଼ିରେ ଦୁଇ ଯୁବକ ଦ୍ରୁତ ଗତିରେ ଗାଡ଼ି ଚଳାଇ ଯାଉଥିବା ବେଳେ ଡିଭାଇଡରରେ ମାଡ଼ ହୋଇ ଘଟଣା ସ୍ଥଳରେ ହିଁ ଉଭୟଙ୍କର ମୃତ୍ୟୁ ଘଟିଥିଲା । ଦୁର୍ଘଟଣାଟି ଏତେ ଭୟାବହ ଓ ଦୁଃଖଦ ଥିଲା ଯେ ଦେଖିବା ଲୋକର ହୋସ ଉଡିଯିବ, ଡିଭାଇଡରରେ ଲାଗିଥିବା ଲୁହା ରଡ଼ର ମୁନିଆ ଭାଗରେ ଜଣଙ୍କର ପେଟ ଭାଗଟି ଭୁସି ହୋଇ ସମ୍ପୂର୍ଣ୍ଣ ଦୁଇଫାଳ ହୋଇ ଅନ୍ତ ବୁଜୁଳା ସବୁ ବାହାରି ପଡ଼ିବା ସହିତ ହାତ ଅଧା ଛିଣ୍ଡିଯାଇଥିଲା । ସେହିପରି ଅନ୍ୟ ଜଣଙ୍କର ମଧ ଗୋଡ଼ ଛିନଭିନ ହୋଇଯାଇଥିବା ଦେଖିବାକୁ ମିଳିଥିଲା । ଖବର ପାଇ ପୁଲିସ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲ୍ଲା ଡାକ୍ତରଖାନାକୁ ନେଇଥିଲେ । ମୃତ ଦୁଇ ଯୁବକ ମାନେ ହେଲେ ସ୍ଥାନୀୟ କୁଦିଆରୀ ଗ୍ରାମର ମନୁ ଚରଣ ବେହେରାଙ୍କ ପୁଅ ଶକ୍ତି ରଞ୍ଜନ ବେହେରା (୧୯) ଏବଂ ଦେବେନ୍ଦ୍ର ନାଥ ସିଂଙ୍କ ପୁଅ ଓମ ପ୍ରକାଶ ସିଂ (୧୭) । ଏ ନେଇ ଥାନାରେ ୫୦୧/୨୬ ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ବେଳେ ଗ୍ରାମରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି ।


# ପୂର୍ବତଟ ରେଳପଥ ମୁଖ୍ୟାଳୟରେ ହିନ୍ଦୀ ପଖୱାଡ଼ା–୨୦୨୬ ଆରମ୍ଭ

ଭୁବନେଶ୍ୱର, (ସବ୍ୟ): ପୂର୍ବତଟ ରେଳପଥ ମୁଖ୍ୟାଳୟରେ ୧୪ ସେପ୍ଟେମ୍ବରରୁ ୨୮ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ହିନ୍ଦୀ ପଖୱାଡ଼ା–୨୦୨୬ ଉତ୍ସାହ ଓ ଉଦ୍ଦୀପନାର ସହିତ ଆରମ୍ଭ ହୋଇଛି। ସରକାରୀ କାର୍ଯ୍ୟରେ ହିନ୍ଦୀର ପ୍ରଗତିଶୀଳ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ରାଜଭାଷା ହିନ୍ଦୀର ଗୁରୁତ୍ୱ ସମ୍ପର୍କରେ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏହି ପକ୍ଷବ୍ୟାପୀ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଅଧିକାରୀ ଓ କର୍ମଚାରୀମାନଙ୍କୁ ରାଜଭାଷା ଶପଥ ପାଠ କରାଇଥିଲେ। ନିଜ ଅଭିଭାଷଣରେ ସେ ୧୪ ସେପ୍ଟେମ୍ବର ୧୯୪୯ରେ ଭାରତୀୟ ସମ୍ବିଧାନରେ ହିନ୍ଦୀକୁ ରାଜଭାଷାର ମର୍ଯ୍ୟାଦା ପ୍ରଦାନ କରାଯାଇଥିବାର ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ସେ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦୈନନ୍ଦିନ ସରକାରୀ କାର୍ଯ୍ୟରେ ହିନ୍ଦୀର ବ୍ୟାପକ ବ୍ୟବହାର ପାଇଁ ଆହ୍ୱାନ କରିଥିଲେ।

ଶ୍ରୀ ଫୁଙ୍କୱାଲ କହିଥିଲେ ଯେ, ହିନ୍ଦୀର ବ୍ୟବହାର କେବଳ ଗୋଟିଏ ଦିନ କିମ୍ବା ପଖୱାଡ଼ା ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ। ସରକାରୀ କାର୍ଯ୍ୟରେ ନିୟମିତ ଭାବେ ହିନ୍ଦୀର ବ୍ୟବହାର ବୃଦ୍ଧି




କରିବା ଆବଶ୍ୟକ। ଏହି ପାଳନର ଏକ ଅଂଶ ସ୍ୱରୂପ, ବିଭିନ୍ନ ପ୍ରତିଯୋଗିତା ଏବଂ କାର୍ଯ୍ୟକ୍ରମ ଆୟୋଜନ କରାଯିବ, ଯେଉଁଥିରେ ରେଳ ସୁରକ୍ଷା ସ୍ଲୋଗାନ ଲିଖନ ପ୍ରତିଯୋଗିତା, ଯାତ୍ରୀ ଅଭିଯୋଗ ନିରାକରଣ ଚିଠା ପ୍ରସ୍ତୁତି ପ୍ରତିଯୋଗିତା, ହିନ୍ଦୀ ବନାନ ଓ ବାକ୍ୟ ସଂଶୋଧନ ପ୍ରତିଯୋଗିତା, ରେଳ ସମ୍ବନ୍ଧୀୟ ଶବ୍ଦ ସନ୍ଧାନ ଓ ସଙ୍କେତ ଚିହ୍ନଟ ପ୍ରତିଯୋଗିତା, କୁଇଜ୍ ପ୍ରତିଯୋଗିତା ଏବଂ ହିନ୍ଦୀ କର୍ମଶାଳା ଅନ୍ତର୍ଭୁକ୍ତ। ଏହି ସବୁ କାର୍ଯ୍ୟକଳାପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟାଳୟ କାମରେ ଧୀରେ ଧୀରେ ହିନ୍ଦୀ ଭାଷା ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରିବା। ସରକାରୀ କାର୍ଯ୍ୟରେ ରାଜଭାଷାର ବ୍ୟାପକ ବ୍ୟବହାରକୁ ପ୍ରୋତ୍ସାହନ ଦେବା ନିମନ୍ତେ ଭାରତ ସରକାରଙ୍କ ନୀତି ଅନୁଯାୟୀ ପ୍ରତିବର୍ଷ ସମଗ୍ର ଭାରତୀୟ ରେଳବାଇରେ ହିନ୍ଦୀ ପଖୱାଡ଼ା ପାଳନ କରାଯାଏ।



ରଘୁନାଥପୁର ହୁରାସାହି ସ୍ଥିତ ତ୍ରିନାଥ କ୍ଲବରେ ଅନୁଷ୍ଠିତ ଗଣେଶ ପୂଜା

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଧରାକୋଟ, (ସବ୍ୟୁ) : ଧରାକୋଟ ବ୍ଲକର ଓଡିଶା ଆଦର୍ଶ ବିଦ୍ୟାଳୟ କୁସଗୁମାର ୧୧ ତମ ପ୍ରତିଷ୍ଠା ଦିବସ ଅଧ୍ୟକ୍ଷ ରଜନୀକାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତ%୦ାବଧାନରେ ଅନୁଷ୍ଠିତ ହୋଇଯାଇଛ । ଏଥିରେ ମୁଖ୍ୟ ଅତିଥି ଭାବରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ପୂର୍ବତନ ଏବିଇଓ ଦୟାନିଧି ପଣ୍ଡା ଓ ପରିଚାଳନା କମିଟି ସଦସ୍ୟା ଗୀତାଞ୍ଜଳି ଦୋରା ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ଅପରାଜିତା ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ରଜନୀକାନ୍ତ ସାହୁ ବିବରଣୀ ପାଠ ସହ ପାରିପାଶ୍ୱର୍କି ସ୍ଥିତି, ଭିତ୍ତି ଭୂମିର ବିକାଶ, ପ୍ରତିଭା ସୃଜନଶିଳତା ଉପରେ ଆଲୋକପାତ କରିଥିଲେ । ଅତିଥିମାନେ ଗୁଣାତ୍ମକ ଶିକ୍ଷା, ଶୃଙ୍ଖଳା ଜ୍ଞାନ ଓ ସମୟାନୁବର୍ତ୍ତିତା ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବକ୍ତୃତା, ରଚନା, କୁଇଜ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ନୃସିଂହ ନାଥ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୁଗୁଡ଼ା ଅଞ୍ଚଳରେ ଧୂମଧାମରେ ଗଣେଶ ପୂଜା

ବୁଗୁଡା, (ସବ୍ୟୁ) : ଏ ବର୍ଷ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନିୟୁ ଏରା ପବ୍ଲିକ୍ ସ୍କୁଲ, ସାଇ ସରସ୍ୱତୀ ଶିଶୁ ମନ୍ଦିର, ପିପୁଲ୍ସ ହାଇସ୍କୁଲ ଓ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ବିଭିନ୍ନ ସ୍କୁଲ, କଲେଜ ଓ କୋଚିଂ ସେଣ୍ଟରରେ ଉତ୍ସାହର ସହ ବିଦ୍ୟାଦାତା ଶ୍ରୀ ଗଣେଶଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥି ସହ ବୁଗୁଡା ସହରାଞ୍ଚଳର ଗଣେଶ ମାର୍କେଟ୍ କମ୍ପ୍ଲେକ୍ସ, ଅରବିନ୍ଦ ନଗର, ପ୍ରେମଚାନ୍ଦ ନଗର, ପୁରୁଣା ବସଷ୍ଟାଣ୍ଡ, ଯାଦବ ସାହି, ବଡଦାଣ୍ଡ ସାହି, ଶକ୍ତିନଗର, ବେତାରସିଂ ରୋଡ ସାହି, ଅର୍ଣ୍ଣପୂର୍ଣ୍ଣା ନଗର, ବେଙ୍ଗେଇ ବନ୍ଧ ସାହି, ଗଣ୍ଡାମଞ୍ଜି ସାହି, ବାଲିପିଣ୍ଡି ସାହି, ଖଦାଳ ସାହି ଏବଂ ଗ୍ରାମାଞ୍ଚଳର ଗୋଳିଆ, ବାଦୁଆ, ବାଲିପଦର, ପଙ୍କଲବାଡି ସମେତ ବିଭିନ୍ନ ଗ୍ରାମରେ ବିଘ୍ନରାଜଙ୍କ ପୂଜା ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟା ସମୟରେ ବିଭିନ୍ନ ମେଢ ନିକଟରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା ।

# ଓଡ଼ିଆ ବିଭାଗର ପ୍ରାଚୀର ପତ୍ର ଭଞ୍ଜଶ୍ରୀର ଗଜାନନ ବିଶେଷାଙ୍କ ଲୋକାର୍ପିତ



ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ପ୍ରକାଶିତ ପ୍ରାଚୀର ପତ୍ର ଭଞ୍ଜଶ୍ରୀର ଏକାଦଶ ବର୍ଷର ପ୍ରଥମ ସଂଖ୍ୟା ଗଜାନନ ବିଶେଷାଙ୍କ ଶ୍ରୀଗଣେଶ ଚତୁର୍ଥୀ ଅବସରରେ ଲୋକାର୍ପିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଏହାକୁ ଲୋକାର୍ପଣ କରିଥିଲେ । ଏହି ଅବସରରେ କୁଳପତି ପ୍ରଫେସର ମହାନ୍ତି ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ପ୍ରଶଂସା କରିବା ସହ ପ୍ରାଚୀର ପତ୍ର ଭଳି ସୃଜନାତ୍ମକ କାର୍ଯ୍ୟକୁ ଡିଜିଟାଲ ମାଧ୍ୟମରେ ସଂରକ୍ଷିତ କରି ରଖିବାକୁ ପରାମର୍ଶ ଦେଇଥିଲେ । ବିଭାଗୀୟ ସହକାରୀ ପ୍ରଫେସର ଡ. ଶିଶିର ବେହେରାଙ୍କ ସମ୍ପାଦନାରେ ପ୍ରକାଶିତ ଏହି ସଂଖ୍ୟାର ଉପଦେଷ୍ଟା ଭାବେ ସହକାରୀ ପ୍ରଫେସର ଡକଫର ବିଚିତ୍ର ନାଥ ସାହୁ, ଡ. ବିନ୍ଧେଶ୍ୱରୀ କଲିଆ, ହୃଷିକେଶ ମହାନ୍ତ ଓ ରାଜକୁମାର ପାତ୍ର ରହିଛନ୍ତି । ସହସମ୍ପାଦକ ଭାବେ ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ ଓ ଅଞ୍ଜନା ଭଟ୍ଟ ଦାୟିତ୍ୱ ତୁଲାଇଛନ୍ତି । ଅକ୍ଷର ସଜ୍ଜା କାର୍ଯ୍ୟରେ ଛାତ୍ରୀ ଶ୍ରାବଣୀ ସିଂ, ବିଷ୍ଣୁପ୍ରିୟା ନାୟକ, ଅନୁରାଧା ପିଳା ଓ ସ୍ନେହଲତା ଜେନା ରହିଥିବା ବେଳେ ଅଳଙ୍କରଣ କାର୍ଯ୍ୟରେ ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ, ନାରାୟଣ ସିଂ, ଲଳିତା ନାୟକ, ଦିବ୍ୟାକ୍ଷୀ ପଣ୍ଡା, ଚିନ୍ମୟୀ ବେହେରା, ବିଷ୍ଣୁପ୍ରିୟା ଜେନା, ରତ୍ନପ୍ରଭା ବାରିକ, ଅନ୍ୱେଷା ସାହୁ, ଆକାଂକ୍ଷା ଗିରି, ଚିନ୍ମୟୀ ସାହୁ, ହେମାମାଳିନୀ ସେଠୀ, ବଳରାମ ପଟ୍ଟାୟତ ଓ ଗଜେନ୍ଦ୍ର ସିଂ ଅଂଶଗ୍ରହଣ କରିଛନ୍ତି । ଏହି ବିଶେଷାଙ୍କରେ ଛାତ୍ରୀମାନଙ୍କ ରଚିତ୍ ବିଭିନ୍ନ କବିତା ସ୍ଥାନ ପାଇଛି । ସେଥିମଧ୍ୟରୁ ପ୍ରୀତିସ୍ମିତା ନନ୍ଦିଙ୍କ ଆଜି ବି ଆମେ ପରାଧୀନ, ମନୋଲିତା ଜେନାଙ୍କ ଆଧୁନିକତାର ଢ଼େଉ, ଆକାଂକ୍ଷା ଗିରିଙ୍କ ତୁମେ କବିବର, ଜୟନ୍ତୀ ମାଝୀଙ୍କ ମାଆ, ଜ୍ୟୋତିର୍ମୟୀ ମହାପାତ୍ରଙ୍କ ଆମ ବାରିପଦା, ତନୁଶ୍ରୀ ଦାସଙ୍କ ଅବୁଝା ମଣିଷ, ସ୍ୱର୍ଣ୍ଣପ୍ରଭା ନାୟକଙ୍କ ମୋ ପ୍ରେମିକ କଳାନାୟକ, ରୁଲି ବେହେରାଙ୍କ ଶ୍ରୀଗଣେଶ, ବନ୍ଦନା ସାହୁଙ୍କ ଟଙ୍କା, ଶ୍ରାବଣୀ ସାହୁଙ୍କ ଦୁଃଖ ଦରିଆରେ ମୋ କାଳିଆ, ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକଙ୍କ ସମୁଦ୍ର ବେଳାଭୂମିର ଅଭୁଲା ସ୍ମୃତି, ସଞ୍ଜିବନୀ ନାଥଙ୍କ ମୋ ଜେଜେବାପା, ଅଭିଲିପ୍ସା ସେଠୀଙ୍କ ଆଜିର ଏଆଇ, ଦେବସ୍ମିତା ପଣ୍ଡାଙ୍କ ଶ୍ୱେତପଦ୍ମା ଶରତ ଓ ଜ୍ୟୋତିରେଖା ରଥଙ୍କ ମୋ ମାତୃଭାଷା ଉଲ୍ଲେଖନୀୟ । ସେହିପରି ଛାତ୍ରମାନଙ୍କ ମଧ୍ୟରୁ ଦେବାଶିଷ ସାହୁଙ୍କ ଶ୍ରୀମନ୍ଦିର, ରଜତ କୁମାର ଦାସଙ୍କ ଅବଶୋଷ, ପ୍ରିୟାଂଶୁ ନାୟକଙ୍କ ବେଶୀ ନୁହେଁ ଅଷ୍ଟମ ପଢ଼ିଛି ଓ ଜଗନ୍ନାଥ ପଟ୍ଟାୟତଙ୍କ ଗୋଲାପ ଫୁଲ କବିତା ସ୍ଥାନ ପାଇଛି । ଏଥିସହ ଛାତ୍ରୀ ଅଞ୍ଜନା ଭଟ୍ଟଙ୍କ ଅବେଳ ବିଦାୟ ଶୀର୍ଷକ ଗଳ୍ପ ମଧ୍ୟ ବିଶେଷାଙ୍କରେ ସ୍ଥାନିତ ହୋଇଛି ।

# ପଞ୍ଚମା ସିଦ୍ଧ ବିନାୟକ ପୀଠରେ ଗଣେଶ ଚତୁର୍ଥୀ

ରଙ୍ଗେଇଲୁଣ୍ଡା, (ସବ୍ୟୁ) : ଗଂଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ପଞ୍ଚମାରେ ରହିଥିବା ସିଦ୍ଧ ବିନାୟକ ପୀଠରେ ପାଳିତ ହୋଇଛି ଗଣେଶ ଚତୁର୍ଥୀ । ସୋମବାର ଭୋର ୩ଟା ୪୦ ମିନିଟ୍‌ରେ ମନ୍ଦିରର ପହଡ଼ ଖୋଲାଯିବା ପରେ ପ୍ରଭୁଙ୍କ ବିଭିନ୍ନ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଭୋର ୫ଟା ୪୦ରେ ଗଜାନନଙ୍କୁ ଦର୍ଶନ କରିଥିଲେ ଭକ୍ତ । ରାତି ୧୦ଟା ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲାହେବାକୁ ଥିବା ବେଳେ ଭୋରରୁ ହିଁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ସେପଟେ ପୀଠ ମଧ୍ୟରେ ଭକ୍ତ ମାନଙ୍କ ନିମନ୍ତେ ଅଷ୍ଟଶମ୍ଭୁର ଦର୍ଶନ ବ୍ୟବସ୍ଥା କରାଯାଇଥିଲା । ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାକୁ ନେଇ ଉତ୍ସବ ମୁଖର ଗାଁରୁ ସହର । ବ୍ରହ୍ମପୁର ସହରରେ ଗଣେଶଙ୍କ ପୂଜା ବିଭିନ୍ନ ସ୍ଥାନରେ କରାଯାଉଥିବା ବେଳେ ସହର ଉପକ= ପଞ୍ଚମାରେ ରହିଥିବା ଗଣେଶ ମନ୍ଦିରରେ ମଧ୍ୟ ଗଣେଶଙ୍କ ପୂଜା କରାଯାଇଥିଲା । ଭୋର ୩ଟା ୪୦ ମିନିଟ୍ ସମୟରେ ମନ୍ଦିରର କବାଟ ଖୋଲାଯାଇଥିଲା । ଏହାପରେ ଗଣେଶଙ୍କ ମାର୍ଜଣା, ମଙ୍ଗଳଆଳତୀ ପରେ ବିଭିନ୍ନ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା । ଗଣେଶଙ୍କ ପୂଜାର୍ଚ୍ଚନା ପରେ ୫.୪୦ ମିନିଟ୍ ସମୟରେ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଥିଲା । ଗଣେଶ ଚତୁର୍ଥ ଅବସରରେ ଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥିଲା । ସେପଟେ ଆଜି ଭଳି ଦିନରେ ଗଣେଶଙ୍କୁ ଦର୍ଶନ କରିବା ନିମନ୍ତେ ଭୋର ୪ଟାରୁ ହିଁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା ମନ୍ଦିରରେ । ତେବେ ଚଳିତ ବର୍ଷ ଏକ ନିଆରା ଦୃଶ୍ୟ ମନ୍ଦିରରେ ଦେଖିବାକୁ ମିଳିଥିଲା । ମହୁରୀ ଗଡ଼ ଅଞ୍ଚଳରେ ପଞ୍ଚମା ରହିଥିବା ଯୋଗୁଁ ଏହି ଗଡ଼ରେ ରହିଥିବା ଅଷ୍ଟଶମ୍ଭୁଙ୍କ ମିଳନ ଗତକାଲି ରାତିରେ ହୋଇଥିଲା । ମିଳନ ପରେ ଅଷ୍ଟଶମ୍ଭୁଙ୍କୁ ନେଇ ସିଦ୍ଧ ବିନାୟକଙ୍କ ପୀଠରେ ସ୍ଥାନିତ କରାଯାଇଥିଲା । ଫଳରେ ଭକ୍ତ ମାନେ ଅଷ୍ଟଶମ୍ଭୁଙ୍କୁ ଦର୍ଶନ କରିବା ପରେ ଗଜାନନଙ୍କୁ ଦର୍ଶନ କରିଥିଲେ । ମନ୍ଦିର ପରିସରରେ ନିଜେ ଜିଲ୍ଲାପାଳ ଭି.କୀର୍ତ୍ତୀ ଭାସନ ଉପସ୍ଥିତ ରହି ମନ୍ଦିରର ସମସ୍ତ କାର୍ଯ୍ୟ ଓ ଭକ୍ତଙ୍କ ଶାନ୍ତି ଶୃଙ୍ଖଳାର ସହ ଦର୍ଶନ ବ୍ୟବସ୍ଥାର ତଦାରଖ କରିଥିଲେ । ତାହା ସହିତ ବ୍ରହ୍ମପୁର ଏସପି ଡା ଶ୍ରବଣ ବିବେକ ଏମ ଉପସ୍ଥିତ ରହି ପରିସ୍ଥିତି ଅନୁଧ୍ୟାନ କରି ଭକ୍ତମାନେ କେମିତି ଶାନ୍ତିଶୃଙ୍ଖଳାର ସହିତ ଦର୍ଶନ କରିବେ ସେଥିନିମନ୍ତେ ଜଣେ ଅତିରିକ୍ତ ଏସପି, ୫ଜଣ ଡିଏସପି, ୧୦ଜଣ ଏସଆଇ, ୧୨ ଜଣ ଏଏସଆଇ ସମେତ, କନେଷ୍ଟବଳ ଟ୍ରାଫିକ ପୋଲିସ ଓ ହୋମଗାର୍ଡ ନିୟଜିତ ହୋଇଛନ୍ତି । ହଜାର ହଜାର ସଂଖ୍ୟାରେ ଭକ୍ତ ମାନେ ଲମ୍ବା ଧାଡ଼ିରେ ଠିଆ ହୋଇ ଗଣେଶଙ୍କ ଦର୍ଶନ କରିଥିଲେ । କେବଳ ଗଞ୍ଜାମ ନୁହେଁ ବରଂ ଆନ୍ଧ୍ରର ମଧ୍ୟ ଶହଶହ ଭକ୍ତ ମାନେ ଗଜାନନଙ୍କୁ ଦର୍ଶନ କରିଥିଲେ । ପୂର୍ବ ବର୍ଷ ମାନଙ୍କ ଅପେକ୍ଷା ଚଳିତ ବର୍ଷ ପ୍ରଶାସନ ଓ ମନ୍ଦିର ପରିଚାଳନା ପକ୍ଷରୁ ବ୍ୟାରିକେଡ଼ ଓ ସୁରକ୍ଷା ବ୍ୟବସ୍ଥା ଭଲ ଭାବେ କରାଯାଇଥିବା ଯୋଗୁଁ ଶାନ୍ତି ଶୃଙ୍ଖାଳାର ସହିତ ଦର୍ଶନ କରିଥିବା କହିଛନ୍ତି ଭକ୍ତ ।

# ଗଣେଶ ଚତୁର୍ଥୀରେ ଚଳଚଞ୍ଚଳ ଛତ୍ରପୁର, ଆଲୋକ ମାଳାରେ ଝଲସୁଛି ସହର

ଛତ୍ରପୁର, (ସବ୍ୟୁ) : ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀ ଗଣେଶଙ୍କ ଆବାହନରେ ଚଳଚଞ୍ଚଳ ହୋଇଉଠିଛି ଛତ୍ରପୁର ସହର । ଶ୍ରଦ୍ଧା, ଭକ୍ତି ଓ ଆନନ୍ଦ ଉଲ୍ଲାସର ସହ ବିଘ୍ନବିନାଶକଙ୍କ ପୂଜା ଉତ୍ସବ ପାଳିତ ହେଉଛି । ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ବିଭିନ୍ନ ସାହି, ଛକ ଏବଂ ଘରେ ଘରେ ନିଷ୍ଠାର ସହ ଗଣପତିଙ୍କ ପୂଜାର୍ଚ୍ଚନା କରାଯାଉଛି । ଗାଁଠାରୁ ସହର ପର୍ଯ୍ୟନ୍ତ ଲୋକେ ଏକାଠି ହୋଇ ଉତ୍ସାହ ଓ ଉଲ୍ଲାସର ସହ ଏହି ପବିତ୍ର ପର୍ବ ପାଳନ କରୁଛନ୍ତି । ଛତ୍ରପୁର ସହର ଓ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ, ରଙ୍ଗବେରଙ୍ଗ ଆଲୋକମାଳା ଓ ସୁସଜ୍ଜିତ ପୂଜା ମଣ୍ଡପ ଭକ୍ତଙ୍କୁ ଆକର୍ଷିତ କରୁଛି । ବୈଦିକ ମନ୍ତ୍ରୋଚ୍ଚାରଣରେ ପରିବେଶ ଭକ୍ତିମୟ ହୋଇଉଠିଛି । ଛତ୍ରପୁର ପ୍ରେସ କ୍ଲବ ପରିସରରେ ଆୟୋଜିତ ଗଣେଶ ପୂଜାରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଓ ରାଧେଶ୍ୟାମ ଫାଉଣ୍ଡେସନର ସଭାପତି ଦେବାଶିଷ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ କ୍ଲବ ର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ସମସ୍ତେ ପ୍ରଭୁ ଶ୍ରୀଗଣେଶଙ୍କ ଆଶୀର୍ବାଦ ଲାଭ କରିଥିଲେ । ସେହିପରି ବ୍ୟାରେକ ସାହି ସ୍ଥିତ ସମ୍ପଦ ବିନାୟକ ମନ୍ଦିର, ଗୋପବନ୍ଧୁନଗର, ଗିଲଟିପେଟା ସାହି,ୟୁରୋ ସ୍କୁଲ, ଷ୍ଟେସନ ରୋଡ଼ ଓ ବିଭିନ୍ନ ଛକ ସମେତ ସହରର ଅନେକ ସାହିରେ ବହୁ ଆଡ଼ମ୍ବରରେ ଶ୍ରୀଗଣେଶଙ୍କ ପୂଜା ଆୟୋଜିତ ହୋଇଛି । ପୂଜା ମଣ୍ଡପଗୁଡ଼ିକରେ ଭକ୍ତଙ୍କ ଭିଡ଼ ଲାଗି ରହିଥିବା ବେଳେ ସମଗ୍ର ଛତ୍ରପୁର ସହର ଗଣେଶମୟ ହୋଇପଡ଼ିଛି ।

# ହିନ୍ଦୀ ପଖୱାଡ଼ା ପାଳନ

ଭଞ୍ଜନଗର, (ସବ୍ୟୁ) : ଡି.ଏ.ଭି. ପିଟି. ଏସ୍.ଆର୍. ପବ୍ଲିକ୍ ସ୍କୁଲ୍ ଭଞ୍ଜନଗରରେ ହିନ୍ଦୀ ବିଭାଗ ପକ୍ଷରୁ ହିନ୍ଦୀ ପଖଓ୍ୱାଡ଼ା ପାଳିତ ହୋଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ପାଇଁ ହସ୍ତାକ୍ଷର, ଶ୍ରୁତିଲେଖନ, କବିତା ପାଠ, ହିନ୍ଦୀ ବ୍ୟାକରଣ, ନିବନ୍ଧ ଲେଖନ ଓ ସମ୍ବାଦ ବାଚନ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ ରଞ୍ଜନ ପୃଷ୍ଟି ଛାତ୍ରଛାତ୍ରୀଙ୍କୁ ହିନ୍ଦୀ ଭାଷାର ମହ%୦ ବିଷୟରେ ପ୍ରେରଣା ଦେଇଥିଲେ । ହିନ୍ଦୀ ବିଭାଗର ଗୋପାଳ କୃଷ୍ଣ ଗୌଡ଼, ରାଜଲକ୍ଷ୍ମୀ ଡାକୁଆ ଏବଂ ଅର୍ପିତା ରାଣୀ ପ୍ରଧାନଙ୍କ ତ%୦ାବଧାନରେ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବିଦ୍ୟାଳୟରେ ପୂଜା ପାଇଲେ କୁନିକୁନି ହାତରେ ଗଢ଼ା ଗଣେଶଙ୍କ ମୂର୍ତ୍ତି



ବାରିପଦା, (ସବ୍ୟୁ) : ପିଲାମାନଙ୍କ ସୃଜନଶୀଳତାକୁ ଯଦି ଉପଯୁକ୍ତ ସୁଯୋଗ ମିଳେ, ତେବେ ସୀମିତ ସାଧନ ମଧ୍ୟରେ ମଧ୍ୟ ସେମାନେ ନିଜ ପ୍ରତିଭାର ଚମକାର ପରିଚୟ ଦେଇପାରନ୍ତି । ଏହାର ଏକ ନିଆରା ଉଦାହରଣ ଦେଖିବାକୁ ମିଳିଛି ବାରିପଦା ସହର ୧୫ନମ୍ବର ଓ୍ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ । ବିଦ୍ୟାଳୟର ଛାତ୍ରମାନେ ନିଜ ହାତରେ ଗଣେଶଙ୍କ ମୂର୍ତ୍ତି ଗଢ଼ି ତାହାକୁ ପୂଜା କରିଛନ୍ତି । ପ୍ରତିବର୍ଷ ଗଣେଶ ଓ ସରସ୍ୱତୀ ପୂଜା ଅବସରରେ ଛାତ୍ରମାନେ ନିଜେ ମୂର୍ତ୍ତି ନିର୍ମାଣ କରିବା ସହ ପୂଜାସ୍ଥଳର ସାଜସଜ୍ଜା ମଧ୍ୟ କରିଥାନ୍ତି । ଚଳିତବର୍ଷ ମଧ୍ୟ ପୂଜାସ୍ଥଳର ସାଜସଜ୍ଜାଠାରୁ ଆରମ୍ଭ କରି ବିଭିନ୍ନ କଳାକୃତି ପ୍ରସ୍ତୁତି ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ପିଲାମାନେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି । କୁନି କୁନି ହାତରେ ଗଢ଼ା ଗଣେଶଙ୍କ ମୂର୍ତ୍ତି ଓ ହାତ ତିଆରି ସାଜସଜ୍ଜା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି । ବିଶେଷକରି ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ଛାତ୍ରମାନେ ମୂର୍ତ୍ତି ନିର୍ମାଣ ଓ ପୂଜା ସାଜସଜ୍ଜାରେ ସମ୍ପୂର୍ଣ୍ଣ ସମୟ ଦେଇଥିଲେ । ପାଠପଢ଼ା ସହିତ କଳା ଓ ହସ୍ତକଳା ପ୍ରତି ଆଗ୍ରହ ଦେଖାଇ ସେମାନେ ନିଜ ପ୍ରତିଭାକୁ ବିକଶିତ କରିବା ସହ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ସୀମିତ ସାଧନକୁ ବ୍ୟବହାର କରି ନିଜ କଳ୍ପନାଶକ୍ତି ଓ ସୃଜନଶୀଳତାରେ ସେମାନେ ଯେଉଁ କଳାକୃତି ପ୍ରସ୍ତୁତ କରିଛନ୍ତି, ତାହା ପ୍ରଶଂସା ସାଉଁଟିଛି । କେବଳ ଚିତ୍ରକଳା ଓ ହସ୍ତକଳା ନୁହେଁ, ଖେଳକୁଦ, ନୃତ୍ୟ ଓ ସଙ୍ଗୀତ ସମେତ ବିଭିନ୍ନ କ୍ଷେତ୍ରରେ ମଧ୍ୟ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜ ପ୍ରତିଭା ପ୍ରଦର୍ଶନ କରିଆସୁଛନ୍ତି । ବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କୃତ ହୋଇ ବିଦ୍ୟାଳୟର ନାମକୁ ଗୌରବାନ୍ୱିତ କରିଛନ୍ତି । ବିଦ୍ୟାଳୟ ପରିସରରେ ଥିବା ଗଣଶିକ୍ଷା ବିଭାଗର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟ ହଷ୍ଟେଲର ଛାତ୍ର ଦେବାଶିଷ ଗିରି, ନୀତିକ କୁଣ୍ଡ, ବିଶ୍ୱନାଥ ମହାନ୍ତ, ରାହୁଲ ବେହେରା, ଦେବାଶିଷ କୁଅଁର, ଗୌରାଙ୍ଗ ବେହେରା ଓ ଶିବ ସିଂହ ପ୍ରମୁଖ ମୂର୍ତ୍ତି ନିର୍ମାଣ ଓ ସାଜସଜ୍ଜା କାର୍ଯ୍ୟରେ ନେତୃତ୍ୱ ନେଇଥିଲେ ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶ ସୂଚନା ଦେଇଛନ୍ତି ।

# ବସ୍ ଦୁର୍ଘଟଣାରେ ଛଅ ବର୍ଷର ବାଳିକା ମୃତ
# କ୍ଷତି ପୂରଣ ପରେ ହଟିଲା ରାସ୍ତା ଅବରୋଧ




ଧରାକୋଟ, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ଓ ଧରାକୋଟ ବ୍ଲକ ଅନ୍ତର୍ଗତ ମାଣିକପୁର ପଞ୍ଚାୟତର ଢଉପଦା ଗ୍ରାମ ନିକଟରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ଜଣେ ୬ ବର୍ଷର ନାବାଳିକାଙ୍କ ମୃତ୍ୟୁ ଘଟିଛି । ମୃତ ନାବାଳିକା ଜଣକ ହେଲେ ଢଉପଦା ଗ୍ରାମର କୃଷ୍ଣ ନାୟକଙ୍କ ୬ ବର୍ଷର ଝିଅ କଳ୍ପନା ନାୟକ ବୋଲି ଜଣାପଡ଼ିଛି । ଶେରଗଡ ବଡ଼ଗଡ଼ ରାଜ୍ୟ ରାଜପଥ ର ଢଉପଦା ଗ୍ରାମ ହରିଜନ ସାହି ନିକଟରେ ରବିବାର ସକାଳ ଦଶ ଘଣ୍ଟ ସମୟରେ କଳ୍ପନା ରାସ୍ତା ପାଶ୍ୱର୍ରେ ଠିଆ ହୋଇଥିଲା ବେଳେ ଅଚାନକ ବ୍ରହ୍ମପୁରରୁ ଶେରଗଡ, ବଡ଼ଗଡ଼, ସୋରଡା ଦେଇ ବାଲିଗୁଡ଼ା ଯାଉଥିବା ଏକ ଘରୋଇ ବସ ବାହୁବଳୀ ଦ୍ରୁତ ଗତିରେ ଆସି ନାବାଳିକା ଜଣକ ଉପରେ ଚଢି ଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ବସଟି ଦୁର୍ଘଟଣା ଘଟାଇ ଚାଲିଯିବା ପରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକେ ଲୋକଙ୍କ ନିରାପତ୍ତା ଓ ଉପଯୁକ୍ତ କ୍ଷତି ପୂରଣ ପାଇଁ ଶେରଗଡ ବଡ଼ଗଡ଼ ରାସ୍ତା ଅବରୋଧ କରିଥିଲେ । ଖବର ପାଇ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ପ୍ରଧାନ, ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ, ଆସିକା ଥାନା ଅଧିକାରୀ ସୁନିଲ କୁମାର ପ୍ରଧାନ, ବଡ଼ଗଡ଼ ଥାନା ଏଏସଆଇ ରଜେଶ୍ୱର ମଲିକ ଓ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ଘଟଣା ସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କ ସହ ଆଲୋଚନା କରିଥିଲେ । ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହ ରେଡକ୍ରସ ପା଼ିରୁ ତହସିଲଦାର ତିରିଶି ହଜାର ଟଙ୍କାର ସହାୟତା ପ୍ରଦାନ ପରେ ରାସ୍ତାରୋକ ହଟିଥିଲା । ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ବଡ଼ଗଡ଼ ଥାନାରେ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ଗାଡିକୁ ଜବତ କରିଥିବା ଜଣାପଡିଛି ।

# ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପବିତ୍ର ୨୭ତମ ଭାଦ୍ରବ ପରିକ୍ରମା ଦିବସ

ବାରିପଦା, (ସବ୍ୟୁ) : ବାରିପଦା ସ୍ଥିତ ରଘୁନାଥପୁର ଠାରେ ପ୍ରର୍ଥନା ଗୃହରେ ସ୍ଥାନୀୟ ସହପ୍ରତିରିତିକ୍ ରବିନ୍ଦ୍ରନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଶ୍ରୀଶ୍ରୀ ଠାକୁରଙ୍କ ସତ୍‌ସଙ୍ଗ ପରିପାଳିତ ହୋଇଯାଇଅଛି । ଉକ୍ତ ସଦ୍‌ସଙ୍ଗରେ ବାରିପଦା ସହର ଓ ଆଖା ପାଖ ଏବଂ ବେତନଟୀ ଅଞ୍ଚଳର ପ୍ରାୟ ୪୫୦ରୁ ଉର୍ଦ୍ଧ ଭକ୍ତବୃନ୍ଦ ଉପସ୍ଥିତ ରହି ଉତ୍ସବକୁ ପରିପାଳିତ କରିଥିଲେ । ପ୍ରାରମ୍ଭରେ ଶ୍ରୀଶ୍ରୀ ଠାକୁରଙ୍କର ପବିତ୍ର ଗ୍ରନ' ସତ୍ୟାନୁସରଣ ପାଠ ଗୁରୁଭ୍ରାତା ସୁଦାମ ପାଲ୍ ଏବଂ ନାରୀର ନିତୀ ପାଠ ଯାଜକ ଶ୍ରୀ ଦେବାନନ୍ଦ ବେହେରା ପାଠ କରିଥିଲେ । ପ୍ରାରମ୍ଭିକ ସୂଚନା ଯାଜକ ଶ୍ରୀ ଦେବାନନ୍ଦ ଦାସ ଶ୍ରୀଶ୍ରୀ ଠାକୁରଙ୍କର ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ତତ୍‌ପରେ ଡାକ୍ତର ଯାଜକ ଡଃ ବିରେଶ୍ୱର ଜ୍ୟୋତିଷ ଶ୍ରୀଶ୍ରୀ ଠାକୁରଙ୍କ ଜନ୍ମ ବାଲ୍ୟଲିଳା ବିଷୟରେ ଆଲୋଚନା କରିଥିଲେ । ଏହାବ୍ୟତିତ ଭଜନ ସମାରୋହର ମୁଖ୍ୟାଂଶରେ ଶ୍ରୀଶ୍ରୀ ଠାକୁରଙ୍କର ସହପ୍ରତିରିତିକ୍ ମୁକ୍ତିକାନ୍ତ ନାଏକ, ସହପ୍ରତିରିତିକ ବିଜ୍ଞାନ ଭୂଷଣ ମହାପାତ୍ର, ବେତନଟୀରୁ ଆଗତ ସୁଦିପ୍ତ କୁମାର ସାମଲ, ବାରିପଦାର ରାଧାକାନ୍ତ ପ୍ରଧାନ, ଯତିନ୍ ଦାସ ପ୍ରମୁଖ ରହି ସଂଗୀତାଞ୍ଜଳି ଦ୍ୱାରା ସୁନ୍ଦର ଓ ମଧୁମୟ କରିଥିଲେ । ସର୍ବଶେଷରେ ବେତନଟୀ ସତ୍‌ସଙ୍ଗ ବିହାରର ଭାରପ୍ରାପ୍ତ ଅଧିକାରୀ ତଥା ଶ୍ରୀଶ୍ରୀ ଠାକୁରଙ୍କ ସହ ପ୍ରତିରିତିକ ଖଗେନ୍ଦ୍ରନାଥ ସାହୁ ଶ୍ରୀଶ୍ରୀ ଠାକୁରଙ୍କ ଜୀବନ ଆଦର୍ଶ, ଆଗମନ, ଧରାଧାମକୁ ଆସି ମାନବ ସମାଜକୁ ପଥପ୍ରଦର୍ଶନ ସମ୍ପର୍କିତ ଏବଂ ଅସଜଡା ମାନବ ଜୀବନକୁ ସଜାଡିବାର କୌଶଳ ସମ୍ପର୍କିତ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଉକ୍ତ ସତ୍‌ସଙ୍ଗରେ ଆନନ୍ଦ ବଜାର, ପରିଚାଳନା ସାଜସଜ୍ଜା ତଥା ବ୍ୟବସ୍ଥା ଦାୟିତ୍ୱରେ ଜୟନ୍ତ କୁମାର ସିଂ, ପ୍ରାନ୍ତ କୁମାର ସିଂ, ତପନ ମହାପାତ୍ର, ମନରଞ୍ଜନ ସାହୁ, ଦେବାନନ୍ଦ ବେହେରା, କୁମୁଦ ରଞ୍ଜନ ମିଶ୍ର, ସରୋଜ ଖୁଣ୍ଟିଆ, ରାଜା, ଦେବାନନ୍ଦ ଦାସ, ମୁନା, ଦିଲ୍ଲୀପ ବେହେରା ଇତ୍ୟାଦି ମୁଖ୍ୟାଂଶରେ ରହି ଉକ୍ତ ସତ୍‌ସଙ୍ଗକୁ ସୁନ୍ଦର ଭାବେ ପରିଚାଳନା କରିଥିଲେ । ଉକ୍ତ ସତ୍‌ସଙ୍ଗରେ ଡ.ଅସୀମ କୁମାର ଚକ୍ରବର୍ତ୍ତୀ ମୁଖ୍ୟପୁରୋଧା ଥିଲେ ।

# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଗଣନାଥଙ୍କ ପୂଜା



କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ବିଦ୍ୟାଦାତା ଶ୍ରୀ ଗଣନାଥଙ୍କ ପୂଜା ଭାବଭକ୍ତିର ସହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଛାତ୍ର ଓ ଛାତ୍ରୀ ନିବାସ ଅନ୍ତେବାସୀଙ୍କ ପକ୍ଷରୁ ଆଡମ୍ବରପୂର୍ଣ୍ଣ ଭାବରେ ପୂଜା ଆୟୋଜନ ସହ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ମେଡିକାଲ କଲେଜ, ସ୍କୁଲ ଅଫ ଫାର୍ମାସୀ,ସ୍କୁଲ ଅଫ ଏଗ୍ରୀକଲଚର, ସ୍କୁଲ ଅଫ ଆଲାଏଡ୍ ଓ ହେଲଥ କେୟାର ସାଇନ୍ସ, ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ସ୍କୁଲ, ପଲିଟେକ୍‌ନିକ ସମେତ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ଯଥାବିଧି ପୂଜା ସମ୍ପନ୍ନ ହୋଇଥିଲା । ଛାତ୍ରଛାତ୍ରୀମାନେ ଗଣନାଥଙ୍କୁ ପୂଜା ସହ ଭକ୍ତି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ( ଛାତ୍ର ସଂପର୍କ) ଲୋକନାଥ ବେହେରା, ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ଗଂଜନ କୁମାର ଦାସ,ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରୋଗ୍ରାମ ମ୍ୟାନେଜର ସୁନୟ ମିଶ୍ର, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ଡିନ, ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ ଗଣନାଥଙ୍କୁ ଦର୍ଶନ ସହ ଭକ୍ତିଅର୍ଘ୍ୟ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ସଂଧ୍ୟାରେ କଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ଗାନ୍ଧୀନଗର ଯୋଗଧାମ ପକ୍ଷରୁ କୃତି ପ୍ରତିଯୋଗୀଙ୍କୁ ମାନପତ୍ର



ବ୍ରହ୍ମପୁର, (ସବ୍ୟୁ) : ସ୍ୱନକ୍ଷତ୍ର ଦିବସ ଅବସରରେ ଆୟୋଜିତ ୮୫ ଜଣ ଯୋଗାଭ୍ୟାସ ସଦସ୍ୟଙ୍କ ମଧ୍ୟରେ ସୂର୍ଯ୍ୟ ନମସ୍କାର, ଆସନ, ପ୍ରାଣାୟାମ, ନେତି ଓ ଧୌତୀ ପ୍ରତିଯୋଗିତାରେ, ରେଶମୀ ସାବତ ପ୍ରଥମ, ଶ୍ରୀଧର ବିଶୋୟୀ ଦ୍ୱିତୀୟ, ପ୍ରିୟା ସାହୁ ତୃତୀୟ ହେବା ସହ ସାନ୍ତ୍ୱନା ମୂଳକ ପାଇଥିଲେ ଶିବରାମ ମହାରଣା, ପି. ସତ୍ୟନାରାୟଣ ସେନାପତି, କେ ଅର୍ଚ୍ଚନା ଓ ଏମ ଅନୁଶା । ଏହାଛଡ଼ା ଆନ୍ତଃସ୍କୁଲ ମଧ୍ୟରେ ଦେଶାତ୍ମବୋଧକ, ଗୃପ ଯୋଗାସନ ଏ ପ୍ରବନ୍ଧ ଲେଖା ପ୍ରତିଯୋଗିତା ଅୟୋଜନ କରାଯାଇଥିଲା । ସ୍କୁଲ ଯୋଗାସନରେ ଦେବ ପ୍ରଥମ, ଭିନିସେଣ୍ଟ ଦ୍ୱିତୀୟ, ଏସଏସଭିଏମ ନିଳକଣ୍ଠନଗର ତୃତୀୟ ସ୍ଥାନରେ ରହିଥିଲେ । ଦେଶାତ୍ମବୋଧ ସଙ୍ଗୀତରେ ପାୱନି ପାଣିଗ୍ରାହୀ-ଗିରି ରୋଡ ଗାର୍ଲ୍ସ ହାଇସ୍କୁଲ ପ୍ରଥମ, ଚିନ୍ମୟ କୁମାର ଜେନା ଏସଏସଭିଏମ ନୀଳକଣ୍ଠନଗର ଦ୍ୱିତୀୟ, ପି. ଭିତିକା ସୁହସିନି ଅକ୍ସଫୋର୍ଡ ସ୍କୁଲ ଓ ଶ୍ରୁତି ସରନ୍ୟ ଦାସ ଡିଏଭି ସ୍କୁଲ ତୃତୀୟ, ପ୍ରାଚି ନାୟକ ଗିରି ରୋଡ ବାଳିକା ଉଚ୍ଚ ବିଦ୍ୟାଳୟ ରହିଥିଲେ । ପ୍ରବନ୍ଧ ଲେଖା ପ୍ରତିଯୋଗିତାରେ ପାୱନି ପାଣିଗ୍ରାହୀ-କ୍ରୀଷ୍ଣା ଦେବୀ ଏସଏସଭିଏମ ନୀଳକଣ୍ଠନଗର ପ୍ରଥମ, ପ୍ରିୟଦର୍ଶିନି ପାଣିଗ୍ରାହୀ ଏସଏସଭିଏମ ଶିବାନନ୍ଦ ନଗର ୨ୟ, ପ୍ରିତିମୟୀ ଜେନା କେସି ପବ୍ଲିକ ସ୍କୁଲ୍ ତୃତୀୟ, ସଞ୍ଜନା ସରୋଜ ମହାନ୍ତି କେସି ହାଇସ୍କଲ ଓ ନନ୍ଦିନୀ ମହାରଣା କଳିଙ୍ଗ ବିଦ୍ୟାଳୟ ସାନ୍ତ୍ୱନାମୂଳକ ସ୍ଥାନ ବିଜେତା ରହିଥିଲେ । ସମସ୍ତ ବିଜେତାଙ୍କୁ ବିଧାୟକ କେ. ଅନିଲ କୁମାର ମାନପତ୍ର ସହ ଟ୍ରଫି ଦେଇଥିଲେ । ୨୫୦ରୁ ଅଧିକ ଛାତ୍ରଛାତ୍ରୀ ସମାଶେରେ ବରିଷ୍ଠ ପୁରୁଷ ଓ ମହିଳାଙ୍କ ଦଳଗତ ଭାବେ ଯୋଗମୁଦ୍ରା ଯୁକ୍ତ ନୃତ୍ୟ ପରିବେଷଣ ଅତିବ ଚିତ୍ତାକର୍ଷକ ହୋଇଥିଲା । ଉପସଭାପତି ଟି. ଅନିଲ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକୃତିବନ୍ଧୁ ବନମାଳି ପ୍ରଧାନ ସମସ୍ତ ଅତିଥିମାନଙ୍କୁ ଗଛଚାରା ପ୍ରଦାନ କରିଥିଲେ ।

# ତୈଳିକ ସମାଜର ନୂତନ ବେହେରା ଚୟନ



ଧରାକୋଟ, (ସବ୍ୟୁ) : ଧରାକୋଟ ବ୍ଲକର ଗୋଳା ଦାମୋଦର ପଲ୍ଲୀ ପଞ୍ଚାୟତର ଘାସିବିଲି ଗ୍ରାମରେ ଧରାକୋଟ ଅଞ୍ଚଳର ୨୨ ତାଲୁକା ତୈଳିକ ସମାଜର ନୂତନ ବେହେରା ଭାବରେ ପୂର୍ବତନ ବେହେରା ରଘୁନାଥ ସାହୁଙ୍କ ସୁପୁତ୍ର ଦେବବ୍ରତ ସାହୁଙ୍କୁ ଚୟନ କରାଯାଇ ମସ୍ତକରେ ଶାଢ଼ୀ ପଗଡ଼ି ଭିଡ଼ା ଯାଇଛି । ପୂର୍ବତନ ବେହେରା ତଥା ଅଞ୍ଚଳରେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ନ୍ୟାୟବନ୍ତ ବ୍ୟକ୍ତି ଭାବରେ ଜଣାଶୁଣା ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ରଘୁନାଥ ସାହୁଙ୍କ ଦ୍ୱାଦଶ ତିଥିରେ ଅନୁଷ୍ଠିତ ସ୍ମୃତି ସଭାରେ ଏହି ପଗଡ଼ି ଭିଡ଼ା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । ଏହି ଅବସରରେ ସମାଜର ସଭାପତି ପୀତବାସ ସାହୁ, ସମ୍ପାଦକ ବାଇନାଥ ସାହୁ, କୋଷାଧ୍ୟକ୍ଷ ବିପ୍ରଚରଣ ସାହୁ, ସମାଜର ଭଲଭାଇ ପରମାନନ୍ଦ ସାହୁଙ୍କ ସମେତ ୨୨ ତାଲୁକାର କର୍ମକର୍ତ୍ତା ଓ ଜାତିଭାଇ ଉପସ୍ଥିତ ରହିଥିଲେ । ତିନି ତାଲୁକା ସଭାପତି ଆଦିକନ୍ଦ ସାହୁ ସଭା ପରିଚାଳନା କରିଥିଲେ । ଏଥିରେ ବହୁ ଅବସରପ୍ରାପ୍ତ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ଉପସ୍ଥିତ ରହିଥିଲେ ।

# ବନ୍ଦର ନଗରୀରେ ବାଲ ଗଣେଶ



ପାରାଦୀପ,( ଜି ପ୍ର ) :ବନ୍ଦର ନଗରୀରେ ବାଲ ଗଣେଶଙ୍କୁ ପୂଜା କରାଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଶିବଶକ୍ତି କମ୍ବାଇନ୍ସ ସ୍ଥାନୀୟ ମଧୁବନ ଟାୱାର ଛକ ନିକଟରେ ତାର ପୂଜା ମଣ୍ଡପ କରି ବିଘ୍ନ ବିନାଶ ପ୍ରଭୁ ଗଜାନନଙ୍କ ଆରାଧନା କରୁଥିବା ଦେଖିବାକୁ ମିଳିଛି । ସବୁ ବର୍ଷ ପରି ଏକ ଭିନ୍ନ ଶୈଳୀରେ ଏଠାରେ ପୂଜା କରାଯାଉଥିବା ବେଳେ ଚଳିତ ବର୍ଷ ବାଲ ଗଣେଶ ପ୍ରତିମା ନିର୍ମାଣକରାଯିବା ସହ ରୀତିନୀତି ଅନୁଯାଇ ପୂଜା ଚାଲିଛି । ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପଂକ୍ତି ଭୋଜନ କରାଯିବାର ମଧ୍ୟ ବ୍ୟବସ୍ଥା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । କ୍ଲବର ଜନ ବେହୁରିଆ , ଶିବୁନା ଜେନା , ରାକେଶ ସେଠି , ପବିତ୍ର ପରିଡା , ଗୋପାଳ ପିହାରୀ , ଟୁନୁ ସାହୁ ଓ ଅନ୍ୟ ସଦସ୍ୟ ବୃନ୍ଦ ଏହି ପୂଜାର ଆୟୋଜନ କରିଥିବା ବେଳେ ବାଲ ଗଣେଶଙ୍କୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଛି ।

# ବିପଦସଙ୍କୁଳ ୮ ନମ୍ବର କେନାଲ ସେତୁ: ଅର୍ଦ୍ଧ ନିର୍ମିତ ଛାଡି ଠିକାଦାର ଛୁ'

ନିଶ୍ଚିନ୍ତକୋଇଲି,(ସବ୍ୟୁ) :ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଥିବା ୮ନମ୍ବର କେନାଲର ବୁହାଲୋ ସେତୁ ବିପଦ ସଙ୍କୁଳ ଅବସ୍ଥାରେ ରହିଥିବାର ଅଭିଯୋଗ ହୋଇଛି । ଅର୍ଦ୍ଧ ନିର୍ମିତ ଅବସ୍ଥାରେ ସେତୁର ନିର୍ମାଣ କାର୍ଯ୍ୟକୁ ଛାଡିଦେଇ ଠିକାଦାର ଛୁ ମାରିଥିବାର ଅଭିଯୋଗ ହୋଇଛି । ଏହି ଘଟଣାକୁ କେନ୍ଦ୍ରକରି ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ୮ନମ୍ବର କେନାଲର ରକ୍ଷଣା ବେକ୍ଷଣା ଦାୟୀତ୍ୱ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ଅଧିନରେ ରହିଛି । ଏହି କେନାଲର ବୁହାଲୋ ଦଳିତ ସାହି ଠାରେ ଦୀର୍ଘ ବର୍ଷ ତଳେ ଏକ ସେତୁ ନିର୍ମାଣ କରାଯାଇଥିଲା । ଏହି ସେତୁଟି ସମ୍ପ୍ରତି ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ଏହି ବିପଦ ସଙ୍କୁଳ ସେତୁ ମଧ୍ୟ ଦେଇ ସ୍ଥାନୀୟ ଅଂଚଳର କୋମଳମତି ଶିଶୁଙ୍କ ସମେତ ସ୍କୁଲ କଲେଜର ଛାତ୍ର ଛାତ୍ରୀ ସର୍ବୋପରି ସାଧାରଣ ଲୋକେ ଗମନା ଗମନ କରୁଛନ୍ତି । ଏହି ସେତୁ କେତେବେଳେ ଭୁଷୁଡି ପଡି ସାଧାରଣ ଲୋକଙ୍କ ଜୀବନ ଦୀପକୁ ଲିଭାଇ ଦେବ ତାହା କହିହେଉନାହିଁ । ଅପରପକ୍ଷରେ ଏହି ସେତୁ ନିକଟରେ ପୁନର୍ବାର ଏକ ସେତୁ ନିର୍ମାଣ ନିମନ୍ତେ ସରକାର ଅର୍ଥ ମଞ୍ଜୁର କରିଥିଲେ । ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା । ତେବେ ଠିକାଦାର ଏହି ସେତୁ ନିର୍ମନ୍ତେ କେତେଟଙ୍କା ମଞ୍ଜୁର ହୋଇଛି ସେ ସମ୍ପର୍କରେ କୌଣସି ସୂଚନା ଫଳକ ନଦେଇ ଲୋକଙ୍କୁ ଅନ୍ଧାର ଘେରରେ ରଖିଥିବାର ଅଭିଯୋଗ ହୋଇଛି । ଅପରପକ୍ଷରେ ସମ୍ପୃକ୍ତ ଠିକାଦାର ବେପରୁଆ ଭାବେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବାର ଅଭିଯୋଗ ହୋଇଛି । ଏହି ନବ ନିର୍ମିତ ସେତୁଟି ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ଏହି ସେତୁର ରଡ ଗୁଡିକ ବାହାରକୁ ରହିଛି । ତେବେ ଏହି ସ୍ଥାନରେ ସ୍ଥାନୀୟ ଅଂଚଳର ପିଲାମାନେ ଗାଧୋଉଥିବା କାରଣରୁ କେତେବେଳେ ଏହି ଲୁହାରଡ ସେମାନଙ୍କ ପାଇଁ ବିପଦ ପାଲଟିବ ତାହା କହିହେଉନାହିଁ । ଅପରପକ୍ଷରେ ଠିକାଦର କେନାଲର ଉଭୟ ପାର୍ଶ୍ୱକୁ ତାଡି ଦେଇଥିବା କାରଣରୁ ଏଠାରେ କେନାଲ ବନ୍ଧ ପ୍ରତି ବିପଦର ଆଶଙ୍କା ସୃଷ୍ଟି କରିଛି । କେନାଲ ବନ୍ଧର ଅପରପାର୍ଶ୍ୱର୍ରେ ଏକ ବିରାଟ ଘାଇ ସୃଷ୍ଟି ହୋଇଛି । ଏହି ଘାଇ ଦ୍ୱାରା ସ୍ଥାନୀୟ ଅଂଚଳରେ ବ୍ୟାପକ କ୍ଷତି ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତେବେ ଠିକାଦାର ବେପରୁଆ ଭାବେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ନିର୍ମାଣ କାର୍ଯ୍ୟ ଛାଡି ଛୁ ମାରିଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ପ୍ରଶାସନ ତରଫରୁ ତୁରନ୍ତ ଏଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଏଠାରେ ଏକ ବଡ ଧରଣର ଅଘଟଣ ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# 'ଭଦ୍ରାଣୀ ଟ୍ରଷ୍ଟ ' ପକ୍ଷରୁ ଶ୍ରେଷ୍ଠ ବିଦ୍ୟାର୍ଥୀ ଚୟନ କାର୍ଯ୍ୟକ୍ରମ

ରାଜକନିକା, (ସବ୍ୟୁ) :ରାଜ୍ୟର ସୁପ୍ରତିଷ୍ଠିତ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଭଦ୍ରାଣୀ ଟ୍ରଷ୍ଟ ' ତରଫରୁ ରାଜକନିକା ବ୍ଲକ ଅନ୍ତର୍ଗତ ସମସ୍ତ ହାଇସ୍କୁଲର ଶ୍ରେଷ୍ଠ ବିଦ୍ୟାର୍ଥୀ ଙ୍କୁ ଚଳିତ ବର୍ଷ ଠାରୁ ପ୍ରତିବର୍ଷ ଏକସ୍ୱତନ୍ତ୍ର ସମାରୋହରେ 'ଭଗବାନ -ସୁଲୋଚନା ସ୍ମାରକୀ ପୁରସ୍କାର ' ପ୍ରଦାନ କରାଯିବ । ସେହି ଅବସରରେ ପ୍ରତ୍ୟେକ ଯୋଗ୍ୟ ବିଦ୍ୟାର୍ଥୀ ଙ୍କୁ ପ୍ରଶଂସା ପତ୍ର, ଟ୍ରଫି, ପୁସ୍ତକ ଏବଂ ଆର୍ଥିକ ରାଶି ପ୍ରଦାନ କରାଯିବ । ସେଥି ନିମନ୍ତେ ଟ୍ରଷ୍ଟ ପରିଚାଳିତ 'ଭଗବାନ -ସୁଲୋଚନା ସ୍ମାରକୀ କମିଟି ' ର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ବୈଠକ ଖଣ୍ଡଇତା -ପାଣ୍ଡୁରିକୋଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ବିଶିଷ୍ଟ ସ୍ତମ୍ଭକାର ତଥା ସାହିତ୍ୟିକ ଅଭୟ ଦ୍ୱିବେଦୀ ଏହି ପୁରସ୍କାର ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ -ଶ୍ରେଷ୍ଠ ବିଦ୍ୟାର୍ଥୀ ଚୟନ ବାସ୍ତବିକ ଆମ ସମାଜ ପାଇଁ ଏକ ଆହ୍ୱାନ ।ଏଥି ନିମନ୍ତେ ଆଠ ଟି ମାପକ ନିର୍ଦ୍ଧାରଣ କରାଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନବ କିଶୋର ସୁତାର ଏହି ମାନଦଣ୍ଡ ଆଧାରରେ ଚଳିତ ସେପେଟମ୍ବର ମାସରେ ପ୍ରତ୍ୟେକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ /ଶିକ୍ଷୟିତ୍ରୀ ଙ୍କୁ ବିଦ୍ୟାଳୟ ର ଶ୍ରେଷ୍ଠ ବିଦ୍ୟାର୍ଥୀ ଙ୍କ ନାମ ସୁପାରିଶ କରିବା ପାଇଁ ପତ୍ର ପଠାଯିବା ସମ୍ପର୍କ ରେ ସୂଚନା ଦେଇଥିଲେ

କମିଟିର ଅନ୍ୟତମ ସଦସ୍ୟ ଜେକେବିକେ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼. କୈଳାସ ଚନ୍ଦ୍ର ରାଉତ ମତ ଦେଇଥିଲେ ଯେ ଏହା ସମଗ୍ର ରାଜ୍ୟର ଏକ ଅଭିନବ କାର୍ଯ୍ୟକ୍ରମ । ଆମ ଶିକ୍ଷା ବ୍ୟବସ୍ଥା କେବଳ ପାଠ୍ୟକ୍ରମ ଆଧାରିତ ବିଦ୍ୟାର୍ଥୀ ନିର୍ମାଣ କରୁଥିବାବେଳେ ଏହି କାର୍ଯ୍ୟକ୍ରମ ଶ୍ରେଷ୍ଠ ମଣିଷ ତିଆରି କରିବା ପାଇଁ ପ୍ରେରଣା ଯୋଗାଇବ ଅନ୍ୟମାନଙ୍କ ମଧ୍ୟରେ କମିଟିର ସଦସ୍ୟ ପୂର୍ବତନ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମିଶ୍ର, ଇଂ. ଅଭୟ କୁମାର ପଣ୍ଡା, ସାହିତ୍ୟିକ ହରେକୃଷ୍ଣ ବାରିକ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ ।ଅଧିବେଶନ ର ପ୍ରାରମ୍ଭରେ ଭଦ୍ରାଣୀ ଟ୍ରଷ୍ଟ ର ଅଧ୍ୟକ୍ଷା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମାନୁ ଦ୍ୱିବେଦୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ । କମିଟିର ଅନ୍ୟତମ ସଦସ୍ୟ ସରୋଜ କୁମାର ଦ୍ୱିବେଦୀ ସମସ୍ତ ଙ୍କର ପରିଚୟ ପ୍ରଦାନ କରିଥିବାବେଳେ ପ୍ରମୋଦ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲିସାହିର ବୁଢା ଗଣେଶ ପୂଜା

ବିଞ୍ଝାରପୁର,(ସବ୍ୟୁ):ବିRାରପୁର ବ୍ଲକର ବିତନା ଅନ୍ତର୍ଗତ ବାଲିସାହିର ସର୍ବ ପୁରାତନ ଅନୁଷ୍ଠାନ ବୁଢା ଗଣେଶ ପୂଜା କମିଟି ତରଫରୁ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ଏହାକୁ ଦର୍ଶନ ସାହୁ, ରାମଚନ୍ଦ୍ର ପାଗଳ କାହିଁ କେଉଁ କାଳରୁ ଆରମ୍ଭ କରିଥିଲେ, ଯାହା କି ପୀଢି ପରେ ପୀଢି. ଅତିକ୍ରମ କରି ସାତ ଆଠ ପୀଢିରେ ପହଞ୍ଚିଛି।୨୮ ୮ ବର୍ଷ ଧରି ଏଗି ପୂଜୋତ୍ସବ ଅନୁଷ୍ଠିତ ହୋଇ ଆସୁଛି। ବୁଢା ଗଣେଶ ଙ୍କ ନିକଟରେ ଯେଉଁ ଶ୍ରଦ୍ଧାଳୁମାନେ ମାନସିକ କରନ୍ତି। ସେମାନଙ୍କ ମାନସିକପରିପୂରଣ ହେବାପରେ ୧୦୮ ଚମ୍ପାଫୁଲ ଓ ୧୦୮ ବେଲପତ୍ର ଏହି ପୂଜାରେ ବୁଢା ଗଣେଶଙ୍କୁ ଅର୍ପଣ କରିଥାନ୍ତି। ଉତ୍ସବଟି ସାତଦିନ ଧରି ଅନୁଷ୍ଠିତ ହେବା ସହିତ ବିଭିନ୍ନ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବା ନିମନ୍ତେ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି ଓ ଭଷାଣୀ ଉତ୍ସବକୁ ରଙ୍ଗାରଙ୍ଗ କରାଯାଇ ପ୍ରଭୁଙ୍କୁ ଜଳରେ ବିସର୍ଜନ କରାଯିବା କାର୍ଯ୍ୟକ୍ରମଟିକୁ ଗଣେଶ ପୂଜା କମିଟିର ସଭାପତି ଶ୍ରୀକାନ୍ତସାହୁ, ସମ୍ପାଦକ ଅଭିମନ୍ୟୁ ପାଗଳ, କୋଷାଧ୍ୟକ୍ଷ ଉଦ୍ଧବ ପାଗଳ ପରିଚାଳନା କରୁଛନ୍ତି। ବାସୁଦେବ ସାହୁଙ୍କ ପୁତ୍ର ଓ ପୁତ୍ରବଧୁ ଆଲୋକ ସାହୁ ଓ ମଞ୍ଜୁଲତା ସାହୁ ସଂକଳ୍ପ କରିଛନ୍ତି। ଗ୍ରାମବାସୀ ଙ୍କ ମଧ୍ୟରୁ ବରଦା ପ୍ରସନ୍ନ ସାହୁ,ବ୍ରଜ କିଶୋର ପାଗଳ, ଶରତ ସାହୁ, ଗୋଲଖ ସାହୁ, ପ୍ରଭାତ ସାହୁ,ଉପେନ୍ଦ୍ର ଦାସ, ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ ପ୍ରଦାନ କରିବା ସହିତ ଶୃଙ୍ଖଳା କମିଟି ରେ ସଦସ୍ୟ ରହିଛନ୍ତି।

# ଦୁଇ ବାଇକ ମୁହାଁମୁହିଁ, ୫ ଗୁରୁତର



ନାଉଗାଁ, (ସବୁ) : ନାଉଗାଁ ଥାନା ଅନ୍ତର୍ଗତ କୋକିଡିଅ-ତେଲସରା ରାସ୍ତାର କୋରୁଅ ତ୍ରିନାଥ ମଣ୍ଡପ ନିକଟରେ ସୋମବାର ଦୁଇଟି ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ, ନିଆଳି ଥାନା ଅନ୍ତର୍ଗତ ବେଡେଣ୍ଡା ଗ୍ରାମର ବବୁଲ ରାଉତ (୨୧), ଲିଙ୍ଗରାଜ ଖୁଣ୍ଟିଆ (୪୦) ଓ ଚନ୍ଦ୍ରମଣି ପରିଡ଼ା (୬୦) ଗୋଟିଏ ବାଇକରେ ବାଲିକୁଦା ଥାନା ଅନ୍ତର୍ଗତ ବାଲିପାଟଣା ଅଞ୍ଚଳକୁ ରୋଷେଇ କାର୍ଯ୍ୟରେ ଯୋଗଦେବା ପାଇଁ ଯାଉଥିଲେ । ସେହିପରି ଅସ୍ତରଙ୍ଗ ଥାନା ଅନ୍ତର୍ଗତ ପାଇଖେଲା ଗ୍ରାମର ଜ୍ୟୋତିରଞ୍ଜନ ମହାନ୍ତି (୨୨) ଓ ସୌମ୍ୟରଞ୍ଜନ ସ୍ୱାଇ(୨୪) ଅନ୍ୟ ଏକ ବାଇକରେ ଗଣେଶ ପୂଜା ପାଇଁ ପୂଜା ସାମଗ୍ରୀ କିଣିବାକୁ ଗଙ୍ଗଦାହାଟ ଆସୁଥିଲେ । କୋରୁଅ ତ୍ରିନାଥ ମଣ୍ଡପ ନିକଟରେ ଉଭୟ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୫ଜଣ ରାସ୍ତା ଉପରକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ପରେ ଆମ୍ବୁଲାନ୍ସ ଯୋଗେ ସମସ୍ତ ଆହତଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବବୁଲ ରାଉତଙ୍କ ଅବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡାକ୍ତର ସଂଗ୍ରାମ କେଶରୀ ମହାନ୍ତି ସୂଚନା ଦେଇଛନ୍ତି ।

# ଗୋରୁ ଟ୍ରକ ଜବତ , ୫୬ ଉଦ୍ଧାର

ଦାନଗଦି(ସବ୍ୟୁ): ସୁକିନ୍ଦା ଅଂଚଳର ଗୋରକ୍ଷକମାନେ କୌଣସି ସୁତ୍ରରେ ଖବର ପାଇ ରବିବାର ରାତ୍ରିରେ ସୁକିନ୍ଦା ଛକଠାରେ ଛକି ବିସିଥିଲେ । ମଧ୍ୟରାତ୍ରରେ ଏକ ନମ୍ବର ବିହୀନ ଟ୍ରକ ଦୃତ ଗତିରେ ଯିବାର ଦେଖି ତାକୁ ପିଛାକରିଥିଲେ । ଟ୍ରକର ଚାଳକ ଲୋକମାନେ ପିଛାକରିବାର ଜାଣିପାରି କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରୀ-ଚୋରଦା ରାସ୍ତାର ଜିନ୍ଦଲ କାରଖାନା ପୂର୍ବରୁ ଏକ ନିଛାଟିଆ ସ୍ଥାନରେ ଗୋରୁ ବୋଝେଇ ଟ୍ରକଟି ରଖି ଚାଳକ ଫେରାର ହୋଇଯାଇଥିଲା । କଳିଙ୍ଗନଗର ଥାନା ପାଟ୍ରୋଲିଂ ପୋଲିସ ସହାୟତାରେ ଗୋରୁ ବୋଝେଇ ଟ୍ରକକୁ ଜବତ କରିବା ସହିତ ଗୋଡ ବନ୍ଧାହୋଇଥିବା ଗୋରୁକୁ ଉଦ୍ଧାର କରାଯାଇଥିଲା । ଉଦ୍ଧାର ହୋଇଥିବା ୫୬ ଗୋଟି ଗୋରୁକୁ ସୁକିନ୍ଦା ସ୍ଥିତ ଗୋଶାଳାକୁ ପଠାଇ ଦିଆଯିବା ସହିତ ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରକାଶ କୁମାର ସାହୁଙ୍କ ଠାରୁ ପ୍ରକାଶ ।

# ବିରୂପା ନଦୀକୁ ଡେଇଁଲେ ଦମ୍ପତି, ସ୍ତ୍ରୀ ଉଦ୍ଧାର

ଯାଜପୁରସଦର,(ସବ୍ୟୁ) :ବିରୂପା ନଦୀର ବାଲିକୁଦା ସେତୁ ଉପରୁ ଜଣେ ଦମ୍ପତ୍ତି ଡେଇଁ ପଡିଛନ୍ତି । ସ୍ଥାନୀୟ ଲୋକମାନେ ଉଭୟଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରି ବିଫଳ ହେବା ପରେ ବରୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ ଖବର ପାଇ ବରୀ ଅଗ୍ନିଶମ ବାହିନୀ ଖୋଜାଖୋଜି କରିବା ପରେ ବରୀ ବ୍ଲକ ଅଧିନସ୍ଥ ନୀଳାପଦା ଗ୍ରାମର ବାଲିଘାଟ ନିକଟରୁ ସ୍ତ୍ରୀ ଲୋକ ଜଣଙ୍କୁ ଉଦ୍ଧାର କରି ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ । ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦିଆଯାଇଛି । ସୂଚନା ମୁତାବକ, ନଦୀ ଗର୍ଭକୁ ଡେଇଁ ପଡ଼ିଥିବା ବ୍ୟକ୍ତିଙ୍କ ନାମ ସୁଧାକର ଓଝା ହୋଇଥିବା ବେଳେ ଉଦ୍ଧାର ହୋଇଥିବା ମହିଳାଙ୍କ ନାମ ତିଲୋତମା ଓଝା ବୋଲି ଜଣାପଡିଛି । ନିଖୋଜ ଥିବା ସୁଧାକରଙ୍କୁ ଉଦ୍ଧାର କରିବା ପାଇଁ ବରୀ ଅଗ୍ନିଶମ ବାହିନୀ ତରଫରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଆତ୍ମହତ୍ୟା ଉଦ୍ୟମର କାରଣ ଅସ୍ପଷ୍ଟ ରହିଛି ।

# ସାହିତ୍ୟ ଦର୍ପଣ ପତ୍ରିକା ପକ୍ଷରୁ ମହାବିନାୟକ କବିତା ପାଠ ଉତ୍ସବ

ଧର୍ମଶାଳା,(ସବ୍ୟୁ): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ସାହିତ୍ୟ ଦର୍ପଣ ପତ୍ରିକା ଆନୁକୁଲ୍ୟରେ ଅଷ୍ଟମ ବାର୍ଷିକ ରାଜ୍ୟସ୍ତରୀୟ ମହାବିନାୟକ କବିତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କବି ବିମଳ ଚନ୍ଦ୍ର ପତିଙ୍କ ସଭାପତିତ୍ୱ ଓ ଔପନ୍ୟାସିକା ଡ଼କଟର ପ୍ରଜ୍ଞା ପ୍ରବର୍ତିକା ଦାଶଙ୍କ ସଂଚାଳନରେ ଅନୁଷ୍ଠିତ ଏହି ସାରସ୍ୱତ କାର୍ଯ୍ୟକ୍ରମ କଥା ଜୀବନର କଥା ସାହିତ୍ୟରେ ଔପନ୍ୟାସିକ ତଥା କଥାଶିଳ୍ପି ଗୌରହରି ଦାସ ଯୋଗଦେଶେ ଶୋଇପଡିଥିବା ମଣିଷକୁ ଲେଖକ ଜାଗ୍ରତ କରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ର ବାଲ ସାହିତ୍ୟ ପୁରସ୍କାର ବିଜେତା ଡ଼କଟର ରାଜ କିଶୋର ପାଢ଼ୀ ଯୋଗଦେଇ ଉ"ାଟନ କରିବା ସହ ଲେଖକ ଭିତରୁ ଅନୁଭବ ମରିଗଲେ ସାହିତ୍ୟ ପ୍ରାଣବନ୍ତ ହୋଇପାରେ ନାହିଁ । ଏହି ଉତ୍ସବରେ କବି ନିରୁପମା ବେହେରା, କବି ପ୍ରେମାନନ୍ଦ ଖଣ୍ଡୁଆଳଙ୍କୁ ମହାବିନାୟକ କବିତା ସମ୍ମାନ ପ୍ରଦାନ କରାଯାଇଥିଲା । ଡ଼କଟର ମମତାମୟୀ ଦାଶ ମାନପତ୍ର ପାଠ କରିଥିଲେ । ଏହି ଅବସର ରେ କବି ଲବଙ୍ଗଲତା ପରିଡା ଙ୍କ କବିତା ପୁସ୍ତକ ଶ୍ରଦ୍ଧାଫୁଲକୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ସାମ୍ବାଦିକ ସୀତାକାନ୍ତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାହ୍ନରେ ଅଧ୍ୟାପକ ତ୍ରିଲୋଚନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ଉତ୍ସବରେ ଅତିଥି ଭାବରେ କବି ଡ଼କଟର ଯତିନ୍ଦ୍ର ରାଉତ, ସମାଜସେବୀ ମିନତୀ ସାହୁ ପ୍ରମୁଖ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ଡ଼କଟର ସଙ୍ଘମିତ୍ରା ରାଏଗୁରୁ ଓ ଡ଼କଟର ମମତାମୟୀ ଦାଶଙ୍କ ସଂଯୋଜନାରେ କବି ନିରଞ୍ଜନ ଜେନା, ଭକ୍ତ ଚରଣ ସାହୁ, ତୁହିନଂଶୁ ରଥ, ପ୍ରଶାନ୍ତ ସ୍ୱାଇଁ, ପ୍ରଶାନ୍ତ ସାହୁ, ସଙ୍ଘମିତ୍ରା ଭୂତିଆ, ସୁଶୀଲ କୁମାର ସିଂହ, ଅମ୍ରିତା ସିଂହ, ବିଦ୍ୟୁତଲତା ଦାସ, ବାଇଧର ମାଝି, ରାମଚନ୍ଦ୍ର ଦାଶ, ବିଜୟ ମହାପାତ୍ର, ଗଣେଶ୍ୱର ବେହେରା, ଲାବଣ୍ୟ ନାୟକ, ପ୍ରଭାତ ମଲ୍ଲିକ, ମନୋଜ ନାୟକ, ଶକ୍ତି ସ୍ୱରୂପା ନାୟକ, ବ୍ରଜରାଜ ତ୍ରିପାଠୀ, ଲବଙ୍ଗଲତା ପରିଡା, ରଞ୍ଜନ କୁମାର ଓଝା ପ୍ରମୁଖ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମ ସାମ୍ବାଦିକ ସୁଶାନ୍ତ ସାହୁ, ସେକ୍ ଆଲ୍ଲାଉଦିନ, ଦୀପକ ଦାସ, ତ୍ରିଲୋଚନ ବେହେରା, ସୁଶାନ୍ତ ନାୟକ, ପ୍ରୀତିଶ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ ।

# ରାଜ୍ୟସ୍ତରୀୟ ବିଶ୍ୱ ସଂସ୍କୃତ ଦିବସ ଓ ଅବସର ସମ୍ବର୍ଦ୍ଧନା



କୁଆଖିଆ ,(ସବ୍ୟୁ): ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଂଚାୟତ ମଠସାହି ସ୍ଥିତ କାଙ୍ଗାଳି ଚରଣ ପଣ୍ଡା ସଂସ୍କୃତ ବିଦ୍ୟାପୀଠ ପରିସରରେ ରାଜ୍ୟ ସ୍ତରୀୟ ବିଶ୍ୱ ସଂସ୍କୃତ ଦିବସ ଓ ଅବସରପ୍ରାପ୍ତ ହେଡ଼ ପଣ୍ଡିତ ପୂର୍ଣ୍ଣ ଚନ୍ଦ୍ର ଦେଓ ଙ୍କ ଅବସର ସମ୍ବର୍ଦ୍ଧନା ସାଙ୍ଗକୁ ଅନ୍ୟ କୃତୀ ଅବସରପ୍ରାପ୍ତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳ ସଭାପତି ଡ଼ଃ ସଦାନନ୍ଦ ଦୀକ୍ଷିତ ସଭାପତିତ୍ୱ କରିଥିବା ବେଳେ କେ ସି ପି ପ୍ରଧାନ ପଣ୍ଡିତ ଅରବିନ୍ଦ ପଣ୍ଡା ଅତିଥି ପରିଚୟ ପ୍ରଧାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ କୁଳପତି ଡ଼ଃ ପ୍ରଭାତ କୁମାର ମହାପାତ ଯୋଗ ଦେଇ ଆଦି ଭାଷା ସଂସ୍କୃତ ର ମହାନତା ଉପରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଅତିଥି ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ, ମୁଖ୍ୟବକ୍ତା ବାଗ୍ମୀ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ଯୋଗ ଦେଇ ବେଦ ଭାଷା ସଂସ୍କୃତ ଭାଷାର ମାଧୁର୍ଯ୍ୟ ଉପରେ କହିଥିଲେ। ଏଥିରେ ସମ୍ମାନିତ ଅତିଥି ବ୍ଲକ ସହ ଶିକ୍ଷା ଅଧିକାରୀ ଡ଼ଃ ପ୍ରଭଞ୍ଜନପତି, ଓଷ୍ଟା ସଭାପତି ସୁନନ୍ଦ କୁମାର ରାଉତ, ସରପଞ୍ଚ ଅଶୋକ ମଲ୍ଲିକ, ଧ୍ରୁବାନନ୍ଦ ଦେଓ,ସମ୍ପାଦକ ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳ ଆର୍ତ୍ତତ୍ରାଣ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ଭି ଏଚ, ପି ସମ୍ପର୍କ ପ୍ରମୁଖ ଲକ୍ଷ୍ମୀନାରାୟଣ ରଥ, ସି ଆର ସି ସି ଚିନ୍ମୟ ପାତ୍ର, ଯୋଗ ଦେଇ ସଂସ୍କୃତ ଦିବସ ପାଳନର ଇତିବୃତ୍ତ କହିବା ସହ ଅବସର ପ୍ରାପ୍ତ ହେଡ଼ ପଣ୍ଡିତ ପୂର୍ଣ୍ଣ ଚନ୍ଦ୍ର ଦେଓ ଙ୍କ ଗୁଣାବଳୀ ଉପରେ କହିଥିଲେ। ଉତ୍ସବ ରେ ଅବସର ନେଇଥିବା ୯ ଜଣ କୃତୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅବସରପ୍ରାପ୍ତ ପଣ୍ଡିତ ପୂର୍ଣ୍ଣ ଚନ୍ଦ୍ର ଦେଓ, ସହଧର୍ମିଣୀ ସବିତା ଜେନାଙ୍କୁ ଏକ ପଟୁଆରରେ ବାଜା ବାଣ ଫୁଟାଇ ତାଙ୍କ ଗାଁ ଯାଏ ନେଇ ଯାଇଥିଲେ।ଭ

# ଦୁର୍ଘଟଣା ଜନିତ ୩୭ ମାମଲା: ୨.୫୦ କୋଟି କ୍ଷତିପୂରଣ ପ୍ରଦାନ

କେନ୍ଦ୍ରାପଡା,(ସବ୍ୟୁ): କେନ୍ଦ୍ରାପଡାରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ମଟର ଜାନ ଦୁର୍ଘଟଣା ମାମଲା ୩୭ ଗୋଟି ଫଇସଲା ହୋଇ ୨ କୋଟି ୫୧ ଲକ୍ଷ ୪୫ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି । ମାନଯବର ଜିଲ୍ଲା ଓ ଦୌରାଜଜ୍ ଦୀପକ କୁମାରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନ୍‌ଜିବୀ ପ୍ରମୋଦ ଅଧିକାରୀ, ଦେବାଶିଷ ବେହେରା, ସୁରେନ୍ଦ୍ର କୁମାର ସାହୁ, ପଦ୍ମନାଭ ଅଧିକାରୀ, ମହମ୍ମଦ ନଇମ୍, ନିରଞ୍ଜନ ବଳ, ଶଶୀଭୂଷଣ ପ୍ରଧାନଙ୍କ ସମେତ ଅନ୍ୟ ଆଇନ୍‌ଜିବୀମାନେ ଉପସ୍ଥିତ ରହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ପରିବାର ବର୍ଗଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି ।

# ଜିଲ୍ଲା ବିଜେପିର ସେବା ସଂକଳ୍ପ ଅଭିଯାନ ୧୭ ରୁ

ଜଗତସିଂହପୁର,(ସବ୍ୟୁ):ଜଗତସିଂହପୁର ଜିଲ୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ୧୭ ସେପେଟମ୍ବରରୁ ୧୭ ଅକେଟାବର ପର୍ଯ୍ୟନ୍ତ ୧ ମାସ ବ୍ୟାପି ସେବା ସଂକଳ୍ପ ଅଭିଯାନ ଆୟୋଜନ କରାଯିବ ।୧୭ ସେପେଟମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଜନ୍ମ ଦିବସ ଥିବାରୁ ଏହି ଦିନରୁ ଅଭିଯାନ ଆରମ୍ଭ ହେବ ଏହି ଅଭିଯାନ ।ନରେନ୍ଦ୍ର ମୋଦିଙ୍କର ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ ଦିବସରୁ ଅଦ୍ୟାବଧି ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଭାବରେ ମୋଟ ୨୫ ବର୍ଷ ଦାୟିତ୍ୱବୋଧର ପୂର୍ତ୍ତି ଉପଲକ୍ଷେ ଏହି ସେବା ଓ ସଂକଳ୍ପ ଅଭିଯାନ ।ମୋଦିଙ୍କର ସେବା ଓ ଜାତି ପ୍ରତି ଉତ୍ସର୍ଗୀକୃତ ମନୋଭାବର ଗାଥା ସହିତ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନାକୁ ନେଇ ଗାଁ ଠାରୁ ସହର ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବାର ମୂଳ ଉଦେଶ୍ୟ । ବିକଶିତ ଭାରତ ୨୦୪୭ର ସଂକଳ୍ପକୁ ଦୃଢ଼ୀଭୂତ କରିବା ପାଇଁ ଜିଲ୍ଲାର ବିଭିନ୍ନ ମଣ୍ଡଳ, ଶକ୍ତି କେନ୍ଦ୍ର ଓ ଗ୍ରାମାଞ୍ଚଳରେ ୧୨ଟି ପ୍ରମୁଖ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ସେଥିମଧ୍ୟରେ ପ୍ରତି ଘରେ ଘରେ ଆଶ୍ରିବାଦର ଦୀପ, ଚିତ୍ରକଳା ସେବା ମାଧ୍ୟମରେ ମୋ ସୋପ୍ନର ଭାରତ,ଆଶା କର୍ମୀ ଓ ଅଙ୍ଗନବାଡି କର୍ମୀ ମାନଙ୍କୁ ଆଙ୍ଗନ ମିଳନ ସେବା କାର୍ଯ୍ୟକ୍ରମ ମାଧ୍ୟମରେ ସାର୍ବଜନୀନ ଅଭିନନ୍ଦନ ଓ ସମ୍ମାନ,ବିକଶିତ ଭାରତ ୨୦୪୭ ପାଇଁ ସେବା ଜ୍ୟୋତି କଳସ ସଂକଳ୍ପ ଶୋଭାଯାତ୍ରା,ସେବା ସେତୁ ଅଭିଯାନ ମାଧ୍ୟମରେ ବିଧାନ ସଭା ଓ ବ୍ଲକ ସ୍ତରରେ ଶିବିର ଆୟୋଜନ କରି ସରକାରୀ ଯୋଜନାର ଲାଭ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା, ଙଗୋଲି ରାଷ୍ଟ୍ର,ବାରଣାସୀ ସେବା ଯାତ୍ରା, ସୁଶାସନ ସେବା ଇତ୍ୟାଦି ବହୁ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।ଏହି ସମ୍ମିଳନୀରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର, ଜିଲ୍ଲା ବିଜେପି ସଂପାଦକ ଗଣେଶ୍ୱର ମହାନ୍ତି ପ୍ରମୁଖ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଉପସ୍ଥିତ ରହି ଏକ ମାସ ବ୍ୟାପି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ ।

# ଜାତୀୟ ରାଜପଥରେ ଗାଡି ପାର୍କିଂ, ବଢୁଛି ଦୁର୍ଘଟଣା



କେନ୍ଦ୍ରାପଡା ,(ସବ୍ୟୁ) :କେନ୍ଦ୍ରାପଡା ୫୩ ନମ୍ବର ଜାତୀୟ ରାଜପଥ ଚଣ୍ଡିଖୋଲଠାରୁ ପାରାଦୀପ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ପ୍ରାୟ ସରିଥିବାବେଳେ ଫଂଚୁପାଣ୍ଡବଠାରୁ ମଶାକଣୀ ପର୍ଯ୍ୟନ୍ତ ବିଶେଷ କରି ଓଲ▸▸, ଛତା, ଦୁହୁରିଆ, ଗୋପ, ଶ୍ୟାମସୁନ୍ଦରପୁର, ଶିଳିପୁର, ଛଗରିଆ ଇତ୍ୟାଦି ଅଂଚଳରେ ପୋଲ ତଳେ ପୋଲ ଉପରେ ଏବଂ ଜାତୀୟ ରାଜପଥ ଉପରେ ମନ ମୁତାବିକ ବଡ ବଡ ଟ୍ରକ ଗୁଡିକ ପାର୍କିଂ କରି ସର୍ଭିସିଂ କରିବା, ଗାଡି ସଜାଡିବା ଫଳରେ ଦୁର୍ଘଟଣା ବଢୁଛି । ଜାତୀୟ ରାଜପଥ ଉପରେ ଦୀର୍ଘଦିନ ଧରି ଗାଡି ଛିଡା କରାଇ ମନ ମୁତାବିକ ମରାମତି କରାଉଛନ୍ତି । ଏ ବିଷୟରେ ଜାତୀୟ ରାଜପଥ ଅଧିକାରୀ ଜିଲ୍ଲା ଆର୍‌ଟିଓ ବିଭାଗକୁ ଖବର ଦେବା ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଦିନକୁ ଦିନ ଦୁର୍ଘଟଣାରେ ଲୋକ ପ୍ରାଣ ହରାଉଛନ୍ତି । ତୁରନ୍ତ ଜାତୀୟ ରାଜପଥରୁ ଗାଡି ଗୁଡିକ ହଟାଇ ମାଲିକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

# ଶ୍ରୀ କ୍ଷେତ୍ରରୁ ଦିଲ୍ଲୀ ଯାତ୍ରା ପ୍ରସ୍ତୁତି, ସାଧୁସନ୍ଥଙ୍କ ଠାରୁ ମିଳିଲା ଆଜ୍ଞା



ପାଣିକୋଇଲ,(ସବ୍ୟୁ) : ପାଣିକୋଇଲି ଅଳତିରି ସ୍ଥିତ ଶ୍ରୀ ପୀଠର ପରିଚାଳକ ଦେବଦତ ରାୟ ଶ୍ରୀକ୍ଷେତ୍ରରୁ ଦିଲ୍ଲୀ ପଦଯାତ୍ରା କରିବୋ ପୂର୍ବରୁ ସାଧୁସନ୍ଥଙ୍କ ଆଦେଶରେ ବିରଜା କ୍ଷେତ୍ରରୁ ଶ୍ରୀକ୍ଷେତ୍ର ପଦଯାତ୍ରା କରି ଲକ୍ଷ୍ମୀ ମନ୍ଦିର ପାଇଁ ଭିକ୍ଷା କରି ପହଂଚିବା ପରେ ଜଗନ୍ନାଥଙ୍କ ହୁଣ୍ଡିରେ ଆଦାୟ ଭିକ୍ଷାକୁ ପ୍ରଦାନ କରିଥିଲେ। ଏବେ ପୁଣି ସାଧୁସ୍ଥଙ୍କ ନିର୍ଦ୍ଦେଶରେ ଶ୍ରୀ କ୍ଷେତ୍ରରୁ ଦିଲ୍ଲୀ ଯାତ୍ରା ରାଧାଷ୍ଟମୀ ତିଥିରେ ଅର୍ଥାତ ସେପେଟମ୍ବର ୧୯ ତାରିଖରୁ ଆରମ୍ଭ ହେବା ଭିକ୍ଷା ସହିତ ଯୁଦ୍ଧ ନୁହେଁ ଶାନ୍ତିର ବାର୍ତା ନେଇ ପଦଯାତ୍ରା କରାଯିବା ଏହି ଅବସରରେ ଆଜି ଶ୍ରୀ ପୀଠରେ ସାଧୁସନ୍ଥଙ୍କ ପୂଜନ, ଭକ୍ତ ମାନଙ୍କ ପାଇଁ ମା ଲକ୍ଷ୍ମୀଙ୍କ ନିକଟରେ ଗୁହାରୀ ବାକ୍ସର ଉନ୍ମୋଚନ ସହିତ ଶୀଳା ପୂଜନ କରାଯାଇଥିଲା। ପରେ ସାଧୁସନ୍ଥଙ୍କ ନିର୍ଦ୍ଦେଶରେ ଦିଲ୍ଲୀ ଯାତ୍ରା ପାଇଁ ଖସଡା ପ୍ରସ୍ତୁତ କରାଯାଇଥିଲା। ପ୍ରଥମେ ସାଧୁସ୍ଥଙ୍କ ଗହଣରେ ଶ୍ରୀ କ୍ଷେତ୍ରରୁ ଯାତ୍ରାର ଶୁଭାରମ୍ଭ କରାଯିବ ଏନେଇ ବାବା ଉଦୟନାଥ ପର୍ବତ, ଆନନ୍ଦ ରାଜ ମହାରାଜ, ତାନେଶ୍ୱରୀ ବାବା, ବ୍ରଜବାବାଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ସାଧୁସନ୍ଥ ଯୋଗଦେଇ ସୂଚନା ପ୍ରଦାନ କରିଥିଲେ। ବହୁ ଭକ୍ତ ପଦଯାତ୍ରାରେ ସାମିଲ ହେବାର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। କେବଳ ମନ୍ଦିର ପାଇଁ ଭିକ୍ଷା ନୁହେଁ ବରଂ ବିଶ୍ୱରେ ଯୁଦ୍ଧ ବଦଳରେ ଶାନ୍ତିର ବାର୍ତା ନେଇ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ପସ୍ତୁତ କରାଯାଇଛି ବୋଲି ଶ୍ରୀ ରାୟ ସୂଚନା ଦେଇଥିଲେ।

# ବୁଲାଷଣ୍ଢ, ମାଙ୍କଡଙ୍କ ଦୌରାତ୍ମ୍ୟ

କୁଜଙ୍ଗ (ସବ୍ୟୁ): କୁଜଙ୍ଗ ଅଞ୍ଚଳ ରେ ବୁଲା ଷଣ୍ଢ ଓ ମାଙ୍କଡଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିବା ଯୋଗୁଁ ନବ ନିର୍ମାଣ କୃଷକ ସଂଗଠନ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବେ । ଆସନ୍ତା ୧୬ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଚାଷୀ ମାନେ କୁଜଙ୍ଗ ତହସିଲଦାର ଙ୍କୁ ଏହି ଦାବି ପତ୍ର ପ୍ରଦାନ କରିବେ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏବେ କଥା ଉଠୁଛି ବୁଲା ଷ,, ମାନଙ୍କର ଦୌରାତ୍ମ୍ୟ ଏତେ ବୃଦ୍ଧି ପାଇଛି ଯେ ଧାନ ବିଲ ରେ ରୁଆ ଯାଉଥିବା ତଳି ଗୁଡିକୁ ସେମାନେ ପଶି ଖାଇ ଯାଉଛନ୍ତି । ଫଳରେ ଚାଷୀ ମାନେ ନ ଜଗିଲେ ଯେ କୌଣସି ସ୍ଥାନ ରେ ଧାନ ଗଛ ଗୁଡ଼ିକ କ୍ଷତି ହେଉଛି । ସେହିପରି ମାଙ୍କଡ଼ ମାନେ ବାଡ଼ି ରେ ଫଳୁଥିବା ପନିପରିବା କୁ ପଶି ଖାଇ ଯାଉଛନ୍ତି । ବହୁ ସ୍ଥାନ ରେ ମାଙ୍କଡ଼ କାମୁଡ଼ା ରେ ସାଧାରଣ ଲୋକେ ଆହତ ହେବାର ଖବର ମିଳିଛି । ମାଙ୍କଡ କାମୁଡାରେ ଆକ୍ରାନ୍ତ ହେଉଥିବା ଲୋକେ କୁଜଙ୍ଗ ଅବା ଜଗତସିଂହପୁର ଯାଇ ବହୁ ଖର୍ଚ୍ଚାନ୍ତ ହୋଇ ଇଞ୍ଜେକସନ ନେବାକୁ ପଡୁଛି । ମାଙ୍କଡ ମାନଙ୍କୁ ଅଟକାଇବାକୁ ଲୋକେ ସାହସ କରୁନଥିବା ବେଳେ ଜଙ୍ଗଲ ବିଭାଗ କର୍ମଚାରୀ ଏଥିପ୍ରତି ଦୃଷ୍ଟି ଦେଉନଥିବାର ଅଭିଯୋଗ ହୋଇଛି । ବିଭିନ୍ନ ସ୍ଥାନ ରେ ଥିବା ଗାଈ ଗୋରୁ ମାନଙ୍କୁ ଅଟକ ରଖିବାକୁ ହେଉଥିବା ଅଟକ ସ୍ଥାନ ଟି ଉଠି ଗଲାଣି । ସାଧାରଣ ଲୋକେ ବାଡ଼ି ରେ ଫସଲ ଖାଉଥିବା ଫସଲ ଜମି ରେ ପଶୁଥିବା ବୁଲା ଗାଈ ଗୋରୁ ଙ୍କୁ ଏହି ଅଟକ ସ୍ଥାନ ରେ ପୁରାଇ ଦିଅନ୍ତି । ମାତ୍ର ଅଟକ ସ୍ଥାନ ନଥିବା ଯୋଗୁଁ ଚାଷୀ ମାନେ ଘୋର ଦୁର୍ଦ୍ଦଶା ର ସମ୍ମୁଖୀନ ହେଉଛନ୍ତି । ଏହା ବିରୋଧ ରେ ଚାଷୀ ମାନେ ଏବେ ଆନ୍ଦୋଳନ କୁ ବାହାରିଛନ୍ତି । ରାଜ୍ୟ ସରକାର ଚାଷୀ ମାନଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରଗତି ମୂଳକ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ଷ,, ଓ ମାଙ୍କଡ ମାନଙ୍କୁ ଦମନ କରିବା ପାଇଁ ଚାଷୀ ମାନେ ଦାବି କରୁଛନ୍ତି । ରାଜ୍ୟ ମୁଖ୍ୟମନ୍ତ୍ରୀ, କୃଷି ବିଭାଗ ଓ ଜଙ୍ଗଲ ବିଭାଗ ଏଥିପାଇଁ ସଚେତନ ହୋଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନବ ନିର୍ମାଣ କୃଷକ ସଂଗଠନ ଦାବି ଉଠାଇଛି । ପ୍ରବଳ ବର୍ଷା ରେ ଚାଷୀ ମାନେ ହନ୍ତସନ୍ତ ହୋଇ ଚାଷ କାମ କରୁଥିବା ବେଳେ ଏହାକୁ ସମୂଳେ ଖାଇ ଧ୍ୱଂସ କରିଦେଉଛନ୍ତି ବୁଲା ଷ,, ମାନେ ବୋଲି ଚାଷୀ ମାନେ କହିଛନ୍ତି । ରାତି ଦିନ ନ ଜଗିଲେ କେଉଁ ବିଲ ରେ ଷ,, ପଶି ନଷ୍ଟ କରୁନାହାନ୍ତି ବୋଲି କହିହେଉନାହିଁ ।

# ପିକଅପ ଭ୍ୟାନ ଧକ୍କାରେ ୩ ଗୁରୁତର

ବାଲିପାଟଣା, (ସବ୍ୟୁ): ବାଲିପାଟଣା ଥାନା ଅଧୀନ ମଧୁବନ ଛକରେ ସୋମବାର ଏକ ପିକଅପ ଭ୍ୟାନ ଧକ୍କାରେ ଅଟୋ ଚାଳକଙ୍କ ସମେତ ୩ ଜଣ ଗୁରୁତର ହୋଇଛନ୍ତି । ଆହତମାନେ ହେଲେ ଅଟୋ ଚାଳକ ଜାଗମରା ଅଞ୍ଚଳର ଶ୍ୟାମସୁନ୍ଦର ବେହେରା, ଦୋରବାଙ୍ଗର ଉମାକାନ୍ତ ବାରିକ ଓ ବେନି ବାରିକ ।ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଭୁବନେଶ୍ୱର ପଟୁ ଏକ ପିକଅପ ଭ୍ୟାନ ଦ୍ରୁତଗତିରେ ଆସୁଥିଲା । ଏହି ସମୟରେ ବାଲିପାଟଣା ଛକ ପଟୁ ଏକ ଅଟୋ ଯାଉଥିବାବେଳେ ମଧୁବନ ଛକ ନିକଟରେ ପିକଅପ ଭ୍ୟାନଟି ଅଟୋକୁ ସାମ୍ନାପଟୁ ଧକ୍କା ଦେଇଥିଲା । ଫଳରେ ଅଟୋରେ ଥିବା ୩ ଜଣ ଗୁରୁତର ଆହତ ହୋଇଥିଲେ ।ସ୍ଥାନୀୟ ଲୋକେ ତୁରନ୍ତ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି ।ଅନ୍ୟପକ୍ଷରେ ଦୁର୍ଘଟଣା ପରେ ପିକଅପ ଭ୍ୟାନ ଚାଳକ ଘଟଣାସ୍ଥଳରୁ ଗାଡ଼ି ନେଇ ଖସିଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଗୋଡ଼ାଇଥିଲେ ମଧ୍ୟ ଧରିପାରି ନ ଥିଲେ । ଖବର ପାଇ ବାଲିପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

# ଅସ୍ତରଙ୍ଗ ଅଞ୍ଚଳରେ ଗଣେଶ ପୂଜା

ଅସ୍ତରଙ୍ଗ,(ସବ୍ୟୁ): ବିଘ୍ନ ବିନାଶନ ଶ୍ରୀ ଗଣେଶ ଙ୍କ ଆଗମନରେ ଅସ୍ତରଙ୍ଗ ଅଞ୍ଚଳ ଉତ୍ସ ମୁଖର ହୋଇ ଉଠିଛି । ଗଣେଶ ଚତୁର୍ଥୀ ଅବଶରରେ ପ୍ରତିଟି ଗଳି କନ୍ଦି ସ୍କୁଲ, କଲେଜ, ଅଫିସ ଓ ଘରେ ଘରେ ଗଣ ପତି ବାପ୍ପାଙ୍କ ମୂର୍ତ୍ତୀ ସ୍ଥାପନା କରା ଯାଇଛି । ଢୋଲ, ମୃଦଙ୍ଗ, ଘଣ୍ଟ, ଆଦି ଧ୍ୱନି ରର ପ୍ରକମ୍ପିତ ହେଉଛି ପରିବେଶ ବିଶେଷ କରି ଛାତ୍ର, ଛାତ୍ରୀମାନେ ଏହି ପୂଜାକୁ ବିଦ୍ୟା ଓ ବୁଦ୍ଧିର ଦେବତା ଭାବେ ପୂଜା କରି ଥିବା ବେଳେ, ଜନତା ହାଇ ସ୍କୁଲ, ସୁନ୍ଦର ହାଇସ୍କୁଲ, ଅସ୍ତରଙ୍ଗ ହାଇ ସ୍କୁଲ ଆଦି ବିଦ୍ୟାଳୟରେ ଗଣେଶ ପୂଜା ମହା ସମାରୋହରେ ପାଳିତ ହୋଇଛି ।

## ଜଙ୍କିଆ ପଲ୍ଲୀ ଉତ୍ସବ ଉଦ୍‌ଘାଟିତ

# ଭାଇଚାରା ସୃଷ୍ଟି କରିବାରେ ମହୋତ୍ସବର ଭୂମିକା ଅତୁଳନୀୟ

ନିରାକାରପୁର, (ସବ୍ୟୁ): :ଆମ ସଂସ୍କୃତି, ପରମ୍ପରା ଓ ଲୋକକଳାର ସୁରକ୍ଷା ସହ ସମାଜରେ ଭାଇଚାରା ବୃଦ୍ଧି କରିବାରେ ମହୋତ୍ସବଗୁଡ଼ିକର ଭୂମିକା ଅତୁଳନୀୟ । ପୂର୍ବସୁରୀମାନଙ୍କ ମହାନ ଅବଦାନକୁ ମନେ ପକାଇବା ସହ ଆଞ୍ଚଳିକ ପ୍ରତିଭାମାନଙ୍କୁ ଆଗକୁ ଆଣିବା ପାଇଁ ଏହା ଏକ ଶ୍ରେଷ୍ଠ ମଞ୍ଚ ବୋଲି ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ବାସନ୍ତୀ କ୍ଲବ ପଡ଼ିଆରେ ଆରମ୍ଭ ହୋଇଥିବା ଜଙ୍କିଆ ପଲ୍ଲୀ ଉତ୍ସବ-୨୦୨୬ର ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।ଉତ୍ସବ କମିଟି ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସଭାରେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ରୂପଶ୍ରୀରାଣୀ ଗୁମାନସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଜଙ୍କିଆ ଗ୍ରାମପଞ୍ଚାୟତ ସରପଞ୍ଚ



ଶ୍ରୀମତୀ ପଙ୍କଜିନୀ ବଳବନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଲ୍ଲୀ ସଂସ୍କୃତି, ଐତିହ୍ୟ ଓ ଗ୍ରାମୀଣ ଜୀବନଶୈଳୀର ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଜଙ୍କିଆ ଜିଲ୍ଲା ପରିଷଦ ସଭ୍ୟ ଈଶ୍ୱର ଚନ୍ଦ୍ର ମାର୍ଥା ଏବଂ ବିଶିଷ୍ଟ ସମାଜସେବୀ ସୁରେନ୍ଦ୍ରନାଥ ଜେନା ଉପସ୍ଥିତ ରହି ଉତ୍ସବର ସଫଳତା କାମନା କରିବା ସହ ନିଜ ନିଜର ବକ୍ତବ୍ୟ ରଖିଥିଲେ ।ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ କମଳେଶ ମହାରଣା ଓ ଅଶିନୀ ମହାନ୍ତି ମଞ୍ଚ ଉପସ୍ଥାପନା କରିଥିଲେ । ଉ଼ଦ୍‌ଘାଟନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କୁହୁଡ଼ିର "ମା' ମଙ୍ଗଳା ପାଇକ ଆଖଡ଼ା'ର ଶିଳ୍ପୀମାନଙ୍କ ଦ୍ୱାରା ଦୋହଲାଉଥିବା ପାଇକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ଏହାସହିତ ନିରାକାରପୁରର "ଶ୍ରୀ ସାଇ ଡ୍ୟାନ୍ସ ଗ୍ରୁପ' ଏବଂ ଭୁବନେଶ୍ୱରର "ସନ୍ସାଇନ ଡ୍ୟାନ୍ସ ଗ୍ରୁପ'ର କଳାକାରମାନଙ୍କ ଆକର୍ଷଣୀୟ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା ।କାର୍ଯ୍ୟକ୍ରମକୁ ସଫଳ କରିବାରେ ବାସନ୍ତୀ କ୍ଲବ ଓ ଜଙ୍କିଆ ପଲ୍ଲୀ ଉତ୍ସବ କମିଟିର ସମସ୍ତ ସଦସ୍ୟ ଏବଂ ସ୍ଥାନୀୟ ଜନସାଧାରଣ ପ୍ରମୁଖ ସହଯୋଗ କରିଥିଲେ ।

# ନିରାକାରପୁର, ଜଙ୍କିଆ ଅଞ୍ଚଳରେ ଗଣେଶ ପୂଜା

ନିରାକାରପୁର ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଓ ଏହାର ଆଖପାଖ ଅଞ୍ଚଳରେ ବିଘ୍ନବିନାଶକ ଶ୍ରୀଶ୍ରୀ ଗଣେଶଙ୍କ ପୂଜୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସରକାରୀ ତଥା ବେସରକାରୀ ଅନୁଷ୍ଠାନ, ବିଦ୍ୟାଳୟ, ମହାବିଦ୍ୟାଳୟ, କ୍ଲବ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ଗଜାନନଙ୍କ ମନୋରମ ମୂର୍ତ୍ତି ସ୍ଥାପନ କରାଯାଇ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି ।ନିରାକାରପୁର ଆର୍ଯ୍ୟ ବିହାର ସ୍ଥିତ ସରସ୍ୱତ୍ରୀ ଶିଶୁ ବିଦ୍ୟା ମନ୍ଦିର, ପଦ୍ମପୁର ମା' ପାଦୁକାଇୟୁଥ କ୍ଲବ, ନିରାକାରପୁର ଷ୍ଟେସନ ନିକଟସ୍ଥ ସରସତୀ ଶିଶୁ ବିଦ୍ୟା ମନ୍ଦିର, ନିରାକାରପୁର ନରେନ୍ଦ୍ରପୁର ସାହିୟୁନାଇଟେଡ କ୍ଲବ ଏବଂ ଜଙ୍କିଆ ବାଲିଗାଡ଼ିଆ ଓମ ଶ୍ରୀ ଗ୍ରୁପ ଗଣେଶ ପୂଜା କମିଟି ପକ୍ଷରୁ ଚିତ୍ତାକର୍ଷକ ମଣ୍ଡପ ନିର୍ମାଣ କରାଯାଇ ଗଣପତିଙ୍କ ପୂଜାର୍ଚ୍ଚନା କରାଯାଇଥିଲା ।ସେହିପରି କମାଗୁରୁ ସ୍ଥିତ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ଡ. ରେଣୁବାଳା ସାମନ୍ତରାୟ, ନିରାକାରପୁର ଓଡ଼ିଶା ଇନଷ୍ଟିଚ୍ୟୁଟ ଅଫ କମ୍ପ୍ୟୁଟର ଷ୍ଟଡିଜ୍ରେ କାର୍ତ୍ତିକ ସାମନ୍ତରାୟ, ଚାଣକ୍ୟ ଟ୍ୟୁଟୋରିଆଲରେ ଅଧ୍ୟାପକ ଶ୍ୟାମସୁନ୍ଦର ପଟ୍ଟନାୟକ, ସୀୟାରାମ ଟ୍ୟୁଟୋରିଆଲରେ ଅଭିରାମ ପଣ୍ଡା, ରାଜେଶ ପ୍ରତିହାରୀ ଓ ବିଦ୍ୟାଧର ବିଶ୍ୱାଳଙ୍କ ତ%୦।ବଧାନରେ, କାର୍ଯ୍ୟ ସମ୍ପାଦିତ ହୋଇଥିଲା ।ଗାଇଡାନ୍ସ ଏକାଡେମୀରେ ପୁଷ୍ପା ଗୁରୁମା, ଜ୍ଞାନ ସାର୍, ଚିନ୍ମୟ ସାର୍, ମାଧବ ସାର୍ ଓ ଝାନସୀ ମ୍ୟାଡ଼ାମ ଏବଂ କଲ୍ୟାଣୀ ଟ୍ୟୁଟୋରିଆଲରେ ଗୁରୁ ଜ୍ଞାନେନ୍ଦ୍ର ମହାପାତ୍ର ଓ ଶ୍ୟାମସୁନ୍ଦର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପୂଜାପାଠ ପରିଚାଳନା କରିଥିଲେ । ଏହି ଅବସରରେ ଶତାଧିକ ଛାତ୍ରଛାତ୍ରୀ ଓ ଶ୍ରଦ୍ଧାଳୁ ମଣ୍ଡପଗୁଡ଼ିକରେ ପୁଷ୍ପାଞ୍ଜଳି ଅର୍ପଣ କରି ପ୍ରଭୁ ଗଜାନନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ।ଏତଦ୍‌ବ୍ୟତୀତ ନିରାକାରପୁର, ଜଙ୍କିଆ ଓ ଆଖପାଖ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଗଣପତି ପୂଜା ବେଶ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି ।

# ଥାନାରେ ଦାବିପତ୍ର ଦେଲା ଗୋପାଳପୁର ମହିଳା ମୋର୍ଚ୍ଚା

ଫୁଲନଖରା ,(ସବ୍ୟୁ): ଆଗାମୀ ଗଣେଶ ପୂଜା, ଖୁଦୁରୁକୁଣୀ ପୂଜା ଓ ଭସାଣି ଉତ୍ସବକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ଭାବେ ପାଳନ ପାଇଁ ଗୋପାଳପୁର ମଣ୍ଡଳ ମହିଳା ମୋର୍ଚ୍ଚା ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ଏନେଇ ମହିଳା ମୋର୍ଚ୍ଚା ସଭାପତି ବନ୍ଦନା କୁମାରୀ ବେଉରାଙ୍କ ନେତୃତ୍ୱରେ ମହିଳାମାନେ କଟକ ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ତୁଷାରକାନ୍ତ ସେଠୀ ମହୋଦୟଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ପୂଜା ଓ ଭସାଣି ସମୟରେ ମହିଳା ଓ ଯୁବତୀମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ସହ ଅସାମାଜିକ ବ୍ୟକ୍ତିଙ୍କ ଉପରେ ନଜର ରଖିବା, ଜନଗହଳିପୂର୍ଣ୍ଣ ସ୍ଥାନରେ ପୋଲିସ ପାଟ୍ରୋଲିଂ ବୃଦ୍ଧି, ମୁଖ୍ୟ ରାସ୍ତା ଓ ଛକଗୁଡ଼ିକରେ ଯାତାୟାତ ନିୟନ୍ତ୍ରଣ ଏବଂ ଆବଶ୍ୟକସ୍ଥଳରେ ପୋଲିସ ମୁତୟନ କରିବାକୁ ଦାବି କରାଯାଇଛି । ବିଶେଷକରି ଭସାଣି ଯାତ୍ରା ସମୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ, ଟ୍ରାଫିକ ନିୟନ୍ତ୍ରଣ ଓ



ମହିଳା ପୋଲିସ ମୁତୟନ ପାଇଁ ମଧ୍ୟ ଅନୁରୋଧ କରାଯାଇଛି । ଏହାସହ ଉତ୍ସବ ସମୟରେ ଅଶ୍ଳୀଳତା, ଅସଦାଚରଣ, ମଦ୍ୟପାନ କରି ଉତ୍ପାତ ଓ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପ ରୋକିବା ସହ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖିବାକୁ ମହିଳା ମୋର୍ଚ୍ଚା ପକ୍ଷରୁ ଦାବି ହୋଇଛି । ପୂଜା କମିଟିଗୁଡ଼ିକୁ ନିର୍ଦ୍ଦିଷ୍ଟ ନିୟମ ଓ ଅନୁମତି ଅନୁସାରେ କାର୍ଯ୍ୟକ୍ରମ କରିବାକୁ ସଚେତନ କରାଇବା ପାଇଁ ମଧ୍ୟ ଅନୁରୋଧ କରାଯାଇଛି । ଏହି ଅବସରରେ ମହିଳା ମୋର୍ଚ୍ଚା ସମ୍ପାଦିକା ଚାନ୍ଦିନୀ ପାଣିଗ୍ରାହୀ, ସୌଦାମିନୀ ଶତପଥୀ, ରଶ୍ମିମୟୀ ପଟ୍ଟନାୟକ, ଶାନ୍ତିଲତା ନାୟକ, ମୋନିକା ଶର୍ମା, ସବିତା ଦାସ, ଧରିତ୍ରୀ ଦାସ, ରଞ୍ଜିତା ରାଉତ, ରାଜଲକ୍ଷ୍ମୀ ବେହେରା, ନୂତନ ସାମଲ ଓ କମଳା ଜେନାଙ୍କ ସମେତ ମୋର୍ଚ୍ଚାର ବହୁ ସଦସ୍ୟା ଉପସ୍ଥିତ ଥିଲେ ।

# ଅସୁସ୍ଥ ସାମ୍ବାଦିକଙ୍କ ଆଶୁ ଆରୋଗ୍ୟ ଲାଗି ଦୀପଦାନ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ପ୍ରେସ କ୍ଲବ ସତ୍ୟବାଦୀର ସଭାପତି ବରିଷ୍ଠ ସାମ୍ବାଦିକ କିଶୋର ଚନ୍ଦ୍ର ମହାପାତ୍ର ଅସୁସ୍ଥ ହୋଇ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ଆଶୁ ଆରୋଗ୍ୟ କାମନା କରି ବିଭିନ୍ନ ମହଲରୁ ପ୍ରାର୍ଥନା ଓ ଶୁଭେଚ୍ଛା ଜଣାଯାଇଛି । ଏହି ପରିପ୍ରେକ୍ଷୀରେଆଚାର୍ଯ୍ୟ ହରିହର ଶିଶୁ ଭବନ ପକ୍ଷରୁ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ନିକଟରେ ତାଙ୍କର ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରାଯାଇ ଦୀପଦାନ କରାଯାଇଥିଲା । ଏଥିରେ ଭବନର ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ଅଧୀକ୍ଷକ ସୁବୋଧ କୁମାର ସ୍ୱାଇଁ, ସଦସ୍ୟ ପ୍ରମୋଦ କୁମାର ଜେନା ଓ ସ୍ୱର୍ଣ୍ଣଲତା ନାୟକ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।ସେହିପରି ପୁରୀ ଓଟିଭି ପ୍ରତିନିଧି ମଧୁସୂଦନ ମିଶ୍ର, ସତ୍ୟବାଦୀ ବିଧାୟକଙ୍କ ଧର୍ମପନି ଇଂ ଦେବ ବନିତା ଆଚାର୍ଯ୍ୟ, ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ସଭାପତି ଦୁର୍ଗା ପ୍ରସାଦ ମହାପାତ୍ର, ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ, ଉପସଭାପତି ବ୍ରଜକିଶୋର ମହାପାତ୍ର ଓ ଗୁରୁ ଅଶୋକ ସାହୁ , । ସାକ୍ଷୀଗୋପାଳ ମନ୍ଦିର ସୁପରଭାଇଜର ବିଶନାଥ ମହାପାତ୍ର , ସାକ୍ଷୀଗୋପାଳ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଲୋକନାଥ ବାରିକ , ସାକ୍ଷୀଗୋପାଳଙ୍କ ବରିଷ୍ଠ ସେବାୟତ ରାମ ଚନ୍ଦ୍ର ନନ୍ଦ , ଆଇନଜୀବୀ ଅଞ୍ଜନ କୁମାର ହୋତା , ସତ୍ୟବାଦୀ ପ୍ରେସ କ୍ଲବ ସମ୍ପାଦକ ଅଶୋକ ବେହେରା , ଦୁର୍ଗେସ ପ୍ରସାଦ ମିଶ୍ର , ପ୍ରମୁଖ ଚିକିତ୍ସାଳୟରେ ପହଞ୍ଚି କିଶୋର ମହାପାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ତାଙ୍କ ଶୀଘ୍ର ସୁସ୍ଥତା କାମନା କରିଥିଲେ ।

# ସେତୁ ନିର୍ମାଣ , ରାସ୍ତାର ଉନ୍ନତିକରଣର ମାରଥାନ ଶିଳାନ୍ୟାସ

ଖ ଣ୍ଡ ପ ଡ଼ା , ( ସ ବୁ ୟ ) : ଖଣ୍ଡପଡ଼ାରୁ ଖଲିସାହିକୁ ସଂଯୋଗ କରୁଥିବା ବାଇପାସ ରାସ୍ତାରେ ଅବସ୍ଥିତ ସୁନାମୁହିଁ ନଦୀ ଉପରେ ଉଚ୍ଚ ତମ ସେତୁ ନିର୍ମାଣ ନିମନ୍ତେ ଶନିବାର ଅପରାହ୍ନରେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ରୁପେ ଯୋଗ ଦେଇ ନୂତନ ସେତୁ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିଥିଲେ ।ସମ୍ମାନିତ ଅତିଥି ଭାବେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ, ଖଣ୍ଡପଡ଼ା ବ୍ଲକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ,ବିଡିଓ ଅଙ୍କୁର ଅଭିଳାଷ,ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ ପ୍ରମୁଖ ଶିଳାନ୍ୟାସ ଉତ୍ସବରେ ଯୋଗ ଦେଇଥିଲେ ।ଖଣ୍ଡପଡା ପୂର୍ତ୍ତବିଭାଗ କର୍ତ୍ତୃପକ୍ଷଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନିର୍ମାଣ



ହେବାକୁ ଯାଉଥିବା ଉକ୍ତ ସେତୁ ନିମନ୍ତେ ୫ କୋଟି ୮୦ ଲକ୍ଷ ୮୮ ହଜାର ଟଙ୍କା ମଞ୍ଜୁର ହୋଇଥିବା ଜଣାଯାଇଛି । ସେହିପରି ଖଣ୍ଡପଡା ବ୍ଲକ ଅଧୀନ ଖଲିସାହିରୁ ଆଡକଟା ଛକକୁ ସଂଯୋଗ କରୁଥିବା ରାସ୍ତାରେ ଅବସ୍ଥିତ କୁଆଁରିଆ ନଦୀ ଉପରେ ଏକ ଉଚ୍ଚ ତମ ସେତୁ ନିର୍ମାଣ ନିମନ୍ତେ ମନ୍ତ୍ରୀ, ସାଂସଦ ବିଧାୟକ ଓ ନୟାଗଡ ଜିଲ୍ଲାପାଳ ମଧୁମିତା ରଥଙ୍କ ଉପସ୍ଥିତିରେ ସେତୁ ନିକଟରେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଥିବା ଜଣାଯାଇଛି ।

# ଅଘୋଷିତ ବିଦ୍ୟୁତ କାଟ : ଫୋନ ଉଠାଉ ନାହାନ୍ତି ଅଧିକାରୀ

ଗଣିଆ ,(ସବ୍ୟୁ): ନୟାଗଡ଼ ଗଣିଆ ବ୍ଲକରେ ଅଘୋଷିତ ବିଦ୍ୟୁତ କାଟ କୁ ନେଇ ଦିନକୁ ଦିନ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି । ଗତ ୧୩ତାରିଖ ରବିବାର ଅପରାହ୍ନ ୨ଟା ୪୫ ମିନିଟ ସମୟରୁ ଗଣିଆ - ଛାମୁଣ୍ଡିଆ ୩୩କେଭି ଲାଇନ ତ୍ରୁଟି ଯୋଗୁଁ ଛାମୁଣ୍ଡିଆ ଅଞ୍ଚଳବାସୀ ୨୩ଘଣ୍ଟା ଅନ୍ଧାରରେ ରହିଥିଲେ । ବିଶେଷ କରି ଗଣେଶ ପୂଜା ପାଇଁ ଚଳଚଞ୍ଚଳ ଥିବାବେଳେ ବିଦ୍ୟୁତ ସମସ୍ୟାକୁ ନେଇ ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀମାନଙ୍କୁ ଯୋଗାଯୋଗ କଲେ ଫୋନ କୁ ସୁଇଚଅଫ କରି ଦେଉଛନ୍ତି ତ ଆଉ କେତେବେଳେ ଚିରାଚରିତ ଢଙ୍ଗ ରେ କହୁଛନ୍ତି ୩୩କେଭି ଖରାପ ଅଛି । ଦିନ ଦିନ ଧରି ବିଦ୍ୟୁତକାଟ ଯୋଗୁଁ ଜନ ସାଧାରଣ ଅନ୍ଧାରରେ ରହିବା ସହ ବିଭିନ୍ନ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ସନ୍ଧ୍ୟାରେ ପିଲାମାନଙ୍କ ପାଠପଢାରେ ବ୍ୟାହତ ହେଉଛି । ଫଳରେ ବିଦ୍ୟୁତ ଉପଭୋକ୍ତାଙ୍କ ଅସନ୍ତୋଷ ଆଗକୁ ବିରାଟ ଜନ ଆନ୍ଦୋଳନରେ ପରିଣତ ହେବାକୁ ଯାଉଛି । ଏଭଳି ବିଦ୍ୟୁତ ବିଭ୍ରାଟ ଓ କର୍ମଚାରୀମାନଙ୍କ ମନମୁଖୀ କାର୍ଯ୍ୟକଳାପକୁ ନେଇ ବିଦ୍ୟୁତ ଉପଭୋକ୍ତାମାନେ ବିଦ୍ୟୁତ ବିଲ ନଦେଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବଡମୁଳ ଗ୍ରାମର ପବିତ୍ର ମୋହନ ସାମଲ କହିଛନ୍ତି । ଆବଶ୍ୟକ ପଡିଲେ ଖାଉଟି ଅଦାଲତ ଆଶ୍ରୟ ନିଆଯିବ ବୋଲି ପ୍ରକାଶ କରିଛନ୍ତି । ଅନ୍ୟପକ୍ଷେ ମିଟର ରିଡିଙ୍ଗରେ ଅହେତୁକ ବିଲ କସା ଯାଉଥିବାର ଲୋକେ ଅଭିଯୋଗ କରିଛନ୍ତି । ଏସମ୍ପର୍କରେ ବିଦ୍ୟୁତ ବିଭାଗ ଟୋଲଫ୍ରି ନମ୍ବରରେ ଫୋନ କଲେ କେବଳ ଧନ୍ୟବାଦ ମିଳିବା ଛଡା କୌଣସି ସୁଫଳ ମିଳୁନାହିଁ ବୋଲି ହରିପୁର ଗ୍ରାମର ସପନ କୁମାର ମହାନ୍ତି କୁହନ୍ତି । ଏ ସମ୍ପର୍କରେ ବିଦ୍ୟୁତ ବିଭାଗର କନିଷ୍ଠଯନ୍ତ୍ରୀ ଓ ଦଶପଲ୍ଲା ଉପଖଣ୍ଡ ସ୍ତରୀୟ ଅଧିକାରୀଙ୍କୁ ୯୪୩୭୫୫୫୫୨୪ନମ୍ବରରେ ଯୋଗାଯୋଗ କରିବାରୁ ଫୋନ ଉଠାଇ ନଥିଲେ । ପରବର୍ତୀ ସମୟରେ ଯୋଗାଯୋଗ କଲାବେଳେ ଏହି ନମ୍ବର କାହାକୁ ଦିଆ ଯାଇନାହିଁ ବୋଲି କମ୍ପୁଟର କହୁଥିବାର ଶୁଣିବାକୁ ମିଳୁଛି । ସୂଚନା ଥାଉକି ବିଦ୍ୟୁତ ବିତରକ କମ୍ପାନୀ ବିଦ୍ୟୁତ ତାର ହେଉ ଅବା ଅନ୍ୟାନ୍ୟ ଯନ୍ତ୍ରାଂଶ ସଠିକ ଭାବେ ମରାମତି କରୁନଥିବାରୁ ବାରମ୍ବାର ଏଭଳି ସମସ୍ୟା ସୃଷ୍ଟି ହେଉଥିବା ସାଧାରଣରେ ଆଲୋଚନା ହେଉଛି ।

# ଅଗଷ୍ଟରେ ୧୨୫୮୧ଟି ଟ୍ରାକ୍ଟର ବିକ୍ରି କରିଛି ସୋନାଲିକା

ବାଲିପାଟଣା, (ସବ୍ୟୁ) : ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକଫର୍ସ ଏହାର ୨୦୨୬-୨୭ ଆର୍ଥିକ ବର୍ଷର ଉଲ୍ଲେଖନୀୟ ବର୍ଗ ଜାରି ରଖିଛି । ଗତ ଅଗଷ୍ଟ ମାସରେ କମ୍ପାନୀ ମୋଟ ୧୨୫୮୧ଟି ଟ୍ରାକ୍ଟର ବିକ୍ରି କରିଛି । ଏହି ବିକ୍ରି ଶିଳ୍ପର ସାମଗ୍ରିକ ପ୍ରଦର୍ଶନ ତୁଳନାରେ ୧.୯ ଗୁଣ ଅଭିବୃଦ୍ଧି ଦ୍ୱାରା ପରିଚାଳିତ ହୋଇଛି ଯାହା ଭାରାତୀୟ ବଜାରରେ ଅଗ୍ରଣୀ ସଂସ୍ଥାଗୁଡିକ ମଧ୍ୟରେ ଏହାର ମଜବୁତ ସ୍ଥିତିକୁ ପ୍ରତିଫଳନ କରୁଛି । ଏହାର ଗୌରବମୟ ୩୦ତମ ବାର୍ଷିକୀ ବର୍ଷରେ ଅଭେ ଏକ ଅତୁଳନୀୟ ସଫଳତା ଯୋଗ କରି କମ୍ପାନୀ ଏହାର ପଞ୍ଜାବର ହୋସିଆରପୁରସ୍ଥିତ ବିଶ୍ୱର ଏକ ନମ୍ବର ଟ୍ରାକଫର ଉତ୍ପାଦନକାରୀ ପ୍ଲାଣ୍ଟରେ ୧୮୦୬୭ଟି ଟ୍ରାକ୍ଟରର ସର୍ବୋଚ୍ଚ ମାସିକ ଉତ୍ପାଦନ ରେକର୍ଡ କରିଛି । ଏହା ଆଗାମୀ ପାର୍ବଣ ଋତୁ ସମୟରେ କୃଷକଙ୍କ ଚାହିଦା ପୂରଣ କରିବା ପାଇଁ କମ୍ପାନୀର ପ୍ରସ୍ତୁତିକୁ ମଜବୁତ କରିଛି । ଏହି ଦୁଇଟି ସଫଳତା ସୋନାଲିକାର ସମନ୍ୱିତ ବ୍ୟବସାୟ ଇକୋସିଷ୍ଟମର ଶକ୍ତିକୁ ପ୍ରଦର୍ଶିତ କରୁଛି ଯେଉଁଠାରେ ଉତ୍ପାଦନ କ୍ଷମତା, ଉତ୍ପାଦ ଶକ୍ତି ଓ ବଜାର ଦୃଢତା ଉପଯୁକ୍ତ ତାଳମେଳ ସହ କାର୍ଯ୍ୟ କରୁଛି ।

# ମା ମଙ୍ଗଳା କ୍ଲବର ଗଣେଶ ପୂଜା ପାଳିତ

ଆଠଗଡ଼ ,(ସବ୍ୟୁ): ଆଠଗଡ଼ ସହରରେ ଅନେକ ସ୍ଥାନରେ ଗଣେଶ ପୂଜା ପାଳିତ ହୋଇଯାଇଛି । ସେଥିମଧ୍ୟରୁ ଆଠଗଡ଼ ସହରର ବିରକିଶୋରପୁର ମାମଙ୍ଗଳା କ୍ଲବ ରେ ନିଆରା ଢଙ୍ଗରେ ଗଣେଶ ପୂଜା ପାଳିତ ହୋଇଛି । ଦୀର୍ଘ ୨୮ ବର୍ଷ ଧରି ଏହି ପୂଜା ପାଳିତ ହୋଇଆସୁଛି ।ଏହି କ୍ଲବରେ ପ୍ରାୟ ୩୩୦ ଜଣ ସଭ୍ୟ ପୂଜା କରୁଛନ୍ତି । ଏହି କ୍ଲବ ଟି ହେଉଛି ଭାଇଚାରାର କ୍ଲବ । ଏଠାରେ ପ୍ରତିବର୍ଷ ଶାନ୍ତି ଶୃଙ୍ଖଳା ସହିତ ସମସ୍ତ ପର୍ବପର୍ବାଣୀ ପାଳନ କରିଥାଆନ୍ତି । ଏହି ଗଜାନନ ଙ୍କ ପୂଜାରେ ବିଭିନ୍ନ ପ୍ରକାରର ରଙ୍ଗ ବେରଙ୍ଗର ଲାଇଟ ଲଗାଇ ସୁସଜ୍ଜିତ କରାଯାଇଛି ।ମା ମଙ୍ଗଳା କ୍ଲବ ସଭାପତି ସରୋଜ କୁମାର



ଦାସ , ସମ୍ପାଦକ ପ୍ରତାପ କୁମାର ପାଇକରାୟ, କୋଷାଧ୍ୟକ୍ଷ ପ୍ରଭୁଦତ୍ତ ବେହେରା ଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତ୍ତା ମାନଙ୍କ ସହଯୋଗରେ ଗଜାନନ ଙ୍କ ପୂଜା ଧୁମଧାମରେ ପାଳନ କରିଛନ୍ତି । ଆସନ୍ତା ୨୨ ତାରିଖ ଦିନ ଗଣେଶ ଠାକୁରଙ୍କ ଭସାଣି କରାଯିବ ବୋଲି କ୍ଲବ ସଭାପତି ସୂଚନା ଦେଇଛନ୍ତି ।

# ବିଦ୍ୟାଦାତା ଗଜାନନଙ୍କ ପୂଜା

କାକାଟପୁର ,(ସବ୍ୟୁ): ପବିତ୍ର ଗଣେଶ ଚତୁର୍ଥୀ ଅବସରରେ କାକଟପୁର ଓ ଏହାର ଆଖପାଖ ଅଞ୍ଚଳ ପୁରପଲ୍ଲୀ ରେ ବିଘ୍ନ ବିନାଶନ ପୂଜା ମହା ସରୋହରେ ପାଳିତ ହୋଇଯାଇଛି । ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ବ୍ୟବସାୟୀ ସଂଘ, କ୍ଲବ, ମାନଙ୍କରେ ପୂଜା ମଣ୍ଡପ ଗୁଡ଼ିକୁ ସୁ ଉଚ୍ଚ ତୋରଣ ଆକର୍ଷଣିଆ ଆଲୋକ ମାଳା ମନଲୋଭା ମୁମ୍ବାଇ ମଡେଲ ମୂର୍ତ୍ତିମାନ ପ୍ରତିଷ୍ଠା କରାଯାଇ ଗଜାନନଙ୍କ ପୂଜାର୍ଚ୍ଚନା କରାଯାଇଛି । ସେହିପରି କାକଟପୁରର ସର୍ବପୁରାତନ ବଜାର, ଗଣେଶ ବଜାର ବ୍ୟବସାୟୀ ସଙ୍ଘ ତରଫରୁ ଗଜାନନଙ୍କ ପୂଜା କାହିଁ କେତେକାଳରୁ ହୋଇଆସୁଥିବା ବେଳେ ଏହି ବର୍ଷ ମଧ୍ୟ ବହୁଆଡମ୍ବରରେ ସମ୍ପୂର୍ଣ୍ଣ ନୀତିକାନ୍ତି ସହ ପୂଜା କରାଯାଇଛି । ଅନ୍ୟ ଅନୁଷ୍ଠାନ ମଧ୍ୟରେ ,ମଙ୍ଗଳା କ୍ରିକେଟ କ୍ଲବ, ଟାଉନ କ୍ଲବ, ମେଡିକାଲ ବଜାର ଓ ଚନ୍ଦନ ବଜାର ବ୍ୟବସାୟୀ ସଙ୍ଘରେ ପୂଜା ଧୁମଧାମ ରେ ପାଳନ ଚାଲିଛି ।ଏହା ବ୍ୟତୀତ କାକଟପୁର ସରକାରୀ ବିଦ୍ୟାଳୟ, ରାମକୃଷ୍ଣ ଶିଶୁମନ୍ଦିର,ଉତ୍କଳମଣି ମେମୋରିଆଲ ଗୁରୁକୁଳ ସରସ୍ୱତୀ ଶିଶୁମନ୍ଦିର, କେବିଏମ କିଡ଼ ସ୍କୁଲ, ଜାହାନ ପବ୍ଲିକ ସ୍କୁଲ, ଜାଭିଅର ଆଦି ଶିକ୍ଷାନୁଷ୍ଠାନ ମାନଙ୍କ ରେ ପିଲାମାନଙ୍କ ଦ୍ୱାରା ମଙ୍ଗଳମୂର୍ତ୍ତି ବିଦ୍ୟାଦାତା ଗଜାନନ ଙ୍କ ପୂଜା ଅତି ଧୂମଧାମ ରେ ପାଳନ କରାଯାଇଛି

# ବିଭିନ୍ନ ସ୍ଥାନରେ ବିଘ୍ନ ବିନାଶକ ଗଣନାୟକଙ୍କ ପୂଜା


ଟାଙ୍ଗୀ/କୁହୁଡ଼ି ,(ସବ୍ୟୁ): ଟାଙ୍ଗୀ,ଚାନ୍ଦପୁର,କନ୍ଧନୟାଗଡ,କାଳୁପଡା ଘାଟ,ଭୂଷଣ୍ଡପୁର,ବାଲିପାଟପୁର ସୁନ୍ଦରପୁର ସମେତ ବିଭିନ୍ନ ଅଞ୍ଚଳରେ ଥିବା ବିଦ୍ୟାଳୟ,ମହାବିଦ୍ୟାଳୟ,ଘରୋଇ ଶିକ୍ଷାନୁଷ୍ଠାନ,ବିଶେଷକରି ବିଭିନ୍ନ କ୍ଲବ,ବିଭିନ୍ନ ମାଟ୍ରିକ ବ୍ୟାଚ ଦ୍ୱାରା ବିଘ୍ନ ବିନାଶକ ଗଣନାୟକ ଗଣେଶ ପୂଜା ପାଳିତ ହୋଇଯାଇଛି । ବିଭିନ୍ନ କ୍ଲବ,ମାଟ୍ରିକ ବ୍ୟାଚ ର ଯୁବକ ମାନଙ୍କ ଦ୍ୱାରା ସୁଉଚ ମୃଣ୍ମୟ ମୂର୍ତ୍ତୀ,ଚିତାକର୍ଷକ ମେଢ,ଆଲୋକିକରଣ ପ୍ରତିଯୋଗିତାମୂଳକ ହୋଇଥିବା ଦେଖିବାକୁ ମିଳିଛି । ଟାଙ୍ଗୀ ଚିଲିକା ଛକ ଠାରୁ ବଡ଼ପାରୀ ଛକ ସର୍ବାଧିକ ବିଭିନ୍ନ ବ୍ୟାଚ ର ଯୁବକଙ୍କ ଦ୍ୱାରା ପୂଜା ଆକର୍ଷଣୀୟ ହୋଇଛି । ଟାଙ୍ଗୀରେ ୫୦ ରୁ ଅଧିକ,ଚାନ୍ଦପୁର ଅଞ୍ଚଳରେରେ ୩୦ ରୁ ଅଧିକ ପୂଜା ମଣ୍ଡପ ପ୍ରତିଯୋଗିତାମୂଳକ ହୋଇଥିବା ଦେଖିବାକୁ ମିଳିଛି । ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ,ଟାଙ୍ଗୀ ବାଳିକା ଉଚବିଦ୍ୟାଳୟ,ରାମକୃଷ୍ଣ ଶିକ୍ଷାକେନ୍ଦ୍ର,ବିବେକାନନ୍ଦ ଶିକ୍ଷାକେନ୍ଦ୍ର କନ୍ଧନୟାଗଡ,ବିଣାପାଣୀ ଶିଶୁ ମନ୍ଦିର,ସରସ୍ୱତୀ ଶିଶୁ ମନ୍ଦିର ଚାନ୍ଦପୁର,ସତ୍ୟସାଇ ବିଦ୍ୟାମନ୍ଦିର,ମହର୍ଷି ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ମାତୃବିହାର କାଳୁପଡାଘାଟ,ବିଗ୍ରେଡ ସ୍କୁଲ ସମେତ ବିଭିନ୍ନ ବେସରକାରୀ,ସରକାରୀ ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀମାନେ ପୁଷ୍ପାଞ୍ଜଳି ଦେଇ ବିଘ୍ନରାଜ ଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ ।

# ପ୍ରଗତି ଯୁବକ ସଂଘର ଗଣେଶ ପୂଜା ମହୋତ୍ସବ

ରଣପୁର, (ସବ୍ୟୁ):ପବିତ୍ର ଶ୍ରୀଗଣେଶ ପୂଜା ଅବସରରେ ପ୍ରଗତି ଯୁବକ ସଂଘ, ରଣପୁର ପକ୍ଷରୁ ଆୟୋଜିତ ହେଉଛି ୭୮ତମ ବିଘ୍ନ ବିନାୟକ ଶ୍ରୀଗଣେଶ ପୂଜା ମହୋତ୍ସବ । ଦୀର୍ଘ ବର୍ଷର ଏହି ପରମ୍ପରାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଛି ।ମହୋତ୍ସବରେ ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ବାଦିପାଲା ଆୟୋଜିତ ହେଉଛି । ଏଥିରେ ଖୋର୍ଦ୍ଧା ବଂକୋଇର ପ୍ରଫୁଲ୍ଲ ଚନ୍ଦ୍ର ସାନନ୍ତରାୟ ଏବଂ କଟକ ନରସିଂହପୁରର ଶରତ କୁମାର ଦଳେଇଙ୍କ ଦ୍ୱାରା ବାଦିପାଲା ପରିବେଷଣ କରାଯାଉଛି । ଏହାସହ ୧୮ ତାରିଖରେ ନୃତ୍ୟ ପ୍ରତିଯୋଗିତା, ୧୯ ତାରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୨୦ ତାରିଖରେ "ସେହି ଗୋଟିଏ ଭୁଲ ପାଇଁ' ଶୀର୍ଷକ ସାମାଜିକ ନାଟକ ପରିବେଷଣ ହେବ । ଶେଷରେ ୨୧ ତାରିଖରେ ଭସାଣି ଉତ୍ସବ



ଅନୁଷ୍ଠିତ ହେବ ମହୋତ୍ସବର ପ୍ରଥମ ଦିବସରେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିକ୍ଷକ ସାହିତ୍ୟିକ ଓ ପ୍ରବଚକ ବିରଞ୍ଚି ନାରାୟଣ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ପୂଜା କମିଟିର ସଭାପତି ଲିଙ୍ଗରାଜ ନାୟକ, ସମ୍ପାଦକ କୃଷ୍ଣଚନ୍ଦ୍ର ଦାଶ, କମିଟି ପରିଚାଳକ ରମେଶ ଚନ୍ଦ୍ର ମହାପାତ୍ର ଓ ଉପଦେଷ୍ଟା ସୁରେଶ ଚନ୍ଦ୍ର ଶର୍ମା ପ୍ରମୁଖ ଯୋଗଦେଇଥିଲେ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନାର ଦାୟିତ୍ୱ ଅଧ୍ୟାପକ ସତ୍ୟ ନାରାୟଣ ମହାପାତ୍ର ତୁଲାଇଥିଲେ ।ପରମ୍ପରା ଓ ଆଧୁନିକତାର ସୁନ୍ଦର ସମନ୍ୱୟରେ ଆୟୋଜିତ ଏହି ମହୋତ୍ସବ ରଣପୁରର ଧାର୍ମିକ ଓ ସାଂସ୍କୃତିକ ପରିବେଶକୁ ଆହୁରି ଜୀବନ୍ତ କରିଛି । ଆଗାମୀ କାର୍ଯ୍ୟକ୍ରମଗୁଡ଼ିକୁ ଉପଭୋଗ କରିବା ପାଇଁ ରଣପୁରବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଭକ୍ତ ଓ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଛି । ସେହିପରି ରଣପୁର ଏନ. ଏସି ଓ ରଣପୁର ବ୍ଲକ ର ସମସ୍ତ ପଞ୍ଚାୟତ ସହିତ ଶିକ୍ଷାନୁଷ୍ଠାନ ରେ ଗଣେଷ ପୂଜା ମହାସମାରୋହ ପାଳିତ ହୋଇଯାଇଛି ।



ବାଲୁଗାଁ ନିକଟ କୁମ୍ଭୀରପଡା ଗ୍ରାମରେ ଅନୁଷ୍ଠିତ ଗଣେଶ ପୂଜା

# ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପରଲୋକ

ବା ଲି ଅ ନ୍ତା , ( ସ ବୁ ୟ ) : ବାଲକାଟି ଅଞ୍ଚଳର ଜଣାଶୁଣା ବ୍ୟକ୍ତିତ୍ୱ ବିବେକାନନ୍ଦ ମହାନ୍ତି(୮୨)ଙ୍କ ରବିବାର ଦିନ ସିରିଆଦେଇ ସ୍ଥିତ ନିଜ ବାସଭବନରେ ପରଲୋକ ହୋଇଛି । ସେ ଓଡ଼ଶା ସରକାରଙ୍କ ସ୍ୱାସ୍ଥ୍ୟବିଭାଗରେ ଚାକିରୀ କରିଥିବା ବେଳେ ନିର୍ମାଣ ଶିକ୍ଷାନୁଷ୍ଠାନର ମୁଖ୍ୟ ସିଦ୍ଧେଶ୍ୱର ମହାନ୍ତିଙ୍କ ବାପା ଥିଲେ । ସେ ୨୦୦୪ ରେ ଅବସର ନେଇଥିବା ବେଳେ ବାଲକାଟି, ଡେଲାଙ୍ଗ, କଣାସ ଏବଂ ବାଙ୍ଗୁରିଗାଁରେ ଚାକିରୀ କରିଥିଲେ । ମରଶରୀର ନିକଟରେ ଧର୍ମପନି ନିରୁପମା ମହାନ୍ତି, ୩ ଝିଅ ଜ୍ୱାଇଁ, ପୁଅ ବୋହୂ ନାତୀନାତୁଣୀ ଜ୍ଞାତି ପରିଜନ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବରପାଇ ବରିଷ୍ଠ ବିଜେପି ନେତା ସମିର ମହାନ୍ତି, ଶିଶୁସାହିତ୍ୟିକ ଅରୁଣ ଚନ୍ଦ୍ର ମହାନ୍ତି, ବରିଷ୍ଠ କଂଗ୍ରେସ ମହାନ୍ତି ବେଣୁଧର ଭୋଇ ପ୍ରମୁଖ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଶେଷଦର୍ଶନ କରିଥିଲେ ।ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ପୁଅ ସିଦ୍ଧେଶ୍ୱର ମୁଖାଗ୍ନି ଦେଇଥିଲେ ।

## ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା

ସାକ୍ଷୀଗୋପାଳ ,(ସବ୍ୟୁ): ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ସାକ୍ଷୀଗୋପାଳର ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ପାଣିପାଗ ଭଲ ଥିବାରୁ ଛାତ୍ରଛାତ୍ରୀ ମାନଙ୍କର ବିଭିନ୍ନ ବିଦ୍ୟାଳୟ ଓ ବଜାର ବୁଲିବାର ଆନନ୍ଦ ଉଲ୍ଲାସରେ ଭରି ଯାଇଥିଲା । ସାକ୍ଷୀଗୋପାଳ ବଡ଼ ବଜାର ବୁଢା ଗଣେଶ, ମଠ ସାହି ଲଣ୍ଡା ଗଣେଶ, ଗେଟ ବଜାର ଶ୍ରୀରାମ ଗଣେଶ, ବାସୁକେରା କମାଣ୍ଡୋ ଗ୍ରୁପ ଗଣେଶ, କାଦୁଆ ଛକ, ପଟ୍ଟନାୟିକିଆ ଛକ ସମେତ ସମସ୍ତ ଗଣେଶ ମଣ୍ଡପରେ ଗଜାନଙ୍କ ପୂଜା ଆରମ୍ଭ ହୋଇଅଛି । ଆସନ୍ତା କାଲି ମଙ୍ଗଳବାର ଠାରୁ ଶ୍ରୀ ଶ୍ରୀ ଗଣେଶ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣା ପଡ଼ିଅଛି ।

# ସମ୍ପାଦକୀୟ




## ବ୍ରିକ୍ସ ଶିଖର ସମ୍ମିଳନୀ ଓ ଭାରତ

ବ୍ରିକ୍ସର ଦୁଇଦିନିଆ ଶିଖର ସମ୍ମିଳନୀ ନୂଆଦିଲ୍ଲୀର ଭାରତ ମଣ୍ଡପରେ ଶେଷ ହୋଇଛି । ଭାରତ ଏହି ଶିଖର ସମ୍ମିଳନୀର ଅଧ୍ୟକ୍ଷ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ତାହାର କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପନ୍ନ କରି ପାରିଛି । ବ୍ରିକ୍ସ ରାଷ୍ଟ୍ରସମୂହର ପରବର୍ତ୍ତୀ ଅଧ୍ୟକ୍ଷ ଭାବେ ଚୀନକୁ ଭାରତର ପ୍ରଧାନମନ୍ତ୍ରୀ ତାଙ୍କର ଛଡି ପ୍ରଦାନ କରିଛନ୍ତି । ବିଶ୍ୱର ପଶ୍ଚିମାଞ୍ଚଳ ଉପରେ ନିର୍ଭରଶୀଳ ନ ହୋଇ ବିଶ୍ୱର ଦକ୍ଷିଣାଞ୍ଚଳର ସଦସ୍ୟ ରାଷ୍ଟ୍ରମାନଙ୍କୁ ନେଇ ଗଠିତ ଏହି ବ୍ରିକ୍ସ ଆପୋଷ ବୁଝାମଣା ଓ ବନ୍ଧୁତ୍ୱ ନୀତିରେ ଯାବତୀୟ ବାଣିଜ୍ୟିକ ଓ ଅନ୍ୟାନ୍ୟ କାର୍ଯ୍ୟକୁ ଆଗେଇ ନେବା ଲାଗି ଗତ ୧୨ ଓ ୧୩ ସେପ୍ଟେମ୍ବର (୨୦୨୬)ରେ ଅନୁଷ୍ଠିତ ଏହି ସମ୍ମିଳନୀ ଯେଉଁ ବାର୍ତ୍ତା ଦେଇ ପାରିଛି, ତାହା ଭାରତର ସମ୍ମାନ ତ ବଢାଇଛି, ଭାରତକୁ ଆତ୍ମନିର୍ଭରଶୀଳ ହେବା ଲାଗି ପ୍ରେରଣା ମଧ୍ୟ ଦେଇଛି । ଭାରତ ବ୍ରିକ୍ସର ଅଧ୍ୟକ୍ଷତା କରିବାର ସୁଯୋଗ ଲାଭ କରିବା ପରେ ପ୍ରାୟ ୩୧ଟି ସହରରେ ୪୦୦ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସରକାରୀ ଓ ବେସରକାରୀ ତଥା ବିଭିନ୍ନ ସଂସ୍ଥାର ବିଶେଷଜ୍ଞ ବା ବ୍ୟବସାୟୀ ଓ ଶିଳ୍ପଦ୍ୟୋଗୀମାନଙ୍କ ଅଂଶଗ୍ରହଣ ଏହି ବ୍ରିକ୍ସ ଶିଖର ସମ୍ମିଳନୀକୁ ସଫଳ କରି ପାରିଥିଲା, ଏଥିରେ ସନ୍ଦେହ ନାହିଁ । ୨୦୨୩ରେ ଜି୨୦ ରାଷ୍ଟ୍ର ସମୂହର ଅଧ୍ୟକ୍ଷତା ମଧ୍ୟ ଭାରତ କରିଥିଲା । ସେତେବେଳେ ଯଦିଓ ରୁଷ–ୟୁକ୍ରେନ ଯୁଦ୍ଧ ଉପରେ ମତ ପାର୍ଥକ୍ୟ ଦେଖା ଯାଇଥିଲା, ଭାରତ ତାହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସେତେବେଳେ ନିର୍ବାହ କରି ନିଜର ମର୍ଯ୍ୟାଦା ରକ୍ଷା କରି ପାରିଥିଲା । ପରସ୍ପର ମଧ୍ୟରେ ରାଷ୍ଟ୍ରମୁଖ୍ୟମାନେ ଭିନ୍ନ ଭିନ୍ନ ମତ ବିଭିନ୍ନ କ୍ଷେତ୍ରରେ ପ୍ରକାଶ କରି ଆସୁଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ବ୍ୟକ୍ତିତ୍ୱ ସେମାନଙ୍କୁ ଏକାଠି କରି ପାରିଥିଲା । ସେତେବେଳେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅବଶ୍ୟ ପ୍ରଶଂସିତ ହୋଇଥିଲା ।

**ଏହି ବ୍ରିକ୍ସ ଘୋଷଣାନାମା ବାହାରେ ଦ୍ୱିପାକ୍ଷିକ ଆଲୋଚନାରେ ଭାରତ ମଧ୍ୟ ଲାଭବାନ ହୋଇଛି । ରୁଷ ସହିତ ଶିଳ୍ପ ଓ ଶକ୍ତି, ବାଣିଜ୍ୟିକ ବଜାର ଓ ସୀମାନ୍ତରେ ଶାନ୍ତି ବିଷୟରେ ଚୀନ ଏବଂ ୟୁନାଇଟେଡ ଆରବ ଏମିରେଟସ ପକ୍ଷରୁ ଓଡ଼ିଶାରେ ୧୧ ଦଶମିକ ୫ ବିଲିଅନ ଡଲାର ନିବେଶରେ ଆଲୁମିନିୟମ ପ୍ରକଳ୍ପ ବିଷୟରେ ହୋଇଥିବା ଆଲୋଚନା ଭାରତ ପାଇଁ ମଧ୍ୟ ଫଳପ୍ରଦ ହେବ । ଭାରତଠାରୁ ଚୀନ ଆର୍ଥିକ କ୍ଷେତ୍ରରେ ଉନ୍ନତ ଥିବା ସତ୍ତ୍ୱେ ଉଭୟ ରାଷ୍ଟ୍ରର ଆର୍ଥିକ ପରିସ୍ଥିତି ଅଧିକ ସ୍ୱଚ୍ଛଳ ହୋଇ ପାରି ନାହିଁ । ଶକ୍ତି କ୍ଷେତ୍ରରେ ଭାରତ ଓ ଉତ୍ପାଦନ କ୍ଷେତ୍ରରେ ଚୀନ ଯୁଦ୍ଧଜନିତ ପରିସ୍ଥିତି ଯୋଗୁଁ ପଛରେ ପଡ଼ିଥିବା କଥାକୁ ଅସ୍ୱୀକାର କରାଯାଇ ନ ପାରେ ।**

ଜାତିସଂଘର ସଂସ୍କାର ଦିଗରେ ଭାରତର ପ୍ରସ୍ତାବକୁ ଅନ୍ୟ ବ୍ରିକ୍ସ ରାଷ୍ଟ୍ରର ସଦସ୍ୟମାନେ ସହମତି ଜଣାଇଥିଲେ । ଏପରିକି ଆତଙ୍କବାଦ ବିରୋଧରେ ଓ ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣ ବିରୋଧରେ ନିନ୍ଦା ପ୍ରସ୍ତାବ ମଧ୍ୟ ଏହି ସମ୍ମିଳନୀରେ ଗୃହୀତ ହୋଇଥିଲା । ପଶ୍ଚିମାଞ୍ଚଳର ରାଷ୍ଟ୍ରମାନଙ୍କ ବିରୋଧରେ ବ୍ରିକ୍ସ ରାଷ୍ଟ୍ରମାନଙ୍କର ଏହା ଏକ ପ୍ରକାର ସାଂଗଠନିକ ଏକତା ଥିଲେ ମଧ୍ୟ ଭାରତ କେତେକ ୟୁରୋପୀୟ ରାଷ୍ଟ୍ରଙ୍କ ସହିତ ବାଣିଜ୍ୟିକ ସୁସମ୍ପର୍କ ରଖି ପାରିଛି । ଏହି ବ୍ରିକ୍ସ ଘୋଷଣାନାମାରେ ବାଣିଜ୍ୟିକ ଶୁଳ୍କ କଟକଣା ପ୍ରଭୃତି ବିଷୟ ମଧ୍ୟ ଭାରତକୁ ସାହସ ଦେଇଥିବା ପରି ମନେ ହେଉଛି ।

ଏହି ବ୍ରିକ୍ସ ଘୋଷଣାନାମା ବାହାରେ ଦ୍ୱିପାକ୍ଷିକ ଆଲୋଚନାରେ ଭାରତ ମଧ୍ୟ ଲାଭବାନ ହୋଇଛି । ରୁଷ ସହିତ ଶିଳ୍ପ ଓ ଶକ୍ତି, ବାଣିଜ୍ୟିକ ବଜାର ଓ ସୀମାନ୍ତରେ ଶାନ୍ତି ବିଷୟରେ ଚୀନ ଏବଂ ୟୁନାଇଟେଡ ଆରବ ଏମିରେଟସ ପକ୍ଷରୁ ଓଡ଼ିଶାରେ ୧୧ ଦଶମିକ ୫ ବିଲିଅନ ଡଲାର ନିବେଶରେ ଆଲୁମିନିୟମ ପ୍ରକଳ୍ପ ବିଷୟରେ ହୋଇଥିବା ଆଲୋଚନା ଭାରତ ପାଇଁ ମଧ୍ୟ ଫଳପ୍ରଦ ହେବ । ଭାରତଠାରୁ ଚୀନ ଆର୍ଥିକ କ୍ଷେତ୍ରରେ ଉନ୍ନତ ଥିବା ସତ୍ତ୍ୱେ ଉଭୟ ରାଷ୍ଟ୍ରର ଆର୍ଥିକ ପରିସ୍ଥିତି ଅଧିକ ସ୍ୱଚ୍ଛଳ ହୋଇ ପାରି ନାହିଁ । ଶକ୍ତି କ୍ଷେତ୍ରରେ ଭାରତ ଓ ଉତ୍ପାଦନ କ୍ଷେତ୍ରରେ ଚୀନ ଯୁଦ୍ଧଜନିତ ପରିସ୍ଥିତି ଯୋଗୁଁ ପଛରେ ପଡ଼ିଥିବା କଥାକୁ ଅସ୍ୱୀକାର କରାଯାଇ ନ ପାରେ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭାରତ ପାଇଁ ପାଞ୍ଚଟି ବିଜୟ ଓ ପାଞ୍ଚଟି ନୂତନ ଆହ୍ୱାନ –୨

( Five Wins And Five Frontiers For India)



**ଡକ୍ଟର ଚିତ୍ତରଂଜନ ମିଶ୍ର**

ପ୍ରଥମ: ସହରୀକରଣ–ପ୍ରଥମ ସୀମାନ୍ତ ହେଉଛି ସହରୀକରଣ । ଭାରତ ନିମ୍ନ ଉତ୍ପାଦକତା, ଜନଗହଳିପୂର୍ଣ୍ଣ ଏବଂ ପ୍ରଦୂଷିତ ସହରଗୁଡିକ ସହ ଏକ ଉଚ୍ଚ–ଆୟ ଅର୍ଥନୀତି ହୋଇପାରିବ ନାହିଁ । ସହରଗୁଡିକ ଅଭିବୃଦ୍ଧି ବା ପ୍ରଗତିର ମୁଖ୍ୟ ଚାଳିକା ଶକ୍ତି ହେବା ଆବଶ୍ୟକ । ବଜେଟ ସମ୍ବଳକୁ ସମୃଦ୍ଧ କିମ୍ବା ସଂପୂର୍ଣ୍ଣ କରିବା ପାଇଁ ମ୍ୟୁନିସିପାଲ୍ ବଣ୍ଡ (ପୌରପାଳିକା ଋଣପତ୍ର), ଜମି ମୂଲ୍ୟ ସଂଗ୍ରହ ଏବଂ ବ୍ୟବହାରୀକାରୀ ଶୁଳ୍କର ସହାୟତା ନେବା ନିହାତି ଆବଶ୍ୟକ । **ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ ବା ସହରାଞ୍ଚଳ ଆହ୍ୱାନ ପାଣ୍ଠି ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏକ ପ୍ରମୁଖ ଆର୍ଥିକ ପଦକ୍ଷେପ, ଯାହାର ଉଦ୍ଦେଶ୍ୟ ପ୍ରତିଯୋଗିତାମୂଳକ ମାଧ୍ୟମରେ ସହରଗୁଡିକର ବିକାଶ ଓ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା । ଏହି ଯୋଜନା ପାଇଁ କେନ୍ଦ୍ର ସରକାର ୧ଲକ୍ଷ କୋଟି ଟଙ୍କା ଆବଣ୍ଟନ କରିଛନ୍ତି । ସହରଗୁଡିକୁ ଅଧିକ କ୍ଷମତାସଂପନ୍ନ, ଜଳବାୟୁ–ଅନୁକୂଳ ଏବଂ ନିବେଶ ଉପଯୋଗୀ କରିବା । ଏହା ବଜାର– ଆଧାରିତ ପାଣ୍ଠି ଏବଂ ବେସରକାରୀ ଭାଗିଦାରୀ ଜରିଆରେ କାମ କରେ । ସହରାଞ୍ଚଳ ଆହ୍ୱାନ ପାଣ୍ଠି କେବଳ ଆଉ ଏକ ସରକାରୀ ଅନୁଦାନ କାର୍ଯ୍ୟକ୍ରମ ନହୋଇ, ଏହା ମାଧ୍ୟମରେ ବେସରକାରୀ ପୁଞ୍ଜି ନିବେଶକୁ ଆକର୍ଷିତ ତଥା ଏକାଠି କରିବା ଉଚିତ ।** ଗଣ ପରିବହନ, ବର୍ଜ୍ୟବସ୍ତୁ ପରିଚାଳନା, ଜଳ, ବାୟୁ ଗୁଣବତ୍ତା ଏବଂ ଗମନାଗମନଭିତ୍ତିକ ବିକାଶକୁ ଅର୍ଥନୈତିକ ଭିତ୍ତିଭୂମି ଭାବରେ ବିବେଚନା କରାଯିବା ଉଚିତ୍ । ଏହି ସବୁ ସେବାକୁ କେବଳ ସାମାଜିକ କଲ୍ୟାଣ ବା ମୌଳିକ ଆବଶ୍ୟକତା ଭାବେ ନଦେଖି, ସେମାନଙ୍କୁ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବା ମୂଳଦୁଆ ଭାବେ ଗ୍ରହଣ କରିବା ଉଚିତ୍, କାରଣ ଏଗୁଡିକର ଉନ୍ନତି ଦ୍ୱାରା ହିଁ ବ୍ୟବସାୟ ଓ ଆର୍ଥିକ ବିକାଶ ସମ୍ଭବ ହୋଇଥାଏ ।

**ଦ୍ୱିତୀୟ : ଉତ୍ପାଦନ ପ୍ରତିଯୋଗିତାତ୍ମକତା:–** କେବଳ ପ୍ରୋତ୍ସାହନ (ଭତ୍ତା/ରିହାତି) ମାଧ୍ୟମରେ ଭାରତ ବିଶ୍ୱର କାରଖାନା ହୋଇପାରିବ ନାହିଁ । ସରକାର କମ୍ପାନୀଗୁଡିକୁ କେବଳ ଆର୍ଥିକ ପ୍ରୋତ୍ସାହନ ବା ସବସିଡି ଦେଇଦେଲେ ଭାରତ ଉତ୍ପାଦନ କ୍ଷେତ୍ରରେ ବିଶ୍ୱର ନମ୍ବର –୧ ରାଷ୍ଟ୍ର ହୋଇପାରିବ ନାହିଁ । ଭାରତକୁ ବିଶ୍ୱର ସବୁଠୁ ବଡ ମାନୁଫ୍ୟାକଚରିଂ ହବ୍ କରିବାକୁ ହେଲେ ଅନ୍ୟାନ୍ୟ ମୂଳଦୁଆ ପକ୍କା କରିବାକୁ ହେବ । ଏଥିପାଇଁ ଭଲ ଭିତ୍ତିଭୂମି, ଦକ୍ଷ ଶ୍ରମିକ , ସହଜ ଆଇନ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ରହିଛି । ବିଦ୍ୟୁତ, ଋଣ, ପରିବହନ, ଜମି ଏବଂ ନିୟମାବଳୀର ମୂଲ୍ୟ ଦ୍ୱାରା ହିଁ ପ୍ରତିଦିନ ପ୍ରତିଯୋଗିତାମୂଳକ ମନୋଭାବ ବା ସାମର୍ଥ୍ୟ ନିର୍ଦ୍ଧାରିତ ହୋଇଥାଏ । ଆମକୁ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ହେବ, ଅନାବଶ୍ୟକ ଅଣ–ଶୁଳ୍କ ପ୍ରତିବନ୍ଧକଗୁଡିକୁ ହଟାଇବାକୁ ହେବ , ସୀମା ଶୁଳ୍କ କ୍ଲିଅରାନ୍ସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ହେବ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକୁ ନଗଦ ପ୍ରବାହ ଆଧାରୀକରଣ ଉପଲବ୍ଧ କରାଇବାକୁ ହେବ । ବ୍ୟବସାୟ କରିବାର ସହଜତା କ୍ଷେତ୍ରରେ ରାଜ୍ୟଗୁଜିକ ମଧ୍ୟରେ ଦୃଢ ପ୍ରତିଦ୍ୱନ୍ଦିତା ହେବା ଉଚିତ୍ ।

**ତୃତୀୟ: ପ୍ରଯୁକ୍ତିଗତ ସାର୍ବଭୌମତ୍ୱ :–** ସେମିକଣ୍ଡକ୍ଟରସ୍ କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ ଆଡଭାନ୍ସଡ ମ୍ୟାଟେରିଆଲ୍ସ ଭାରତବର୍ଷର ଅର୍ଥନୈତିକ ଓ ଭୂ–ରାଜନୈତିକ ଶକ୍ତି ନିର୍ଦ୍ଧାରଣ କରିବ । ଭାରତ କେବଳ ବିଶ୍ୱର ବ୍ୟାକ୍ ଅଫିସ, (ଅନ୍ୟ ଦେଶ ପାଇଁ କାମ କରୁଥିବା କେନ୍ଦ୍ର କିମ୍ବା ଅନ୍ୟ କେଉଁଠାରେ ପ୍ରସ୍ତୁତ ହୋଇଥିବା ପ୍ରଯୁକ୍ତିବିଦ୍ୟା)ର ଜଣେ ଗ୍ରାହକ ହୋଇ ରହିପାରିବ ନାହିଁ । ଆମକୁ ଏକ ଉତ୍ପାଦନକାରୀ ରାଷ୍ଟ୍ର ହେବାକୁ ପଡିବ । ଆମକୁ ଏଭଳି ଏକ ରାଷ୍ଟ୍ର ହେବାକୁ ପଡିବ ଯେଉଁ ରାଷ୍ଟ୍ର ନିଜେ ନିଜର ଆବଶ୍ୟକ ସାମଗ୍ରୀ, ସଫ୍ଟୱେୟାର କିମ୍ବା ଟେକ୍ନୋଲୋଜି ନିଜେ ତିଆରି କରୁଥିବ । ଆମ ପାଇଁ ଏହା ଏକାନ୍ତ ଅପରିହାର୍ଯ୍ୟ ଅଟେ । ଏଥିପାଇଁ ଅଧିକ ଘରୋଇ ଗବେଷଣା ଓ ବିକାଶ କାର୍ଯ୍ୟକ୍ରମ, ଧୈର୍ଯ୍ୟବାନ ପୁଞ୍ଜି ଏବଂ ବିଶ୍ୱବିଦ୍ୟାଳୟ ଷ୍ଟାର୍ଟଅପ୍ସ ଓ ଶିଳ୍ପ ଜଗତ ମଧ୍ୟରେ ଏକ ନିବିଡ ସହଭାଗିତା ଆବଶ୍ୟକ ଅଟେ । ରିସର୍ଚ୍ଚ, ଡେଭଲପ୍‌ମେଣ୍ଟ ଏବଂ ଇନ୍ନୋଭେସନ (ଗବେଷଣା, ବିକାଶ ଓ ନବସୃଜନ) ପାଇଁ ଉଦ୍ଦିଷ୍ଟ ଏକ ଲକ୍ଷ କୋଟି ଟଙ୍କାର ପାଣ୍ଠିକୁ ଏଭଳି ଭାବେ ବ୍ୟବହାର କରାଯିବା ଉଚିତ, ଯାହାଦ୍ୱାରା ବେସରକାରୀ ନିବେଶକମାନେ ବିପଦପୂର୍ଣ୍ଣ ବ୍ୟବସାୟ ବା ଷ୍ଟାର୍ଟଅପଗୁଡିକରେ ନିଜ ପୁଞ୍ଜି ନିବେଶ କରିବା ପାଇଁ ଆକର୍ଷିତ ହେବେ । ଯୁଗାନ୍ତକାରୀ ପ୍ରଯୁକ୍ତିବିଦ୍ୟା ପାଇଁ ସରକାରୀ କ୍ରୟ ପ୍ରକ୍ରିୟା ଏକ ବଜାର ସୃଷ୍ଟିକାରୀ ହେବା ଆବଶ୍ୟକ । ଅର୍ଥାତ୍ ଯେତେବେଳେ କୌଣସି ନୂଆ ଏବଂ ବଡ ପ୍ରଯୁକ୍ତିବିଦ୍ୟା ଆସେ, ବଜାରରେ ତା'ର ଚାହିଦା ନଥାଏ । ଯଦି ସରକାର ନିଜେ ସେହି ନୂଆ ଟେକ୍ନୋଲୋଜିକୁ ପ୍ରଥମେ ବଡ ପରିମାଣରେ କିଣିବା ଆରମ୍ଭ କରିବେ, ତେବେ ସେହି ଟେକ୍ନୋଲୋଜି ତିଆରି କରୁଥିବା କମ୍ପାନୀଗୁଡିକୁ ପ୍ରୋତ୍ସାହନ ମିଳିବ ଏବଂ ବଜାରରେ ତା'ର ଏକ ସ୍ଥାୟୀ ଚାହିଦା ସୃଷ୍ଟି ହେବ । ଏହା ଦ୍ୱାରା ଦେଶରେ ଇନ୍ନୋଭେସନ ବା ନୂତନତ୍ୱର ବିକାଶ ହୋଇପାରିବ ।

**ଚତୁର୍ଥ –ମହାକାଶ ଗବେଷଣା :–**୨୦୨୬ ଜୁଲାଇ –୧୮ ତାରିଖ ଦିନ 'ସ୍କାଇରୁଟ ଏରୋସ୍ପେସ୍' ର ବିକ୍ରମ –୧ ରକେଟ ଶ୍ରୀହରିକୋଟାରୁ ସଫଳତାର ସହ ପୃଥିବୀର କକ୍ଷପଥରେ ପହଞ୍ଚିବା ଭାରତର ପ୍ରଥମ ବେସରକାରୀ ଭାବେ ନିର୍ମିତ ମହାକାଶ ଯାନର ଏକ ଐତିହାସିକ ସଫଳତାକୁ ବୁଝାଇଥାଏ । ଏହାହିଁ ପ୍ରକୃତରେ ସଂସ୍କାରର ଲକ୍ଷ୍ୟ ହେବା ଉଚିତ୍ ସରକାରଙ୍କ ପ୍ରାଧାନ୍ୟ ଥିବା ଏକ କ୍ଷେତ୍ରକୁ ଏପରି ଏକ କ୍ଷେତ୍ରରେ ପରିଣତ କରିବା, ଯେଉଁଠାରେ ସରକାରୀ ସାମର୍ଥ୍ୟ ବେସରକାରୀ ନବସୃଜନ ପାଇଁ ସୁଯୋଗ ସୃଷ୍ଟି କରିବ । ଭାରତର ମହାକାଶ ଷ୍ଟାର୍ଟଅପ ଇକୋସିଷ୍ଟମ ବା ପରିବେଶ ୪୦୦ରୁ ଅଧିକ କମ୍ପାନୀରେ ପହଞ୍ଚିସାରିଛି । ବିକ୍ରମ –୧ ରକେଟ ଏକ ବ୍ୟତିକ୍ରମ ହୋଇ ରହିବା ଉଚିତ ନୁହେଁ । ବିକ୍ରମ –୧ଯେଉଁ ସଫଳତା ବା ସ୍ୱତନ୍ତ୍ରତା ହାସଲ କରିଛି ତାହା କେବଳ ଗୋଟିଏ ଥର ପାଇଁ ସୀମିତ ହୋଇ ରହିବା କଥା ନୁହେଁ, ଏଭଳି ସଫଳତା ଆଗକୁ ମଧ୍ୟ ବାରମ୍ବାର ଦୋହରାଯିବା ଉଚିତ ଏବଂ ଏହା ଏକ ସାଧାରଣ ପ୍ରକ୍ରିୟା ହେବା ଆବଶ୍ୟକ । ଭାରତକୁ ରକେଟ ଉତ୍‌କ୍ଷେପଣ, ଉପଗ୍ରହ, ପୃଥିବୀ ପର୍ଯ୍ୟବେକ୍ଷଣ ଏବଂ ଏହାର ପରବର୍ତ୍ତୀ ପ୍ରୟୋଗ କ୍ଷେତ୍ରରେ ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିପାରୁଥିବା ଏକାଧିକ କମ୍ପାନୀର ଆବଶ୍ୟକତା ରହିଛି ।

**ପଞ୍ଚମ ଏବଂ ସର୍ବାଧିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସୀମାନ୍ତ ହେଲା ମାନବ ସମ୍ବଳ:–**ଭାରତର ଡେମୋଗ୍ରାଫିକ୍ ଡିଭିଡେଣ୍ଡ ବା ଜନସଂଖ୍ୟାଗତ ଲାଭାଂଶ ସମୟ –ସୀମିତ । ଭାରତ ପାଖରେ ଏବେ ସବୁଠାରୁ ଅଧିକ ଯୁବଶକ୍ତି ଅଛନ୍ତି, ଯାହା ଦେଶର ବିକାଶ ପାଇଁ ଏକ ବଡ ସୁଯୋଗ । କିନ୍ତୁ ଏହି ସୁଯୋଗ ସବୁଦିନ ପାଇଁ ରହିବ ନାହିଁ । ଯଦି ଆମେ ଏହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଯୁବକମାନଙ୍କୁ ଠିକ ଶିକ୍ଷା, କୌଶଳ ଏବଂ ରୋଜଗାର ନଦେଇପାରିବା, ତେବେ ଆମେ ଏହି ବଡ ସୁଯୋଗକୁ ହରାଇ ବସିବା । କିଛି ଦଶନ୍ଧି ପରେ ଏହି ଯୁବକମାନେ ବୃଦ୍ଧ ହୋଇଯିବେ ଏବଂ ଦେଶରେ ବୟସ୍କ ଲୋକଙ୍କ ସଂଖ୍ୟା ବଢିଯିବ । ତେଣୁ ଆମକୁ ଦକ୍ଷତା ବିକାଶ, ଶିକ୍ଷାନବିସ (ଆପ୍ରେଣ୍ଟିସସିପ୍) ଏବଂ ବୃତ୍ତିଗତ ଶିକ୍ଷାର ସଂପୂର୍ଣ୍ଣରୂପେ ପୁନର୍ବିଚାର କରିବାକୁ ପଡିବ, ଶିଳ୍ପଜଗତ କେବଳ ତାଲିମପ୍ରାପ୍ତ ମାନବ ସମ୍ବଳର ଉପଭୋକ୍ତା ନହୋଇ, ପାଠ୍ୟକ୍ରମ ଏବଂ ପ୍ରଶିକ୍ଷଣ ପ୍ରସ୍ତୁତିର ଏକ ସହ–ନିର୍ମାତା ହେବା ଆବଶ୍ୟକ । ଦକ୍ଷତା ବିକାଶ ସ୍କୁଲ ସ୍ତରରୁ ହିଁ ହେବା ଉଚିତ୍ । ଆପ୍ରେଣ୍ଟିସସିପ୍‌କୁ ମୁଖ୍ୟ ସ୍ରୋତରେ ସାମିଲ କରାଯିବା ଦରକାର ଏବଂ ଶେଷରେ ପ୍ରତ୍ୟେକ ଭାରତୀୟ ଶ୍ରମିକଙ୍କ ପାଖରେ ଏକ ପୋର୍ଟେବଲ (ସହଜରେ ବ୍ୟବହାର ଯୋଗ୍ୟ) 'ଡିଜିଟାଲ ସ୍କିଲ ପାସ୍‌ପୋର୍ଟ' ରହିବା ଉଚିତ, ଯାହା ସେମାନଙ୍କର ଯୋଗ୍ୟତା, ପ୍ରଶିକ୍ଷଣ ଏବଂ ନିଯୁକ୍ତି ସୁଯୋଗକୁ ପରସ୍ପର ସହ ଯୋଡି ପାରିବ ।

ଏହି ପାଞ୍ଚଟି ସୀମା ବା ସମ୍ଭାବନାର ନୂଆ କ୍ଷେତ୍ର କିମ୍ବା ଆଗକୁ ଆସୁଥିବା ଆହ୍ୱାନ ଅଧିକ ଦୃଢ ସଂକଳ୍ପ ଦାବି କରିବ । ସବ୍‌ସିଡି (ରିହାତି) ମାଧ୍ୟମରେ କୌଣସି ସର୍ଟକଟ୍ ବା ସହଜ ରାସ୍ତା ନାହିଁ ଏବଂ ପ୍ରତିଯୋଗିତାମୂଳକ ମନୋଭାବର କୌଣସି ବିକଳ୍ପ ନାହିଁ । ଆପଣ କେବଳ ସରକାରୀ ସାହାଯ୍ୟ କିମ୍ବା ଆର୍ଥିକ ରିହାତି ଉପରେ ନିର୍ଭର କରି ଦୀର୍ଘକାଳୀନ ସଫଳତା ପାଇପାରିବେ ନାହିଁ । ବ୍ୟବସାୟ ବା ଅର୍ଥନୀତିକୁ ଆଗକୁ ନେବା ପାଇଁ ଏହା କୌଣସି ସହଜ ଉପାୟ ନୁହେଁ । ଯଦି ଆପଣଙ୍କୁ ବଜାରରେ ତିଷ୍ଠି ରହିବାକୁ ହେବ, ତେବେ ଆପଣଙ୍କୁ ନିଜର ଦକ୍ଷତା, ଗୁଣବତ୍ତା ଏବଂ ପ୍ରତିଯୋଗିତା କରିବାର କ୍ଷମତାକୁ ବଢାଇବାକୁ ହିଁ ପଡିବ । ଏହା ବଦଳରେ ଅନ୍ୟ କୌଣସି ରାସ୍ତା ନାହିଁ । ଯେଉଁଠାରେ ନୀତିନିୟମ ସ୍ଥିର ଏବଂ ଅନୁମାନଯୋଗ୍ୟ ହୋଇଥାଏ, ସେଠାରେ ପୁଞ୍ଜି ବା ନିବେଶ ଆସିଥାଏ । ଉଦ୍ୟୋଗୀମାନେ ସେହି ସ୍ଥାନରେ ପୁଞ୍ଜିନିବେଶ କରିବେ ଯେଉଁଠାରେ ନିୟମାବଳୀ ନିୟନ୍ତ୍ରଣ କରିବା ପରିବର୍ତ୍ତେ ସେମାନଙ୍କୁ ସହାୟତା କିମ୍ବା ପ୍ରୋତ୍ସାହିତ କରିଥାଏ । ଯେଉଁଠାରେ ବିପଦ ବା ବିପଦପୂର୍ଣ୍ଣ ପଦକ୍ଷେପ ନେବାର ପ୍ରବୃତ୍ତିକୁ ପୁରସ୍କୃତ କରାଯାଏ, ସେଠାରେ ନୂତନତ୍ୱ ବା ନବସୃଜନର ବିକାଶ ହୋଇଥାଏ ।

**ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି,କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର,ବି–୩, ଏଚ.ଆଇ.ଜି କଲୋନୀ,ବରମୁଣ୍ଡା ହାଉସିଂ ବୋର୍ଡ ଭୁବନେଶ୍ୱର–୭୫୧୦୦୩, ମୋ– ୯୩୩୮୨୦୪୯୯୩**
Email-crmishra49@yahoo.in

# ସମୁଦ୍ର ଗର୍ଭରେ ଲୀନ ସାତଭାୟା ଏବେ ଇତିହାସ–୨



**ଦୁର୍ଗା ପ୍ରସନ୍ନ ନାୟକ**

ସମୟର ବିବର୍ତ୍ତନରେ ସମୁଦ୍ର ଆସିଲା ମନ୍ଦିର ଦୁଆର ଯାଏ । ସମୁଦ୍ରକ୍ଷୟ ଯେତେବେଳେ ସାତଭାୟାର ଭୂମିକୁ ଗ୍ରାସ କରିବାରେ ଲାଗିଲା, ସେତେବେଳେ ଧୀରେ ଧୀରେ ସମୁଦ୍ର ମା' ପଞ୍ଚୁବରାହୀଙ୍କ ମନ୍ଦିର ଆଡ଼କୁ ମଧ୍ୟ ଆଗେଇ ଆସିଲା । ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ସବୁଠାରୁ ବଡ଼ ଚିନ୍ତା ହେଲା ମା'ଙ୍କ ବିଗ୍ରହକୁ କିପରି ସୁରକ୍ଷିତ କରାଯିବ? ଶେଷରେ ଦେବୀଙ୍କ ପାଞ୍ଚଟି ବିଗ୍ରହକୁ ସାତଭାୟାରୁ ପ୍ରାୟ ୧୨ କିଲୋମିଟର ଦୂରରେ ଥିବା ବଗପାଟିଆ ପୁନର୍ବାସ କଲୋନୀକୁ ସ୍ଥାନାନ୍ତର କରାଯାଇଥିଲା । ଏହା କେବଳ ଏକ ବିଗ୍ରହ ସ୍ଥାନାନ୍ତରଣ ନଥିଲା । ଏହା ଥିଲା ଏକ ଗାଁର ଆତ୍ମାକୁ ବଞ୍ଚାଇ ରଖିବାର ଚେଷ୍ଟା ।

ପ୍ରାୟ ଦେଢ଼ ଟନ୍ ଓଜନର ପଥର ବିଗ୍ରହଗୁଡ଼ିକୁ ମହିଳା ପୂଜାରୀମାନଙ୍କ ଦ୍ୱାରା ଉଠାଇ ନେବା ସମ୍ଭବ ନଥିଲା । ଫଳରେ ପରମ୍ପରାରେ ଏକ ଅସାଧାରଣ ବ୍ୟତିକ୍ରମ ଘଟିଲା । ପୁରୁଷ କାରିଗର ଓ ଶ୍ରମିକମାନେ ପ୍ରଥମ ଥର ପାଇଁ ଗର୍ଭଗୃହରେ ପ୍ରବେଶ କରି ବିଗ୍ରହଗୁଡ଼ିକୁ ବାହାରକୁ ଆଣିଥିଲେ । ପ୍ରାୟ ଚାରିଶହ ବର୍ଷର ପରମ୍ପରା ଏକ ଦିନ ପାଇଁ ପ୍ରକୃତିର ଚାପ ଆଗରେ ନିଜକୁ ବଦଳାଇଥିଲା । ବିଗ୍ରହଗୁଡ଼ିକୁ ଫୁଲରେ ସଜାଯାଇଥିବା ଯାନରେ ନିଆଯାଇଥିଲା । ନଦୀ ପାର କରି ପ୍ରତିମୂର୍ତ୍ତିକୁ ବଗପାଟିଆରେ ନିର୍ମିତ ନୂଆ ମନ୍ଦିରରେ ପ୍ରତିଷ୍ଠା କରାଯାଇଥିଲା ।

ଏହି ଦୃଶ୍ୟ ନିଶ୍ଚୟ ଏକ ଅଦ୍ଭୁତ ଘଟଣା କାରଣ ମଣିଷ ନିଜ ଭୂମିକୁ ବଞ୍ଚାଇ ପାରିଲା ନାହିଁ, କିନ୍ତୁ ନିଜ ଦେବୀଙ୍କୁ ବଞ୍ଚାଇ ନେବାରେ ସଫଳ ହେଲା । ଅନ୍ୟ ପକ୍ଷରେ ମନ୍ଦିର ଚାଲିଗଲା, ପୀଠ ରହିଗଲା । ବିଗ୍ରହଗୁଡ଼ିକୁ ବଗପାଟିଆକୁ ନିଆଯାଇଥିଲା । କିନ୍ତୁ ପୁରୁଣା ମନ୍ଦିରଟି ସେହି ସାତଭାୟାର ମୂଳ ସ୍ଥାନରେ ରହିଗଲା । ସେତେବେଳେ ଏହା କେବଳ ଏକ ମନ୍ଦିର ନଥିଲା । ଏହା ଥିଲା ହଜିଯାଉଥିବା ସାତଭାୟାର ଶେଷ ସ୍ମାରକୀ । ଲୋକମାନେ ଚାଲିଗଲେ । ଘରଗୁଡ଼ିକ ହଜିଗଲା । ଚାଷଜମି ସମୁଦ୍ରରେ ମିଶିଗଲା । ରାସ୍ତା ହଜିଗଲା । କିନ୍ତୁ ମନ୍ଦିରଟି ଦୀର୍ଘଦିନ ଧରି ସମୁଦ୍ର ସାମ୍ନାରେ ଏକ ନିରବ ପ୍ରହରୀ ଭଳି ଠିଆ ରହିଥିଲା । ମନେ ହେଉଥିଲା, ସେ ଦେବୀ ଯେପରି ସମୁଦ୍ରକୁ କହୁଥିଲେ ତୁମେ ମୋ ଗାଁକୁ ନେଇଯାଇପାର, କିନ୍ତୁ ମୋ ଲୋକଙ୍କ ସ୍ମୃତିକୁ ନେଇପାରିବ ନାହିଁ । **କିନ୍ତୁ ସମୁଦ୍ରର ଲହରୀ ଥମିଲା ନାହିଁ ।** ୨୦୨୧ର ଭୟାବହ ଦିନଟିଏ ।

୨୦୨୦ ପରଠାରୁ ପୁରୁଣା ମନ୍ଦିର ଉପରେ ସମୁଦ୍ରର ପ୍ରଭାବ ଆହୁରି ବଢ଼ିଥିଲା । ୨୦୨୧ ଜୁଲାଇରେ ଉଚ୍ଚ ଜୁଆରର ପ୍ରଚଣ୍ଡ ଆଘାତରେ ମନ୍ଦିରର ବଡ଼ ଅଂଶ ଭାଙ୍ଗି ସମୁଦ୍ରରେ ପଡ଼ିଥିଲା । ମନ୍ଦିର ସାମ୍ନାରେ ଥିବା ଦୁଇଟି ପଥର ସିଂହମୂର୍ତ୍ତି ମଧ୍ୟ ଏହାର କିଛିଦିନ ପୂର୍ବରୁ ସମୁଦ୍ର ଗର୍ଭରେ ହଜି ଯାଇଥିଲା । ତଥାପି ମନ୍ଦିରର କିଛି ଅଂଶ ରହିଥିଲା । ସେହି ଭଙ୍ଗା ଅବଶେଷ ହିଁ ସାତଭାୟାର ହଜିଯାଇଥିବା ଜୀବନର ଶେଷ ଦୃଶ୍ୟମାନ ଚିହ୍ନ ଥିଲା । ପ୍ରାୟ ପାଞ୍ଚ ବର୍ଷ ଧରି ସେହି ଅବଶେଷ ସମୁଦ୍ର ସହ ଯେପରି ଲଢ଼ି ଚାଲିଥିଲା । ଶେଷରେ ୨୦୨୬ ଅଗଷ୍ଟ ୩୦ । ଉଚ୍ଚ ଜୁଆର ଆସିଲା । ଲହରୀ ଉଠିଲା । ଆଉ ସାତଭାୟାର ଇତିହାସର ଶେଷ ଦୃଶ୍ୟମାନ ପଥରଟି ମଧ୍ୟ ସମୁଦ୍ରରେ ହଜିଗଲା ।

ଏହା କେବଳ ଏକ ମନ୍ଦିରର ଧ୍ୱଂସ ଅଂଶ ନୁହେଁ । ମା' ପଞ୍ଚୁବରାହୀଙ୍କ ପୁରୁଣା ମନ୍ଦିରର ଅବସାନକୁ କେବଳ ଏକ ପୁରାତନ ନିର୍ମାଣର ଧ୍ୱଂସ ବୋଲି କହିଦେଲେ ଘଟଣାର ଗଭୀରତା ବୁଝିହେବ ନାହିଁ । ଏହା ଥିଲା ଏକ ଜନପଦର ଇତିହାସର ଦୃଶ୍ୟମାନ ଅବସାନ । ଏହା ଥିଲା ଏକ ସମାଜର ସ୍ମୃତିର ଏକ ପ୍ରତୀକର ବିଦାୟ । ଏହା ଥିଲା ଶତାବ୍ଦୀ ପୁରୁଣା ଧାର୍ମିକ ପରମ୍ପରାର ଏକ ଐତିହାସିକ ସ୍ଥାନର ଅସ୍ତିତ୍ୱ ହରାଇବା । ଯେଉଁ ମନ୍ଦିରରେ କେବେ ଘଣ୍ଟି ବାଜୁଥିଲା, ଭକ୍ତଙ୍କ ପ୍ରାର୍ଥନା ଶୁଣାଯାଉଥିଲା, ମହିଳା ପୂଜାରୀମାନେ ନିଷ୍ଠାର ସହ ଦେବୀଙ୍କ ସେବା କରୁଥିଲେ–ଆଜି ସେଠାରେ ରହିଛି କେବଳ ସମୁଦ୍ରର ଗର୍ଜନ ।

**ବଗପାଟିଆରେ ନୂଆ ଠିକଣା–**ତଥାପି କାହାଣୀ ଏଠାରେ ଶେଷ ହୋଇନାହିଁ । ସମୁଦ୍ର ପୁରୁଣା ମନ୍ଦିରକୁ ନେଇଗଲା, କିନ୍ତୁ ମା'ଙ୍କ ବିଗ୍ରହକୁ ନେଇପାରିଲା ନାହିଁ । ବାଗପାଟିଆ ପୁନର୍ବାସ କଲୋନୀରେ ନିର୍ମିତ ନୂଆ ମନ୍ଦିରରେ ମା' ପଞ୍ଚୁବରାହୀଙ୍କ ପୂଜା ଆଜି ମଧ୍ୟ ଚାଲିଛି । ପୂଜାରୀମାନେ ପାରମ୍ପରିକ ରୀତିନୀତିରେ ମା'ଙ୍କ ସେବା କରୁଛନ୍ତି । ଏହି ମନ୍ଦିର କେବଳ ଏକ ନୂଆ ଧାର୍ମିକ ସ୍ଥଳ ନୁହେଁ । ଏହା ସାତଭାୟାରୁ ବିସ୍ଥାପିତ ଲୋକଙ୍କ ମନରେ ପୁରୁଣା ଗାଁ ସହ ସମ୍ପର୍କ ବାନ୍ଧିବାର ଏକ ସେତୁ ।

**ଗାଁ ନାହିଁ, କିନ୍ତୁ ଗାଁର ଦେବୀ ଅଛନ୍ତି । ପୁରୁଣା ଘର ନାହିଁ, କିନ୍ତୁ ଘରର ସ୍ମୃତି ଅଛି । ଭିଟାମାଟି ନାହିଁ, କିନ୍ତୁ ମାଟିର ଆସ୍ଥା ଅଛି । ପୁରୁଣା ମନ୍ଦିର ନାହିଁ, କିନ୍ତୁ ପରମ୍ପରା ଜୀବିତ ଅଛି ।** ସାତଭାୟାର କାହାଣୀ କେବଳ ଅତୀତର କାହାଣୀ ନୁହେଁ । ଏହା ଆଜିର ଓ ଆସନ୍ତାକାଲିର ମଧ୍ୟ ଏକ ବଡ଼ ପ୍ରଶ୍ନ । ଓଡ଼ିଶାର ଦୀର୍ଘ ଉପକୂଳରେ ସମୁଦ୍ରକ୍ଷୟ ଏକ ଗୁରୁତର ପରିବେଶୀୟ ଓ ମାନବୀୟ ଚ୍ୟାଲେଞ୍ଜ । ବାତ୍ୟା, ଉଚ୍ଚ ଜୁଆର, ସମୁଦ୍ରସ୍ତରର ପରିବର୍ତ୍ତନ ଓ ଉପକୂଳୀୟ ଭୂଗୋଳର ଦୀର୍ଘମିଆଦୀ ପରିବର୍ତ୍ତନ ଅନେକ ଜନପଦର ଭବିଷ୍ୟତକୁ ପ୍ରଭାବିତ କରୁଛି ।

ସାତଭାୟା ଆମକୁ ପ୍ରଶ୍ନ କରୁଛି ଯେ ଆଉ କେତେ ପରିବାର ଭିଟାମାଟି ଛାଡ଼ିବେ? ଆଉ କେତେ ଐତିହାସିକ ସ୍ମାରକ ସମୁଦ୍ରରେ ଲୀନ ହେବ? ଆଉ କେତେ ଲୋକକଥା ଦସ୍ତାବିଜ ହେବା ପୂର୍ବରୁ ହଜିଯିବ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର କେବଳ ପ୍ରଶାସନିକ ନୁହେଁ । ଏହା ପରିବେଶ, ବିଜ୍ଞାନ, ଇତିହାସ, ସଂସ୍କୃତି ଓ ମାନବୀୟ ସମ୍ବେଦନା ସହ ଜଡ଼ିତ ।

ଇତିହାସକୁ ଏବେ ଦସ୍ତାବିଜରେ ବଞ୍ଚାଇବାକୁ ହେବ । ମନ୍ଦିର ଆଉ ନାହିଁ । ତେଣୁ ଏବେ ତାହାର ଇତିହାସକୁ ସଂରକ୍ଷଣ କରିବା ଆହୁରି ଜରୁରୀ । ପୁରୁଣା ମନ୍ଦିରର ଫଟୋ, ଭିଡିଓ, ପୁରୁଣା ଦସ୍ତାବିଜ, ମନ୍ଦିର ସହ ଜଡ଼ିତ ପୂଜା ପଦ୍ଧତି, ମହିଳା ପୂଜାରୀ ପରମ୍ପରା, ପାଞ୍ଚ ଦେବୀଙ୍କ ସମ୍ପର୍କିତ ଲୋକକଥା, ସାତଭାୟାର ବୃଦ୍ଧ ବାସିନ୍ଦାଙ୍କ ସ୍ମୃତି ସବୁକିଛି ସଂଗ୍ରହ କରାଯିବା ଦରକାର । କାରଣ ଇତିହାସ କେବଳ ପଥରରେ ଲେଖା ହୁଏ ନାହିଁ । ଇତିହାସ ମଣିଷର ସ୍ମୃତିରେ ମଧ୍ୟ ବଞ୍ଚିଥାଏ । ଯେଉଁ ମନ୍ଦିରର ଶେଷ ପଥରଟି ସମୁଦ୍ର ନେଇଗଲା, ସେହି ମନ୍ଦିରର ଇତିହାସକୁ ଯଦି ଆମେ ଲେଖି ରଖିପାରୁ, ତେବେ ସମୁଦ୍ର ତାହାର ଦୃଶ୍ୟମାନ ଅସ୍ତିତ୍ୱକୁ ନେଇଯାଇଥିଲେ ମଧ୍ୟ ତାହାର ସ୍ମୃତିକୁ ନେଇପାରିବ ନାହିଁ । ବଗପାଟିଆର ନୂଆ ମନ୍ଦିରକୁ ଏହି ଦୃଷ୍ଟିରୁ କେବଳ ଏକ ପୂଜାସ୍ଥଳ ଭାବେ ନୁହେଁ, ସାତଭାୟାର ହଜିଯାଇଥିବା ଇତିହାସର ଜୀବନ୍ତ ପ୍ରତିନିଧି ଭାବେ ଦେଖିବା ଦରକାର । ଏହି ପୀଠକୁ ପର୍ଯ୍ୟଟନ ଓ ଐତିହ୍ୟ ମାନଚିତ୍ରରେ ଯଥାଯଥ ସ୍ଥାନ ଦେବା ନେଇ ମଧ୍ୟ ଚିନ୍ତା କରାଯିବା ଆବଶ୍ୟକ । ଏହା ଦ୍ୱାରା ଭବିଷ୍ୟତ ପିଢ଼ି ସାତଭାୟାର ଇତିହାସ, ସମୁଦ୍ରକ୍ଷୟର ବାସ୍ତବତା ଓ ମା' ପଞ୍ଚୁବରାହୀଙ୍କ ଅନନ୍ୟ ପରମ୍ପରା ସମ୍ପର୍କରେ ଜାଣିପାରିବେ ।

ଏକ ଗାଁର ବିଦାୟ । ଏକ ଗାଁ ହଜିଯିବାର ଅର୍ଥ କେବଳ କିଛି ଘର ଭାଙ୍ଗିଯିବା ନୁହେଁ । ଗାଁ ସହ ହଜିଯାଏ ଶୈଶବ । ହଜିଯାଏ ଖେଳପଡ଼ିଆ । ହଜିଯାଏ ଚାଷଜମି । ହଜିଯାଏ ପୋଖରୀ । ହଜିଯାଏ ପୁରୁଣା ରାସ୍ତା । ହଜିଯାଏ ପର୍ବପର୍ବାଣୀର ସ୍ମୃତି । ହଜିଯାଏ ପିଢ଼ି ପରେ ପିଢ଼ି ଗଢ଼ି ଉଠିଥିବା ଏକ ସାମାଜିକ ଜୀବନ । ଆଉ କେତେବେଳେ ହଜିଯାଏ ଦେବୀଙ୍କ ମନ୍ଦିର । ସାତଭାୟାର ଲୋକମାନେ ନିଜ ଭିଟାମାଟି ଛାଡ଼ିଲେ । ନିଜ ଘର ଛାଡ଼ିଲେ । ନିଜ ପୁରୁଣା ଗାଁ ଛାଡ଼ିଲେ । କିନ୍ତୁ ମା' ପଞ୍ଚୁବରାହୀଙ୍କୁ ସାଙ୍ଗରେ ନେଇଗଲେ । ଏହା ହିଁ ଆସ୍ଥାର ଶକ୍ତି । ମଣିଷ ଭୂମି ହରାଇପାରେ, କିନ୍ତୁ ନିଜ ଦେବୀଙ୍କୁ ହରାଇବାକୁ ଚାହେଁ ନାହିଁ । ସମୁଦ୍ରର ଗର୍ଜନ ମଧ୍ୟରେ ମା'ଙ୍କ ଘଣ୍ଟି ଶବ୍ଦ ଶୁଣା ଯାଉନି । ଆଜି ସାତଭାୟାର ପୁରୁଣା ମନ୍ଦିର ନାହିଁ । ସେହି ସିଂହଦ୍ୱାର ନାହିଁ । ଦୁଇ ପଥର ସିଂହ ନାହାନ୍ତି । ପୁରୁଣା ଗର୍ଭଗୃହ ନାହିଁ । ସେହି ଚାରିଶହ ବର୍ଷର ପଥର ଦେଉଳ ନାହିଁ । କିନ୍ତୁ ମା' ପଞ୍ଚୁବରାହୀ ଅଛନ୍ତି । ବଗପାଟିଆର ନୂଆ ମନ୍ଦିରରେ ଆଜି ମଧ୍ୟ ପୂଜା ପାଉଛନ୍ତି । ଦୀପ ଜଳୁଛି । ଧୂପର ସୁଗନ୍ଧି ଉଠୁଛି । ଭକ୍ତମାନେ ମୁଣ୍ଡ ନୁଆଉଛନ୍ତି । ମହିଳା ପୂଜାରୀମାନେ ପରମ୍ପରା ଅନୁସାରେ ମା'ଙ୍କ ସେବା କରୁଛନ୍ତି । ଅର୍ଥାତ୍, ମନ୍ଦିର ବଦଳିଛି, କିନ୍ତୁ ଆସ୍ଥା ବଦଳି ନାହିଁ । ଠିକଣା ବଦଳିଛି, କିନ୍ତୁ ପରିଚୟ ବଦଳିନାହିଁ । ଭୂଗୋଳ ବଦଳିଛି, କିନ୍ତୁ ଇତିହାସ ବଦଳିନାହିଁ । ସମୁଦ୍ର ମାଟିକୁ ନେଇଯାଇଛି, କିନ୍ତୁ ମଣିଷର ମନରୁ ସାତଭାୟାକୁ ନେଇପାରି ନାହିଁ । ସାତଭାୟାର ମା' ପଞ୍ଚୁବରାହୀ ମନ୍ଦିରର କାହାଣୀ ଆମକୁ ଏକ ଗଭୀର ସତ୍ୟ ସାମ୍ନାରେ ଠିଆ କରାଏ । ମୁଁ ଜଣେ ଜନ ପ୍ରତିନିଧି ଭାବେ ଚାହେଁ ଏହାର ସୁରକ୍ଷା ଓ ସଂରକ୍ଷଣ । ନଚେତ୍ ଆମକୁ ଭବିଷ୍ୟତ କ୍ଷମା ଦେବ ନାହିଁ । ପ୍ରକୃତି ମଣିଷର ନିର୍ମାଣକୁ ଧ୍ୱଂସ କରିପାରେ । ସମୁଦ୍ର ପଥରକୁ ଭସାଇ ନେଇପାରେ । ଜୁଆର ଘର ଭାଙ୍ଗିପାରେ । ଭୂମିକୁ ଗିଳିପାରେ । ଏପରିକି ଶତାବ୍ଦୀ ପୁରୁଣା ମନ୍ଦିରର ଶେଷ ଚିହ୍ନକୁ ମଧ୍ୟ ମିଟାଇ ଦେଇପାରେ । କିନ୍ତୁ ମଣିଷର ଆସ୍ଥାକୁ ସହଜରେ ମିଟାଇପାରେ ନାହିଁ । ସମୁଦ୍ର ମନ୍ଦିରକୁ ନେଇଗଲା କିନ୍ତୁ ଇତିହାସକୁ ନେଇପାରିଲା ନାହିଁ । ସମୁଦ୍ର ଭିଟାମାଟିକୁ ଗିଳିଲା କିନ୍ତୁ ଲୋକଙ୍କ ଆସ୍ଥାକୁ ଗିଳିପାରିଲା ନାହିଁ । ସମୁଦ୍ର ପଥରକୁ ଭସାଇନେଲା ସିନା କିନ୍ତୁ ପଞ୍ଚୁବରାହୀଙ୍କ ପରମ୍ପରାକୁ ଭସାଇ ନେଇପାରିଲା ନାହିଁ । ଆଜି ସାତଭାୟା ଭୂଗୋଳର ମାନଚିତ୍ରରେ ହୁଏତ ବଦଳିଯାଇଛି । ତାହାର ଅନେକ ଅଂଶ ସମୁଦ୍ର ତଳେ । କିନ୍ତୁ ଓଡ଼ିଶାର ସାଂସ୍କୃତିକ ସ୍ମୃତିରେ ସାତଭାୟା ହଜିଯିବ ନାହିଁ । ମା' ପଞ୍ଚୁବରାହୀଙ୍କ ପୁରୁଣା ମନ୍ଦିର ଆଜି ଇତିହାସ । କିନ୍ତୁ ସେହି ଇତିହାସ ଏକ ମୃତ ଇତିହାସ ନୁହେଁ । ଏହା ଆମକୁ ସତର୍କ କରୁଥିବା ଇତିହାସ । ଏହା ଆମକୁ ଆମ ଐତିହ୍ୟ ସଂରକ୍ଷଣର ଦାୟିତ୍ୱ ମନେ ପକାଇ ଦେଉଥିବା ଇତିହାସ ।

ଏହା ବିସ୍ଥାପିତ ମଣିଷର ଆଖିର ଲୁହର ଇତିହାସ । ଏହା ଜଣେ ମା'ଙ୍କ ପ୍ରତି ଅତୁଟ ଭକ୍ତିର ଇତିହାସ । ଏହା ନାରୀଙ୍କ ଧାର୍ମିକ ଭୂମିକାର ଏକ ଅନନ୍ୟ ପରମ୍ପରାର ଇତିହାସ ଏବଂ ସବୁଠାରୁ ବଡ଼ କଥା ଏହା ମଣିଷ ଓ ପ୍ରକୃତି ମଧ୍ୟରେ ଚାଲିଥିବା ଏକ ଅସୀମ ସଂଘର୍ଷର ଇତିହାସ । ଯେଉଁଠାରେ ଦିନେ ମା'ଙ୍କ ମନ୍ଦିରର ଘଣ୍ଟି ବାଜୁଥିଲା, ଆଜି ସେଠାରେ ସମୁଦ୍ରର ଗର୍ଜନ ଶୁଣାଯାଉଛି । କିନ୍ତୁ ସେହି ଗର୍ଜନ ଭିତରେ ମଧ୍ୟ ଯେପରି ଶୁଣାଯାଉଛି ଏକ ଅଦୃଶ୍ୟ ଘଣ୍ଟିର ଧ୍ୱନି ମନ୍ଦିର ନାହିଁ, କିନ୍ତୁ ମା' ଅଛନ୍ତି । ଗାଁ ନାହିଁ, କିନ୍ତୁ ସ୍ମୃତି ଅଛି । ଭୂମି ନାହିଁ, କିନ୍ତୁ ଇତିହାସ ଅଛି । ସମୁଦ୍ର ସବୁକିଛି ନେଇଯାଇ ପାରେ, କିନ୍ତୁ ମଣିଷର ଆସ୍ଥାକୁ ନେଇପାରେ ନାହିଁ । ସାତଭାୟାର ମା' ପଞ୍ଚୁବରାହୀଙ୍କ କାହାଣୀ ଆଜି ଏକ ମନ୍ଦିରର କାହାଣୀ ନୁହେଁ ଏହା ଓଡ଼ିଶାର ମାଟି, ମଣିଷ, ସମୁଦ୍ର, ଆସ୍ଥା ଓ ଐତିହ୍ୟର ଏକ ଅମର କାହାଣୀ ।

**ବିଧାୟକ, ମହାକାଳପଡ଼ା , ଭୁବନେଶ୍ୱର, ମୋ–୯୯୩୭୮୦୫୮୮୨**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିରାଜିଲେ...

କରିଛନ୍ତି । ପରମ୍ପରା ମୁତାବକ ଛୋଟ ପିଲାଙ୍କର ଖଡ଼ି ଛୁଆଁ ମଧ୍ୟ ଆଜି ଆରମ୍ଭ ହୋଇଥାଏ । ଗଣେଶ ପୂଜାରେ ବି ସୁନା, ଚାନ୍ଦି ମେଢ଼ ଦେଖିବାକୁ ମିଳିଛି । ଝାଞ୍ଜରୀ ମଙ୍ଗଳାରେ ଗଣେଶଙ୍କୁ ଚାନ୍ଦିରେ ସଜା ଯାଇଥିବାବେଳେ ଖାନ୍ ନଗରରେ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ କରାଯାଇଛି । ସମ୍ବଲପୁରରେ ୨୫ ଫୁଟର ଲଡୁ ଗଣେଶ ନିର୍ମାଣ ହୋଇଥିବାବେଳେ ଅସ୍ତରଙ୍ଗ ଦେବୀ ନଦୀ କୂଳରେ ବୁଢ଼ା ଗଣେଶ ପୂଜା ପାଉଛନ୍ତି । ଜଟଣୀ ଓ ତାଳଚେରର ଶତାଧିକ ମଣ୍ଡପରେ ଯାକଜକମ ସହ ଗଜାନନଙ୍କ ପୂଜା କରାଯାଉଛି ।

### ସମ୍‌କୁ...

ପରମ୍ପରା ଆମର୍ ପରିବାର୍, ସମାଜ୍ ଆର୍ ଭାଇଚାରାର୍ ବନ୍ଧନ୍‌କେ, ଆହୁରି ମଜବୁତ୍ କର୍‌ସି । ୨୦୩୬ ତକ୍, ସମୃଦ୍ଧ ଓଡ଼ିଶା ଆଉ ୨୦୪୭ ତକ୍, ବିକ୍‌ଶିତ୍ ଭାରତ ଗଠନ୍ ଲାଗି ସମସ୍ତେ ନିଜର୍ ନିଜର୍ କର୍ତ୍ତବ୍ୟ ପାଳନ୍ କରୁନ୍ ବଲି, ଆଜି ଇ ଶୁଭ୍ ଦିନ୍ ରେ ଛାତ୍ର ଛାତ୍ରୀ, ଯୁବକ୍ ଯୁବତୀ, ଶ୍ରମିକ୍ କିଶାନ୍ ଜୱାନ୍, ସମ୍‌କୁ ଅନୁରୋଧ୍ କରୁଛେଁ । ନୂଆଁଖାଇ ସମସ୍ତଙ୍କର ଜୀବନରେ, ନୂଆଁ ଆଶା ଆନି ଦେଉ । ମାଁ ସମଲେଇ, ସମସ୍ତଙ୍କର୍ ଜୀବନ ଥି ହସ୍ ଖୁସି, ସୁଖ୍ ଶାନ୍ତି, ଉନ୍ନତି ପ୍ରଗତି ସଫଳତା ଭରି ଦେଉଁନ୍ ବୋଲି, ପ୍ରାର୍ଥନା କରୁଛେଁ ।

### ଟିଏମ୍‌ସିର...

ହୋଇଥିବା ଏହି ବିଦ୍ରୋହୀ ସାଂସଦଙ୍କ ସଭ୍ୟପଦ ରଦ୍ଦ କରିବା ଲାଗି ସୁପ୍ରିମ୍‌କୋର୍ଟରେ ମାମଲା ହୋଇଛି । ବାଚସ୍ପତିଙ୍କ ନିକଟରେ ବି ଟିଏମ୍‌ସି ପକ୍ଷରୁ ଅଭିଯୋଗ କରାଯାଇଛି । ସୁପ୍ରିମ୍‌କୋର୍ଟ ବିଦ୍ରୋହୀ ସାଂସଦଙ୍କୁ ନୋଟିସ୍ ଦେଇଥିବାବେଳେ ବାଚସ୍ପତି ମଧ୍ୟ କାରଣ ଦର୍ଶାଅ ନୋଟିସ୍ ଦେଇଛନ୍ତି । ଏଭଳି ସ୍ଥିତିରେ ୧୭ ସାଂସଦ ବିଜେପିରେ ଯୋଗଦେବା ଘଟଣାକୁ ନେଇ ରାଜନୈତିକ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଛି । ସାଂସଦ ବସୁନିଆ ମମତା ବାନାର୍ଜୀଙ୍କ ବିରୋଧରେ ବିଦ୍ରୋହ କରି ବିଦ୍ରୋହୀ ସାଂସଦଙ୍କ ସହ ସାମିଲ ହୋଇଥିଲେ । ଯଦି ୧୭ ଜଣ ସାଂସଦ ବିଜେପିରେ ସାମିଲ ହୁଅନ୍ତି ତେବେ ଦଳ ବିରୋଧୀ ଆଇନ୍‌ରେ ଏହାକୁ ତର୍ଜମା କରାଯିବ । ସେ କହିଛନ୍ତି ଯେ ୨୦ ସାଂସଦ ଦଳ ପରିତ୍ୟାଗ କରିଛନ୍ତି । ସେଥିମଧ୍ୟରୁ ଆମେ ୧୭ ସାଂସଦ ବିଜେପିକୁ ଯିବୁ । ତେଣୁ ଦଳ ବିରୋଧୀ ଆଇନ୍ ଆମ କ୍ଷେତ୍ରରେ ଲାଗୁ ହେବନାହିଁ । ପ୍ରଥମେ ତୃଣମୂଳରୁ ବିଦ୍ରୋହ କରି ଯେଉଁ ୨୦ ସାଂସଦ ଯାଇଥିଲେ ସେମାନେ ତତ୍‌କ୍ଷଣାତ୍ ବିଜେପିରେ ଯୋଗନଦେଇ ଆଉ ଏକ ଅନାମଧେୟ ଦଳ ଏନ୍‌ସିପିଆଇରେ ଯୋଗ ଦେଇଥିଲେ । ଲୋକସଭା ସଚିବାଳୟ ପକ୍ଷରୁ ଅଗଷ୍ଟ ୨୬ରେ ଏହି ସାଂସଦମାନଙ୍କୁ ନୋଟିସ୍ ଜାରି କରାଯାଇଛି । ସେମାନଙ୍କୁ କୁହାଯାଇଛି ଯେ ସେମାନଙ୍କ ଠାରୁ କାହିଁକି ସଭ୍ୟପଦ ରଦ୍ଦ ନ ହେବ ସେ ନେଇ ଜବାବ ମଗାଯାଇଛି । ସେପ୍ଟେମ୍ବର ୨୨ ସୁଦ୍ଧା ସେମାନେ ଜବାବ ଦେବେ । ସୁପ୍ରିମ୍‌କୋର୍ଟ ମଧ୍ୟ ୨୦ ସାଂସଦଙ୍କୁ ନୋଟିସ୍ କରିଛି ।

### ୧୦୦ରୁ...

୨୮.୨% କେବଳ ହୃଦ୍‌ରୋଗ ତଥା ରକ୍ତ ସଞ୍ଚାଳନ ଜନିତ ସମସ୍ୟା ଯୋଗୁଁ ଘଟିଛି । ଏହି ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥା କେବଳ ସହରାଞ୍ଚଳ କିମ୍ବା ବଡ ବଡ ଡାକ୍ତରଖାନାରେ ସୀମିତ ରହିଛି । ଗ୍ରାମାଞ୍ଚଳରେ ଏହି ଡାକ୍ତରୀ ପ୍ରମାଣପତ୍ର ହାସଲ କରିବା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯିବାର ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟ କରୁନାହିଁ ବୋଲି ସୂଚନା ମିଳିଛି । କେନ୍ଦ୍ର ସରକାରଙ୍କ ଜନଗଣନା କମିଶନଙ୍କ ଅଫିସ (ଓଆର୍‌ଜିଆଇ) ପକ୍ଷରୁ ମେଡିକାଲ ସାର୍ଟିଫିକେସନ୍ ଅଫ୍ କଜ୍ ଅଫ୍ ଡେଥ୍ (ଏମ୍‌ସିସିଡି)ର ବାର୍ଷିକ ରିପୋର୍ଟ ଜୁଲାଇରେ ପ୍ରକାଶ ପାଇଛି । ୨୦୨୪ ଜାନୁଆରୀ ପହିଲାରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ସମଗ୍ର ବର୍ଷର ପଞ୍ଜିକୃତ ତଥ୍ୟକୁ ଆଧାର କରି ଜନଗଣନା କାର୍ଯ୍ୟାଳୟ ପକ୍ଷରୁ ୨୦୨୬ ଜୁଲାଇରେ ଏହି ରିପୋର୍ଟ ପ୍ରକାଶ ପାଇଛି । ୨୦୨୪ କ୍ୟାଲେଣ୍ଡର ବର୍ଷରେ ରାଜ୍ୟରେ ୪ ଲକ୍ଷ ୧୫ ହଜାର ୫୩୧ ଜଣଙ୍କ ମୃତ୍ୟୁ ପଞ୍ଜିକୃତ ହୋଇଥିଲା । ତା' ମଧ୍ୟରୁ ୮୪,୫୬୨ ଜଣଙ୍କ ମୃତ୍ୟୁ କ୍ଷେତ୍ରରେ ଡାକ୍ତରୀ କାରଣ ସହ ମୃତ୍ୟୁ ପ୍ରମାଣପତ୍ର ମିଳିଥିଲା । ତେବେ ଓଡ଼ିଶାରେ ମୋଟ୍ ପଞ୍ଜିକୃତ ମୃତ୍ୟୁ ତୁଳନାରେ ମେଡିକାଲରୁ ମିଳିଥିବା ପ୍ରମାଣପତ୍ର ହାର ମାତ୍ର ୨୦.୪% ରହିଛି । ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କ୍ଷେତ୍ରରେ ୨୦୨୨ରେ ଓଡ଼ିଶାର ହାର ୨୧.୯%, ୨୦୨୩ରେ ୨୩.୪%, ୨୦୨୪ରେ ଏହା ୨୦.୪%କୁ ଖସିଛି । ତେବେ ୨୮.୨% ମୃତ୍ୟୁ ହୃଦ୍‌ରୋଗ ଯୋଗୁ ଘଟିଥିବାବେଳେ ୧୭.୮% ମୃତ୍ୟୁ କ୍ଷେତ୍ରରେ ଡାକ୍ତରୀ କାରଣ ଅସ୍ପଷ୍ଟ ଦର୍ଶାଯାଇଛି । ଶ୍ୱାସକ୍ରିୟା ଜନିତ ରୋଗରେ ୮.୯%, ସଂକ୍ରାମକ ରୋଗରେ ୮.୪%, ମୂତ୍ର ଓ ପ୍ରଜନନ ପ୍ରଣାଳୀ ଯୋଗରେ ୪.୭%, ପାଚନତନ୍ତ୍ର ଜନିତ ରୋଗରେ ୪.୧%, କର୍କଟ ରୋଗରେ ୪.୯%, ମଧୁମେହରେ ୩% ଏବଂ ଦୁର୍ଘଟଣା ଓ ବିଷକ୍ରିୟା ଭଳି ବାହ୍ୟ କାରଣରୁ ୩.୮% ମୃତ୍ୟୁ ରେକର୍ଡ କରାଯାଇଛି । ସମସ୍ତ ସରକାରୀ ଓ ଘରୋଇ ଡାକ୍ତରଖାନା ତଥା ଚିକିତ୍ସା କରୁଥିବା ଡାକ୍ତରଙ୍କ ପାଇଁ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ବାଧ୍ୟତାମୂଳକ ଥିଲେ ମଧ୍ୟ ଏବେସୁଦ୍ଧା ରାଜ୍ୟର ତୃଣମୂଳ ସ୍ତରରେ କାର୍ଯ୍ୟକ୍ଷମ ହୋଇପାରିନାହିଁ ।

### ଦୁଇ...

ନେଇ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି ଯେ ତାଙ୍କ ପରିବାରର ୧୦ ଖଣ୍ଡ ଭୋଟ୍ ରହିଛି ଓ ସେ ନିଜେ ମଧ୍ୟ ନିଜକୁ ଭୋଟ୍ ଦେଇଛନ୍ତି । ଭୋଟ୍‌ଗୁଡ଼ିକ ଚୋରି ହୋଇଯାଇଛି । ଇଭିଏମ୍‌କୁ ସିଲ୍ କଲାବେଳେ ଏହା ହୋଇଛି । ନିର୍ବାଚନ କମିଶନଙ୍କ ନିକଟରେ ଆମେ ଅଭିଯୋଗ କରିବୁ । ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି ଯେ କ୍ଷମତାସୀନ ବଜେପି ସରକାରୀ କଳକୁ ବ୍ୟବହାର କରି ନିର୍ବାଚନକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଛି ।

### ୮୧ ଲକ୍ଷରୁ...

ଏତଲାକାରୀ ନିରଞ୍ଜନ ୮୧ଲକ୍ଷ ୩୦ ହଜାର ୪୨ଟଙ୍କା ଡିପୋଜିଟ୍ କରିଥିଲେ । କିନ୍ତୁ ପରେ ଏତଲାକାରୀ ନିଜ ଟଙ୍କା ଉଠାଇବାକୁ ଚାହିଁବାରୁ ସେହି ଆପ୍‌ଟି ବନ୍ଦ ହୋଇ ଯାଇଥିବା ଜାଣିବାକୁ ପାଇଥିଲେ । ଏହାଦ୍ୱାରା ସେ ଠକାମୀର ଶିକାର ହୋଇଛନ୍ତି ବୋଲି ନିଶ୍ଚିତ ହୋଇଯାଇଥିଲେ । ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଛାନ୍‌ଭିନ୍ କରିଥିଲା ।

ବିଭିନ୍ନ ବ୍ୟାଙ୍କ ଖାତା ଓ ଟ୍ରାଞ୍ଜାକସନ ଯାଞ୍ଚ କରାଯିବା ପରେ ପୋଲିସ ଜାଣିବାକୁ ପାଇଥିଲା ଠକେଇ ହୋଇଥିବା ଟଙ୍କାରୁ ୧୮ ଲକ୍ଷ ଟଙ୍କା ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲାର ଅଭିଯୁକ୍ତ ବିମଳକାଳନ୍ଦିଙ୍କ କମ୍ପାନୀ ୱାର୍ଲ୍ଡନେଟ୍ କମ୍ପ୍ୟୁଟେକ୍‌ର ବନ୍ଧନ ବ୍ୟାଙ୍କ ଖାତାକୁ ଯାଇଛି । ବିମଳ ନିଜର ଅନ୍ୟ ସହଯୋଗୀ ପାର୍ଥ ହାଲଦାର ଏବଂ ମୁଖ୍ୟ ମାଷ୍ଟରମାଇଣ୍ଡ ସଞ୍ଜୟ ରଣା ସହ ମିଶି କମିଶନ ବାବଦକୁ ଏହି ନେଟ୍‌ୱାର୍କ ଚଳାଇଥିଲେ ଏବଂ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଦେଶର ବିଭିନ୍ନ ରାଜ୍ୟରେ ହୋଇଥିବା ଏକାଧିକ ସାଇବର ଠକେଇ ମାମଲାରେ ସମ୍ପୃକ୍ତ ଥିବା ଜଣାପଡିଥିଲା । ଏହି ମାମଲାରେ ପୂର୍ବରୁ ଆକାଶ କୌଶିକ ମଧ୍ୟପ୍ରଦେଶରୁ ଗିରଫ ହୋଇଥିଲା । ସାଇବର ଥାନାରେ ଏକ ସ୍ୱତନ୍ତ୍ର ଟିମ୍ ପଶ୍ଚିମବଙ୍ଗ ବାନ୍ଦୋଆନ ଥାନା ଅଞ୍ଚଳରେ ଚଢାଉ କରି ବିମଳ ଓ ପାର୍ଥଙ୍କୁ ଗିରଫ କରିବାରେ ସଫଳ ହେଲା । ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ବାରଙ୍ଗ ବ୍ଲକର ୮ ପଞ୍ଚାୟତ ଲାଗି ପ୍ରସ୍ତାବିତ ବୃହତ ମେଗା ଜଳ ପ୍ରକଳ୍ପ

ଫୁଲନଖରା ,(ସବ୍ୟୁ): :ଦୀର୍ଘଦିନ ଧରି ଶୁଦ୍ଧ ଓ ସଚ୍ଛ ପାନୀୟ ଜଳ ସମସ୍ୟାରେ ଜର୍ଜରିତ ବାରଙ୍ଗ ବ୍ଲକର ବିଭିନ୍ନ ଅଞ୍ଚଳବାସୀଙ୍କ ପାଇଁ ଆଶାର ନୂଆ ଆଶା ଦେଖାଦେଇଛି । ବାରଙ୍ଗ ବ୍ଲକର ୩୩ ନମ୍ବର ଜିଲ୍ଲା ପରିଷଦ ଜୋନ ଅଧୀନରେ ଥିବା ୮ଟି ଗ୍ରାମ ପଞ୍ଚାୟତରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ସ୍ଥାପନ ନେଇ ସରକାରୀ ସ୍ତରରେ ପ୍ରାଥମିକ ପ୍ରସ୍ତୁତି ଆରମ୍ଭ ହୋଇଥିବା ସୂଚନା ମିଳିଛି ।

ପ୍ରକଳ୍ପର ସମ୍ଭାବ୍ୟତା ଓ ପାନୀୟ ଜଳର ଗୁଣବତ୍ତା ନିରୀକ୍ଷଣ ପାଇଁ ବିଭିନ୍ନ ଉତ୍ସରୁ ଜଳ ନମୂନା ସଂଗ୍ରହ କରାଯାଉଛି । ଏହି ମେଗା ପାନୀୟ ଜଳ ପ୍ରକଳ୍ପ ଅଧୀନରେ କୋରକରା, ଖଲର୍ଦ୍ଦା, ଉଷୁମା, ନଗରୀ, ସାଇଁଶୋ, ହରିଅନ୍ତା, କୁରାଙ୍ଗ ପ୍ରଧାନ ଓ କୁରାଙ୍ଗ ଶାସନ ଗ୍ରାମ ପଞ୍ଚାୟତକୁ ସାମିଲ କରାଯିବା ନେଇ ପ୍ରକ୍ରିୟା ଚାଲିଛି । ଏହି ସମସ୍ତ ଗ୍ରାମ ପଞ୍ଚାୟତରେ ଥିବା ନଳକୂପ ଏବଂ ବିଭିନ୍ନ ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ପାଣିର ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପରୀକ୍ଷାଗାରକୁ ପଠାଇବାର କାର୍ଯ୍ୟ ଆରମ୍ଭ ହୋଇଛି । ଏ ସମ୍ପର୍କରେ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ଅଭିଜିତ ଦାସଙ୍କୁ ଯୋଗାଯୋଗ କରାଯିବା ପରେ ସେ କହିଛନ୍ତି ଯେ, ଅଞ୍ଚଳବାସୀଙ୍କୁ ଭବିଷ୍ୟତରେ ନିରବଚ୍ଛିନ୍ନ ଓ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଲକ୍ଷ୍ୟରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି । ଏହି ପ୍ରକଳ୍ପର ପରବର୍ତ୍ତୀ ପ୍ରକ୍ରିୟା ପାଇଁ ସମ୍ପୃକ୍ତ ସମସ୍ତ ଗ୍ରାମ ପଞ୍ଚାୟତରୁ ପାନୀୟ ଜଳର ନମୂନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବା ପାଇଁ ଜଳ ଯୋଗାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି । ସୂଚନା ଅନୁଯାୟୀ, ଏହି ଅଞ୍ଚଳର ଅଧିକାଂଶ ଗ୍ରାମ ପଞ୍ଚାୟତରେ ଭୂତଳ ଜଳରେ ଲୌହର ମାତ୍ରା ଅଧିକ ଥିବା ନେଇ ସ୍ଥାନୀୟ ଅଧିବାସୀମାନେ ଦୀର୍ଘଦିନ ଧରି ଅଭିଯୋଗ କରିଆସୁଛନ୍ତି । ଅନେକ ସ୍ଥାନରେ ନଳକୂପରୁ ବାହାରୁଥିବା ପାଣିରେ ଲୌହଯୁକ୍ତ ଉପାଦାନ ଥିବାରୁ ତାହାର ବ୍ୟବହାରକୁ ନେଇ ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି । ଫଳରେ ଅନେକ ପରିବାର ପ୍ରତିଦିନ ଶୁଦ୍ଧ ପାନୀୟ ଜଳ ସଂଗ୍ରହ ପାଇଁ ଦୂରଦୂରାନ୍ତକୁ ଯିବାକୁ ବାଧ ହେଉଛନ୍ତି । ଶୁଦ୍ଧ ପାନୀୟ ଜଳ ମାନବଜୀବନର ଏକ ମୌଳିକ ଆବଶ୍ୟକତା । କିନ୍ତୁ ଦୀର୍ଘଦିନ ଧରି ଏହି ଅଞ୍ଚଳର ଅନେକ ଲୋକ ନିରାପଦ ପାନୀୟ ଜଳରୁ ବଞ୍ଚିତ ରହିଥିବାରୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ଏପରିପରିସ୍ଥିତିରେ ୮ଟି ଗ୍ରାମ ପଞ୍ଚାୟତକୁ ନେଇ ଏକ ବୃହି ମେଗା ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ହେଲେ ହଜାର ହଜାର ଅଞ୍ଚଳବାସୀ ଉପକୃତ ହେବେ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି । ବର୍ତ୍ତମାନ ଜଳ ନମୂନା ସଂଗ୍ରହ ଓ ପରୀକ୍ଷା ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ସ୍ଥାନୀୟ ଅଧିବାସୀଙ୍କ ମନରେ ନୂଆ ଆଶା ସୃଷ୍ଟି ହୋଇଛି । ପରୀକ୍ଷାଗାରରୁ ଜଳର ଗୁଣବତ୍ତା ସମ୍ପର୍କିତ ରିପୋର୍ଟ ମିଳିବା ପରେ ପ୍ରକଳ୍ପ ସମ୍ପର୍କିତ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି । ତେବେ ଦୀର୍ଘଦିନର ପାନୀୟ ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ଏହି ମେଗା ପାନୀୟ ଜଳ ପ୍ରକଳ୍ପକୁ ଯଥାଶୀଘ୍ର ମଞ୍ଜୁରି ପ୍ରଦାନ କରି କାର୍ଯ୍ୟକ୍ଷମ କରିବା ପାଇଁ ୮ଟି ଗ୍ରାମ ପଞ୍ଚାୟତର ଜନସାଧାରଣ ସରକାରଙ୍କ ନିକଟରେ ଦାବି କରିଛନ୍ତି । ସରକାରଙ୍କ ବିଚାରାଧୀନ ଏହି ବୃହି ପାନୀୟ ଜଳ ପ୍ରକଳ୍ପ ଶୀଘ୍ର ମଞ୍ଜୁରି ଲାଭ କରି ବାସ୍ତବ ରୂପ ନେଲେ ବାରଙ୍ଗ ବ୍ଲକର ଏହି ୮ଟି ଗ୍ରାମ ପଞ୍ଚାୟତର ଦୀର୍ଘଦିନର ଶୁଦ୍ଧ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ହେବା ସହ ହଜାର ହଜାର ଲୋକଙ୍କ ଜୀବନଧାରାରେ ଏକ ନୂତନ ପରିବର୍ତ୍ତନ ଆସିବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି ।

## ବୁଦ୍ଧନାଥ ମନ୍ଦିର ଉନ୍ନତିକରଣ ପାଇଁ ପ୍ରସ୍ତାବ

ବାଲିପାଟଣା ,(ସବ୍ୟୁ): ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ବ୍ଲକ ଅନ୍ତର୍ଗତ ଗାରେଡିପାଞ୍ଚଣ ଗ୍ରାମରେ ରହିଛି ୧୨ଶହ ଶତାବ୍ଦୀର ଶୈବ ପୀଠ । ଯାହା ବୁଦ୍ଧନାଥ ମନ୍ଦିର ନାମରେ ନାମିତ ହୋଇଛି । ଏହି ମନ୍ଦିର ବହୁ ପୁରାତନ ହୋଇଥିଲେବି ଏପର୍ଯ୍ୟନ୍ତ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇନାହିଁ । ପ୍ରତ୍ନତତ୍ତ୍ୱ ବିଭାଗ ମନ୍ଦିରର ରକ୍ଷଣା ବେକ୍ଷଣ ଦାୟିତ୍ୱ ନେଇଥିଲେବି ସଠିକ ଦାୟିତ୍ୱ ନେଉନଥିବାରୁ ମନ୍ଦିର ଗର୍ଭ ଗୃହରୁ ବର୍ଷା ହେଲେ ପାଣି ଗଳୁଛିବୋଲି ବ ପଣ୍ଡା ଚନ୍ଦ୍ରଶେଖର ପଣ୍ଡା କହିଛନ୍ତି । ପର୍ଯ୍ୟଟନ ବିଭାଗ ପକ୍ଷରୁ ସୌନ୍ଦର୍ଯ୍ୟକରଣ କାମ ହାତକୁ ନେଇଥିଲେବି ପୁଷ୍କରିଣୀ, ମିଉଜିଅମ କାମ ଅଧାପନ୍ତରିଆ ହୋଇପଡିଛି । ଏହାର ସାମଗ୍ରୀକ ବିକାଶ ପାଇଁ ଏ ଅଂଚଳର ବୁଦ୍ଧିଜୀବୀମାନେ ବାଲିପାଟଣା ବ୍ଲକ ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଥିଲେ । ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ଅତିକମରେ ଭୋଜନ ମଣ୍ଡପ, ଦୀପ ଷ୍ଟାଣ୍ଡ, ଅପେକ୍ଷା କକ୍ଷ, ପର୍ଯ୍ୟଟକଙ୍କ ପାଇଁ ପାର୍କିଙ୍ଗ ବ୍ୟବସ୍ଥା ଓ ପୋଖରୀରେ ସୌନ୍ଦର୍ଯ୍ୟକରଣ ସହିତ ଏହାକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଁ ଦାବି ପତ୍ର ପ୍ରଦାନ କରାଯାଇଥିଲା । ବିଡ଼ିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ବ୍ଲକ ସହକାରୀ ଯନ୍ତ୍ରୀ ଅର୍ଚ୍ଚନା ନାୟକ, ଯନ୍ତ୍ରୀ ବର୍ଷା ମଲ୍ଲ ପ୍ରମୁଖ ସୋମବାର ଦିନ ମନ୍ଦିର ପରିବେଶ ପରିଦର୍ଶନ କରିଛନ୍ତି । ଅତିକମରେ ଯାହା କରାଯାଇପାରିବ ବିଭାଗୀୟ ଅଧିକାରୀଙ୍କ ଅନୁମତି ନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯିବବୋଲି ବୋଲି ବିଡ଼ିଓ ପ୍ରତିଶ୍ରୁତି ଦେଇଛନ୍ତି ।ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ଟ୍ରଷ୍ଟିର ମିଲୁ ପଣ୍ଡା, ସୁନୀଲ କୁମାର ପଣ୍ଡା, ଶୁଶିଲ ପଣ୍ଡା , ବୁଦ୍ଧିଜୀବୀ ଦିଲ୍ଲୀପ କୁମାର ଓଝା, ସାମ୍ବାଦିକ ରମେଶ ଚନ୍ଦ୍ର ରଥ,ଅଭିମନ୍ୟୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## କଳାପଥରରେ ଚାଷୀ ମେଳା

## ବିଦେଶ ଯିବ ବାଙ୍କୀ ଅଞ୍ଚଳର ଉତ୍ପାଦିତ ଚାଉଳ, ଗୋବର



ବୋଲଗଡ଼, (ସବ୍ୟୁ): କଳା ପଥର ଠାରେ ରବିବାର ଦିନ ଏକ ଚାଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୋଲଗଡ଼ ବେଗୁନିଆ , ଭାପୁର ଓ ବାଙ୍କୀ ଅଞ୍ଚଳର ଶତାଧିକ ଚାଷୀ ଯୋଗ ଦେଇଥିଲେ । . କଳାପଥର ଓ ଧଳପଥର ନିକଟ ୧୪ଟି ପଞ୍ଚାୟତରେ ମହାନଦୀ ପାଣି , ଉନ୍ନତ ମାଟି, ଓ ପାଗ ଉପଯୋଗୀ ଜଳବାୟୁଯୋଗୁଁ ଏ ଅଞ୍ଚଳରୁ ବିପୁଳ ପରିମାଣର ବାସୁମତୀ ଚାଉଳ, ଗୋବର ଖତ ଏବଂ ପନିପରିବା ଅନ୍ୟ ଦେଶକୁ ରପ୍ତାନୀ ହେବା ପାଇଁ ଏବେଠାରୁ କାର୍ଯ୍ୟକ୍ରମ ଆରମ୍ଭ କରିଛି ଆହେନଗ୍ଲୋବଲ ସଂସ୍ଥା । ଆମେରିକା, ଇଂଲଣ୍ଡ, ପଶ୍ଚିମ ଜର୍ମାନୀ, ଦକ୍ଷିଣ ଆଫ୍ରିକା ,ୟୁ.ଏ.ଇ , ଚୀନ , ଇଣ୍ଡୋନେସିଆ ଦେଶ ଗୁଡିକୁ ରପ୍ତାନୀ ହେବ । ଏଥିପାଇଁ ସ୍ଥାନୀୟ ଚାଷୀଙ୍କୁ ଋଣ, ସାର, ବିହନ ଯୋଗାଇଦେବା ପାଇଁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଏହାର ଓଡିଶାମୁଖ୍ୟ ଆଶୁତୋଷ ନାୟକ ସୂଚନା ଦେଇଛନ୍ତି । ଏହି ଚାଷୀ ମେଳାରେ ବାଙ୍କୀ ବ୍ଲକର ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଇଂ ସତ୍ୟନାରାୟଣ ସାମନ୍ତ, ସମାଜସେବୀ ଗୋପୀକୃଷ୍ଣ ଶ୍ରୀଚନ୍ଦନ , ଶିକ୍ଷାବିତ ଆର୍ତ୍ତ ବଂଧୁ ପ୍ରଧାନ , ପୂର୍ବତନ ସରପଞ୍ଚ ଅର୍ଜୁନ ବେହେରା ପ୍ରମୁଖ ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ଉପଦେଷ ଦେଇଥିଲେ . ଅଧିବକ୍ତା ପ୍ରଦୀପ କୁମାର ପଟ୍ଟନାୟକ ସଂଯୋଜନା କରିଥିଲେ । ଏହି ଅବସରରେ ଏ ଅଞ୍ଚଳର ଉତ୍ତମ ଚାଷୀ ବାଇଧର ପ୍ରଧାନ , ଗଗନ ପ୍ରଧାନ , ଗଣେଶର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ରାସ୍ତାରୁ ମିଳିଥିବା ମୂଲ୍ୟବାନ ପାର୍ସଲ ଫେରାଇ ସମ୍ବର୍ଦ୍ଧିତ ହେଲେ ସନ୍ଦୀପ




ଫୁଲନଖରା (ସବ୍ୟୁ): ସମାଜରେ ଏବେ ବି ସଚ୍ଚୋଟତା ଓ ମାନବିକତା ଜୀବିତ ଅଛି, ଏହାକୁ ସତ୍ୟ ପ୍ରମାଣିତ କରି ଦେଖାଇଛନ୍ତି ନଗରୀ ଗ୍ରାମର ଯୁବକ ସନ୍ଦୀପ ବେହେରା । ରାସ୍ତାରେ ପଡ଼ିଥିବା ଦଶ ହଜାର ଟଙ୍କା ମୂଲ୍ୟର ଏକ କୋରିୟର ପାର୍ସଲରୁ ସୁରକ୍ଷିତ ଭାବେ ଫେରାଇ ସେ କେବଳ ସଚ୍ଚୋଟତାର ପରିଚୟ ଦେଇନାହାନ୍ତି, ବରଂ ଜଣେ ଗରିବ ଡେଲିଭରୀ ବୟର ଚାକିରୀ ସହିତ ତା' ମୁହଁରେ ହସ ଫୁଟାଇଛନ୍ତି । ଗତକାଲି ପାହାଲ ରୋଡ୍ସ୍ଥିତ କଲ୍ୟାଣୀ ହାଇଟ୍ସ ନିକଟ ରାସ୍ତାରେ 'ବ୍ଲୁ ଡର୍ଟ' କୋରିୟର ସଂସ୍ଥାର ଏକ ପାର୍ସଲ ଗଳିପଡ଼ିଥିଲା । ନଗରୀ ଗ୍ରାମର ସନ୍ଦୀପ ବେହେରା ଏହି ପାର୍ସଲଟିକୁ ପାଇବା ପରେ କୌଣସି ଲୋଭ ନରଖି ତୁରନ୍ତ ଉପଯୁକ୍ତ ବ୍ୟକ୍ତିଙ୍କୁ ସମ୍ପର୍କ କରି ତାହା ଫେରାଇ ଦେଇଥିଲେ । ସନ୍ଦୀପଙ୍କ ଏହି ନିସ୍ୱାର୍ଥପର କାର୍ଯ୍ୟ ଯୋଗୁଁ ଡେଲିଭରୀ ପିଲାଟି ଏକ ବଡ଼ ଆର୍ଥିକ କ୍ଷତିରୁ ବର୍ତ୍ତିଯିବା ସହ ତା'ର ଚାକିରୀ ବି ବଞ୍ଚିଯାଇଥିଲା । ସନ୍ଦୀପଙ୍କ ଏହି ମହନୀୟ ଓ ପ୍ରଶଂସନୀୟ କାର୍ଯ୍ୟ ପାଇଁ କଟକ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ 'ଯୁବ ଜାଗ୍ରତ ମଞ୍ଚ' ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ସମାଜସେବୀ ପ୍ରଫୁଲ୍ଲ କୁମାର ଶୁକ୍ଳା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସନ୍ଦୀପଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିବା ସହ ତାଙ୍କର ଏହି ସଚ୍ଚୋଟତା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ପ୍ରକାଶ କରିଥିଲେ । ସଂଗଠନର ଅଧକ୍ଷ କଳ୍ପତରୁ ଖୁଣ୍ଟିଆ, ସମ୍ପାଦକ ଅରୁଣ କୁମାର ସାହୁ, ଟ୍ରଷ୍ଟି କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସାଗରଚାନ୍ଦ ଦାଶ, ଧିରେନ୍ଦ୍ର ସାହୁ, ତ୍ରୈଲୋକ୍ୟ ମହାପାତ୍ର, ପ୍ରିୟବ୍ରତ ବେହେରା, ସ୍ମୃତି ରଞ୍ଜନ ସ୍ୱାଇଁ, ଦୁର୍ଗା ପ୍ରସାଦ ମହାନ୍ତି, ଗୋପୀନାଥ ମହାନ୍ତି, ମଣିପ୍ରସାଦ ମହାନ୍ତି ଓ ବିପିନ ଭୁଜବଳ ପ୍ରମୁଖ ଉପସ୍ଥିତ ରହି ସନ୍ଦୀପଙ୍କୁ ସାଧୁବାଦ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ଭଦ୍ରକରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ,(ସବ୍ୟୁ):ଜାତୀୟ ଆଇନ ସେବା ପ୍ରାଧିକାରଣ,ନୂଆଦିଲ୍ଲୀ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ । କଟକଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲା ନୟାୟାଳୟ,ନଳାଙ୍ଗ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନା ଅଧ୍ୟକ୍ଷତା କରି ଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧିକାରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ । ଏଥିସହ ସ୍ଥାୟୀ ଲୋକ ଅଦାଲତ (ଜନପୋଯୋଗୀ ସେବା),ଭଦ୍ରକରେ ତଥା ଜିଲ୍ଲା ମଧ୍ୟରେ ଥିବା ୩ଟି ତାଲୁକ ଲିଗାଲ କମିଟି ବାସୁଦେବପୁର,ଚାନ୍ଦବାଲି,ଧାମନଗର କୋର୍ଟ ପରିସରରେ ମଧ୍ୟ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ମୋଟ ୫କୋଟି ୩ଲକ୍ଷ ୭୨ହଜାର ୩ଶହ ୧୩ ଟଙ୍କାରେ ୧ହଜାର ୨ଶହ ୪୦ଟି ମୋକଦ୍ଦମାର ଆପୋଷ ସମ ାଧାନ ହୋଇଥିଲା ।

ସେଗୁଡିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବୁନାଲର ବିଚାରାଧୀନ ଥିବା ୩୬ଟି ମାମଲାର ୩କୋଟି ୧୨ଲକ୍ଷ ୧୦ହଜାର ଟଙ୍କାରେ,୩୬ଟି,ଚେକ ବାଉନ୍ସ ପୁନଃରୁଦ୍ଧାର ମାମଲା ୫୫ଲକ୍ଷ ୬୯ହଜାର ୪୯ଟଙ୍କାରେ,୧୪ଟିବୈବାହିକବିବାଦ,୩୪୯ଟି ରାଜସ୍ୱ ମୋକଦ୍ଦମା,୬୯ଟି ଅନ୍ୟାନ୍ୟ ଦେଓ୍ୱାନୀ ମାମଲା,ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୫ହଜାର ୯ଶହ ୮୯ଟି ବ୍ୟାଙ୍କ ଋଣ ମାମଲା ୩୩ଲକ୍ଷ ୪୭ହଜାର ୩ଶହ ସାତ ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ଼ର ଟେଲିଫୋନେ ବିଲ ସମ୍ବନ୍ଧୀୟ ୯ଟି ମାମଲା ୧୮ହଜାର ୪୯ଟଙ୍କାରେ,ବିଦ୍ୟୁତ୍ ବିଭାଗର ୩୯୦ଟି ମାମଲା ୬୦ଲକ୍ଷ ଟଙ୍କାରେ,୪୦ଟି ବକେୟା ଟ୍ରାଫିକ ଚାଲାଣ ୪ଲକ୍ଷ ୫୯ହଜାର ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଅଛି ।

ଏହି ଲୋକ ଅଦାଲତରେ ଜିଲ୍ଲା ନ୍ୟାୟାଳୟ ଭଦ୍ରକର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ପ୍ରଭାତ କୁମାର ରାଜଗୁରୁ,ବିଚାରପତି ପରିବାର ଅଦାଲତ ଅରବିନ୍ଦ ରଥ,ସ୍ଥାଇ ଲୋକ ଅଦଲତ (ଜନ ଉପଯୋଗୀ ସେବା),ଭଦ୍ରକ ଅଧ୍ୟକ୍ଷ ବିଜୟ କୁମାର ପାତ୍ର,ସହକାରୀ ଦୌରାଜଜ (ସ୍ୱତନ୍ତ୍ର ଟ୍ରାକ କୋର୍ଟ)ଭଦ୍ରକ ଜ୍ୟୋତିରଞ୍ଜନ ଦାଶ,ଉପଖଣ୍ଡ ବିଚାର ବିଭାଗୀୟ ଅଧିକାରୀ ସ୍ୱଜାଲି ମହାନ୍ତି,ବରିଷ୍ଠ ଦେଇଓ୍ୱାନୀ ବିଚାରପତି ଚିନ୍ମୟୀ ପଣ୍ଡା,ଅତିରିକ୍ତ ବରିଷ୍ଠ ଦେଓ୍ୱାନୀ ଶିବାନୀ,କନିଷ୍ଠ ଦେଓ୍ୱାନୀ ବିଚାରପତି ଉମାକାନ୍ତ ବେହେରା ତଥା ସମସ୍ତ ବିଚାରପତି ବୃନ୍ଦ ତଥା ଜାତୀୟକରଣ ବ୍ୟାଙ୍କ,ବିଦ୍ୟୁତ ବିଭାଗ ଓ ଅନ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଲୋକ ଅଦାଲତକୁ ସଫଳ କରାଇଥିଲେ ।

## ଭଦ୍ରକ କ୍ରିକେଟ ଆସୋସିଏସନର ପୂର୍ବତନ ସଭାପତି

## ବିଜୟ ଜେନାଙ୍କ ସ୍ମୃତିରେ ସ୍ୱାସ୍ଥ୍ୟ ଶିବିର ଆସନ୍ତା ୪ରେ

ଭଦ୍ରକ,(ସବ୍ୟୁ): ଭଦ୍ରକ କ୍ରିକେଟ ଆସୋସିଏସନର ପୂର୍ବତନ ସଭାପତି,ଶିକ୍ଷାବିତ ବିଜୟ କୁମାର ଜେନାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆସନ୍ତା ଅକ୍ଟୋବର ୪ତାରିଖର ରବିବାର ଚରମ୍ପାସ୍ଥିତ ଅଗ୍ରସେନ ଭବନ ପରିସରରେ ଅନୁଷ୍ଠିତ ହେବ । ଏହି ପରିପେକ୍ଷୀ ଶୁକ୍ରବାର ଦିନ ବିଜୟ କୁମାର ଜେନା ସ୍ମୃତି ସଂସଦର ଆବାହକ ତଥା ଓଡିଶା କ୍ରିକେଟ ଆସୋସିଏସନର ପୂର୍ବତନ ସଭାପତି ଧିରେନ ପଲାଇଙ୍କ ସଭାପତିତ୍ୱରେ ଚରମ୍ପା ହ୍ୟାପି ହୋମ ସ୍କୁଲ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ ମେଡ଼ିସିନ,ସ୍ନାୟୁ ବିଭାଗ,ଗ୍ୟାଷ୍ଟ୍ରୋଲୋଜି,ଅଙ୍କଲୋଜି ,ଶିଶୁ ବିଭାଗ,ସ୍ତ୍ରୀ ଓ ପ୍ରସୂତି ବିଭାଗ,ହୃଦରୋଗଓ ଅନ୍ୟାନ୍ୟ ବିଭାଗର ବିଶେଷଜ୍ଞମାନେ ଯୋଗ ଦେବେ ବୋଲି ସ୍ୱର୍ଗତ ବିଜୟ କୁମାର ଜେନାଙ୍କ ପୁତ୍ର ଡ଼.ଅନୁରାଗ ଜେନା ସୂଚନା ଦେଇଥିଲେ । ରୋଗୀମାନଙ୍କର ବିଭିନ୍ନ ପ୍ରକାର ଟେଷ୍ଟ ବି ମାଗଣାରେ ହେବ ବୋଲି ଅନ୍ୟତମ ପୁତ୍ର ଇ.ଅନୁପମ ଜେନା ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକର ପୂର୍ବତନ ବିଧାୟକ ନରେନ ପଲାଇ,ରୋଟାରିୟାନ ଶିଶିର କୁମାର ମିଶ୍ର,ଆଇନଜୀବି ପବନ ଶର୍ମା,ଆଇନଜୀବି ଅତିଶ କୁମାର ବେହେରା,ଭଦ୍ରକ କ୍ରିକେଟ ଆସୋସିଏସନର ସଭାପତି ଜତିକାନ୍ତ ନାୟକ,ଭଦ୍ରକ କ୍ରିକେଟ ଆସୋସିଏସନର ସଭାପତି ଉପେନ୍ଦ୍ର ବାରିକ,ରୋଟାରିୟାନ ସୀତାକାନ୍ତ ଦାସ,ବେଦ ପ୍ରକାଶ ଗୁପ୍ତା,ସମାଜସେବୀ ରତିକାନ୍ତ ପରିଡା,ବ୍ୟୋମକେଶ ସେନାପତି,ଟାଓର ସଭାପତି ରବି ନାରାୟଣ ପାଣିଗ୍ରାହୀ,ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ,ବିଜୟ କୁମାର ଲାଖନୀ,ପାର୍ଥସାରଥୀ ଗୁହା ରାୟ,ଲକ୍ଷ୍ମୀଧର ଜେନା,ଶୁଶିଲ ପଟ୍ଟନାୟକ,ଅରୁଣ ମଜୁମଦାରପ୍ରମୁଖ ଯୋଗଦେଇ ଏହି ଶିବିରକୁ ସଫଳ କରିବାକୁ ଆହ୍ୱନ ଦେଇଥିଲେ । ସ୍ମରଣଯୋଗ୍ୟ ଗତ ବର୍ଷ ଅକ୍ଟୋବର ୭ତାରିଖରେ ଶ୍ରୀଜେନାଙ୍କର ହୃଦଘାତରେ ପରଲୋକ ଘଟିଥିଲା ।

# ମାଛ ମାରିବାକୁ କେନ୍ଦ୍ରକରି ଗଣ୍ଡଗୋଳ

## ଦୁଇ ମାମଲା ରୁଜୁ : ୫ ଅଟକ

ଭାପୁର, (ସବ୍ୟୁ): ମାଛ ମାରିବା ସମୟରେ ପାଣି ଗୋଳିଆ ହେବାକୁ କେନ୍ଦ୍ର କରି ଗ୍ରାମର ୨ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଓ ମାଡପିଟ ହେବା ଘଟଣାରେ ପୁଲିସ ଉଭୟ ପକ୍ଷର ଏତଲାକୁ ଭିତ୍ତି କରି ଫତେଗଡ ଥାନାରେ ୨ ଟି ମାମଲା ରୁଜୁ କରିବା ସହ ଘଟଣାରେ ସଂପୃକ୍ତ ଅଭିଯୋଗରେ ୫ ଜଣକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଜଣାଯାଇଛି । ଘଟଣାକ୍ରମେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ ଥାନା ଅଧୀନ ଶାସନ ପଞ୍ଚାୟତ,ଟିକିରିପଡା ଗ୍ରାମ କୈବର୍ତ୍ତସାହିର କିଛି ଯୁବକ ନିକଟସ୍ଥ ଖଇରି ନାଳରୁ ମାଛ ମାରୁଥିଲା ବେଳେ ସେହି ନାଳ ନିକଟରେ ହେମନ୍ତପାଟଣା ଗ୍ରାମର କିଛି ମହିଳା ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ତୁଠରେ ସ୍ନାନ କରୁଥିଲେ ।ତେବେ ମାଛ ମାରିବା ସମୟରେ ପାଣି ଗୋଳିଆ ହେବାରୁ ସ୍ନାନ କରୁଥିବା ମହିଳା ଓ ସେଠାରେ ଉପସ୍ଥିତ ଥିବା କିଛି ଯୁବକ ମାଛ ମାରିବାକୁ ବିରୋଧ କରିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା ।ପରବର୍ତ୍ତୀ ସମୟରେ ଏହି ଘଟଣାକୁ କେନ୍ଦ୍ର କରି ଟିକିରିପଡା ଗ୍ରାମର କିଛି ଯୁବକ ଏକ ଅଟୋ ଯୋଗେ ହେମନ୍ତପାଟଣା ଗ୍ରାମରେ ଶନିବାର ପହଞ୍ଚି ଗଣ୍ଡଗୋଳ କରୁଥିବା ବେଳେ ହେମନ୍ତପାଟଣା ଗ୍ରାମବାସୀ ଏକଜୁଟ ହୋଇ ଟିକିରିପଡା ଗ୍ରାମର ୫ ଜଣ ଯୁବକଙ୍କୁ ଗ୍ରାମରେ ଅଟକ ରଖି ଫତେଗଡ ପୁଲିସକୁ ଖବର ଦେଇଥିଲେ ।

**AFFIDAVIT**

By Virtue of an affidavit sworn before The Executive Magistrate, Bhubaneswar, dated 28.08.2026.I,Silsmita Ray, W/o-Biswaranjan Parija, Permanent resident of At- Pinpur, Po- Babujang, Ps- Kissan Nagar, Dist- Cuttack, Odisha- 754134 declare my name from Silsasmita Parija to Silsmita Ray. I, shall be Known as **Silsmita Ray** for all Purposes.

Sd/- Silsmita Ray

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, କେନ୍ଦୁଝର-ରବିନାରାୟଣରାଜ୍-୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଭାରତ ମସଲାର ୨୭ତମ ପ୍ରତିଷ୍ଠା ଦିବସ ଓ ଭାରତ ପ୍ରତିଭା ସମ୍ମାନ

# ଧୈର୍ଯ୍ୟ, କଠିନ ପରିଶ୍ରମ ଓ ସଂଘର୍ଷରୁ ମିଳେ ସଫଳତା : ମନ୍ତ୍ରୀ

କଟକ,(ସବ୍ୟୁ):ଯୁବ ସମାଜ ଆଜି ଅଧୈର୍ଯ୍ୟ, ଅସ୍ଥିର ଏବଂ ସର୍ଟକଟ୍‌ରେ ସଫଳତା ପଛରେ ଧାଉଁଛନ୍ତି । ରାତାରାତି ଧନୀ ହେବାକୁ ଚାହୁଁଛନ୍ତି । କିନ୍ତୁ ଆଜି ଯେଉଁମାନେ ଓଡ଼ିଶାର ନାଁକୁ ବିଶ୍ୱ ଦରବାରରେ ପହଂଚାଇଛନ୍ତି ସେମାନେ କେତେ ଧୈର୍ଯ୍ୟର ସହ ସଂଘର୍ଷ କରିଛନ୍ତି ତାହା ଭାରତ ମସଲାର ଅଧକ୍ଷ ସୁରେନ୍ଦ୍ର ପଣ୍ଡାଙ୍କ ଭଳି ଅନୁଭବିଙ୍କୁ ଜଣା । ଆଜିର ଯୁବପିଢ଼ୀ ତାଙ୍କରି ଜୀବନାଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ । ଏହାର ସୁଯୋଗ ନେଲେ ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଆମେ ବିକଶିତ ରାଜ୍ୟରେ ପରିଣତ କରିପାରିବା । ଏଥିପାଇଁ ଧୈର୍ଯ୍ୟର ଆବଶ୍ୟକତା କରିଛ । ଧୈର୍ଯ୍ୟ ରଖି ଯଦି କଠିନ ପରିଶ୍ରମ ନିରନ୍ତର ଭାବେ କରି ଚାଲିବା ତେବେ ସଙ୍ଘର୍ଷରୁ ଯେଉଁ ସଫଳତା ମିଳିବ ତାହା ଆମକୁ ଶୀର୍ଷରେ ପହଂଚାଇ ପାରିବ ବୋଲି ଭାରତ ମସଲାର ୨୭ତମ ପ୍ରତିଷ୍ଠା ଦିବସରେ ମତ୍ସ୍ୟ ଓ ପଶୁସଂପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମତ ରଖିଛନ୍ତି । ସମ୍ଭାବନାର ରାଜ୍ୟ ହେଉଛି ଓଡ଼ିଶା । ରାଜ୍ୟର ପ୍ରତ୍ୟେକ ଜିଲ୍ଲା ହେଉଛି ଗୋଟିଏ ଗୋଟିଏ ସମ୍ଭାବନା । ମୁଁ ଧନ୍ୟବାଦ ଦେବି ଭାରତ ମସଲାର ପରିବାରକୁ କାରଣ ବଣମଲ୍ଲୀ ବଣରେ ଫୁଟି ମଉଳି ଯିବାକୁ ନଦେଇ ତା'ର ମହକକୁ ଖୋଜି ଆଣିଛନ୍ତି ଲୋକଲୋଚନକୁ । ଜୟଭାରତ ଫାଉଣ୍ଡେସନ୍‌ର ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ପୂଜ୍ୟପୂଜାର ପରମ୍ପରା ଭାରତ ପ୍ରତିଭା ସମ୍ମାନ ସମାରୋହରେ ବିଶିଷ୍ଟ ଅତିଥି ଭାବରେ କିମ୍ସ ଓ କିଟସ୍‌ର ପ୍ରତିଷ୍ଠାତା ତଥା ସମାଜସେବୀ ଡଃ ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ ଯେ, ଗୋଟିଏ ଛୋଟିଆ କୁଟୀର ଶିଳ୍ପ ମାତ୍ର ୪ଶହ ଟଙ୍କାରୁ ଆରମ୍ଭ ହୋଇଥିବା ଭାରତ ମସଲା କଂପାନୀ ଆଜି ବାର୍ଷିକ ୧୫ଶହ କୋଟି ଟଙ୍କାର ବ୍ୟବସାୟ କରିପାରିଛି । ସମ୍ମାନିତ ଅତିଥି ଭାବରେ କୋରେଇର ବିଧାୟକ



ତଥା ଅଭିନେତା ଅକାଶ ଦାସନାୟକ ଉକ୍ତ ଉତ୍ସବରେ ଯୋଗଦେଇଥିଲେ । ଆଜିର ଯୁବପିଢ଼ୀ ମାନଙ୍କ ପାଇଁ ଭାରତ ମସଲା କଂପାନୀ ହେଉଛି ଏକ ରୋଲ ମଡେଲ୍ । ଚାକରି ପଛରେ ନଗୋଡାଇ ଚାକିରି ଦିବା ନୀତିକୁ ଆଜିର ଯୁବପିଢ଼ୀ ମାନେ ଆପଣେଇ ନେବା ପାଇଁ ଶ୍ରୀଯୁକ୍ତ ଦାସନାୟକ ଆହ୍ୱାନ ଦେଇଥିଲେ । ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଏଥିରେ ଅଧକ୍ଷତା କରି କହିଲେ ଯେ, ଭାରତ ମସଲା ଆଜି ଶୀର୍ଷରେ ପହଂଚିବାରେ ଯେଉଁମାନଙ୍କ ଅବଦାନ ରହିଛି ସେମାନଙ୍କ ମଧ୍ୟରେ ରହିଛନ୍ତି ମୋ କଂପାନୀରେ କର୍ମରତ ପ୍ରତ୍ୟେକଟି କର୍ମଚାରୀ । ଏକ ପଲ୍ଲୀରୁ ଆରମ୍ଭ ହୋଇଥିବା କଂପାନୀକୁ ଆଜି ବିଦେଶ ମାଟିରେ ସ୍ୱତନ୍ତ୍ର ପରିଚୟ ଦେଇଛି । ସିଧାସଳଖ ଭାବରେ ଆମେ ବିଭିନ୍ନ ଜିଲ୍ଲାର ଚାଷୀମାନଙ୍କୁ ପ୍ରୋତ୍ସାହନ ଦେଇ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ଆମେ ଉଚିତ୍ ମୂଲ୍ୟରେ କ୍ରୟ କରିଆସୁଛୁ । ଟମାଟୋ, ଲଙ୍କା, ଅଦା, ହଳଦୀ ଚାଷୀଙ୍କୁ ଅଭାବୀ ବିକ୍ରୟକୁ ଦୂରକରି ଏସ୍‌ଏସ୍‌ଜି ଜରିଆରେ ସଂଗ୍ରହ କରି କୃଷିଜାତ ଦ୍ରବ୍ୟ ଉତ୍ପାଦିତ କରିବା ପାଇଁ ସେମାନଙ୍କ ମନୋବଳକୁ ସୁଦୃଢ଼ କରିପାରିଛୁ । ଏଥିରେ ଅନ୍ୟତମ ଅତିଥି ଭାବରେ ବିଜେପି ନେତା ତଥା ଅଭିନେତା ଶ୍ରୀତମ ଦାସ ଯୋଗଦେଇଥିଲେ ।

ଉକ୍ତ ଉତ୍ସବର ପ୍ରାରମ୍ଭରେ ଭାରତ ମସଲାର ଜେନେରାଲ ମ୍ୟାନେଜର (ଅପରେସନ୍) ଅରୁଣ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଜୟ ଭାରତ ଫାଉଣ୍ଡେସନ୍ ପକ୍ଷରୁ ସଂପାଦିକା ନନ୍ଦିତା ପଣ୍ଡା ଓ ସହଯୋଗୀ ସଂପାଦକ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସଂପାଦନାରେ ପ୍ରକାଶିତ ବାର୍ଷିକ ସାହିତ୍ୟ ପତ୍ରିକା 'ସମ୍ଭବାମି ଭାରତ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ପ୍ରଥମାର୍ଦ୍ଧରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା କିଟ୍‌ସ, କିମ୍‌ସ, କିସ୍‌ର ପ୍ରତିଷ୍ଠାତା ତଥା ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କୁ 'ଭାରତ ଗୌରବ ସମ୍ମାନ', ଭାରତୀୟ ନୌ-ସେନାର ଭାଇସ୍ ଆଡ୍‌ମିରାଲ୍ ରମାକାନ୍ତ ପଟ୍ଟନାୟକଙ୍କୁ 'ସେବା ଭାରତ ସମ୍ମାନ', ସମାଜବିଜ୍ଞାନୀ, ଭାଷା ଦ୍ୱିବିତ୍ ଓ ସାରସ୍ୱତ ସାଧକ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ 'କଥା ଭାରତ ସମ୍ମାନ', ଓଡ଼ିଆ ସଂଗୀତ ଜଗତର ସୁନାମଧନ୍ୟା କଣ୍ଠଶିଳ୍ପୀ ତୃପ୍ତି ଦାଶଙ୍କୁ 'ସଂସ୍କୃତି ଭାରତ ସମ୍ମାନ', କ୍ରୀଡା କ୍ଷେତ୍ରରେ ସଫଳ କ୍ରିକେଟିୟର ରାଜେଶ କୁମାର ମହାନ୍ତିଙ୍କୁ 'କ୍ରୀଡା ଭାରତ ସମ୍ମାନ', ଲଘୁ ଉଦ୍ୟୋଗ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସମ୍ବଲପୁର ଜିଲ୍ଲା ବବ୍ରିବାହାଲ ବାମରା ଅଳର ଲତା ବାଗ୍ ଓ ପୁଷ୍ପଲତା ସାହୁଙ୍କୁ 'ଉଦ୍ୟୋଗ ଭାରତ ସମ୍ମାନ' ଓ ସେହିପରି ଶିକ୍ଷା କ୍ଷେତ୍ରରେ +୨ ବିଜ୍ଞାନ, ବାଣିଜ୍ୟ ଓ କଳାରେ ଯଥାକ୍ରମେ ମେଧା ବିଦ୍ୟାର୍ଥୀ କମଳାକାନ୍ତ ରଣା, ଶୁଭମ୍ ନାୟକ ଓ ଅଙ୍କିତା ନାୟକଙ୍କୁ 'ବିଦ୍ୟାଭାରତ ସମ୍ମାନ'ରେ ଜୟ ଭାରତ ଫାଉଣ୍ଡେସନ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଭାରତ ମସଲାର ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା ଓ ନିର୍ଦ୍ଦେଶିକା ଏସ୍‌ଏନ୍ ମିଲେନିୟମ୍, ଜିଏମ୍ ବିପିନ୍ ରାଉତ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଦ୍ୱିତୀୟାର୍ଦ୍ଧରେ ବିଭିନ୍ନ ଜିଲ୍ଲା, ରାଜ୍ୟ ଓ ବିଦେଶରୁ ଆସିଥିବା ସଫଳ ବିତରକ, ବିକ୍ରେତା ଓ ଭାରତ ମସଲାରେ କର୍ମରତ ଶ୍ରେଷ୍ଠ କର୍ମଚାରୀମାନଙ୍କୁ ଅତିଥି ଏସସିବି ମେଡିକାଲ ମାନସିକ ବିଭାଗ ଡାକ୍ତର ଅଂଶୁମୋଚନ ସାହୁ ଟ୍ରଫି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ପ୍ରଜ୍ଞା ହୋତାଙ୍କ ଗ୍ରୁପ୍ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ମୋକିମ୍ ଫାଉଣ୍ଡେସନ ପକ୍ଷରୁ 'ଯୁବ ସଂସଦ'ର କଟକ ସଂସ୍କରଣ

କଟକ, (ସ୍ୱପ୍ର): ଯୁବ ପିଢ଼ିଙ୍କ ମଧ୍ୟରେ ଗଣତାନ୍ତ୍ରିକ ଭାବନାର ଉନ୍ମେଷ ଓ ସେମାନଙ୍କ ବାକ୍ ପ୍ରତିଭାକୁ ଉପଯୁକ୍ତ ପ୍ରେରଣା ଦେବାର ଉଦ୍ଦେଶ୍ୟରେ ମୋକିମ ଫାଉଣ୍ଡେସନ ପରିକଳ୍ପିତ 'ଯୁବ ସଂସଦ'ର ଦ୍ୱିତୀୟ ସଂସ୍କରଣ, କଟକ ଶହୀଦ ଭବନରେ ଆୟୋଜିତ ହୋଇଛି । 'ଆଜିର ଯୁବ ପିଢ଼ିର ଆଶା ଓ ଆକାଂକ୍ଷା' ବିଷୟବସ୍ତୁ ଉପରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରଛାତ୍ରୀମାନେ ଛାୟା ବିଧାୟକ ହୋଇ ଆଲୋଚନା କରିଥିଲେ । କରି ନିଜ ଅଞ୍ଚଳ ତଥା ରାଜ୍ୟର ମୌଳିକ ସମସ୍ୟା ଉପରେ ସ୍ୱର ଉତ୍ତୋଳନ କରିବା ସହ ଦାୟିତ୍ୱବାନ ନାଗରିକ ଭାବେ ନେତୃତ୍ୱ ନେବାକୁ ସେ ଆହ୍ୱାନ ଦେଇଥିଲେ ।

ଶୂନ୍ୟକାଳ ଏବଂ ପ୍ରଶ୍ନକାଳ ଆଦି ସ୍ୱତନ୍ତ୍ର ଅଧିବେଶନରେ ଛାୟା ବିଧାୟକମାନଙ୍କୁ ବିଚାରକ ଭାବେ ପରଖିଥିଲେ ନିକୁଞ୍ଜ ପଶାୟତ, ଗିରିବାଳା ବେହେରା, କର୍ପୋରେଟର ଲିଜା ରାଉତ, ପ୍ରସନ୍ନ ବିଷୋୟୀ ଓ ମନୋଜ ଜେନା ଆଦି ବରିଷ୍ଠ ନେତୃବୃନ୍ଦ । ଗୃହରେ ଛାୟା ମନ୍ତ୍ରୀମଣ୍ଡଳର ସଦସ୍ୟମାନେ 'ଯୁବ ପରିବର୍ତ୍ତନକାରୀ । ସେମାନେ ରାଜନୀତି ଓ ଗଣତାନ୍ତ୍ରିକ ପ୍ରକ୍ରିୟାରୁ ଦୂରେଇ ନରହି ନୀତି ନିର୍ଦ୍ଧାରଣ ଓ ନେତୃତ୍ୱ ନେବାରେ ସକ୍ରିୟ ଭୂମିକା ଗ୍ରହଣ କରିବା ଉଚିତ । ଯୁବ ସଂସଦ ଭଳି କାର୍ଯ୍ୟକ୍ରମ ସେମାନଙ୍କ ଭିତରେ ସଂସଦୀୟ ନିୟମ, ତର୍କ ଏବଂ ଲୋକତାନ୍ତ୍ରିକ ମୂଲ୍ୟବୋଧକୁ ଶାଣିତ କରିବାରେ ଏକ ପ୍ରମୁଖ ପ୍ଲାଟଫର୍ମ ସାବ୍ୟସ୍ତ ହେବ । ଫାଉଣ୍ଡେସନ ପକ୍ଷରୁ ଆଗାମୀ ଦିନରେ ଯୁବପିଢ଼ିଙ୍କ ନେତୃତ୍ୱ ବିକାଶ ପାଇଁ ଏଭଳି ପ୍ରୟାସ ଜାରି ରହିବ ବୋଲି ଶ୍ରୀ ମୋକିମ୍ ନିଜ ବକ୍ତବ୍ୟରେ କହିଥିଲେ । ଏହି



ପ୍ରାରମ୍ଭିକ ପୂର୍ବାହ୍ନ ଅଧିବେଶନରେ ବାରବାଟୀ ବିଧାୟିକା ସୋଫିଆ ଫିରଦୋସ୍ ବାଚସ୍ପତି ଦାୟିତ୍ୱ ନିର୍ବାହ କରିଥିଲେ । ଏହି ଅବସରରେ ବିଧାୟିକା କହିଥିଲେ ଯେ, ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଯୁବପିଢ଼ି ଶାସନ ବ୍ୟବସ୍ଥା, ନୀତି ନିର୍ଦ୍ଧାରଣ ଓ ସାମ୍ବିଧାନିକ ମୂଲ୍ୟବୋଧ ବିଷୟରେ ଜାଣିବା ଏକାନ୍ତ ଆବଶ୍ୟକ । ଯୁବକମାନେ କେବଳ ଭବିଷ୍ୟତ ନୁହଁନ୍ତି, ସେମାନେ ଆଜିର ପରିବର୍ତ୍ତନର ମୁଖ୍ୟ ବାର୍ତ୍ତାବହ । ବିଧାନସଭା ଓ ସଂସଦର କାର୍ଯ୍ୟଧାରାକୁ ନିକଟରୁ ଅନୁଭବ ସଶକ୍ତିକରଣ ବିଧେୟକ-୨୦୨୬' ନାମରେ ଏକ ଚିଠା ପ୍ରସ୍ତାବ ଆଗତ କରିଥିଲେ । ବାଚନିକ ଭୋଟ୍ ପରେ ଏହା ସର୍ବ ସମ୍ମତି କ୍ରମେ ପାରିତ ହୋଇଥିଲା । ଉଦଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ତଥା ଓଜେସି ସଭାପତି ମହମ୍ମଦ ମୋକିମ୍ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଯୁବ ଶକ୍ତି ହିଁ ରାଷ୍ଟ୍ର ତଥା ରାଜ୍ୟର ପ୍ରକୃତ କର୍ଣ୍ଣଧାର । ଆଜିର ଯୁବପିଢ଼ି କେବଳ ଭବିଷ୍ୟତ ନୁହନ୍ତି, ବରଂ ବର୍ତ୍ତମାନର ମଧ୍ୟ ମୁଖ୍ୟ ଛାୟା ବିଧାନସଭାରେ ଦୁର୍ଗାମାଧବ ମିଶ୍ର ମୁଖ୍ୟମନ୍ତ୍ରୀ, ଅତିଶା ମହାପାତ୍ର ଓୟଶଂଶୁ ମହାନ୍ତି ଉପ ମୁଖ୍ୟମନ୍ତ୍ରୀ, ସୁନଲ କୁମାର୍ ପ୍ରଧାନ ବିରୋଧୀଦଳ ନେତା, ସୁହାନୀ ମିଶ୍ର ବିରୋଧୀ ଦଳ ମୁଖ୍ୟ ସଚେତକ ଭୂମିକାରେ ରହିଥିଲେ । ନିଜ ପକ୍ଷର ଶ୍ରେଷ୍ଠବକ୍ତା ଭାବେ ମଧ୍ୟ ପୁରସ୍କୃତ ହୋଇଥିଲେ । ଶିବ ପ୍ରସାଦ ସାମଲ, ପ୍ରସମିତ କାନୁନଗୋ, ବିଶ୍ୱଜିତ ସାହୁ, ସତ୍ୟ କର, ସତ୍ୟଜିତ ମହାନ୍ତି ଓ ସଞ୍ଜୟ ଏହି କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

### ଏମ୍‌ଏମ୍‌ଡିଆର ଆଇନ ସଂଶୋଧନ ପ୍ରସଙ୍ଗ

# ଆଇନ ପ୍ରତ୍ୟାହାର ନ ହେଲେ ଅର୍ଥନୈତିକ ଅବରୋଧ କରିବ ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଏମଏମଡିଆର ଆଇନ ସଂଶୋଧନ ରାଜ୍ୟ ସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦେଇଥିବା ଚିଠିର ଉତ୍ତର ଏପର୍ଯ୍ୟନ୍ତ ମିଳିନଥିବାରୁ କ୍ଷୋଭ ପ୍ରକାଶ କରିଛି ବିଜୁ ଜନତା ଦଳ । ରାଜ୍ୟର ସ୍ୱାର୍ଥ କ୍ଷୁଣ୍ଣ କରୁଥିବା ଏମଏମଡିଆର ଆଇନ ସଂଶୋଧନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି । ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟକ ଡ଼ ଅରୁଣ କୁମାର ସାହୁ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ଡ଼ ସାହୁ କହିଥିଲେ ଯେ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏମଏମଡିଆର ଆଇନ ସଂଶୋଧନ ରାଜ୍ୟର ସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ବିଧାନସଭାର ବିଶେଷ ଅଧିବେଶନ ଓ ଏକ ସର୍ବଦଳୀୟ ବୈଠକ ଡାକିବା ପାଇଁ କହିଥିଲେ । କିନ୍ତୁ ଏଯାବତ ଏହି ଚିଠିର ଉତ୍ତର ରଖିବାକୁ ଉଚିତ ମଣି ନାହାନ୍ତି ମୁଖ୍ୟମନ୍ତ୍ରୀ । ଶିଷ୍ଟାଚାର ଓ ସୌଜନ୍ୟତା ଭୁଲି ଯାଇଥିବା ସରକାରଙ୍କୁ ଆମେ କେତୋଟି ପ୍ରଶ୍ନ ପଚାରିବାକୁ ଚାହୁଁଛୁ । ଏମଏମଡିଆର ଆଇନ ସଂଶୋଧନ ମାଧ୍ୟମରେ ଖଣିର ମାଲିକାନା ରାଜ୍ୟ ହାତରୁ ଛଡେଇ ନିଆଯାଇଛି । ଖଣି





ହାତରେ ନଥିବା ବେଳେ, କେନ୍ଦ୍ର ସରକାରଙ୍କ ହାତ ଟେକା ଦାନକୁ ଅପେକ୍ଷା କରି ରହିଥିବା ରାଜ୍ୟ ସରକାର କେଉଁ ଅଧିକାର ନେଇ ୟୁଏଇ ଗସ୍ତ କରି ପୁଞ୍ଜିନିବେଶ ପାଇଁ ଆହ୍ୱାନ କରୁଛନ୍ତି ? ଡ଼ ସାହୁ କହିଥିଲେ ଯେ, ରାଜ୍ୟ ସ୍ୱାର୍ଥ ସମ୍ବନ୍ଧରେ ଉଠାଯାଇଥିବା ଏମଏମଡିଆର ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନିରବ ରହିଛନ୍ତି କାହିଁକି? ସର୍ବଦଳୀୟ ବୈଠକ ଡାକିବା ପାଇଁ କୁହାଯାଇଥିଲା, ତାକୁ ମଧ୍ୟ ଅଣଦେଖା କରିଛନ୍ତି । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଖଣି କ୍ଷେତ୍ରରୁ ଆଦାୟ ହେବାକୁ ଥିବା ବକେୟା ଟିକସ ବାବଦକୁ ଓଡ଼ିଶା ୧ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କ୍ଷତି ସହିଲା । ଏଥି ସହିତ ଖଣିରୁ ବାର୍ଷିକ ରାଜସ୍ୱ ବାବଦକୁ ୧୨,୦୦୦ କୋଟି ଟଙ୍କା କ୍ଷତି ହେବ । କିନ୍ତୁ ରାଜ୍ୟ ବିଜେପି ସରକାର ଓଡ଼ିଶାର ଏତେବଡ଼ ଆର୍ଥିକ କ୍ଷତିକୁ ନିରବ ସମର୍ଥନ କରୁଛନ୍ତି । କାହା ସ୍ୱାର୍ଥରେ ଏମଏମଡିଆର ଆଇନର ସଂଶୋଧନ କରାଗଲା ? ଏହାଦ୍ୱାରା ଖଣି ମାଲିକ ମାନେ ଲାଭବାନ ହେଲେ ଏବଂ ଖଣି ଓ ଖଣି ଥିବା ଜମି ଉପରୁ ରାଜ୍ୟର ଅଧିକାର କେନ୍ଦ୍ର ଅଧୀନକୁ ଚାଲିଗଲା । ରାଜ୍ୟର ଅଧିକାର ଛଡାଇ ନିଆଗଲା, କିନ୍ତୁ ରାଜ୍ୟ ବିଜେପି ସରକାରଙ୍କ ସ୍ୱାଭିମାନ ଜାଗ୍ରତ ହେଉନାହିଁ । ରାଜ୍ୟ ସ୍ୱାବଲମ୍ବୀ ହେବା ପାଇଁ ପ୍ରକୃତି ଦେଇଥିବା ସମ୍ବଳ ଆଉ ଆମ ହାତରେ ରହିବ ନାହିଁ । ତେଣୁ ଏମଏମଡିଆର ଆଇନ ସଂଶୋଧନକୁ ତୁରନ୍ତ ପ୍ରତ୍ୟାହାର ପାଇଁ ବିଜେଡି ଦାବି କରୁଛି । ଏହାକୁ ପ୍ରତ୍ୟାହାର ନ କଲେ ବିଜେଡି ତରଫରୁ ରାଜ୍ୟରେ ଅର୍ଥନୈତିକ ଅବରୋଧ କରାଯିବ ।

## ବାଲ୍ୟାନ୍ସ ପ୍ଲେ ସ୍କୁଲରେ ବିଘ୍ନରାଜ ଗଣପତିଙ୍କ ପୂଜା ସମ୍ପନ୍ନ

ଭୁବନେଶ୍ୱର, (ସବ୍ୟୁ): ସୋମବାର ଦିନ ପଟିଆ ଶ୍ରୀ ବିହାର ସ୍ଥିତି ବାଲ୍ୟାନ୍ସ ପ୍ଲେ ସ୍କୁଲରେ ବିଘ୍ନରାଜ ଗଣେଶ ଙ୍କର ପୂଜାବିଧି ମହାସମାରୋହରେ ପାଳିତ ହୋଇଯାଇଅଛି । ଏଠାରେ ବିଘ୍ନରାଜ ବାଲଗଣେଶ ରୂପରେ ବିଦ୍ୟମାନ ହୋଇ କୁନି କୁନି ପିଲାମାନଙ୍କ ଦ୍ୱାରା ପୂଜା ପାଇଥିଲେ । ବିଦ୍ୟାଳୟ ର ଅଧକ୍ଷ ସମୀର



କୁମାର ମହାନ୍ତି, ନିର୍ଦ୍ଦେଶିକା ଦୀପାଞ୍ଜଳୀ ମହାନ୍ତି, ଅଧକ୍ଷା ଶ୍ରୀମତୀ ଅମ୍ବିକା ଦାସ ଓ ଆକାଡେମୀକ ସଂଯୋଜକ ସ୍ମିତା ପାତ୍ର ସମସ୍ତ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ବିଦ୍ୟାଳୟ ର ସମସ୍ତ ଶିକ୍ଷୟିତ୍ରୀମାନେ ସମସ୍ତ ପ୍ରକାର ସହଯୋଗ କରି ପୂଜା କାର୍ଯ୍ୟ ପାଳନ କରିଥିଲେ । ଏଠାରେ ବାଣିକ୍ଷେତ୍ର ଭଜନ ଗ୍ରୁପ ର କଳାକାର ମାନେ ଭଜନ ପରିବେଷଣ କରିଥିଲେ ।ଶ୍ରୀବିହାର ଓ ପଟିଆ ଅଞ୍ଚଳର ବାଲ୍ୟାନ୍ସ ପ୍ଲେ ସ୍କୁଲର ପୁରାତନ ଛାତ୍ର ଛାତ୍ରୀ ଓ କଲୋନୀ ବାସୀଙ୍କ ସହଯୋଗ ରେ ବିଦ୍ୟାଳୟ ର ପ୍ରତ୍ୟକ କାର୍ଯ୍ୟକ୍ରମ ସୁଚାରୁରୂପେ ସହଯୋଗ କରିଥାନ୍ତି । ଅଞ୍ଚଳର ମୁରବି ଓ ଅଭିଭାବକ ଙ୍କ ଆଶୀର୍ବାଦ ଓ ସହଯୋଗରେ ବିଦ୍ୟାଳୟ ର ଉତ୍ତରୋତ୍ତର ଉନ୍ନତି ନିରନ୍ତର ଭାବରେ ଆଗକୁ ଆଗକୁ ବଢ଼ି ଚାଲିଛି ।

## ସିରପୁରର ପ୍ରାଚୀନ ଐତିହ୍ୟ ଅନ୍ୱେଷଣ କଲେ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି

ନୂଆ ରାୟପୁର (ଶକ୍ତି ପ୍ରକାଶ ନନ୍ଦ ) : ଛତିଶଗଡ଼ର ପ୍ରାଚୀନ ପ୍ରତ୍ନତାତ୍ତ୍ୱିକ ଓ ସାଂସ୍କୃତିକ ଐତିହ୍ୟର ଅନନ୍ୟ ଝଲକ ଦେଖିବାର ସୁଯୋଗ ପାଇଛନ୍ତି ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧିମାନେ । ଛତିଶଗଡ଼କୁ ନେଇ ଆୟୋଜିତ ଆନ୍ତଃରାଜ୍ୟ ମିଡିଆ ଏକ୍ସପୋଜର ଟୁର୍‌ର ଦ୍ୱିତୀୟ ଦିନରେ ପ୍ରେସ୍ ଇନ୍‌ଫର୍ମେସନ୍ ବ୍ୟୁରୋ (ପିଆଇବି), ଭୁବନେଶ୍ୱରର ନେତୃତ୍ୱରେ ଯାଇଥିବା ଗଣମାଧ୍ୟମ ପ୍ରତିନିଧିମାନେ ଐତିହାସିକ ସିରପୁରର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ । ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ) ପକ୍ଷରୁ ସଂରକ୍ଷିତ ଓ ରକ୍ଷଣାବେକ୍ଷଣ କରାଯାଉଥିବା ବିଭିନ୍ନ ସ୍ମାରକ ପରିଦର୍ଶନ କରି ସାମ୍ବାଦିକମାନେ ସିରପୁରର ପ୍ରାଚୀନ ସ୍ଥାପତ୍ୟ, ପ୍ରତ୍ନତାତ୍ତ୍ୱିକ ଆବିଷ୍କାର ଓ ଏହା ସହ ଜଡ଼ିତ ସାଂସ୍କୃତିକ ପରମ୍ପରା ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ । ଐତିହ୍ୟ ପରିଦର୍ଶନ ସମୟରେ ପ୍ରତିନିଧିମାନେ ସିରପୁରର ଅନ୍ୟତମ ପ୍ରମୁଖ ଐତିହାସିକ ସ୍ମାରକ ଲକ୍ଷ୍ମଣ ମନ୍ଦିର ବୁଲି ଦେଖିଥିଲେ । ମନ୍ଦିରର ସ୍ୱତନ୍ତ୍ର ଇଟା ନିର୍ମାଣ ଶୈଳୀ, ସୂକ୍ଷ୍ମ ଅଳଙ୍କରଣ ଓ ଚମତ୍କାର ମୂର୍ତ୍ତି କାରୁକାର୍ଯ୍ୟ ସେମାନଙ୍କୁ ଆକର୍ଷିତ କରିଥିଲା । ଏହାପରେ ସେମାନେ ବାଲେଶ୍ୱର ମହାଦେବ ମନ୍ଦିର ଓ ସୁରଙ୍ଗ ଟିଲା ପରିଦର୍ଶନ କରି ପ୍ରାଚୀନ ଅଞ୍ଚଳରେ ମନ୍ଦିର ସ୍ଥାପତ୍ୟର ବିକାଶ ଓ ଧାର୍ମିକ



ପରମ୍ପରା ସମ୍ପର୍କରେ ଅବଗତ ହୋଇଥିଲେ । ସିରପୁରର ବୌଦ୍ଧ ଐତିହ୍ୟ ସମ୍ପର୍କରେ ମଧ୍ୟ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରତ୍ୟକ୍ଷ ଜ୍ଞାନ ହାସଲ କରିଥିଲେ । ସେମାନେ ତିୱରଦେବ ବିହାର ପରିଦର୍ଶନ କରିଥିଲେ । ଖନନ ମାଧ୍ୟମରେ ଆବିଷ୍କୃତ ଏହି ପ୍ରାଚୀନ ବୌଦ୍ଧ ବିହାରର ଅବଶେଷ ସିରପୁର ଏକଦା ବୌଦ୍ଧ କାର୍ଯ୍ୟକଳାପ ଓ ସାଂସ୍କୃତିକ ଆଦାନପ୍ରଦାନର ଏକ ପ୍ରମୁଖ କେନ୍ଦ୍ର ଥିବାର ଝଲକ ପ୍ରଦାନ କରିଥିଲା । ପରିଦର୍ଶନ ସମୟରେ ସାମ୍ବାଦିକମାନଙ୍କୁ ବିଭିନ୍ନ ସ୍ମାରକର ଐତିହାସିକ ପୃଷ୍ଠଭୂମି, ପ୍ରତ୍ନତାତ୍ତ୍ୱିକ ଖନନରୁ ମିଳିଥିବା ତଥ୍ୟ ଏବଂ ସ୍ଥାପତ୍ୟର ବିଶେଷତା ସମ୍ପର୍କରେ ଅବଗତ କରାଯାଇଥିଲା । ସ୍ଥଳ ପରିଦର୍ଶନ ମାଧ୍ୟମରେ ସିରପୁରରେ ହିନ୍ଦୁ ଓ ବୌଦ୍ଧ ପରମ୍ପରାର ସହାବସ୍ଥାନ ଏବଂ ଏହି ପ୍ରାଚୀନ ସହରର ସମୃଦ୍ଧ ସାଂସ୍କୃତିକ ପରିବେଶକୁ ଗଭୀର ଭାବେ ବୁଝିବାର ସୁଯୋଗ ପାଇଥିଲେ ପ୍ରତିନିଧିମାନେ । ଏହି ଐତିହ୍ୟ ପରିଦର୍ଶନକୁ ସିବିସି, ସମ୍ବଲପୁରର ସହକାରୀ ନିର୍ଦ୍ଦେଶକ ମନମୋହନ ପାଢ଼ୀ ଏବଂ ପିଆଇବି, ଭୁବନେଶ୍ୱରର ସୂଚନା ସହାୟକ ବିକାଶ ରଞ୍ଜନ ଦଳାଇ ସହଯୋଗ କରିଥିଲେ । ସେମାନେ ପରିଦର୍ଶନ ସମୟରେ ପ୍ରତିନିଧି ଦଳ ସହ ରହିଥିଲେ ।

## ଘିଚାମୁରା ସେବାଶ୍ରମ ବିଦ୍ୟାଳୟରେ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଗୁରୁ ଦିବସ

ଭୁବନେଶ୍ୱର (ସବ୍ୟୁ): ଘିଚାମୁରା ସେବାଶ୍ରମ ବିଦ୍ୟାଳୟରେ କୃତଜ୍ଞତା, ସମ୍ମାନ ଓ ଶିକ୍ଷାର ଭାବନାକୁ ଉଜ୍ଜୀବିତ କରି ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍‌ର ସିଏସ୍‌ଆର ଶାଖା ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ପ୍ରଥମ୍



ଏଜୁକେସନ୍ ଫାଉଣ୍ଡେସନ୍‌ର ସହଯୋଗରେ ଉତ୍ସାହ ଓ ଆନ୍ତରିକ ଅଂଶଗ୍ରହଣ ସହ ଶିକ୍ଷକ ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ମାଆମାନେ, ସମୁଦାୟ ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ସମୁଦାୟର ସଦସ୍ୟଙ୍କ ସମେତ ପ୍ରାୟ ୧୨୦ ଜଣ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ର ସମ୍ବଲପୁର ଓ ଝାରସୁଗୁଡ଼ା ମୁଖ୍ୟ ବିଶାଲ ରାଜ, ଘିଚାମୁରା ଗ୍ରାମ ପଞ୍ଚାୟତର ସରପଞ୍ଚ ରାଜୀବ କିଷାନ ଏବଂ ଘିଚାମୁରା ସେବାଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ସାହୁଙ୍କ ସମେତ ଶିକ୍ଷକ, ସମୁଦାୟ ସ୍ୱେଚ୍ଛାସେବୀ ଓ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ବିଶାଲ ରାଜଙ୍କ ସହ ଛାତ୍ରଛାତ୍ରୀଙ୍କ ଅର୍ଥପୂର୍ଣ୍ଣ ଆଲୋଚନା । ସେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ଶିଶୁମାନଙ୍କ ଚରିତ୍ର, ଆତ୍ମବିଶ୍ୱାସ ଓ ଭବିଷ୍ୟତ ଗଠନରେ ଶିକ୍ଷକମାନଙ୍କ ଗଭୀର ଭୂମିକା ସମ୍ପର୍କରେ ବୁଝିବାକୁ ସେମାନଙ୍କୁ ଉତ୍ସାହିତ କରିଥିଲେ । ଉତ୍ସବକୁ ଆହୁରି ବ୍ୟକ୍ତିଗତ ଓ ସ୍ମରଣୀୟ କରିବା ପାଇଁ ଛାତ୍ରଛାତ୍ରୀମାନେ ଶିକ୍ଷକ, ମାଆ, ସମୁଦାୟ ସ୍ୱେଚ୍ଛାସେବୀ ଓ ଅତିଥିମାନଙ୍କ ପାଇଁ ନିଜ ହାତରେ 'ଧନ୍ୟବାଦ' କାର୍ଡ ଓ ହୃଦୟସ୍ପର୍ଶୀ ବାର୍ତ୍ତା ପ୍ରସ୍ତୁତ କରିଥିଲେ । ଏହି ସ୍ମୃତି ଓ ବାର୍ତ୍ତାଗୁଡ଼ିକୁ ଏକ ସ୍ୱତନ୍ତ୍ର 'ଟିଚର୍ସ ମେମୋରି ୱାଲ୍'ରେ ପ୍ରଦର୍ଶିତ କରାଯାଇଥିଲା । ଛାତ୍ରଛାତ୍ରୀମାନେ ରୋଲ୍-ପ୍ଲେ ମାଧ୍ୟମରେ ଶିକ୍ଷାର ଗୁରୁତ୍ୱ ଏବଂ ଜଣେ ଶିଶୁର ଜୀବନରେ ଶିକ୍ଷକଙ୍କ ଦୀର୍ଘସ୍ଥାୟୀ ପ୍ରଭାବକୁ ଉପସ୍ଥାପନ କରିଥିଲେ । ଏଥିସହ ସେମାନେ ଅତିଥିମାନଙ୍କୁ ସେମାନଙ୍କ ପ୍ରିୟ ଶିକ୍ଷକ ଓ ପିଲାଦିନର ସ୍ମରଣୀୟ ଅନୁଭୂତି ସମ୍ପର୍କରେ ପ୍ରଶ୍ନ କରିଥିଲେ । ଏହି କାର୍ଯ୍ୟକ୍ରମ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍‌ର ଶିକ୍ଷା ସମ୍ବନ୍ଧୀୟ ପଦକ୍ଷେପ ମାଧ୍ୟମରେ ପ୍ରୋତ୍ସାହିତ କରାଯାଉଥିବା କୃତଜ୍ଞତା, ଅନୁଭୂତିମୂଳକ ଶିକ୍ଷା ଓ ସମୁଦାୟ ଅଂଶଗ୍ରହଣର ମୂଲ୍ୟବୋଧକୁ ପ୍ରତିଫଳିତ କରିଥିଲା ।

# ବକ୍ସାଇଟ୍ ଖନନ ଓଡ଼ିଶା ବିକାଶର ଆଧାର ହେବା ସହିତ ଭାରତ ପାଇଁ ଲାଭଦାୟକ

ଭୁବନେଶ୍ୱର, (ସବ୍ୟୁ) : ଇସ୍ପାତ ପରେ ବିଶ୍ୱରେ ସର୍ବାଧିକ ବ୍ୟବହୃତ ଧାତୁ ମଧ୍ୟରେ ଆଲୁମିନିୟମ ଅନ୍ୟତମ । ଏକବିଂଶ ଶତାବ୍ଦୀର ଭବିଷ୍ୟତ ନିର୍ଦ୍ଧାରଣ କରିବାକୁ ଥିବା ଅନେକ କ୍ଷେତ୍ର ନବୀକରଣଯୋଗ୍ୟ ଶକ୍ତି, ବିଦ୍ୟୁତ୍ ଯାନ, ମହାକାଶ ଓ ବିମାନ ଶିଳ୍ପ, ପ୍ରତିରକ୍ଷା, ଭିତିଭୂମି ଆଦି ପାଇଁ ଏହା ଅପରିହାର୍ଯ୍ୟ । ତେଣୁ ଆଲୁମିନିୟମ ଉତ୍ପାଦନ ପାଇଁ ଆବଶ୍ୟକ କଂଚାମାଲର ନିର୍ଭରଯୋଗ୍ୟ ଉପଲବ୍ଧତା ସୁନିଶ୍ଚିତ କରିବା ଏକ ରଣନୀତିକ ଆବଶ୍ୟକତାରେ ପରିଣତ ହୋଇଛି । ଏହି ସୁଯୋଗର କେନ୍ଦ୍ରରେ ରହିଛି ବକ୍ସାଇଟ୍ । ଭାରତର ସମୃଦ୍ଧ ବକ୍ସାଇଟ୍ ଭଣ୍ଡାର ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଅନ୍ୟତମ । କଳାହାଣ୍ଡିରେ ମଧ୍ୟ ବକ୍ସାଇଟର ବିପୁଳ ଭଣ୍ଡାର ରହିଛି । ତଥାପି ଏହି ସମ୍ଭାବନାର ବଡ଼ ଅଂଶ ଏବେ ବି ଅବ୍ୟବହୃତ ରହିଛି । ଅନ୍ୟପଟେ ଓଡ଼ିଶାରେ ବିଶ୍ୱର କେତେକ ବୃହତ୍ ଆଲୁମିନା ବିଶୋଧନ ଓ ଆଲୁମିନିୟମ ଉତ୍ପାଦନ କାରଖାନା ରହିଛି । ଏହି ବକ୍ସାଇଟ୍ ସମ୍ପଦକୁ ଦାୟିତ୍ୱପୂର୍ଣ୍ଣ ଭାବେ ଉନ୍ମୁକ୍ତ କରି ସୁସ୍ଥିର ପରିଚାଳନା କରାଗଲେ ନୂଆ ପୁଞ୍ଜିନିବେଶ, ନିଯୁକ୍ତି ଓ ଜିଲ୍ଲାସ୍ତରୀୟ ବିକାଶର ନୂଆ ଅଧ୍ୟାୟ ଆରମ୍ଭ ହୋଇପାରିବ । ଏହା ଓଡ଼ିଶାର 'ବିକଶିତ ଓଡ଼ିଶା ୨୦୩୬' ଲକ୍ଷ୍ୟ ପୂରଣ ସହ ଭାରତର ଦୀର୍ଘମିଆଦୀ ଉତ୍ପାଦନ ପ୍ରତିଯୋଗିତାକ୍ଷମତାକୁ ମଧ୍ୟ ସୁଦୃଢ଼ କରିପାରିବ ବୋଲି ଶିଳ୍ପ ପର୍ଯ୍ୟବେକ୍ଷକମାନେ ମତ ଦେଇଛନ୍ତି । କଳାହାଣ୍ଡିର ବକ୍ସାଇଟ କେବଳ ଉତୋଳନ କରିବାକୁ ଥିବା ଏକ ଖଣିଜ ଭାବେ ଦେଖିବା ଉଚିତ ନୁହେଁ । ଖଣି ଉତୋଳନ ଓ ବିଶୋଧନଠାରୁ ଆରମ୍ଭ କରି ଉତ୍ପାଦନ, ପରିବହନ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ସରକାରୀ ରାଜସ୍ୱ ପର୍ଯ୍ୟନ୍ତ ଏହା ଏକ ବ୍ୟାପକ ବିକାଶ ଶୃଙ୍ଖଳାର ପ୍ରଥମ କଡ଼ି । ଓଡ଼ିଶାରେ ପୂର୍ବରୁ ଯଥେଷ୍ଟ ଆଲୁମିନା ବିଶୋଧନ କ୍ଷମତା ଥିବାରୁ ଉପଯୁକ୍ତ ବକ୍ସାଇଟ୍ ସମ୍ପଦକୁ ଦାୟିତ୍ୱପୂର୍ଣ୍ଣ ଭାବେ ଉନ୍ମୁକ୍ତ କରିବା ଦ୍ୱାରା ବିଦ୍ୟମାନ ଶିଳ୍ପ ବ୍ୟବସ୍ଥା ସୁଦୃଢ଼ ହେବା ସହ ଅଂଚଳରେ ଅଧିକ ଉତ୍ପାଦନଶୀଳ ନିଯୁକ୍ତି ସୃଷ୍ଟି ହୋଇପାରିବ," ବୋଲି ଭାରତର ଭୂତତ୍ତ୍ୱ ସର୍ବେକ୍ଷଣର ପୂର୍ବତନ ନିର୍ଦ୍ଦେଶକ ଶିବ ମହାକୁଡ଼ କହିଛନ୍ତି । ବକ୍ସାଇଟ୍ ହେଉଛି ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାର ପ୍ରାରମ୍ଭିକ କଂଚାମାଲ । ଏହି ଖଣିଜର ନିର୍ଭରଯୋଗ୍ୟ ଘରୋଇ ଯୋଗାଣ ବିଦ୍ୟମାନ ବିଶୋଧନ କାରଖାନାଗୁଡ଼ିକୁ ସେମାନଙ୍କର ସର୍ବାଧିକ କ୍ଷମତାରେ ଚାଲିବାରେ ସହାୟତା କରିପାରିବ । ଏହା ପୁଞ୍ଜିନିବେଶକାରୀଙ୍କ ଆସ୍ଥା ବଢ଼ାଇବା ସହ ରାଜ୍ୟରେ ଆଗାମୀ ପର୍ଯ୍ୟାୟର ଉତ୍ପାଦନ କ୍ଷମତା ବିକାଶକୁ ମଧ୍ୟ ସମର୍ଥନ କରିପାରିବ । ବର୍ତ୍ତମାନ ଅଗ୍ରଣୀ ଉତ୍ପାଦକମାନେ ବକ୍ସାଇଟ୍ ଯୋଗାଣରେ ଅଭାବ ରହିଥିବା ଜଣାଇଛନ୍ତି । ଏହା ଦୀର୍ଘଦିନ ଧରି କାରଖାନାଗୁଡ଼ିକର କ୍ଷମତାର ଅପୂର୍ଣ୍ଣ ବ୍ୟବହାର ଏବଂ ରାଜ୍ୟ ରାଜସ୍ୱ ହ୍ରାସର କାରଣ ହୋଇଛି । କଳାହାଣ୍ଡି ପାଇଁ ଦାୟିତ୍ୱପୂର୍ଣ୍ଣ ଖଣି ଉତୋଳନ ପୁଞ୍ଜିନିବେଶ ଓ ଭିତିଭୂମି ବିକାଶଠାରୁ ଆରମ୍ଭ କରି ନିଯୁକ୍ତି, ସ୍ଥାନୀୟ ଉଦ୍ୟୋଗ ଓ ଆର୍ଥିକ ବିକାଶ ପର୍ଯ୍ୟନ୍ତ ଏକ ସିଧାସଳଖ ବିକାଶ ପଥ ସୃଷ୍ଟି କରିପାରିବ ।

ଏହାର ପ୍ରଥମ ପ୍ରଭାବ ପଡ଼ିବ ପୁଞ୍ଜିନିବେଶ ଉପରେ । ଖଣି ପ୍ରକଳ୍ପ ପାଇଁ ଅନୁସନ୍ଧାନ, ଯନ୍ତ୍ରପାତି, ପରିବହନ, ସୁରକ୍ଷା ଓ ପରିବେଶ ପରିଚାଳନାରେ ବିପୁଳ ଖର୍ଚ୍ଚ ଆବଶ୍ୟକ ହୁଏ । ଉତ୍ପାଦନ ଆରମ୍ଭ ହେବା ପୂର୍ବରୁ ହିଁ ଏହା ସ୍ଥାନୀୟ ଠିକାଦାର ଓ ଯୋଗାଣକାରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ ଏବଂ ଅଂଚଳର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବିକାଶକୁ ଗତି ଦେବ । ନିଯୁକ୍ତିର ପ୍ରଭାବ କେବଳ ପ୍ରତ୍ୟକ୍ଷ ଖଣି ନିଯୁକ୍ତିରେ ସୀମିତ ରହିବ ନାହିଁ । ମୁଖ୍ୟ ପରିଚାଳନା, ରକ୍ଷଣାବେକ୍ଷଣ, ଗୁଣବତା ପରୀକ୍ଷାଗାର, ସୁରକ୍ଷା ସେବା ଓ ନିର୍ମାଣ କ୍ଷେତ୍ରରେ ମଧ୍ୟ ସୁଯୋଗ ସୃଷ୍ଟି ହୋଇପାରିବ । ଫଳରେ ଅଞ୍ଚଳର ଯୁବପିଢ଼ି ନିଜ ଅଂଚଳ ନିକଟରେ ନିଯୁକ୍ତିର ସୁଯୋଗ ପାଇପାରିବେ । ସରକାରୀ ରାଜସ୍ୱର ଲାଭ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ଖଣିଜ ଉତ୍ପାଦନ ବଢ଼ାଇବା ଉପରେ ଓଡ଼ିଶାର ଗୁରୁତ୍ୱ ସହିତ ସମ୍ପଦର ବ୍ୟବହାରକୁ ମାପଯୋଗ୍ୟ ସାର୍ବଜନୀନ ଲାଭ ସହ ଯୋଡ଼ିବା ପାଇଁ ସମୟୋପଯୋଗୀ ନୀତିଗତ ପଦକ୍ଷେପ ମଧ୍ୟ ଆବଶ୍ୟକ । ଖଣି ରାଜସ୍ୱରୁ ରୟାଲଟି, କର, ବିଭିନ୍ନ ଶୁଳ୍କ ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିକୁ ଅର୍ଥ ମିଳେ । ଏହି ଅର୍ଥ ପାନୀୟ ଜଳ, ରାସ୍ତା, ସ୍ୱାସ୍ଥ୍ୟସେବା, ବିଦ୍ୟାଳୟ ଓ ଦକ୍ଷତା ବିକାଶ ଭଳି ପ୍ରକଳ୍ପରେ ବିନିଯୋଗ କରାଯାଏ । କଳାହାଣ୍ଡି ଏହାର ଏକ ପ୍ରାସଙ୍ଗିକ ଉଦାହରଣ । ଏଠାରେ ଉଲ୍ଲେଖନୀୟ ଆଲୁମିନା ବିଶୋଧନ କ୍ଷମତା ବିକଶିତ ହୋଇଛି । ଏହା ସହିତ ବିଭିନ୍ନ ବ୍ୟବସାୟିକ ସଂସ୍ଥା ସ୍ଥାନୀୟ ସ୍ୱାସ୍ଥ୍ୟସେବା, ଶିକ୍ଷା କାର୍ଯ୍ୟକ୍ରମ ଓ କ୍ଷୁଦ୍ର ବ୍ୟବସାୟକୁ ମଧ୍ୟ ସମର୍ଥନ ଦେଉଛନ୍ତି । ତେବେ ବିଶୋଧନ କ୍ଷମତାକୁ ପର୍ଯ୍ୟାପ୍ତ ସ୍ଥାନୀୟ ବକ୍ସାଇଟ୍ ଯୋଗାଣ ନ ହେବା ତଥା ବାହାର ରାଜ୍ୟର ଯୋଗାଣ ଉପରେ ନିର୍ଭର କରିବାକୁ ପଡ଼ିଲେ ଏହି ବିକାଶ ଚକ୍ର ଅସମ୍ପୂର୍ଣ୍ଣ ରହିଯାଏ । କ୍ଷମତାର ଅପୂର୍ଣ୍ଣ ବ୍ୟବହାରର ଅର୍ଥ ହେଉଛି ଉତ୍ପାଦନ ହ୍ରାସ, ନିଯୁକ୍ତି ହ୍ରାସ ଏବଂ ଓଡ଼ିଶା ପାଇଁ ଆର୍ଥିକ ମୂଲ୍ୟର କ୍ଷତି । ତେଣୁ ସ୍ଥାନୀୟ ଭାବେ ଉପଲବ୍ଧ ବକ୍ସାଇଟ୍‌ର ନିର୍ଭରଯୋଗ୍ୟ ଉପଲବ୍ଧତା ସୁନିଶ୍ଚିତ କରିବା ଓଡ଼ିଶାର ସମ୍ପୂର୍ଣ୍ଣ ଆର୍ଥିକ ସମ୍ଭାବନାକୁ ବାସ୍ତବ ରୂପ ଦେବା ପାଇଁ ଅତ୍ୟନ୍ତ ଜରୁରୀ । କଳାହାଣ୍ଡି ଭଳି ଅଂଚଳ ପାଇଁ ବିକାଶ ଓ ଦାୟିତ୍ୱକୁ ପରସ୍ପର ବିରୋଧୀ ଭାବେ ଦେଖିବା ଉଚିତ ନୁହେଁ । ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଓ ସମୁଦାୟର ଅଂଶଗ୍ରହଣ ସହ ଦାୟିତ୍ୱପୂର୍ଣ୍ଣ ବକ୍ସାଇଟ୍ ଖଣି ଉତୋଳନ ଉଭୟ ଲକ୍ଷ୍ୟକୁ ସାକାର କରିପାରିବ । ଉପଯୁକ୍ତ ବକ୍ସାଇଟ୍ ସମ୍ପଦକୁ ଉନ୍ମୁକ୍ତ କରିବା ଦ୍ୱାରା ପୁଞ୍ଜିନିବେଶକାରୀଙ୍କ ଆସ୍ଥା ବଢ଼ିବ, ଶିଳ୍ପ କ୍ଷମତାର ଉତମ ବ୍ୟବହାର ହେବ ଏବଂ ଭାରତର ଆତ୍ମନିର୍ଭରତା ଯାତ୍ରାରେ ଓଡ଼ିଶାର ଭୂମିକା ଆହୁରି ସୁଦୃଢ଼ ହେବ । ରାଜ୍ୟର ଲୁକ୍କାୟିତ ଖଣିଜ ସମ୍ପଦକୁ ପୁଞ୍ଜିନିବେଶ, ନିଯୁକ୍ତି ଓ ସମଗ୍ର ରାଜ୍ୟର ବିକାଶ ମାଧ୍ୟମରେ ଦୃଶ୍ୟମାନ ପ୍ରଗତିରେ ପରିଣତ କରିବା ହିଁ ଏହି ସୁଯୋଗର ମୂଳ ଲକ୍ଷ୍ୟ ହୋଇପାରେ ।

# ମାର୍ଚ୍ଚ ସୁଦ୍ଧା ବାଧାହୀନ ଟୋଲ୍ ପ୍ଲାଜା

ନୂଆଦିଲ୍ଲୀ : ଟୋଲପ୍ଲାଜାରେ ନ ଅଟକି ଯାତ୍ରା କରିବାର ଅଭିଳାଷ ଶୀଘ୍ର ପୂରଣ ହେବାକୁ ଯାଉଛି। ଦେଶରେ ଆସନ୍ତାବର୍ଷ ମାର୍ଚ୍ଚ ସୁଦ୍ଧା ବାଧାହୀନ ଟୋଲ ବ୍ୟବସ୍ଥା ଲାଗୁ କରାଯିବ ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତୀନ ଗଡ଼କରୀ କହିଛନ୍ତି। ଫାସଟ୍ୟାଗ୍ ଜରିଆରେ ଏହି ଲକ୍ଷ୍ୟ ହାସଲ ହେବ। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ୭୦ ପ୍ରତିଶତ ଟୋଲ୍ ପ୍ଲାଜାରେ ବାଧାହୀନ ବ୍ୟବସ୍ଥା ପ୍ରସ୍ତୁତ ହୋଇଯିବ। ଏକ କାର୍ଯ୍ୟକ୍ରମରେ ସେ କହିଥିଲେ, ଫାସଟ୍ୟାଗ୍ ଲାଗୁ ହେବା ପରେ ଟୋଲ୍ ସଂଗ୍ରହ ପ୍ରାୟ ୭୦୦୦ କୋଟି ଟଙ୍କା ବଢ଼ିଛି। ଫଳରେ ମୋଟ୍ ଟୋଲ ସଂଗ୍ରହ ପରମାଣ ୮୨ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଇଲେକ୍ଟ୍ରୋନିକ୍ସ ଟୋଲ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଲାଗୁ




କରାଯିବା ପରେ କେବଳ ସଡ଼କ ପରିବହନ ମନ୍ତ୍ରଣାଳୟରୁ କେନ୍ଦ୍ର ସରକାର ବାର୍ଷିକ ୨୫ ହଜାର କୋଟି ଟଙ୍କାର ଅଧିକ ରାଜସ୍ୱ ପାଇପାରିବେ। ବାଧାହୀନ ଟୋଲ୍ ବ୍ୟବସ୍ଥାରେ ଫାସଟ୍ୟାଗ୍ ଓ ନମ୍ବର ପ୍ଲେଟକୁ ସ୍ୱୟଂକ୍ରିୟ ଭାବେ ଚିହ୍ନଟ କରିବା ପ୍ରଯୁକ୍ତି ଜରିଆରେ ଟୋଲ୍ ସଂଗ୍ରହ କରାଯିବ। ଗାଡ଼ି ଟୋଲ୍ ପ୍ଲାଜା ଦେଇ ଗତି କରିବା ବେଳେ ସେଠାରେ ଲାଗିଥିବା କ୍ୟାମେରା ନମ୍ବର ପ୍ଲେଟକୁ ଚିହ୍ନଟ କରି ଗାଡ଼ି ସମ୍ପର୍କିତ ତଥ୍ୟ ହାସଲ କରିବ ଓ ସେଥିରେ ଲାଗିଥିବା ଫାସଟ୍ୟାଗ୍ ଖାତାରୁ ଟୋଲ୍ କାଟିନେବ। ଫଳରେ ଗାଡ଼ିକୁ ଆଉ ଟୋଲ୍ ପ୍ଲାଜାରେ ଅଟକିବାକୁ ପଡ଼ିବ ନାହିଁ। ଫାସଟ୍ୟାଗ୍ ପୋର୍ଟେବିଲିଟି ବ୍ୟବସ୍ଥା 'ୱାନଟ୍ୟାଗ୍' ସମ୍ପର୍କରେ ସେ କହିଥିଲେ, ଏହି ବ୍ୟବସ୍ଥାକୁ ମୁମ୍ବାଇରେ ଲାଗୁ କରାଯାଇଛି। ଏହି ବ୍ୟବସ୍ଥାରେ ରାଜମାର୍ଗ ଆପ୍ ଜରିଆରେ ଗାଡ଼ି ମାଲିକମାନେ ନିଜ ଫାସଟ୍ୟାଗ୍ ଷ୍ଟିକର୍ ନ ବଦଳାଇ ବ୍ୟାଙ୍କ ବଦଳାଇପାରିବେ। ପ୍ରତ୍ୟକ୍ଷ ସଡ଼କ ଭିତ୍ତିଭୂମି, ଡିଜିଟାଲ ପେମେଣ୍ଟ ଓ ଡାଟାକୁ ଏକତ୍ରୀତ କରି ପରିବହନ ନେଟ୍‌ୱର୍କକୁ ଅଧିକ ପାରଦର୍ଶୀ ଓ ସ୍ୱଚ୍ଛ କରାଯାଇପାରିବ। ଟୋଲ୍ ପ୍ଲାଜାରେ ଗାଡ଼ି ଅଟକିବା ସମୟ ଆହୁରି କମିଲେ ତେଲରେ ୫୨୫୦ କୋଟି ଟଙ୍କା ସଞ୍ଚୟ ହେବ। ଟୋଲ ସଂଗ୍ରହରେ ପ୍ରଯୁକ୍ତି ବ୍ୟବହାର କରାଯିବା ପରଠାରୁ ତାହାର ଅନେକ ଅର୍ଥନୈତିକ ଓ ପରିବେଶଗତ ଲାଭ ମିଳିଛି। ପୂର୍ବରୁ ଗାଡ଼ିଗୁଡ଼ିକୁ ଟୋଲ ପ୍ଲାଜାରେ ହାରାହାରି ୧୨ ମିନିଟ୍ ଅଟକିବାକୁ ପଡୁଥିଲା। ଏବେ ତାହା ଅଳ୍ପ କିଛି ସେକେଣ୍ଡକୁ ହ୍ରାସ ପାଇଛି। ଟୋଲ୍ ପ୍ଲାଜା ପରିଚାଳନା ଖର୍ଚ୍ଚ ୨-୩ ପ୍ରତିଶତକୁ ଖସିଆସିଛି ଯାହା ପୂର୍ବରୁ ୧୨ ପ୍ରତିଶତ ରହୁଥିଲା।

## ଗୋଆ ପୋଲିସରେ ଆତ୍ମସମର୍ପଣ କଲେ ତରୁଣ ତେଜପାଲ

ପାଣାଜୀ : ସୁପ୍ରିମକୋର୍ଟଙ୍କ ତାଗିଦ ପରେ ଗୋଆରେ ଆତ୍ମସମର୍ପଣ କରିଛନ୍ତି ଦୁଷ୍କର୍ମକାରୀ ତୁରଣ ତେଜପାଲ। ତେହେଲକାର ପୂର୍ବତନ ସମ୍ପାଦକ ତେଜପାଲ ସୋମବାର ଆତ୍ମସମର୍ପଣ କରିବା ପରେ ତାଙ୍କୁ କୋଲଭାଲେ ଜେଲକୁ ନେଇ ଯାଇଛି ପୁଲିସ। ୨୦୧୩ ମସିହା ସହକର୍ମୀଙ୍କୁ ଲିଫ୍ଟ ଭିତରେ ଦୁଷ୍କର୍ମ କରିବା ଭଳି ଜଘନ୍ୟକାଣ୍ଡରେ ବମ୍ବେ ହାଇକୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କିନ୍ତୁ ଅଗଷ୍ଟ ୨୫ରେ ୬୨ ବର୍ଷୀୟ ତେଜପାଲଙ୍କୁ ୨ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ କହିଥିଲେ ସର୍ବୋଚ୍ଚ ଅଦାଲତ। ସେ ଆତ୍ମସମର୍ପଣ କରିବା ପରେ ହିଁ ତାଙ୍କ ଆବେଦନର ଶୁଣାଣି ହେବ ବୋଲି ସର୍ତ୍ତ ରଖିଥିଲେ ସୁପ୍ରିମକୋର୍ଟ। ସେହି ଅନୁସାରେ ସେ ଆଜି ଗୋଆରେ ଆତ୍ମସମର୍ପଣ କରିଛନ୍ତି। ତେଜପାଲ ଆଜି ପ୍ରଥମେ ମାପୁସାରେ ଥିବା ଅତରିକ୍ତ ସେସନ୍ସ କୋର୍ଟରେ ଆତ୍ମସର୍ପଣ କରିଥିଲେ। ଏହାପରେ ତାଙ୍କୁ ଉତ୍ତର ଗୋଆର କୋଲଭାଲେ ସ୍ଥିତ କେନ୍ଦ୍ରୀୟ ଜେଲକୁ ନିଆଯାଇଛି। କୋର୍ଟରୁ ନିଆଯିବା ସମୟରେ ସୁପ୍ରିମକୋର୍ଟରେ ନିଜର ଆଇନଗତ ଲଢ଼େଇ ଜାରି ରଖିବେ ବୋଲି କହିଛନ୍ତି ତେଜପାଲ। ସେ କହିଛନ୍ତି, "ଆମେ କୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟରେ ପୁଣି ଆବେଦନ କରିବୁ। ସୁପ୍ରିମକୋର୍ଟରୁ ଆମକୁ ନିଶ୍ଚିତ ନ୍ୟାୟ ମିଳିବ।" ତେଜପାଲ ଏବେ ନିଜର ଆତ୍ମସମର୍ପଣ ପ୍ରମାଣପତ୍ର ସୁପ୍ରିମକୋର୍ଟରେ ଦାଖଲ କରିବେ। ଏହାପରେ ସର୍ବୋଚ୍ଚ ଅଦାଲତ ସେପ୍ଟେମ୍ବର ୨୨ରେ



ତାଙ୍କ ଆବେଦନର ଶୁଣାଣି କରିବେ ବୋଲି ଦିନ ଧାର୍ଯ୍ୟ କରିଛନ୍ତି। ଅଗଷ୍ଟ ୬ରେ ବମ୍ବେ ହାଇକୋର୍ଟଙ୍କ ଗୋଆ ବେଞ୍ଚ ତେଜପାଲଙ୍କୁ ୨୦୨୧ରେ ଦୋଷମୁକ୍ତ କରାଯାଇଥିବା ରାୟକୁ ଖାରଜ କରି ଦୋଷୀ ସାବ୍ୟସ୍ତ କରିଥିଲେ। ଏଥିସହ ୧୦ ବର୍ଷର ସଶ୍ରମ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ।

# ମଣିପୁରରେ ପୁଣି ତେଜିଲା ହିଂସା

## ଗୁଳିମାଡ଼ରେ ଗର୍ଭବତୀଙ୍କ ସମେତ ୪ ଜଣଙ୍କ ମୃତ୍ୟୁ

ଇମ୍ଫାଲ : ମଣିପୁରରେ ପୁଣି ହିଂସା ଉଗ୍ର ରୂପ ନେଇଛି। ରାଜ୍ୟର ୨ଟି ଗ୍ରାମରେ ଭୟଙ୍କର ସଂଘର୍ଷ ଉପୁଜିଛି। ତାମେଙ୍ଗଲଙ୍ଗ ଓ ନୋନି ଜିଲ୍ଲାରେ ଗୁଳିମାଡ଼ ଯୋଗୁ ୪ ଜଣଙ୍କର ମୃତ୍ୟୁ ହୋଇଯାଇଛି। ତାମେଙ୍ଗଲଙ୍ଗ ଜିଲ୍ଲାରେ ଜଣେ ୬ ବର୍ଷୀୟ ଶିଶୁ ଅନାଥ ହୋଇଯାଇଛି। ଗୁଳିମାଡ଼ରେ ଶିଶୁର ବାପାମା'ଙ୍କ ମୃତ୍ୟୁ ହୋଇଯାଇଛି। ଉକ୍ତ ୬ ବର୍ଷୀୟ ଶିଶୁ ମଧ୍ୟ ଗୁଳିମାଡ଼ର ଶିକାର ହୋଇ ଏବେ ମୃତ୍ୟୁ ସହ ସଂଘର୍ଷ କରୁଛି। ପ୍ରଥମ ଆକ୍ରମଣରେ ଭୋର୍ ପ୍ରାୟ ୪ଟା ସମୟରେ ତାମେଙ୍ଗଲଙ୍ଗ ଏଲ୍ ଟୋଲ୍ଲେନ ଗ୍ରାମରେ କିଛି ଦୁର୍ବୃତ୍ତ ଗୁଳି ଚଳାଇଥିଲେ। ଏଥିରେ ୪୨ ବର୍ଷୀୟ ଲିଙ୍ଗଜାଙ୍ଗାଇ ସିଙ୍ଗସିତ, ତାଙ୍କ ସ୍ୱାମୀ ତଥା ୫୪ ବର୍ଷୀୟ ଶିକୋନେ ସିଙ୍ଗସିତ ଏବଂ ସେମାନଙ୍କ ୬ ବର୍ଷୀୟ ପୁଅ ଉପରକୁ ଗୁଳିମାଡ଼ ହୋଇଥିଲା। ଫଳରେ ଘଟଣାସ୍ଥଳରେ ଲିଙ୍ଗଜାଙ୍ଗାଇଙ୍କ ମୃତ୍ୟୁ ହୋଇଗଲା। ତାଙ୍କ ପତ୍ନୀ ସିକୋନେ ଚିକିତ୍ସାଧୀନ ଥିଲେ। ପରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ଶିଶୁଟି ଏବେ ଚିକିତ୍ସାଧୀନ ରହିଛି। ଏହାର କିଛି ଘଣ୍ଟା ପରେ ଅପରାହ୍ଣ ପ୍ରାୟ ୩ଟା ସମୟରେ ନୋନି ଜିଲ୍ଲାର ଲଙ୍ଗପି ଗ୍ରାମରେ ଅନ୍ୟ ଏକ ଆକ୍ରମଣ ହୋଇଛି ଏବଂ ଏଥିରେ ଜୁଲି ସିଙ୍ଗସନ ଏବଂ ରୋଏଲ ଗଙ୍ଗତେଙ୍କର ମୃତ୍ୟୁ ହୋଇଛି। ଉଭୟଙ୍କ ବୟସ ପାଖାପାଖି ୩୦। ସେମାନେ କିଛି ଆବଶ୍ୟକ ଘରୋଇ ସାମଗ୍ରୀ ସଂଗ୍ରହ କରୁଥିବାବେଳେ ସେମାନଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ଜୁଲି ଗର୍ଭବତୀ ଥିବା ଜଣାପଡ଼ିଛି।



ସେମାନଙ୍କ ସହ ଥିବା ଅନ୍ୟ ଜଣେ ମହିଳା ଏବେ ନିଖୋଜ ଅଛନ୍ତି। ତାଙ୍କୁ ଅପହରଣ କରାଯାଇଛି ବୋଲି ବିଶ୍ୱାସ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, କୁକି ସମ୍ପ୍ରଦାୟ ଦ୍ୱାରା 'କଳା ଦିବସ' ପାଳନ କରାଯାଉଥିବା ଦିନ ଏହି ୨ଟି ଆକ୍ରମଣ ହୋଇଛି। ୧୯୯୦ ଦଶକରେ ହୋଇଥିବା ହିଂସା ସମୟରେ ଯେଉଁମାନଙ୍କୁ ହତ୍ୟା କରାଯାଇଥିବା ଏବଂ ବିସ୍ଥାପିତ କରାଯାଇଥିଲା ସେମାନଙ୍କୁ ସ୍ମରଣ କରି କୁକି ସମ୍ପ୍ରଦାୟ ପକ୍ଷରୁ 'କଳା ଦିବସ' ପାଳନ କରାଯାଇଥିଲା।

# ହୁତି କବଜାରେ ମାୟୁନ୍ ଦ୍ୱୀପ

ସାନା: ୟେମେନର ଇରାନ୍ ସମର୍ଥିତ ହୁତି ବିଦ୍ରୋହୀମାନେ ରେଡ୍ ସି'ର ଗୁରୁତ୍ୱପୂର୍ଣ୍ଣ ବାବ୍ ଅଲ୍-ମନ୍ଦେବ୍ ଜଳପଥ ମଝିରେ ଥିବା ମାୟୁନ୍ ଦ୍ୱୀପକୁ ଦଖଲ କରିନେଇଛନ୍ତି। ଏହାର ଗୋଟିଏ ଦିନ ପୂର୍ବରୁ ସେମାନେ ରେଡ୍ ସି' କୂଳର ଐତିହାସିକ ମୋଚା ବନ୍ଦରକୁ ମଧ୍ୟ ନିଜ ନିୟନ୍ତ୍ରଣକୁ ନେଇଥିଲେ। ଏହା ଫଳରେ ଏସିଆ ଓ ୟୁରୋପ୍ ମଧ୍ୟରେ ଜାହାଜ ଚଳାଚଳ ଏବଂ ତୈଳ ବାଣିଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି ଜଳପଥ ଉପରେ ହୁତିଙ୍କ ପ୍ରଭାବ ବଢ଼ିଛି। ମାୟୁନକୁ ପେରିମ୍ ମଧ୍ୟ କୁହାଯାଏ। ଏହା ବାବ୍ ଅଲ୍-ମନ୍ଦେବ୍ର ମଝିରେ ଥିବା ଏକ ଛୋଟ ଆଗ୍ନେୟଗିରି ଦ୍ୱୀପ। ଏହି ଜଳପଥ ଏହାର ସଂକୀର୍ଣ୍ଣ ସ୍ଥାନରେ ପ୍ରାୟ ୨୯ କିମି ଚଉଡ଼ା। ମାୟୁନ୍ ଦଖଲ କରିବା ପରେ ହୁତିମାନେ ଜିବୁତି ଉପକୂଳଠାରୁ ପ୍ରାୟ ୩୨ କିମି ଦୂରରେ ପହଞ୍ଚିଛନ୍ତି। ସେମାନଙ୍କ ନିୟନ୍ତ୍ରଣରେ ଥିବା ଅଞ୍ଚଳ ଆମେରିକାର ଆଫ୍ରିକାସ୍ଥିତ ପ୍ରମୁଖ ସାମରିକ ଘାଟି କ୍ୟାମ୍ପ ଲେମୋନିଅର୍ଠାରୁ ୧୩୦ କିମିରୁ

**ଆମେରିକାର ଘାଟି ପ୍ରତି ବଢ଼ିଲା ବିପଦ**

କମ୍ ଦୂରରେ ରହିଛି। କ୍ୟାମ୍ପ ଲେମୋନିଅର୍ ଆମେରିକାର ଆଫ୍ରିକା ମହାଦେଶର ଏକମାତ୍ର ସ୍ଥାୟୀ ସାମରିକ ଘାଟି। ଏଠାରେ ୪,୦୦୦ରୁ ଅଧିକ ସାମରିକ ଓ ବେସାମରିକ କର୍ମଚାରୀ ରହିଛନ୍ତି। ଆତଙ୍କବାଦ ବିରୋଧୀ ଅଭିଯାନ, ଡ୍ରୋନ୍ ଓ ସାମୁଦ୍ରିକ ସୁରକ୍ଷା କାର୍ଯ୍ୟକଳାପ ପାଇଁ ଏହି ଘାଟି ବ୍ୟବହାର ହୋଇଥାଏ। ଜିବୁତିରେ ଚୀନ୍, ଫ୍ରାନ୍ସ ଓ ଜାପାନ୍ର ମଧ୍ୟ ସାମରିକ ସୁବିଧା ରହିଛି। ୟେମେନ୍ରେ ୨୦୨୨ରେ ଜାତିସଂଘ ମଧ୍ୟସ୍ଥତାରେ ଅସ୍ତ୍ରବିରତି ହେବା ପରେ ପ୍ରାୟ ଶାନ୍ତି ରହିଥିଲା। ଜୁଲାଇରୁ ପରିସ୍ଥିତି ପୁଣି ଖରାପ ହେବା ଆରମ୍ଭ ହୋଇଥିଲା। ହୁତିମାନେ ୟେମେନ୍ର ଅନ୍ତର୍ଜାତୀୟ ସ୍ୱୀକୃତ ସରକାର ବିରୋଧରେ ଏକାଧିକ ମୋର୍ଚ୍ଚା ଖୋଲିଥିଲେ। ହୁତିଙ୍କ ଅଗ୍ରଗତି ରୋକିବାକୁ ସାଉଦି ଆରବ ସମର୍ଥିତ ୟେମେନ୍ ସରକାରୀ ବାହିନୀ ପାଲଟା ଆକ୍ରମଣ କରିଛି। ହୁତି ସାମରିକ ପ୍ରବକ୍ତା ୟାହ୍ୟା ସାରି କହିଛନ୍ତି, ୪୮ ଘଣ୍ଟା ମଧ୍ୟରେ ସାଉଦି ବିମାନ ୭ଟି ପ୍ରଦେଶରେ ୧୨୯ ଥର ଆକ୍ରମଣ କରିଛି। ତେବେ ସାଉଦି ଆରବ ଏହି ଆକ୍ରମଣକୁ ଆନୁଷ୍ଠାନିକ ଭାବେ ସ୍ୱୀକାର କରିନାହିଁ। ଏପଟେ ହୁତିମାନେ ସାଉଦି ଆରବର ଶରୁରାହ୍ସ୍ଥିତ ସାମରିକ ଘାଟି ଉପରେ ଆକ୍ରମଣ କରିଥିବା ଦାବି କରିଛନ୍ତି। ସାଉଦି କର୍ତ୍ତୃପକ୍ଷଙ୍କ ଅନୁସାରେ, ଜିଜାନ୍ରେ ଅନ୍ୟ ଏକ ହୁତି ପ୍ରକ୍ଷେପାସ୍ତ୍ର ପଡ଼ି ୨ ଜଣ ଆହତ ହୋଇଛନ୍ତି ଏବଂ ଏକ ମସଜିଦ୍, ଗାଡ଼ି ଓ କିଛି କୋଠା କ୍ଷତିଗ୍ରସ୍ତ ହୋଇଛି। ଯୁଦ୍ଧ ଯୋଗୁଁ ସେପ୍ଟେମ୍ବର ଆରମ୍ଭରୁ ୮୨,୦୦୦ରୁ ଅଧିକ ୟେମେନ୍‌ବାସୀ ବିସ୍ଥାପିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨,୦୦୦ରୁ ଅଧିକ ଲୋକ ସଂକୀର୍ଣ୍ଣ ଜଳପଥ ପାର ହୋଇ ଜିବୁତିରେ ପହଞ୍ଚିଛନ୍ତି। ମାୟୁନ୍ ଓ ମୋଚା ଦଖଲ ପରେ ୟେମେନ୍ ଯୁଦ୍ଧ ଏବେ ସାଉଦି ଆରବର ସୁରକ୍ଷା, ବିଶ୍ୱ ତୈଳ ଯୋଗାଣ ଏବଂ ଇରାନ୍-ଆମେରିକା ମଧ୍ୟରେ ଚାଲିଥିବା ବିବାଦ ସହ ଅଧିକ ଜଡ଼ିତ ହୋଇଛି।

## ବିନା ଆପ୍ରବାସନ ଯାଞ୍ଚରେ ଦିଲ୍ଲୀ ଛାଡ଼ିଲେ ୩ ଇଟାଲୀୟ ନାଗରିକ

ନୂଆଦିଲ୍ଲୀ: ଆପ୍ରବାସନ ଯାଞ୍ଚ ବିନା ୩ ଜଣ ଇଟାଲୀୟ ନାଗରିକ ଦିଲ୍ଲୀରୁ ମ୍ୟୁନିଚ ଯାତ୍ରା କରିଥିବା ଘଟଣାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଏୟାର୍ ଇଣ୍ଡିଆକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଏହାକୁ ଗୁରୁତର ତ୍ରୁଟି ଦର୍ଶାଇ ମନ୍ତ୍ରାଳୟ ୭ ଦିନ ମଧ୍ୟରେ ଜବାବ ମାଗିଛି। ଘଟଣାଟି ସେପ୍ଟେମ୍ବର ୪ ତାରିଖରେ ଘଟିଥିଲା। ୩ ଜଣ ଯାତ୍ରୀ ଏୟାର୍ ଇଣ୍ଡିଆର ଏଆଇ-୧୧୧୫ ବିମାନରେ ଅମୃତସରରୁ ଦିଲ୍ଲୀରେ ରାତି ପ୍ରାୟ ୧୨ଟା ୫୦ରେ ପହଞ୍ଚିଥିଲେ। ଏହାର ପ୍ରାୟ ଏକ ଘଣ୍ଟା ପରେ, ରାତି ୧ଟା ୪୫ରେ ସେମାନେ ଲୁଫ୍‌ଥାନ୍‌ସାର ଏଲ୍‌ଏଚ୍-୭୬୩ ବିମାନରେ ମ୍ୟୁନିଚ ଯାତ୍ରା କରିଥିଲେ। ତେବେ ଭାରତ ଛାଡ଼ିବା ପୂର୍ବରୁ ସେମାନଙ୍କର ଆପ୍ରବାସନ ଯାଞ୍ଚ ହୋଇନଥିଲା।

# ବିଏଚୟୁରେ ନବାଗତ ଓଡ଼ିଆ ଛାତ୍ରଛାତ୍ରୀଙ୍କ ପାଇଁ ପରିବେଶ ପରିଚୟ କାର୍ଯ୍ୟକ୍ରମ

ବାରାଣସୀ : କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚୟୁ)ରେ ନବାଗତ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା, ବିଭିନ୍ନ ସୁବିଧା, ଶିକ୍ଷାଗତ ସୁଯୋଗ ଓ ଛାତ୍ରଜୀବନ ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ବାରାଣସେୟ ଉତ୍କଳ ସମାଜ ପକ୍ଷରୁ ଏକ ପରିବେଶ ପରିଚୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଇନଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲଚରାଲ୍ ସାଇନ୍ସେସର ବିସ୍ତାର ଶିକ୍ଷା ବିଭାଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଏଚ୍ୟୁର ବିଭିନ୍ନ ବିଭାଗରେ ନବଭାବେ ନାମ ଲେଖାଇଥିବା ଓଡ଼ିଆ ଛାତ୍ରଛାତ୍ରୀ ଉତ୍ସାହର ସହ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ମହାପାତ୍ର ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିଲେ। ଉତ୍କଳ ସମାଜର ସଭାପତି ପ୍ରଫେସର ଗୋପବନ୍ଧୁ ମିଶ୍ର ବାରାଣସୀରେ ଓଡ଼ିଆ ଛାତ୍ରଛାତ୍ରୀ ଓ ସମାଜ ମଧ୍ୟରେ ଥିବା ସମ୍ପର୍କ



ଏବଂ ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ନବାଗତ ଛାତ୍ରଛାତ୍ରୀ ବାରାଣସେୟ ଉତ୍କଳ ସମାଜକୁ ନିଜର ଏକ ପରିବାର ଭାବେ ଗ୍ରହଣ କରି ସମାଜର ବିଭିନ୍ନ କାର୍ଯ୍ୟକଳାପରେ ସକ୍ରିୟ ଭାବେ ଯୋଗଦେବାକୁ ସେ ଆହ୍ୱାନ ଦେଇଥିଲେ। ଉତ୍କଳ ସମାଜର ସାଧାରଣ ସମ୍ପାଦକ ତଥା ବିଏଚୟୁ ଭୂତତ୍ତ୍ୱ ବିଭାଗର ଡ. ଅମିୟ କୁମାର ସାମଲ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଉତ୍କର୍ଷ ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ନିୟମିତ ଶ୍ରେଣୀରେ ଯୋଗଦାନ, ଅଧ୍ୟାପକଙ୍କ ସହ ନିୟମିତ ସମ୍ପର୍କ, ପୁସ୍ତକ ଓ ପୁସ୍ତକାଳୟର ସଦୁପଯୋଗ, ପାଠ୍ୟକ୍ରମ ଓ ପରୀକ୍ଷା ପଦ୍ଧତି ସମ୍ପର୍କରେ ସଚେତନତା ଏବଂ ଆରମ୍ଭରୁ ଶିକ୍ଷାଜୀବନକୁ ଯୋଜନାବଦ୍ଧ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ନୂତନ ଶିକ୍ଷାନୀତି ଅନୁଯାୟୀ ପାଠ୍ୟକ୍ରମ, ପ୍ରାୟୋଗିକ ଶିକ୍ଷା ଓ ପ୍ରଶିକ୍ଷଣର ଗୁରୁତ୍ୱ ମଧ୍ୟ ସେ ବୁଝାଇଥିଲେ। ବିସ୍ତାର ଶିକ୍ଷା ବିଭାଗର ପ୍ରଫେସର ତଥା ଉତ୍କଳ ସମାଜର ଉପସଭାପତି ପ୍ରଫେସର କଲ୍ୟାଣ ଘଡ଼େଇ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସୁବିଧା ଓ ସମ୍ପଦ ବିଷୟରେ ଅବଗତ କରାଇଥିଲେ। ପୁସ୍ତକାଳୟ, ପରୀକ୍ଷାଗାର, ଛାତ୍ରସେବା ଓ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟୀୟ ସୁବିଧାର ସଠିକ୍ ଉପଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଆଇନ ବିଭାଗର ପ୍ରଫେସର ତଥା ଉତ୍କଳ ସମାଜର କାର୍ଯ୍ୟକାରୀ ସଦସ୍ୟ ପ୍ରଫେସର ମନୋଜ କୁମାର ପାଢ଼ୀ ପାଠପଢ଼ା ବ୍ୟତୀତ ବିଭିନ୍ନ ଛାତ୍ରମଞ୍ଚ, ସାଂସ୍କୃତିକ, ସାମାଜିକ ଓ କ୍ରୀଡ଼ା କାର୍ଯ୍ୟକଳାପରେ ଯୋଗଦେଇ ବ୍ୟକ୍ତିତ୍ୱ, ନେତୃତ୍ୱ ଓ ଯୋଗାଯୋଗ କୌଶଳ ବିକାଶ କରିବାକୁ ପରାମର୍ଶ ଦେଇଥିଲେ। ଆଇଆଇଟି (ବିଏଚ୍ୟୁ)ର ପ୍ରଫେସର ଅଲଖ ଏନ୍. ସାହୁ ଆଇଆଇଟିର ଶିକ୍ଷା ବ୍ୟବସ୍ଥା, ବିଭିନ୍ନ ସୁଯୋଗ ଓ ଛାତ୍ରଜୀବନର ବିଭିନ୍ନ ଦିଗ ସମ୍ପର୍କରେ ନବାଗତ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଏହାପରେ ଅନିର୍ବାଣ ପରିଡ଼ା, ବିନୀତ ଭାରଦ୍ୱାଜ ଓ କୃଷ୍ଣା ଚୌଧୁରୀ ନିଜ ଛାତ୍ରଜୀବନର ଅନୁଭବ ନବାଗତମାନଙ୍କ ସହ ବାଣ୍ଟିଥିଲେ। ନୂଆ ପରିବେଶରେ ଖାପ ଖୁଆଇବା, ଶ୍ରେଣୀ ଓ ପରୀକ୍ଷା ପାଇଁ ପ୍ରସ୍ତୁତି, ସମୟର ସଦୁପଯୋଗ ଏବଂ ଉପଲବ୍ଧ ସୁଯୋଗର ସଠିକ୍ ବ୍ୟବହାର ନେଇ ସେମାନେ ବ୍ୟବହାରିକ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ଏକ ବିଶେଷ ପର୍ଯ୍ୟାୟରେ ନବାଗତ ଛାତ୍ରଛାତ୍ରୀଙ୍କ ସହ ବକ୍ତାମାନଙ୍କ ପ୍ରଶ୍ନୋତ୍ତର ଓ ମୁକ୍ତ ଆଲୋଚନା ହୋଇଥିଲା। ଛାତ୍ରଛାତ୍ରୀମାନେ ଶିକ୍ଷା, ପରୀକ୍ଷା, ପାଠ୍ୟକ୍ରମ, ଛାତ୍ରାବାସ, ବିଶ୍ୱବିଦ୍ୟାଳୟୀୟ ସୁବିଧା ଓ ଭବିଷ୍ୟତ ସୁଯୋଗ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ରଖିଥିବା ବେଳେ ବକ୍ତାମାନେ ସେଗୁଡ଼ିକର ଉତ୍ତର ଦେଇଥିଲେ। ବକ୍ତାମାନେ ନବାଗତ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ନିଜ ମାଟି, ଭାଷା ଓ ସଂସ୍କୃତି ସହ ସଦା ସଂଯୁକ୍ତ ରହିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଉତ୍କଳ ସମାଜର କୋଷାଧକ୍ଷ ପ୍ରଫେସର ସରୋଜ କୁମାର ପାଢ଼ୀ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଭାରତ 'କୃତ୍ରିମ ସୂର୍ଯ୍ୟ' ନିର୍ମାଣର ନିକଟତର

ନୂଆଦିଲ୍ଲୀ : ଭାରତର 'କୃତ୍ରିମ ସୂର୍ଯ୍ୟ' ନିର୍ମାଣ ପ୍ରୟାସରେ ଆଉ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଗୁଜରାଟସ୍ଥିତ ପ୍ଲାଜମା ଗବେଷଣା ପ୍ରତିଷ୍ଠାନରେ ଥିବା ଏସ୍ଏସଟି-୧ ଟୋକାମାକରେ ନୂଆ ୮୨.୬ ଗିଗାହର୍ଜ ଓ ୪୦୦ କିଲୋୱାଟ୍ କ୍ଷମତାର ଗାଇରୋଟ୍ରନ୍ ସ୍ଥାପନ କରାଯାଇଛି। ସୋମବାର ଏହାର ସ୍ଥାପନ ଓ ପରୀକ୍ଷାମୂଳକ କାର୍ଯ୍ୟକ୍ଷମତା ପ୍ରଦର୍ଶନ ଆରମ୍ଭ ହୋଇଛି। ଏହି ନୂଆ ଉପକରଣ ଅତ୍ୟଧିକ ତାପମାତ୍ରାର ପ୍ଲାଜମାକୁ ଅଧିକ ସମୟ ଧରି ଗରମ ଓ ସ୍ଥିର ରଖିବାରେ ବୈଜ୍ଞାନିକମାନଙ୍କୁ ସହାୟତା କରିବ। ଏସ୍ଏସଟି-୧ର ଅର୍ଥ ହେଉଛି 'ଷ୍ଟେଡି ଷ୍ଟେଟ୍ ସୁପରକଣ୍ଡକ୍ଟିଂ ଟୋକାମାକ୍'। ଏହା ଏକ ପରୀକ୍ଷାମୂଳକ ଫ୍ୟୁଜନ୍ ଯନ୍ତ୍ର। ସୂର୍ଯ୍ୟ ଓ ଅନ୍ୟ ନକ୍ଷତ୍ରରେ ଯେଉଁ ପ୍ରକ୍ରିୟାରେ ଶକ୍ତି ଉତ୍ପନ୍ନ ହୁଏ, ପୃଥିବୀରେ ସେହି ପ୍ରକ୍ରିୟାକୁ ଅନୁକରଣ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଫ୍ୟୁଜନରେ ହାଲୁକା ପରମାଣୁର କେନ୍ଦ୍ରକୁ ଅତ୍ୟଧିକ ତାପମାତ୍ରା ଓ ଚାପରେ ପରସ୍ପର ସହ ମିଶାଯାଏ। ଏହି ପ୍ରକ୍ରିୟାରୁ ବହୁ ପରିମାଣର ଶକ୍ତି ମିଳିପାରେ। ଏଥିପାଇଁ



ଟୋକାମାକ୍ ଭିତରେ ଅତ୍ୟଧିକ ଗରମ ପ୍ଲାଜମା ସୃଷ୍ଟି କରାଯାଏ। ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ଦ୍ୱାରା ଏହି ପ୍ଲାଜମାକୁ ଯନ୍ତ୍ରର କାନ୍ଥଠାରୁ ଦୂରରେ ରଖାଯାଏ। ଭାରତୀୟ ଫ୍ୟୁଜନ୍ ପରୀକ୍ଷଣରେ ପ୍ଲାଜ୍ମାର ତାପମାତ୍ରା ୨୦ କୋଟି ଡିଗ୍ରି ସେଲ୍ସିୟସରୁ ଅଧିକ ହୋଇସାରିଛି। ଏହା ସୂର୍ଯ୍ୟର କେନ୍ଦ୍ରର ତାପମାତ୍ରାଠାରୁ ପ୍ରାୟ ୨୦ ଗୁଣ ଅଧିକ। ତେବେ କେବଳ ଏତେ ଅଧିକ ତାପମାତ୍ରା ହାସଲ କରିବା ଯଥେଷ୍ଟ ନୁହେଁ। ପ୍ଲାଜ୍ମାକୁ ଦୀର୍ଘ ସମୟ ଧରି ସ୍ଥିର ରଖିବା ହେଉଛି ବୈଜ୍ଞାନିକଙ୍କ ପାଇଁ ମୁଖ୍ୟ ଚ୍ୟାଲେଞ୍ଜ। ନୂଆ ଗାଇରୋଟ୍ରନ୍ ଏହି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ। ଏହା ଉଚ୍ଚ ଆବୃତ୍ତିର ମାଇକ୍ରୋୱେଭ୍ ଶକ୍ତି ଉତ୍ପନ୍ନ କରି ପ୍ଲାଜମାକୁ ଗରମ କରେ। ପୂର୍ବରୁ ଏସ୍ଏସ୍ଟି-୧ରେ ୪୨ ଗିଗାହର୍ଜର ଗାଇରୋଟ୍ରନ୍ ବ୍ୟବହାର ହେଉଥିଲା। ନୂଆ ବ୍ୟବସ୍ଥା ଏହାଠାରୁ ଅଧିକ କ୍ଷମତାଶାଳୀ। ତେବେ ଏହି ଗାଇରୋଟ୍ରନ୍ ଲାଗିବା ମାତ୍ରେ ଏସ୍ଏସଟି-୧ ବିଦ୍ୟୁତ୍ ଉତ୍ପାଦନ କରୁଥିବା ଫ୍ୟୁଜନ୍ କେନ୍ଦ୍ର ପାଲଟିବ ନାହିଁ। ଏହାର ଉଦ୍ଦେଶ୍ୟ ହେଉଛି ଅତ୍ୟଧିକ ଗରମ ପ୍ଲାଜମାକୁ ନିୟନ୍ତ୍ରଣ ଓ ସ୍ଥିର ରଖିବା ନେଇ ଗବେଷଣାକୁ ଆହୁରି ଆଗକୁ ନେବା।

## ଡ୍ରାଇଭରଙ୍କୁ ଧନ୍ୟବାଦ ଜଣାଇଲେ ଆବୁଧାବି କ୍ରାଉନ୍ ପ୍ରିନ୍ସ

ନୂଆଦିଲ୍ଲୀ: ବ୍ରିକ୍ସ ସମ୍ମିଳନୀରେ ଯୋଗଦେଇ ଦେଶକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଆବୁଧାବି କ୍ରାଉନ୍ସ ପ୍ରିନ୍ସ ଶେଖ୍ ଖଲିଦ୍ ବିନ୍ ମହମଦ ବିନ୍ ଜୟେଦ ଅଲ ନାହୟାନ ବିମାନ ବନ୍ଦରରେ ତାଙ୍କ କାର୍ ଡ୍ରାଇଭରଙ୍କ ପ୍ରତି ଦେଖାଇଥିବା ଆଚରଣ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। କ୍ରାଉନ୍ ପ୍ରିନ୍ସ କାରରୁ ଓହ୍ଲାଇ ବିମାନ ଅଭିମୁଖେ ଯାତ୍ରା କରିଥିଲେ। କିନ୍ତୁ ହଠାତ୍ ପୁଣି କାର୍ ଡ୍ରାଇଭରଙ୍କ ନିକଟକୁ ଫେରି ତାଙ୍କ ସହିତ କରମର୍ଦ୍ଦନ କରିବା ସହ ପିଠିରେ ହାତ ଥାପୁଡ଼େଇ କିଛି କଥା ହୋଇଥିଲେ। ନୂଆଦିଲ୍ଲୀ ଗସ୍ତ ସମୟରେ ତାଙ୍କୁ ନେବାଆଣିବା ପାଇଁ ନିୟୋଜିତ ଡ୍ରାଇଭରଙ୍କ ପ୍ରତି କ୍ରାଉନ୍ ପ୍ରିନ୍ସଙ୍କ ଏଭଳି ମନୋଭାବ ଓ କୃତଜ୍ଞତା ପ୍ରକାଶକୁ ସୋସିଆଲ ମିଡିଆରେ ପ୍ରଶଂସା କରାଯାଇଛି। ଉଲ୍ଲେଖଯୋଗ୍ୟ, ୟୁଏଇ ରାଷ୍ଟ୍ରପତି ଶେଖ ମହମଦ ବିନ୍ ଜୟେଦ ଅଲ୍ ନାହୟାନଙ୍କ ପ୍ରତିନିଧି ଭାବେ ସେ ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେଇଥିଲେ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନଙ୍କ ସମେତ ବିଶ୍ୱର ଅନ୍ୟ ନେତୃବୃନ୍ଦଙ୍କୁ ଭେଟିଥିଲେ।

### ଦିଶା ସାଲିଆନ୍ ମୃତ୍ୟୁ ମାମଲା

# ସିବିଆଇ ଏତଲାରେ ଆଦିତ୍ୟ ଓ ରିୟା

ମୁମ୍ବାଇ: ଦିବଂଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନ୍ ମୃତ୍ୟୁ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ସୋମବାର ପଞ୍ଜୀକୃତ ହୋଇଥିବା ଏତଲାରେ ବିଧାୟକ ଆଦିତ୍ୟ ଠାକରେ, ଅଭିନେତା ଡିନୋ ମୋରିଆ ଓ ରିୟା ଚକ୍ରବର୍ତ୍ତୀଙ୍କ ନାଁ ରହିଛି। ବମ୍ବେ ହାଇକୋର୍ଟ ମାମଲାର ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ଏଜେନ୍ସିକୁ ନେବା ପାଇଁ ନିର୍ଦ୍ଦେଶ ଦେବାର ପ୍ରାୟ ଦୁଇ ସପ୍ତାହ ପରେ ଏହି ଘଟଣା ଘଟିଛି। ହତ୍ୟା, ଗଣଦୁଷ୍କର୍ମ, ଅପରାଧିକ ଷଡ଼ଯନ୍ତ୍ର, ପ୍ରମାଣ ନଷ୍ଟ କରିବା ଓ ମିଥ୍ୟା ସୂଚନା ପ୍ରଦାନ କରିବା ଭଳି ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଷଡ଼ଯନ୍ତ୍ର ଓ ପରବର୍ତ୍ତୀ ସମୟରେ ଅପରାଧ ଲୁଚାଇବାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଓ ଅନ୍ୟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସମ୍ପୃକ୍ତ ସରକାରୀ କର୍ମଚାରୀ ଓ ପୁଲିସ ଅଧିକାରୀମାନେ ମାମଲାର କାଗଜପତ୍ର, ଫାଇଲ୍ ଓ ଅନ୍ୟାନ୍ୟ ସାର୍ବଜନୀନ ରେକର୍ଡ ନଷ୍ଟ କିମ୍ବା ଦମନ କରିବା, ସରକାରୀ ରେକର୍ଡ ତିଆରି କରିବା ଏବଂ ବେଆଇନ ଉଦ୍ଦେଶ୍ୟରେ ତଥା ଅପରାଧୀମାନଙ୍କୁ ସୁରକ୍ଷା ଦେବା ପାଇଁ ସାର୍ବଜନୀନ ପାଣ୍ଠି, ମାନବଶକ୍ତି ଓ ପୁଲିସ ଯନ୍ତ୍ରପାତିର



ଅପବ୍ୟବହାର କରିବା ପାଇଁ ମଧ୍ୟ ତଦନ୍ତ କରାଯାଇପାରେ ବୋଲି ସିବିଆଇ ଏତଲାରେ ଉଲ୍ଲେଖ କରାଯାଇଛି। ସିବିଆଇ ଏତଲାରେ କୁହାଯାଇଛି ଯେ, ଆଦିତ୍ୟ ଠାକରେ, ଡିନୋ ମୋରିଆ, ସୁରଜ ପାଞ୍ଚୋଲି, ରିୟା ଚକ୍ରବର୍ତ୍ତୀ, ବିଳମ୍ବିତ ପୋଷ୍ଟମର୍ଟମ ସହିତ ଜଡିତ ଡାକ୍ତର ଓ କର୍ମଚାରୀମାନଙ୍କର ଭୂମିକାର ତଦନ୍ତ ଆବଶ୍ୟକ।

# ମହଙ୍ଗା ମାଡ଼, ଖୁଚୁରା ମୁଦ୍ରାସ୍ଫୀତି ୪.୮୨% ଛୁଇଁଲା

ନୂଆଦିଲ୍ଲୀ : ଦେଶର ଖୁଚୁରା ମୁଦ୍ରାସ୍ଫୀତି ଅଗଷ୍ଟ ମାସରେ ବୃଦ୍ଧି ପାଇଛି। ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ୪.୪୫% ଥିବା ବେଳେ ଅଗଷ୍ଟରେ ଏହା ୪.୮୨% ଛୁଇଁଛି। ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ଯୋଗୁ ଏପରି ହୋଇଛି। ଗ୍ରାହକ ଦର ସୂଚକାଙ୍କ(ସିପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ଅଗଷ୍ଟ ମାସରେ ୪.୮୨% ରହିଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଅଗଷ୍ଟ ସଂଖ୍ୟା ପ୍ରୋଭିଜନାଲ ବୋଲି ମଧ୍ୟ ସରକାର ସ୍ପଷ୍ଟ କରିଛନ୍ତି। ଖାଦ୍ୟ ମୁଦ୍ରାସ୍ଫୀତି ଜୁଲାଇରେ ୫.୫୨% ରହିଥିବା ବେଳେ ଅଗଷ୍ଟରେ ଏହା ୫.୯୫%କୁ ବୃଦ୍ଧି ପାଇବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଗ୍ରାମାଞ୍ଚଳର ମୁଦ୍ରାସ୍ଫୀତି ୪.୮୪%ରୁ ବଢ଼ି ୫.୨୩ରେ ପହଞ୍ଚି ଯାଇଛି। ସେହିପରି ସହରାଞ୍ଚଳ ମୁଦ୍ରାସ୍ଫୀତି ଜୁଲାଇରେ ୩.୯୬% ରହିଥିବା ବେଳେ ଅଗଷ୍ଟରେ ଏହା ୪.୩୧% ରହିଛି। ଗ୍ରାହକ ଦର ବୃଦ୍ଧିରେ ଖାଦ୍ୟ ସବୁଠାରୁ ବଡ଼ ଭୂମିକା ତୁଲାଇଛି। ଜୁଲାଇରେ ଖାଦ୍ୟ ସାମଗ୍ରୀ ମୁଦ୍ରାସ୍ଫୀତି ୫.୫୨% ରହିଥିବା



ବେଳେ ଏବେ ୫.୯୫%ରେ ପହଞ୍ଚିଛି। ଗ୍ରାମାଞ୍ଚଳ ଖାଦ୍ୟ ମୁଦ୍ରାସ୍ଫୀତି ସହାରାଞ୍ଚଳରେ ତୁଳନାରେ ଅଧିକ। ଗ୍ରାମାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ୬.୧୩% ଓ ସହରାଞ୍ଚଳରେ ଏହା ୫.୬୪%। ଅର୍ଥାତ ସହାରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ସବୁ କିଛି ଅଧିକ ମହଙ୍ଗା ହୋଇଛି। ବିଭିନ୍ନ ଖାଦ୍ୟ ସାମଗ୍ରୀ ଦରରେ ବି ତୀବ୍ର ବୃଦ୍ଧି ରେକର୍ଡ କରାଯାଇଛି। ପିଆଜର ମୁଦ୍ରାସ୍ଫୀତି ଜୁଲାଇରେ ୨୨.୫୪% ଥିବାବେଳେ ଅଗଷ୍ଟରେ ୪୮.୨୭%କୁ ବୃଦ୍ଧି ପାଇଛି। ସେହିପରି ରସୁଣର ମୁଦ୍ରାସ୍ଫୀତି ୩୫.୩୬%ରୁ ବଢ଼ି ୪୩.୬୦%ରେ ପହଞ୍ଚି ଯାଇଛି। ଅଗଷ୍ଟରେ ଅଦାର ମୁଦ୍ରାସ୍ଫୀତି ୭୩.୮୨% ରହିଥିଲା। ତେବେ ଜୁଲାଇରେ ଏହା ୮୩.୫୭% ଥିବାରୁ ଅଗଷ୍ଟରେ ଏଥିରେ କିଛିଟା ହ୍ରାସ ଘଟିଛି। ରୁପା ଅଳଙ୍କାରର ମୁଦ୍ରାସ୍ଫୀତି ସର୍ବାଧିକ ୧୦୭.୧୧% ରହିଛି। ସୁନା, ହୀରା ଓ ପ୍ଲାଟିନମ୍ ଅଳଙ୍କାରର ମୁଦ୍ରାସ୍ଫୀତି ୩୫.୫୩% ରେକର୍ଡ ହୋଇଛି। ଖାଦ୍ୟ ଓ ପାନୀୟ ବ୍ୟତୀତ ଅନ୍ୟାନ୍ୟ ବ୍ୟକ୍ତିଗତ ଯତ୍ନ, ସାମାଜିକ ସୁରକ୍ଷା ଓ ବିବିଧ ସାମଗ୍ରୀ ଓ ସେବା ବର୍ଗରେ ସର୍ବାଧିକ ୧୫.୧୭% ମୁଦ୍ରାସ୍ଫୀତି ରହିଛି। ଏହା ପଛକୁ ରେଷ୍ଟୁରାଣ୍ଟ ଓ ଆବାସିକ ସେବା ବର୍ଗରେ ୮.୩୮% ଓ ପାନ, ତମାଖୁ ଓ ନିଶାଦ୍ରବ୍ୟ ବର୍ଗରେ ୪.୭୧% ମୁଦ୍ରାସ୍ଫୀତି ରହିଛି। ପରିବହନ ବର୍ଗରେ ମୁଦ୍ରାସ୍ଫୀତି ୪.୬୦%, ପୋଷାକ ଓ ଜୋତା ବର୍ଗରେ ୩.୫୬% ରହିଛି। ଘର, ପାଣି, ବିଦ୍ୟୁତ, ଗ୍ୟାସ୍ ଓ ଅନ୍ୟାନ୍ୟ ଇନ୍ଧନରେ ମୁଦ୍ରାସ୍ଫୀତି ୨.୬୧% ରହିଥିବାବେଳେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହା ତୁଳନାତ୍ମକ ଭାବେ କମ୍ ୧.୩୪% ରହିଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଅଗଷ୍ଟରେ ତେଲଙ୍ଗାନାରେ ସର୍ବାଧିକ ଖୁଚୁରା ମୁଦ୍ରାସ୍ଫୀତି ୬.୨୭% ରେକର୍ଡ ହୋଇଛି। ଏହା ପଛକୁ ଦାଦ୍ରା ଓ ନଗର ହାଭେଲି ଏବଂ ଡାମନ ଓ ଡ୍ୟୁରେ ମୁଦ୍ରାସ୍ଫୀତି ୬.୨୨% ରହିଛି। ତାମିଲନାଡୁରେ ମୁଦ୍ରାସ୍ଫୀତି ୫.୯୨%, ପୁଡୁଚେରୀରେ ୫.୮୫%, ମଧ୍ୟପ୍ରଦେଶରେ ୫.୫୫% ଓ ଆନ୍ଧ୍ରପ୍ରଦେଶରେ ୫.୫୩%, ଦିଲ୍ଲୀର ମୁଦ୍ରାସ୍ଫୀତି ୨.୬୧%, ପଶ୍ଚିମବଙ୍ଗରେ ୩.୨୮% ଓ ଗୁଜରାଟରେ ୪.୯୪%ରେ ପହଞ୍ଚିଛି। ମେ' ମାସରୁ ଖୁଚୁରା ମୁଦ୍ରାସ୍ଫୀତି ଲଗାତାର ବଢ଼ିଚାଲିଛି। ମେ'ରେ ମୁଦ୍ରାସ୍ଫୀତି ୩.୯୩% ଥିବାବେଳେ ଜୁନ୍ରେ ୪.୩୮%, ଜୁଲାଇରେ ୪.୪୫% ଓ ଅଗଷ୍ଟରେ ୪.୮୨%କୁ ବୃଦ୍ଧି ପାଇଛି।

# ଅକ୍ଟୋବର ୨୭ରୁ ହିରୋ ପୁରୁଷ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି

ମୋହାଲି, ୧୪।୯ (ଏଜେନ୍ସି) : ପଞ୍ଜାବରେ ଅନୁଷ୍ଠିତ ହେବାକୁ ଥିବା ବହୁ ପ୍ରତୀକ୍ଷିତ ହିରୋ ପୁରୁଷ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି-୨୦୨୬ର ତାରିଖ ଘୋଷଣା ହୋଇଛି। ଅକ୍ଟୋବର ୨୭ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଏହି ମର୍ଯ୍ୟାଦାଜନକ ମହାଦେଶୀୟ ହକି ପ୍ରତିଯୋଗିତା ଆୟୋଜିତ ହେବ। ସୋମବାର ମୋହାଲିରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାର ତାରିଖ ଘୋଷଣା କରିଛନ୍ତି। ଏହି ଆନ୍ତର୍ଜାତୀୟ ଲିଗ୍ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ଖେଳାଯିବ। ଅକ୍ଟୋବର ୨୭ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଲିଗ୍ ପର୍ଯ୍ୟାୟ ଚାଲିବ। ଏହାପରେ ପ୍ରତିଯୋଗିତା ମୋହାଲିକୁ ସ୍ଥାନାନ୍ତର ହେବ। ନଭେମ୍ବର ୪ରେ ଦୁଇଟି ସେମିଫାଇନାଲ୍ ଏବଂ ନଭେମ୍ବର ୫ରେ ଫାଇନାଲ୍ ମୁକାବିଲା ମୋହାଲିରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ କହିଛନ୍ତି, "ହିରୋ ପୁରୁଷ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି-୨୦୨୬ କେବଳ ପଞ୍ଜାବ ପାଇଁ ଏକ ହକି ପ୍ରତିଯୋଗିତା ନୁହେଁ। କରିବାକୁ ପଞ୍ଜାବ ସରକାର ପ୍ରତିବଦ୍ଧ।" ପ୍ରତିଯୋଗିତାରେ ଏସିଆର ଶୀର୍ଷ ହକି ଦଳଗୁଡ଼ିକ ମହାଦେଶର ଶ୍ରେଷ୍ଠ ଦଳଗୁଡ଼ିକୁ ଉଚ୍ଚମାନର ପ୍ରତିଯୋଗିତାର ସୁଯୋଗ ଦେଇଥାଏ। ଚଳିତ



## ମୋହାଲି ଓ ଜଳନ୍ଧରରେ ମୁକାବିଲା ଭାଗ ନେବେ ଭାରତ ସମେତ ୬ ଦେଶ

ହକି ପ୍ରତିଯୋଗିତା ମୋହାଲି ଓ ଜଳନ୍ଧରରେ ମିଳିତ ଭାବେ ଆୟୋଜିତ ହେବ। ମୋହାଲିର ଅଲିମ୍ପିଆନ୍ ବଲବୀର ସିଂହ ସିନିୟର ଇଣ୍ଟରନ୍ୟାସନାଲ୍ ହକି ଷ୍ଟାଡିୟମ୍ ଏବଂ ଜଳନ୍ଧରର ଅଲିମ୍ପିଆନ୍ ସୁରଜିତ ସିଂହ ହକି ଷ୍ଟାଡିୟମରେ ମ୍ୟାଚ୍ ଖେଳାଯିବ। ଜଳନ୍ଧରରେ ଅକ୍ଟୋବର ୨୭ରେ ଉଦ୍ଘାଟନୀ ସମାରୋହ ସହ ଏହା ଭାରତୀୟ ହକିର ଅନେକ କିମ୍ବଦନ୍ତୀ ଖେଳାଳିଙ୍କୁ ଗଢ଼ିଥିବା ଏହି ମାଟିକୁ ହକିର ଭାବପ୍ରବଣ ପ୍ରତ୍ୟାବର୍ତ୍ତନ। ପ୍ରଥମ ଥର ପାଇଁ ପଞ୍ଜାବ ନିଜ ମାଟିରେ ଏଭଳି ମର୍ଯ୍ୟାଦାଜନକ ଆନ୍ତର୍ଜାତୀୟ ହକି ପ୍ରତିଯୋଗିତା ଆୟୋଜନ କରୁଛି। ଖେଳାଳି, ଦର୍ଶକ ଓ ଦେଶ-ବିଦେଶର ହକିପ୍ରେମୀଙ୍କ ପାଇଁ ଏହାକୁ ସ୍ମରଣୀୟ ଅଂଶଗ୍ରହଣ କରିବେ। ଭାରତ, ପାକିସ୍ତାନ, ଦକ୍ଷିଣ କୋରିଆ, ମାଲେସିଆ, ଚୀନ୍ ଓ ଜାପାନ ମୁଖ୍ୟ ପ୍ରତିଯୋଗୀ ଦଳ ଭାବେ ତାଲିକାଭୁକ୍ତ ହୋଇଛନ୍ତି। ଓମାନ୍ ଓ ବାଂଲାଦେଶକୁ ରିଜର୍ଭ ଦଳ ଭାବେ ରଖାଯାଇଛି। ଏସିଆନ୍ ହକି ଫେଡେରେସନ୍ର କ୍ୟାଲେଣ୍ଡରରେ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ଅନ୍ୟତମ ପ୍ରମୁଖ ପ୍ରତିଯୋଗିତା। ଏହା ସଂସ୍କରଣକୁ ନେଇ ଭାରତ ସମେତ ସମଗ୍ର ଏସିଆର ହକିପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିବା ଆଶା କରାଯାଉଛି। ପଞ୍ଜାବର ଦୁଇ ପ୍ରମୁଖ ହକି ଭେନ୍ୟୁରେ ପ୍ରତିଯୋଗିତା ଆୟୋଜିତ ହେଉଥିବାରୁ ଏହା ରାଜ୍ୟର ଗୌରବମୟ ହକି ପରମ୍ପରା ଓ କିମ୍ବଦନ୍ତୀ ଖେଳାଳିମାନଙ୍କ ଅବଦାନକୁ ସ୍ମରଣ କରିବାର ଅବସର ମଧ୍ୟ ଆଣିବ। ଏହା ମାଧ୍ୟମରେ ଭାରତର ପ୍ରମୁଖ ହକି କେନ୍ଦ୍ର ଭାବେ ପଞ୍ଜାବର ସ୍ଥାନ ଆହୁରି ମଜଭୁତ ହେବ ବୋଲି ଆଶା କରାଯାଉଛି। ହକି ଇଣ୍ଡିଆର ସଭାପତି ଡ. ଦିଲୀପ ତିର୍କୀ କହିଛନ୍ତି, "ପଞ୍ଜାବର ହକି ପରମ୍ପରା ଗୌରବମୟ। ମୋହାଲି ଓ ଜଳନ୍ଧର ହିରୋ ପୁରୁଷ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି-୨୦୨୬ ଆୟୋଜନ କରିବା ନେଇ ଆମେ ଆନନ୍ଦିତ। ଏଥିପାଇଁ ପଞ୍ଜାବ ସରକାରଙ୍କ ସମର୍ଥନକୁ ଆମେ ହୃଦୟରୁ ପ୍ରଶଂସା କରୁଛୁ।" ହକି ଇଣ୍ଡିଆର ସେକ୍ରେଟାରୀ ଜେନେରାଲ୍ ଭୋଲାନାଥ ସିଂହ କହିଛନ୍ତି, "ହିରୋ ପୁରୁଷ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି-୨୦୨୬ର ତାରିଖ ଘୋଷଣା ସ୍ମରଣୀୟ ପ୍ରତିଯୋଗିତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପଞ୍ଜାବ ସରକାର ଓ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ଙ୍କ ସମର୍ଥନ ଓ ହକି ପ୍ରତି ପ୍ରତିବଦ୍ଧତା ପାଇଁ ଆମେ କୃତଜ୍ଞ। ମୋହାଲି ଓ ଜଳନ୍ଧରର ସମୃଦ୍ଧ ହକି ସଂସ୍କୃତି ଏସିଆର ଶ୍ରେଷ୍ଠ ଦଳଗୁଡ଼ିକୁ ଏକ ପ୍ରେରଣାଦାୟକ ମଞ୍ଚ ଯୋଗାଇବ।" ତାରିଖ ଘୋଷଣା କାର୍ଯ୍ୟକ୍ରମରେ ହକି ଇଣ୍ଡିଆର ସେକ୍ରେଟାରୀ ଜେନେରାଲ୍ ଭୋଲାନାଥ ସିଂହ, ଡାଇରେକ୍ଟର ଜେନେରାଲ୍ କମାଣ୍ଡର ଆର୍.କେ. ଶ୍ରୀବାସ୍ତବ, ଏକ୍ଜିକ୍ୟୁଟିଭ୍ ବୋର୍ଡ ସଦସ୍ୟ ଆର୍.ପି. ସିଂହ ଏବଂ ହକି ପଞ୍ଜାବ ସଭାପତି ନୀତିନ କୋହଲି ଉପସ୍ଥିତ ଥିଲେ।

# ଭାରତ-ଆଫଗାନିସ୍ତାନ ଦ୍ୱିତୀୟ ଟି-୨୦ ଆଜି

ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି) : ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ଦ୍ୱିତୀୟ ମୁକାବିଲାରେ ମଙ୍ଗଳବାର ଭାରତ ଓ ଆଫଗାନିସ୍ତାନ ପରସ୍ପରକୁ ଭେଟିବେ। ନୂଆଦିଲ୍ଲୀର ଅରୁଣ ଜେଟ୍ଲୀ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ପ୍ରଥମ ଟି-୨୦ରେ ଆଫଗାନିସ୍ତାନକୁ ୭ ୱିକେଟରେ ପରାସ୍ତ କରି ଭାରତ ସିରିଜରେ ୧-୦ରେ ଆଗୁଆ ରହିଛି। ପ୍ରଥମ ମ୍ୟାଚରେ ଆଫଗାନିସ୍ତାନ ବ୍ୟାଟିଂରେ ଆରମ୍ଭରୁ ଚାପରେ ପଡ଼ିଥିଲା। ବ୍ୟାଟିଂ ପାଇଁ ଅନୁକୂଳ ପିଚରେ ପାୱାରପ୍ଲେ ମଧ୍ୟରେ ଦଳ ଦ୍ରୁତ ୱିକେଟ୍ ହରାଇଥିଲା। ଫଳରେ ଦଳ ବଡ଼ ସ୍କୋର୍ କରିପାରିନଥିଲା। ଜବାବରେ ଭାରତର ଅଭିଷେକ ଶର୍ମା ଓ ଈଶାନ କିଶନ ପାୱାରପ୍ଲେରେ ଆକ୍ରମଣାତ୍ମକ ବ୍ୟାଟିଂ କରି ମ୍ୟାଚକୁ ଏକତରଫା କରିଦେଇଥିଲେ।

**ମ୍ୟାଚ୍ କେବେ ଓ କେଉଁଠି**

ଭାରତ-ଆଫଗାନିସ୍ତାନ ଦ୍ୱିତୀୟ ଟି-୨୦ ୧୫ ସେପ୍ଟେମ୍ବର, ମଙ୍ଗଳବାର, ନୂଆଦିଲ୍ଲୀର ଅରୁଣ ଜେଟ୍ଲୀ ଷ୍ଟାଡିୟମରେ ଖେଳାଯିବ।

**କେଉଁ ଟିଭି ଚ୍ୟାନେଲରେ ଦେଖିବେ**

ଭାରତରେ ଏହି ମ୍ୟାଚର ସିଧା ପ୍ରସାରଣ ସୋନି ସ୍ପୋର୍ଟ୍ସ ନେଟୱର୍କର ବିଭିନ୍ନ ଟିଭି ଚ୍ୟାନେଲରେ ହେବ।

**ଅନ୍ଲାଇନ୍ରେ କେଉଁଠି ଦେଖିବେ**

ଭାରତରେ ମ୍ୟାଚର ଲାଇଭ୍ ଷ୍ଟ୍ରିମିଂ ଫ୍ୟାନ କୋଡ ଆପ୍ ଓ ୱେବସାଇଟ୍ରେ ହେବ। ମ୍ୟାଚ୍ ଆରମ୍ଭ ସମୟ ସନ୍ଧ୍ୟା ୭ଟା ୩୦।

**ଭାରତୀୟ ଦଳ:** ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ସଞ୍ଜୁ ସାମସନ୍, ଈଶାନ କିଶନ୍, ତିଲକ ବର୍ମା (ଉପଅଧିନାୟକ), ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ୍ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଯଶପ୍ରୀତ ବୁମ୍ରା, ଅର୍ଶଦୀପ ସିଂହ ଓ ଯଶ ଠାକୁର।

**ଆଫଗାନିସ୍ତାନ ଦଳ:** ଇବ୍ରାହିମ ଜାଦ୍ରାନ୍ (ଅଧିନାୟକ), ରହମାନୁଲ୍ଲା ଗୁରବାଜ୍, ନୂର ରହମାନ୍, ସେଦିକୁଲ୍ଲା ଅଟଲ୍, ଦରୱିଶ ରସୁଲି, ଆଜମତୁଲ୍ଲା ଓମରଜାଇ, ଗୁଲବାଦିନ ନାଏବ୍, ମହମ୍ମଦ ନବି, ରାଶିଦ ଖାନ୍, ନାଙ୍ଗ୍ୟାଲ୍ ଖରୋଟି, ନୂର ଅହମଦ, ମୁଜିବ ଉର୍ ରହମାନ୍, ଫଜଲହକ୍ ଫାରୁକି, ଅବଦୁଲ୍ଲା ଅହମଦଜାଇ ଓ ନବୀନ-ଉଲ୍-ହକ୍।


# ତୀରନ୍ଦାଜି ବିଶ୍ୱକପ୍ : ଧୀରଜଙ୍କ ଐତିହାସିକ ସ୍ୱର୍ଣ୍ଣ



ସଲ୍ଟିଲୋ, ୧୪।୯ (ଏଜେନ୍ସି) : ମେକ୍ସିକୋର ସଲଟିଲୋରେ ଅନୁଷ୍ଠିତ ତୀରନ୍ଦାଜି ବିଶ୍ୱକପ୍ ଫାଇନାଲର ପୁରୁଷ ରିକର୍ଭ ବିଭାଗରେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରତର ଧୀରଜ ବୋମ୍ମାଦେବରା। ଏହା ସହ ତାଙ୍କର ଏସୀୟ କ୍ରୀଡ଼ା ପ୍ରସ୍ତୁତିକୁ ମଧ୍ୟ ବଡ଼ ଉତ୍ସାହ ମିଳିଛି। ଫାଇନାଲରେ ଧୀରଜ ଜାପାନର ବିଶ୍ୱ ଚାମ୍ପିଅନସିପ୍ ପଦକ ବିଜେତା ନାକାନିଶି ଜୁନ୍ୟାଙ୍କୁ ସୁଟ୍-ଅଫରେ ପରାସ୍ତ କରିଥିଲେ। ନିର୍ଦ୍ଧାରିତ ସମୟରେ ସ୍କୋର ୫-୫ରେ ବରାବର ରହିବା ପରେ ଶେଷ ଉଦ୍ୟମରେ ଧୀରଜ ୧୦ ପଏଣ୍ଟ ପାଇଥିବା ବେଳେ ନାକାନିଶି ୯ ପଏଣ୍ଟ ଅର୍ଜନ କରିଥିଲେ। ୨୫ ବର୍ଷୀୟ ଧୀରଜ ତୀରନ୍ଦାଜି ବିଶ୍ୱକପ୍ ଫାଇନାଲର ରିକର୍ଭ ବିଭାଗରେ ସ୍ୱର୍ଣ୍ଣ ଜିତିବାରେ ପ୍ରଥମ ଭାରତୀୟ ପୁରୁଷ ତୀରନ୍ଦାଜ ହୋଇଛନ୍ତି। ଏଥିସହ ଭାରତୀୟ ପୁରୁଷ ରିକର୍ଭ ତୀରନ୍ଦାଜଙ୍କ ୧୬ ବର୍ଷର ପଦକ ଅପେକ୍ଷା ମଧ୍ୟ ଶେଷ ହୋଇଛି। ୨୦୧୦ରେ ଜୟନ୍ତ ତାଲୁକଦାର ଏଡିନବର୍ଗରେ କାଂସ୍ୟ ପଦକ ଜିତିବା ପରେ ଆଉ କୌଣସି ଭାରତୀୟ ପୁରୁଷ ରିକର୍ଭ ତୀରନ୍ଦାଜ ବିଶ୍ୱକପ୍ ଫାଇନାଲରେ ପଦକ ଜିତିନଥିଲେ।

# ୫୩ କେଜିରେ ନିଶୁ ଚାମ୍ପିଅନ, ଅନ୍ତିମ ପାଙ୍ଘାଲଙ୍କ ସହ ହେବ ଫାଇନାଲ୍ ଟ୍ରାଏଲ୍

## କାଜଲ, ନୀଲମ ଓ ସିମରନଙ୍କୁ ମଧ୍ୟ ସଫଳତା



ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି) : ଜାତୀୟ ଚୟନ ଟ୍ରାଏଲରେ ମହିଳା ୫୩ କେଜି ବର୍ଗରେ ବାଜି ମାରିଛନ୍ତି ନିଶୁ। ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଟ୍ରାଏଲର ଫାଇନାଲରେ ଥିଶକାଙ୍କୁ ପରାସ୍ତ କରି ସେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏହି ବିଜୟ ସହ ଏସିଆନ୍ ଗେମ୍ସ ପାଇଁ ଚୟନିତ ଅନ୍ତିମ ପାଙ୍ଘାଲଙ୍କ ସହ ଫାଇନାଲ୍ ଟ୍ରାଏଲରେ ମୁହାଁମୁହିଁ ହେବାର ସୁଯୋଗ ପାଇଛନ୍ତି ନିଶୁ। ଏହି ଫାଇନାଲ୍ ଟ୍ରାଏଲ୍ର ଫଳାଫଳ ହିଁ ଆସନ୍ତା ସିନିୟର ବିଶ୍ୱ କୁସ୍ତି ଚାମ୍ପିୟନଶିପ୍-୨୦୨୬ର ୫୩ କେଜି ବର୍ଗରେ ଭାରତର ପ୍ରତିନିଧି ନିର୍ଦ୍ଧାରଣ କରିବ। ଅକ୍ଟୋବର ୨୪ରୁ ନଭେମ୍ବର ୧ ପର୍ଯ୍ୟନ୍ତ କାଜାଖସ୍ତାନର ଆସ୍ତାନାରେ ଏହି ବିଶ୍ୱ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ତେବେ ନିଶୁ ଓ ଅନ୍ତିମଙ୍କ ମଧ୍ୟରେ ଫାଇନାଲ୍ ଟ୍ରାଏଲର ତାରିଖ ପରେ ଘୋଷଣା କରାଯିବ। ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ)ର ଚୟନ ନୀତି ଅନୁଯାୟୀ, ସୋମବାରର ଟ୍ରାଏଲରେ ବିଜୟୀ ହୋଇଥିବା କୁସ୍ତିଯୋଦ୍ଧାମାନେ ଏସିଆନ୍ ଗେମ୍ସ ପାଇଁ ଚୟନିତ କୁସ୍ତିଯୋଦ୍ଧାଙ୍କୁ ଚ୍ୟାଲେଞ୍ଜ କରିବାର ଅଧିକାର ପାଇଛନ୍ତି। ଏହି ଚ୍ୟାଲେଞ୍ଜ ଟ୍ରାଏଲ୍ ମାଧ୍ୟମରେ ସିନିୟର ବିଶ୍ୱ ଚାମ୍ପିଅନସିପ୍ ପାଇଁ ଭାରତୀୟ ଦଳର ସ୍ଥାନ ନିର୍ଦ୍ଧାରଣ ହେବ। ଏପଟେ ଦୁଇଥରର ଯୁ-୨୦ ବିଶ୍ୱ ଚାମ୍ପିୟନ୍ କାଜଲ ୭୬ କେଜି ବର୍ଗରେ ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି। ଫାଇନାଲରେ ଶିକ୍ଷାଙ୍କୁ ହରାଇ ସେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ୫୭ କେଜି ବର୍ଗରେ ସିମରନ ଶାନ୍ତ ଓ ନିୟନ୍ତ୍ରିତ ପ୍ରଦର୍ଶନ କରି ସ୍ୱାତୀ ସିନ୍ଦେଙ୍କୁ ପରାସ୍ତ କରି ପ୍ରଥମ ହୋଇଛନ୍ତି। ସେହିପରି ୫୦ କେଜି ବର୍ଗରେ ନୀଲମ ଫାଇନାଲରେ ଅଙ୍କୁଶଙ୍କୁ ହରାଇ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ଅନ୍ୟ ବର୍ଗଗୁଡ଼ିକରେ ୬୨ କେଜିରେ ଅଞ୍ଜଳିଙ୍କୁ ହରାଇ ତାପସ୍ୟା ପ୍ରଥମ ହୋଇଥିବାବେଳେ ୬୮ କେଜିରେ ବିପାଶାଙ୍କୁ ପରାସ୍ତ କରି ସୃଷ୍ଟି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଡବ୍ଲ୍ୟୁଏଫ୍ଆଇ ସଭାପତି ସଞ୍ଜୟ ସିଂହ କହିଛନ୍ତି ଯେ, ଟ୍ରାଏଲରେ ଦେଖିବାକୁ ମିଳିଥିବା ଉଚ୍ଚମାନର ପ୍ରତିଦ୍ୱନ୍ଦ୍ୱିତା ଭାରତୀୟ ମହିଳା କୁସ୍ତିରେ ବଢ଼ୁଥିବା ପ୍ରତିଭା ଓ ଗଭୀରତାକୁ ପ୍ରତିଫଳିତ କରୁଛି। ସେ କହିଛନ୍ତି, "ଆଜିର ମୁକାବିଲାର ମାନ ଓ ତୀବ୍ରତା ଉତ୍ସାହଜନକ ଥିଲା।

# ୪ର୍ଥ ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଉଦ୍ଯାପିତ

ଭୁବନେଶ୍ୱର, ୧୪।୯ (ସବ୍ୟୁ) : ୩ ଦିନ ଧରି ଚାଲିଥିବା ରାଜ୍ୟ କ୍ଲବସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍ଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ ରାଜ୍ୟ ଶ୍ରମ ବିଭାଗର ପ୍ରମୁଖ ଶାସନ ସଚିବ ଡ.ଭି.ସ୍ୱାମୀ ମୁଖ୍ୟ ଅତିଥି ଭାବେ, ମାରୱାଡ଼ି ସମାଜର ସଂପାଦକ ସଂଜୟ ଶର୍ମା ଏବଂ ବିଜୟ ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପଦକ ଓ ଅର୍ଥରାଶି ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ଉପକନିଷ୍ଠ ବାଳକ ବିଭାଗରେ ଶ୍ରୀରାମ ଭୁକ୍ତା (ଅନୁଗୋଳ ଜିମ୍), ବାଳକ ବିଭାଗରେ ଜ୍ଞାନଦୀକ୍ଷା ସାହୁ (ଫିଟନେସ ମନ୍ତ୍ର), କନିଷ୍ଠ ବାଳକରେ ଅସିତ କୁମାର ସିଂହ (ଉତ୍କଳ କରାଟେ ସ୍କୁଲ), ବାଳିକାରେ ପ୍ରତିଷ୍ଠା ସିଂହ ( କଳିଙ୍ଗ ଜିମ) ଶ୍ରେଷ୍ଠ ଶକ୍ତି ଉତ୍ତୋଳକ ଆଖ୍ୟା ଅର୍ଜନ କରିଥିଲେ। ସେହିପରି ବରିଷ୍ଠ ପୁରୁଷ ବିଭାଗରେ ମହେନ୍ଦ୍ର ରାଉତ (ଉତ୍କଳ କରାଟେ ସ୍କୁଲ) ଓ ମହିଳା ବିଭାଗରେ ପ୍ରତିଷ୍ଠା ସିଂହ ( କଳିଙ୍ଗ ଜିମ), ମାଷ୍ଟର୍ସ ପୁରୁଷରେ ଏନବି ପଟ୍ଟନାୟକ (ଫିଟନେସ ମନ୍ତ୍ର) ଓ ମହିଳାରେ ଶର୍ମିଷ୍ଠା ସେନାପତି (ଉତ୍କଳ କରାଟେ ସ୍କୁଲ) ଶ୍ରେଷ୍ଠ ଶକ୍ତି ଉତ୍ତୋଳକ ଆଖ୍ୟା ଅର୍ଜନ କରିଥିଲେ। ପୁରୁଷ ବର୍ଗରେ ସର୍ବାଧିକ ସ୍କ୍ୱାର୍ଟ ଅମ୍ରିତ ପ୍ରିତମ(୨୫୫ କେଜି), ସର୍ବାଧିକ ବେଞ୍ଚପ୍ରେସ ମହେନ୍ଦ୍ର ରାଉତ( ୧୬୦ କେଜି), ସର୍ବାଧିକ ଡେଡଲିଫ୍ଟ



ଅନୁରାଗ ପ୍ରଧାନ(୨୭୧ କେଜି) ହାସଲ କରିଥିଲେ। ମହିଳା ବର୍ଗରେ ସର୍ବାଧିକ ସ୍କ୍ୱାର୍ଟ ଆକାଂକ୍ଷା ପରିଡ଼ା (୨୦୨.୫ କେଜି), ସର୍ବାଧିକ ବେଞ୍ଚପ୍ରେସ ପ୍ରତିଷ୍ଠା ସିଂହ( ୧୦୦ କେଜି), ସର୍ବାଧିକ ଡେଡଲିଫ୍ଟ ଦିବ୍ୟଲେଖା ମିଶ୍ର (୧୮୫ କେଜି) ହାସଲ କରିଥିଲେ।

# ଟି-୨୦ ଦଳରେ ସାମସନ ସ୍ଥାନ ପାଇବା ନେଇ ପ୍ରଶ୍ନ

ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି) : ଆଫଗାନିସ୍ତାନ ବିପକ୍ଷ ପ୍ରଥମ ଟି-୨୦ରେ ପୁଣି ବିଫଳ ହୋଇଛନ୍ତି ସଞ୍ଜୁ ସାମସନ। ରବିବାର ସେ ମାତ୍ର ୮ ବଲରୁ ୧୦ ରନ୍ କରି ଆଉଟ୍ ହୋଇଥିଲେ। ଏହା ପରେ ଭାରତୀୟ ଟି-୨୦ ଦଳରେ ତାଙ୍କ ସ୍ଥାନକୁ ନେଇ ପୁଣି ପ୍ରଶ୍ନ ଉଠିଛି। ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ପଛରେ ପକାଇ ସାମସନଙ୍କୁ ଏହି ମ୍ୟାଚରେ ସୁଯୋଗ ମିଳିଥିଲା। କୋଚ୍ ଗୌତମ ଗମ୍ଭୀର ଏବଂ ଅଧିନାୟକ ଶ୍ରେୟସ ଆୟରଙ୍କ ସମର୍ଥନ ମଧ୍ୟ ତାଙ୍କ ପଛରେ ଥିଲା ବୋଲି କୁହାଯାଉଛି। କିନ୍ତୁ ସାମସନ ସୁଯୋଗର ସଦୁପଯୋଗ କରିପାରିନଥିଲେ। ଏହା ପରେ ଦଳରେ ତାଙ୍କ ସ୍ଥାନକୁ ନେଇ ପ୍ରଶ୍ନ ଉଠିବା ଆରମ୍ଭ କରିଛି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
classifiedsamaya@gmail.com

# ବର୍ମିଂହାମ୍ ଟେଷ୍ଟ: ପାକିସ୍ତାନକୁ ଜରିମାନା

ଦୁବାଇ, ୧୪।୯ (ଏଜେନ୍ସି) : ବର୍ମିଂହାମରେ ଶନିବାର ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଧିମା ଓଭର୍ ବୋଲିଂ ପାଇଁ ଭ୍ରମଣକାରୀ ପାକିସ୍ତାନକୁ ବଡ଼ ଦଣ୍ଡ ମିଳିଛି। ଏହି ଦଳକୁ ସୋମବାର ଜରିମାନା ବାବଦରେ ମ୍ୟାଚ୍ ପାଉଣାର ୫୦ ପ୍ରତିଶତ ସହ ବିଶ୍ୱ ଟେଷ୍ଟ ଚାମ୍ପିଅନ୍ ପଏଣ୍ଟ ଖାତାରୁ ୧୧ ପଏଣ୍ଟ କାଟି ଦିଆଯାଇଛି। ବାବର ଆଜମଙ୍କ ନେତୃତ୍ୱାଧୀନ ଏହି ଦଳ ନିର୍ଦ୍ଧାରିତ ସମୟରେ ୧୧ ଓଭର୍ କମ୍ ପାକାଇଥିଲା। ଆଇସିସିର ଖେଳାଳି ଓ ଖେଳାଳିଙ୍କ ସହ ସଂପୃକ୍ତ ଅଧିକାରୀମାନଙ୍କ ପାଇଥିବା ଆଚରଣବିଧିର ଧାରା ୨.୨୨ ଅନୁଯାୟୀ ଏହି ଦଣ୍ଡ ଦିଆଯାଇଛି। ଏହି ନିୟମ ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଦଳ ପକ୍ଷରୁ କମିଥିବା ପ୍ରତି ଓଭର୍ ପିଛା ଖେଳାଳିଙ୍କ ମ୍ୟାଚ୍ ପାଉଣାର ୫ ପ୍ରତିଶତ କିମ୍ବା ସର୍ବାଧିକ ୫୦ ପ୍ରତିଶତ କଟାଯିବ। ଏହା ସହ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲୁଟିସି) ଖେଳ ନିୟମର ଧାରା ୧୬.୧୧.୨ ଅନୁଯାୟୀ ଗୋଟିଏ ଦଳ ନିର୍ଦ୍ଧାରିତ ସମୟରେ ପ୍ରତି କମ୍ ଓଭର ପାଇଁ ଗୋଟିଏ ପଏଣ୍ଟ କଟାଯିବ। ସେହି ଅନୁଯାୟୀ ପାକିସ୍ତାନ ୧୧ ଓଭର କମ୍ ପକାଇଥିବାରୁ ୧୧ ଡବ୍ଲୁଟିସି ପଏଣ୍ଟ କଟାଯାଇଛି। ଫଳରେ ସଂପ୍ରତି ପାକିସ୍ତାନ ୪.୭୩ ପଏଣ୍ଟ ପ୍ରତିଶତ ସହ ୯ ଦଳୀୟ ଟେବୁଲର ଶେଷ ସ୍ଥାନରେ ରହିଛି ବୋଲି ଆଇସିସି ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।



ପଡ଼ିଆ ଅମ୍ପାୟାର ପଲ ରିଫେଲ, କ୍ରିସ୍ ଗାଫାନି, ତୃତୀୟ ଅମ୍ପାୟାର ଆଲ୍ଲାହୁଦ୍ଦିନ ପାଲେକର ଓ ଚତୁର୍ଥ ଅମ୍ପାୟାର ରସେଲ ୱାରେନଙ୍କ ଉପସ୍ଥିତିରେ ମ୍ୟାଚ୍ ରେଫରି ରଞ୍ଜନ ମଦୁଗଲେ ଏହି ଦଣ୍ଡ ଶୁଣାଇଛନ୍ତି। ତୃତୀୟ ଟେଷ୍ଟକୁ ୮ ୱିକେଟ୍ ହାରିଥିବା ପାକିସ୍ତାନ ଶୃଙ୍ଖଳା ୦-୩ରେ ମୂଳପୋଛ ହୋଇଥିଲା। ଲିଡ୍ସରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଏହି ଦଳ ପାଳି ଓ ୧୦୩ ରନ୍ ଏବଂ ଲର୍ଡ୍ସ ଟେଷ୍ଟରେ ୧୯୪ ରନରେ ହାରିଥିଲା।

# ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି: ଭାରତ ମାଟିରେ ଖେଳିବ ପାକିସ୍ତାନ

ଚଣ୍ଡିଗଡ଼, ୧୪।୯ : ଅକ୍ଟୋବର ମାସରେ ପଞ୍ଜାବରେ ହେବାକୁ ଥିବା ଏଏଚଏଫ୍ ପୁରୁଷ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହକିରେ ପାକିସ୍ତାନ ଅଂଶଗ୍ରହଣ କରିବ। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ ସୋମବାର ଏହା ସ୍ପଷ୍ଟ କରିଛନ୍ତି। ବହୁପକ୍ଷୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ମାଟିରେ ଦୁଇ ଦେଶ ଖେଳିପାରିବେ ବୋଲି କେନ୍ଦ୍ର ସରକାରଙ୍କ ନୀତି ରହିଛି। ଅକ୍ଟୋବର ୨୭ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଜଳନ୍ଧର ଓ ମୋହାଲିରେ ଏହି ପ୍ରତିଯୋଗିତା ଖେଳାଯିବ। ନଭେମ୍ବର ୫ରେ ମୋହାଲିରେ ଫାଇନାଲ୍ ଖେଳାଯିବ। ଭାରତ, ପାକିସ୍ତାନ ସମେତ ଚୀନ୍, ଜାପାନ୍, ମାଲେସିଆ ଓ କୋରିଆ ଅଂଶଗ୍ରହଣ କରିବେ। ଓମାନ ଓ ବାଂଲାଦେଶକୁ ରିଜର୍ଭ ଦଳ ଭାବେ ରଖାଯାଇଛି। ଭାରତ ଏହି ପ୍ରତିଯୋଗିତାର ଡିଫେଣ୍ଡିଂ ଚାମ୍ପିଅନ୍ ଅଛି। ୨୦୨୩ (ଚେନ୍ନାଇ) ଓ ୨୦୨୪ ( ହୁଲୁନବୁଇର, ଚୀନ) ରେ ଭାରତ ଲଗାତାର ଦୁଇଥର ଏହି ଟାଇଟଲ ଜିତିଥିଲା। ତେବେ ୨୦୨୫ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ନଥିଲା।

# ୟୁଏସ୍ ଓପନ୍ ଜିତିଲେ ଭେରଭ୍

ନ୍ୟୁୟର୍କ, ୧୪।୯ (ଏଜେନ୍ସି) : ଶୀର୍ଷ ମାନ୍ୟତାପ୍ରାପ୍ତ ଜର୍ମାନୀର ଆଲେକ୍ଜାଣ୍ଡାର ଭେରଭ୍ ୟୁଏସ୍ ଓପନ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ୍ ଜିତିଛନ୍ତି। ରବିବାର ଫାଇନାଲରେ ସେ ଆମେରିକାର ଅଷ୍ଟମ ସିଡ୍ ବେନ୍ ସେଲ୍ଟନଙ୍କୁ ୬-୩, ୭-୬(୨), ୫-୭, ୬-୨ ସେଟରେ ପରାସ୍ତ କରି ଚାମ୍ପିଅନ୍ ହୋଇଛନ୍ତି। ଏହା ଭେରଭଙ୍କ କ୍ୟାରିୟରର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍। ୬ ବର୍ଷ ପୂର୍ବେ ୨୦୨୦ ୟୁଏସ୍ ଓପନ୍ ଫାଇନାଲରେ ଡୋମିନିକ୍ ଥିଏମଙ୍କ ବିପକ୍ଷରେ ଦୁଇ ସେଟରେ ଆଗୁଆ ରହି ମଧ୍ୟ ସେ ଟାଇଟଲ୍ ହାତଛଡ଼ା କରିଥିଲେ। ଏଥର କିନ୍ତୁ ସେହି ତିକ୍ତ ସ୍ମୃତିକୁ ପଛରେ ପକାଇ ଦମଦାର ପ୍ରଦର୍ଶନ କରିଛନ୍ତି। ଫାଇନାଲରେ ଭେରଭ୍ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲେ। ପ୍ରଥମ ସେଟରେ ସେଲଟନଙ୍କ ଡବଲ୍ ଫଲ୍ଟର ଫାଇଦା ଉଠାଇ ସେ ସହଜରେ ସେଟ୍ ଜିତିଥିଲେ। ଦ୍ୱିତୀୟ ସେଟରେ ଟାଇବ୍ରେକରେ ମଧ୍ୟ ଭେରଭ୍ ବିଜୟୀ ହୋଇଥିଲେ। ତୃତୀୟ ସେଟରେ ସେଲଟନ୍ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ୭-୫ରେ ସେଟ୍ ଜିତିଥିଲେ। ତେବେ ଚତୁର୍ଥ ସେଟରେ ଭେରଭ୍ ପୁଣି ନିୟନ୍ତ୍ରଣକୁ ଫେରି ୬-୨ରେ ସେଟ୍ ଜିତି ଟ୍ରଫି ହାତେଇଥିଲେ।

# ନକ୍ଭିଙ୍କଠାରୁ ଏସିଆ କପ୍ ଟ୍ରଫି ନେଲାନି ଭାରତୀୟ ମହିଳା ଦଳ

ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି) : ଶ୍ରୀଲଙ୍କାକୁ ୭୨ ରନ୍ରେ ପରାସ୍ତ କରି ରେକର୍ଡ ୮ମ ଥର ପାଇଁ ମହିଳା ଏସିଆ କପ୍ ଜିତିଥିବା ଭାରତୀୟ ଦଳ ଟ୍ରଫି ଗ୍ରହଣ କରିନାହିଁ। ଏସିଆନ୍ କ୍ରିକେଟ୍ କାଉନ୍ସିଲ୍ (ଏସିସି) ସଭାପତି ମୋହସିନ ନକଭିଙ୍କଠାରୁ ଟ୍ରଫି ନେବାକୁ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ମନା କରିଦେଇଛି। ଦୁବାଇରେ ରବିବାର ଏହି ଘଟଣା ଘଟିଛି। ଏହି ଘଟଣାର ମାତ୍ର ଏକ ବର୍ଷ ପୂର୍ବରୁ ମଧ୍ୟ ସମାନ ଘଟଣା ଘଟିଥିଲା। ଗତବର୍ଷ ଏହି ଭେନ୍ୟୁରେ ଏସିଆ କପ୍ ଫାଇନାଲ୍ ପରେ ଭାରତୀୟ ପୁରୁଷ ଦଳ ମଧ୍ୟ ନକଭିଙ୍କଠାରୁ ଟ୍ରଫି ଗ୍ରହଣ କରିନଥିଲା। ସୂଚନା ଅନୁଯାୟୀ, ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଏସିସି ଅଧିକାରୀଙ୍କୁ ପୂର୍ବରୁ ନିଜ ଆଭିମୁଖ୍ୟ ସମ୍ପର୍କରେ ଜଣାଇଥିଲା। ନକଭି ଯଦି ପୁରସ୍କାର ବିତରଣ ସମାରୋହରେ ଉପସ୍ଥିତ ରୁହନ୍ତି ଏବଂ ଭାରତ ଫାଇନାଲ୍ ଜିତେ, ତେବେ ତାଙ୍କଠାରୁ ଭାରତୀୟ ଦଳ ଟ୍ରଫି ଗ୍ରହଣ କରିବ



ନାହିଁ ବୋଲି ବିସିସିଆଇ ପକ୍ଷରୁ ଜଣାଇ ଦିଆଯାଇଥିଲା। ଫାଇନାଲ୍ ମ୍ୟାଚ୍ ଶେଷ ହେବା ପରେ ପୁରସ୍କାର ବିତରଣ ସମାରୋହ ଆରମ୍ଭ ହେବାକୁ ପ୍ରାୟ ୪୦ ମିନିଟ୍ ସମୟ ଲାଗିଥିଲା। ପ୍ରଥମେ ମ୍ୟାଚ୍ ଅଧିକାରୀମାନଙ୍କୁ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା। ଏହାପରେ ଶ୍ରୀଲଙ୍କା ଅଧିନାୟିକା ଚାମାରି ଆଥାପଥୁଙ୍କ ସମେତ ଦଳର ଖେଳାଳି ଓ କୋଚିଂ ଷ୍ଟାଫଙ୍କୁ ରନର୍ସଅପ୍ ପଦକ ଦିଆଯାଇଥିଲା। ଆଥାପଥୁ ଏସିସି ସଭାପତି ଭାବେ ଉପସ୍ଥିତ ଥିବା ନକଭିଙ୍କଠାରୁ ରନର୍ସଅପ୍ ଚେକ୍ ଗ୍ରହଣ କରିଥିଲେ। ଏହାପରେ ସେ ପ୍ରସାରଣକାରୀ ସଂସ୍ଥାକୁ ସାକ୍ଷାତକାର ଦେଇଥିଲେ। ତାଙ୍କ ସାକ୍ଷାତକାର ପରେ ପ୍ରସାରଣ ଶେଷ ହୋଇଯାଇଥିଲା। ଭାରତୀୟ ଖେଳାଳିମାନେ ବିଜେତା ପଦକ କିମ୍ବା ଏସିଆ କପ୍ ଟ୍ରଫି ଗ୍ରହଣ କରୁଥିବା ଦୃଶ୍ୟ ପ୍ରସାରଣରେ ଦେଖାଯାଇନଥିଲା। ଭାରତୀୟ ମହିଳା ଦଳର ମୁଖ୍ୟ ପ୍ରଶିକ୍ଷକ ଅମୋଲ ମଜୁମଦାର କହିଛନ୍ତି ଯେ, ନକଭିଙ୍କଠାରୁ ଟ୍ରଫି ଗ୍ରହଣ ନକରିବା ନେଇ ବିସିସିଆଇ ଯେଉଁ ନିଷ୍ପତ୍ତି ନେଇଛି, ଦଳ ତାହା ସହିତ ରହିଛି। ତାଙ୍କ କହିବାନୁସାରେ, ଭାରତ ଚାମ୍ପିୟନ ହେବା ସହ ଦଳ ପାଇଁ ପ୍ରତିଯୋଗିତା ଶେଷ ହୋଇଛି। ମଜୁମଦାର କହିଛନ୍ତି, "ଏହି ନିଷ୍ପତ୍ତି ବିସିସିଆଇ ନେଇଛି ଏବଂ ଆମେ ଏହାକୁ ସମର୍ଥନ କରୁଛୁ। ଆମ ପାଇଁ ଏହି ପ୍ରତିଯୋଗିତା ଶେଷ। ଆମେ ଚାମ୍ପିୟନ। ଏହା ହିଁ ଆମ ପାଇଁ ପର୍ଯ୍ୟାପ୍ତ। ବଡ଼ ସ୍କ୍ରିନରେ ମଧ୍ୟ 'ଇଣ୍ଡିଆ ଚାମ୍ପିଅନ ଅଫ୍ ଏସିଆ କପ୍ ୨୦୨୬' ଦେଖାଯାଇଥିଲା। ଏହି ପ୍ରତିଯୋଗିତା ଆମ ପାଇଁ ଆନୁଷ୍ଠାନିକ ଭାବେ ଶେଷ ହୋଇଛି। ଏବେ ଆମେ ଏସିଆନ୍ ଗେମ୍ସ ଉପରେ ଧ୍ୟାନ ଦେବୁ।" ଭାରତୀୟ ଦଳ ଟ୍ରଫି କେବେ ଗ୍ରହଣ କରିବ ବୋଲି ପଚରାଯିବାରୁ ମଜୁମଦାର କହିଥିଲେ ଯେ ଏ ସମ୍ପର୍କରେ ବର୍ତ୍ତମାନ କୌଣସି ସୂଚନା ନାହିଁ। ଗତବର୍ଷର ଘଟଣାର ସ୍ମୃତି ମଧ୍ୟ ଏହି ଘଟଣା ତାଜା କରିଦେଇଛି। ସେତେବେଳେ ମଧ୍ୟ ଦୁବାଇରେ ପୁରୁଷ ଏସିଆ କପ୍ ଫାଇନାଲ୍ ପରେ ଭାରତୀୟ ଦଳ ନକଭିଙ୍କଠାରୁ ଟ୍ରଫି ଗ୍ରହଣ କରିନଥିବାରୁ ପୁରସ୍କାର ବିତରଣ ସମାରୋହ ଏକ ଘଣ୍ଟାରୁ ଅଧିକ ସମୟ ବିଳମ୍ବିତ ହୋଇଥିଲା।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି